# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୨/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Monday, December 22/2025 | Page 16 | ₹ 7.00 | BERHAMPUR

୫୨ଶ ଭାଗ ୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 29 | ମୂଲ୍ୟ₹୭/-




**ଦୁର୍ଘଟଣାରେ ନୋରା ଫତେହି ଆହତ**

କାର୍ ଦୁର୍ଘଟଣାରେ ଅଭିନେତ୍ରୀ ନୋରା ଫତେହି ଆହତ ହୋଇଛନ୍ତି। ସେ ସାମାନ୍ୟ ଆଘାତ ପାଇଥିଲେ ମଧ ସମ୍ପୂର୍ଣ୍ଣ ଠିକ୍ ଥିବା ସୋସିଆଲ ମିଡିଆରେ ଜଣାଇଛନ୍ତି।

୦୨

୦୮

**ଆଲେକ୍ସ କାରେ ପ୍ଲେୟର ଅଫ୍ ଦି ମ୍ୟାଚ**

ଇଂଲଣ୍ଡ ବିପକ୍ଷ ତୃତୀୟ ଆଶେସ କ୍ରିକେଟ ଟେଷ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଅଷ୍ଟ୍ରେଲୀୟ ବ୍ୟାଟର ଆଲେକ୍ସ କାରେ।



## ଦକ୍ଷିଣ ଆଫ୍ରିକା ପବ୍‌ରେ ଗୁଳିକାଣ୍ଡ: ୯ ମୃତ, ୧୦ ଆହତ

ଜୋହାନ୍ସବର୍ଗ,୨୧।୧୨

ଦକ୍ଷିଣ ଆଫ୍ରିକାର ଏକ ପବ୍‌ରେ ରବିବାର ବିଳମ୍ବିତ ରାତିରେ ଗୁଳିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ଜୋହାନ୍ସବର୍ଗଠାରୁ ପଶ୍ଚିମରେ ୪୬ କି.ମି. ଦୂରରେ ଥିବା ବେକ୍କେର୍ସଡାଲ୍ ସହରସ୍ଥିତ ପବ୍‌ରେ କେତେଜଣ ବନ୍ଧୁକଧାରୀ ଆଖିବୁଜା ଗୁଳି ଚଳାଇଥିଲେ। ଦକ୍ଷିଣ ଆଫ୍ରିକାରେ ୩ ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟ ଗଣଗୁଳିକାଣ୍ଡ। ୧୨ ଜଣ ଅଜଣା ସନ୍ଦିଗ୍ଧ ଏକ ମିନିବସ୍ ଏବଂ ସେଡାନ୍‌ରେ ଥାଇ ପବ୍‌ର ଗ୍ରାହକମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ସେମାନେ ରାସ୍ତାରେ ମଧ କେତେଜଣଙ୍କୁ ଗୁଳିମାଡ଼ କରିଥିଲେ ବୋଲି ପୋଲିସ କହିଛି। ଆହତ ୧୦ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସନ୍ଦିଗ୍ଧମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି। ଚଳିତ ମାସ ଆରମ୍ଭରେ ଦକ୍ଷିଣ ଆଫ୍ରିକା ରାଜଧାନୀ ନିକଟରେ ଗୁଳିକାଣ୍ଡ ଘଟି ଅନ୍ୟୁନ ୧୨ ଜଣ ନିହତ ହେବା ସହ ୧୩ ଆହତ ହୋଇଥିଲେ। ୨୦୨୨ରେ ଜୋହାନ୍ସବର୍ଗର ସୋୱେଟୋ ସହରରେ ଗୁଳିକାଣ୍ଡ ଘଟି ୧୬ ଜଣଙ୍କ ଜୀବନ ଯାଇଥିଲା।

**ଆଜିର ସମ୍ପାଦକୀୟ**

**ବାଂଲାଦେଶ ପରେ ବର୍ମା**



ପ୍ରବଳ କୁହୁଡ଼ି କାରଣରୁ ରବିବାର ବହୁ ଟ୍ରେନ ବିଳମ୍ବ ଏବଂ ବାତିଲ ହେବା ଯୋଗୁ ଯାତ୍ରୀମାନେ ରାଞ୍ଚି ରେଳ ଷ୍ଟେଶନ ସମ୍ମୁଖରେ ଅଟକି ରହିଛନ୍ତି।

## ବଢ଼ିଲା ରେଳ ଭଡ଼ା

ରେଳ ମନ୍ତ୍ରଣାଳୟ ପକ୍ଷରୁ ରବିବାର ଯାତ୍ରା ଭଡ଼ା ବଢ଼ାଯାଇଛି, ଯାହାକି ଚଳିତ ବର୍ଷର ୨ୟ ବୃଦ୍ଧି। ଡିସେମ୍ବର ୨୬ ତାରିଖରୁ ନୂଆ ଦର ଲାଗୁ ହେବ। ଏହି ବର୍ଦ୍ଧିତ ଦର ସବ୍–ଅର୍ବାନ(ଉପନଗର) ଏବଂ ସ୍ୱଳ୍ପ ଦୂରକୁ ସାଧାରଣ ଶ୍ରେଣୀରେ ଯାତ୍ରା କରୁଥିବା ଲୋକଙ୍କୁ କୌଣସି ପ୍ରଭାବିତ କରିବ ନାହିଁ। କିନ୍ତୁ ୨୧୫ କିଲୋମିଟରରୁ ଅଧିକ ଦୂର ସାଧାରଣ ଶ୍ରେଣୀରେ ଯାତ୍ରା କରୁଥିବା ଲୋକମାନଙ୍କୁ ଏବେ କିଲୋମିଟର ପିଛା ୧ ପଇସା ଅଧିକ ଦେବାକୁ ପଡ଼ିବ। ସେହିପରି ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନ୍‌ର ନନ୍ ଏସି ଶ୍ରେଣୀ ଓ ସମସ୍ତ ଟ୍ରେନ୍‌ର ଏସି ଶ୍ରେଣୀରେ କିଲୋମିଟର ପିଛା ୨ ପଇସା ଲେଖାଏ ବୃଦ୍ଧି କରାଯାଇଛି। ପୂର୍ବରୁ ଗତ ଜୁଲାଇ ୧ରେ ରେଳଭଡ଼ା ବୃଦ୍ଧି କରାଯାଇଥିଲା। ୬ମାସ ମଧ୍ୟରେ ୨ୟ ଥର ବୃଦ୍ଧିକୁ ସାଧାରଣରେ ନାପସନ୍ଦ କରାଯାଇଛି। ବିଭିନ୍ନ ସୋସିଆଲ୍ ମିଡିଆରେ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଭଡ଼ା ବୃଦ୍ଧି ମାଧ୍ୟମରେ ସରକାର ଜିଏସ୍‌ଟି–୨ କ୍ଷତିର ଭରଣା କରିବାକୁ ଯାଉଛନ୍ତି ବୋଲି କେତେକ ମତପ୍ରକାଶ କରିଛନ୍ତି। ଏପରି ଅନେକ ଟ୍ରେନ୍ ଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା ସହ ବାରମ୍ବାର ଦୁର୍ଘଟଣା ଘଟିବାକୁ ନେଇ ମଧ ପ୍ରଶ୍ନ ଉଠାଇଛନ୍ତି।

**୬ ମାସରେ ୨ୟ ବୃଦ୍ଧି**



ନୂଆଦିଲ୍ଲୀ,୨୧।୧୨(ପି.ଟି.)

ଚଳିତବର୍ଷ ଜୁଲାଇ ପରେ ରବିବାର ଦ୍ୱିତୀୟ ଥର ଭଡ଼ା ବୃଦ୍ଧି କରାଯାଇଛି। ୨୧୫ କି.ମି. ପରେ ସାଧାରଣ ଶ୍ରେଣୀରେ ଯାତ୍ରୀଙ୍କ ପାଇଁ କି.ମି. ପ୍ରତି ଭଡ଼ା ୧ ପଇସା ବଢ଼ିବାକୁ ଥିବାବେଳେ ମେଲ୍ ବା ଏକ୍ସପ୍ରେସ୍ ଟ୍ରେନ୍‌ର ଅଣବାତାନୁକୂଳିତ ଶ୍ରେଣୀ ଏବଂ ସମସ୍ତ ଟ୍ରେନ୍‌ର ବାତାନୁକୂଳିତ ଶ୍ରେଣୀ ପାଇଁ ଭଡ଼ା ୨ ପଇସା ବୃଦ୍ଧି କରାଯାଇଛି। ନୂଆ ଦର ଆସନ୍ତା ୨୬ ତାରିଖରୁ ଲାଗୁ ହେବ। ତେବେ ସହର ମଧ୍ୟରେ ଯାତ୍ରା କରୁଥିବା ଲୋକମାନଙ୍କ ପାଇଁ ମାସିକ ସିଜନ୍ ଟିକେଟ ମୂଲ୍ୟରେ କୌଣସି ବୃଦ୍ଧି ହୋଇନାହିଁ। ସେହିପରି ଅନ୍ୟାନ୍ୟ ଟ୍ରେନ୍‌ର ସାଧାରଣ ଶ୍ରେଣୀରେ ୨୧୫ କି.ମି. ପର୍ଯ୍ୟନ୍ତ ଯାତ୍ରା ଲାଗି କୌଣସି ବର୍ଦ୍ଧିତ ଭଡ଼ା ପଡ଼ିବ ନାହିଁ। ଭଡ଼ା ବୃଦ୍ଧି ଦ୍ୱାରା ରେଲ୍‌ୱେ ଆସନ୍ତାବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଅଧିକ ୬୦୦ କୋଟି ଟଙ୍କା ସଂଗ୍ରହ କରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ଭଡ଼ା ବୃଦ୍ଧି ସାମାନ୍ୟ ହେଲେ ମଧ ଏହା ସାଧାରଣ ଯାତ୍ରୀଙ୍କ ଉପରେ ଚାପ ପକାଇବା ସହ ଶିଳ୍ପ ପାଇଁ ଲାଭଦାୟକ ହେବ ବୋଲି କେତେଜଣ ସୋସିଆଲ ମିଡିଆ ୟୁଜର ଯୁକ୍ତି ଦର୍ଶାଇଛନ୍ତି। ମାଲବାହୀ ଟ୍ରେନ୍ ଭଡ଼ା ବହୁବର୍ଷ ଧରି ଅପରିବର୍ତ୍ତିତ ରହିଥିବାବେଳେ ଟ୍ରେନ୍ ଚଳାଚଳ ବ୍ୟୟ ବୃଦ୍ଧି ପାଇଁ ଯାତ୍ରୀଙ୍କୁ କ୍ଷତି ଭରଣା କରିବାକୁ ବାଧ କରାଯାଉଥିବା ସେମାନେ କହିଛନ୍ତି। ଭଡ଼ା ବୃଦ୍ଧି ପାଇଁ ସରକାର ସଙ୍ଗତୀକରଣ ଶବ୍ଦ ବ୍ୟବହାର କରୁଥିବା କେତେଜଣ କହିଛନ୍ତି। ଟ୍ରେନ୍‌ରେ ପରିଚ୍ଛନ୍ନତାକୁ ନେଇ ☞ପୃଷ୍ଠା–୪

## କୋରାପୁଟ ଜିଲାର ଉତ୍ପାଦିତ ଶସ୍ୟ ବିଶ୍ୱବିଦିତ: ମୁଖ୍ୟମନ୍ତ୍ରୀ

- **ପରବ ମହୋତ୍ସବରେ ୧୬ ପ୍ରକଳ୍ପ ଉଦ୍‌ଘାଟିତ**
- **୫୨୧ କୋଟି ଟଙ୍କା ବ୍ୟୟରେ ୭୦ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ**

କୋରାପୁଟ,୨୧।୧୨
(ଅମିତାଭ ବେହେରା)

କୋରାପୁଟ ଜିଲା ଜାତୀୟସ୍ତରୀୟ ଆଦିବାସୀ ଲୋକ ମହୋତ୍ସବର ରବିବାର ୪ର୍ଥ ସନ୍ଧ୍ୟାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କୋରାପୁଟ ହେଉଛି ଶହୀଦ ଲକ୍ଷ୍ମଣ ନାୟକଙ୍କ ମାଟି, ପର୍ଯ୍ୟଟନସ୍ଥଳୀରେ ପରିପୂର୍ଣ୍ଣ କୋରାପୁଟ ଜିଲା। ଜିଲାର କୋଣଅନୁକୋଣରେ ଆଦିବାସୀ ସଂସ୍କୃତି ଭରି ରହିଛି ବୋଲି ସେ କହିଛନ୍ତି। କୋରାପୁଟ ଜିଲା ଓ କେନ୍ଦୁଝର ଜିଲା ବିଭିନ୍ନ ଦୃଷ୍ଟିରେ ସମାନତା ରହିଛି। ଏଠାରୁ ଉତ୍ପାଦନ ହେଉଥିବା ମାଣ୍ଡିଆ, କଳାଜିରା ଧାନ, ହଳଦୀ ଓ କଫି ବିଶ୍ୱବିଦିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲାର ☞ପୃଷ୍ଠା–୪






ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ଅନ୍ତର୍ଗତ ଗୁଲ୍‌ମାର୍ଗରେ 'ଚିଲଇ କଲାଂ'ର ପ୍ରଥମ ଦିନରେ ତୁଷାରପାତ ଯୋଗୁ ବରଫାବୃତ ହୋଇଥିବା ରାସ୍ତାରେ ଗାଡ଼ିଗୁଡ଼ିକ ଚଳାଚଳ କରୁଛନ୍ତି।

# ଦିଲ୍ଲୀସ୍ଥିତ ଢାକା ମିଶନ ବାହାରେ ବିକ୍ଷୋଭ ନେଇ ବାଂଲାଦେଶୀ ଗଣମାଧ୍ୟମ ରିପୋର୍ଟକୁ ନିନ୍ଦାକଲା ଭାରତ

**ନୂଆଦିଲ୍ଲୀ,୨୧।୧୨(ପି.ଟି.)**

ବାଂଲାଦେଶରେ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ଘଟଣା ପ୍ରତିବାଦରେ ନୂଆଦିଲ୍ଲୀସ୍ଥିତ ଢାକା ମିଶନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ନେଇ କେତେକ ବାଂଲାଦେଶୀ ଗଣମାଧ୍ୟମ ଖବର ପ୍ରକାଶ କରିଥିଲା। ଭାରତ ଏଭଳି ରିପୋର୍ଟକୁ ନିନ୍ଦା କରିବା ସହ ଏହା ବିଭ୍ରାନ୍ତିକର ପ୍ରଚାର ବୋଲି ରବିବାର କହିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ବାଂଲାଦେଶ ହାଇକମିଶନଙ୍କ କାର୍ଯ୍ୟାଳୟ ବାହାରେ ଶନିବାର ୨୦-୨୫ ଜଣ ଯୁବକ ଏକାଠି ହୋଇ ବାଂଲାଦେଶରେ ଦୀପୁ ଚନ୍ଦ୍ର ଦାସଙ୍କୁ ହତ୍ୟା ଘଟଣା ପ୍ରତିବାଦରେ ସ୍ଲୋଗାନ ଦେଇଥିଲେ। ବାଂଲାଦେଶରେ ଥିବା ସମସ୍ତ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା ପାଇଁ ସେମାନେ ଦାବି କରିଥିଲେ। ବୀଭତ୍ସ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅପରାଧୀମାନଙ୍କୁ ଆଇନର କାଠଗଡ଼ାକୁ ଆଣିବା ପାଇଁ ନୂଆଦିଲ୍ଲୀ ବାଂଲାଦେଶର ଅନ୍ତରୀଣ ସରକାରଙ୍କୁ ନିବେଦନ କରିଥିଲା। ତେବେ ବାଂଲାଦେଶୀ ଗଣମାଧ୍ୟମର କେତେକ ରିପୋର୍ଟରେ ଯୁବକମାନେ ହାଇକମିଶନ ବାହାରେ ବିକ୍ଷୋଭ କରିବା ସହ ସୁରକ୍ଷା ବ୍ୟବସ୍ଥାର ଉଲ୍ଲଂଘନ କରିବାକୁ ଉଦ୍ୟମ କରିଥିଲେ ବୋଲି ଲେଖାଯାଇଛି। କୌଣସି ସମୟରେ ସୁରକ୍ଷା ଉଲ୍ଲଂଘନ କରି ଭିତରେ ପ୍ରବେଶ କରିବାର ଉଦ୍ୟମ ହୋଇ ନ ଥିଲା ବୋଲି ମନ୍ତ୍ରଣାଳୟ କହିଛି। କିଛି ସମୟ ପରେ ପୋଲିସ ସେମାନଙ୍କୁ ଘଉଡ଼ାଇ ଦେଇଥିଲା, ଯାହାର ଭିଡିଓ ପ୍ରମାଣ ସର୍ବସାଧାରଣରେ ଉପଲବ୍ଧ।

## ଚିଟ୍ଟାଗଙ୍ଗରେ ଭିଜା ସେବା ବନ୍ଦ

**ଢାକା,୨୧।୧୨(ପି.ଟି.)**

ବାଂଲାଦେଶର ପ୍ରମୁଖ ଯୁବନେତା ଶରିଫ୍ ଓସ୍ମାନ ହାଡିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଲାଗିରହିଥିବାରୁ ଚିଟ୍ଟାଗଙ୍ଗ ବନ୍ଦର ସହରରେ ଭାରତୀୟ ଭିଜା ଆପ୍ଲିକେଶନ ସେଣ୍ଟରକୁ ରବିବାରଠାରୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି। ଗତବର୍ଷ ଜୋରଦାର ଛାତ୍ର ଆନ୍ଦୋଳନ ଫଳରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସରକାର କ୍ଷମତାଚ୍ୟୁତ ହୋଇଥିଲା। ହାଡ଼ି ଏହି ଆନ୍ଦୋଳନର ଅନ୍ୟତମ ପ୍ରମୁଖ ନେତା ଥିଲେ। ଆଗାମୀ ଫେବୃଆରୀ ୧୨ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ସେ ପ୍ରାର୍ଥୀ ହୋଇଥିଲେ। ତେବେ ଗତ ୧୨ ତାରିଖରେ କେନ୍ଦ୍ରୀୟ ଢାକାର ବିଜୟନଗରଠାରେ ଏକ ନିର୍ବାଚନ ପ୍ରଚାର ସଭାରେ କେତେଜଣ ମୁଖାପିନ୍ଧା ବନ୍ଧୁକଧାରୀଙ୍କ ଗୁଳିରେ ସେ ଗୁରୁତର ଆହତ ହୋଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁକୁ ନେଇ ବାଂଲାଦେଶରେ ଉତ୍ତେଜନା ପ୍ରକାଶ ପାଇବା ସହ ଆକ୍ରମଣ ଓ ଭଙ୍ଗାରୁଜା ଦେଖିବାକୁ ମିଳିଥିଲା। ଚଟ୍ଟୋଗ୍ରାମସ୍ଥିତ ଭାରତୀୟ ସହକାରୀ ଉଚ୍ଚାୟୁକ୍ତଙ୍କ ବାସଭବନକୁ ଟେକାମାଡ଼ ହୋଇଥିଲା। ଏହି ଘଟଣାକୁ ନେଇ ଚିଟ୍ଟାଗଙ୍ଗସ୍ଥିତ ଭାରତୀୟ ଭିଜା ଅପରେଶନ କେନ୍ଦ୍ରକୁ ରବିବାରଠାରୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ସ୍ଥିତି ସମୀକ୍ଷା ପରେ ଭିଜା କେନ୍ଦ୍ର ଖୋଲିବା ନେଇ ଘୋଷଣା କରାଯିବ।

# ହିଜାବ ବିବାଦ: ନୀତୀଶଙ୍କ କାର୍ଯ୍ୟକୁ ନିନ୍ଦା କଲା ଏସ୍‌ସିବିଏ

**ନୂଆଦିଲ୍ଲୀ,୨୧।୧୨**

ପାଟନାରେ ଗତ ୧୫ ତାରିଖରେ ଅନୁଷ୍ଠିତ ଏକ ସର୍ବସାଧାରଣ ଉତ୍ସବରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜଣେ ମହିଳା ଡାକ୍ତରଙ୍କ ହିଜାବକୁ ବଳପୂର୍ବକ ତଳକୁ ଟାଣିବା ଘଟଣାକୁ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ (ଏସ୍‌ସିବିଏ) ଶନିବାର କଡ଼ା ନିନ୍ଦା କରିଛି। ଏହା ମହିଳାଙ୍କ ବ୍ୟକ୍ତିଗତ ମର୍ଯ୍ୟାଦା ଏବଂ ସ୍ୱାଧିକାରର ଗମ୍ଭୀର ଉଲ୍ଲଂଘନ ବୋଲି ଏସ୍‌ସିବିଏ କାର୍ଯ୍ୟନିର୍ବାହୀ କମିଟି ଅଧ୍ୟକ୍ଷ ଏକ ବିବୃତିରେ କହିଛନ୍ତି। ସାମ୍ବିଧାନିକ ପଦବୀରେ ଥିବା ଜଣେ ବ୍ୟକ୍ତି ଏଭଳି କାର୍ଯ୍ୟ କରିବା ଅତ୍ୟନ୍ତ ଚିନ୍ତାଜନକ ଏବଂ ଗ୍ରହଣଯୋଗ୍ୟ ନୁହେଁ ବୋଲି ଆସୋସିଏଶନ କହିବା ସହ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଏବଂ ଉତ୍ତରପ୍ରଦେଶ ମନ୍ତ୍ରୀ ସଞ୍ଜୟ ନିଶାଦଙ୍କ ଏ ସମ୍ପର୍କିତ ମନ୍ତବ୍ୟକୁ ନିନ୍ଦା କରିଛି।

# 'ଭୋଟ ପାଇଁ ବାଂଲାଦେଶୀଙ୍କୁ ଥଇଥାନ କରିଥିଲା କଂଗ୍ରେସ'

**ଗୁଆହାଟୀ,୨୧।୧୨**

ବେଆଇନ ବାଂଲାଦେଶୀ ଆପ୍ରବାସୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। ଏହି ଦଳ ବେଆଇନ ବାଂଲାଦେଶୀଙ୍କୁ ଥଇଥାନ କରିବା ସହ ସେମାନଙ୍କୁ ସୁରକ୍ଷା ଦେଉଥିଲା। ଭାଜପା ନେତୃତ୍ୱରେ ଡବଲ ଇଞ୍ଜିନ୍ ସରକାର ଆସାମରେ ବହୁ ଦଶନ୍ଧିର ଅବହେଳା ଏବଂ ନୀତିଗତ ବିଫଳତାର ସଂଶୋଧନ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ଆସାମର ଡିବ୍ରୁଗଡ଼ରେ ୧୦,୬୦୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବ୍ରାଉନଫିଲ୍ଡ ଆମୋନିଆ-ୟୁରିଆ ପ୍ଲାଣ୍ଟର ଶିଳାନ୍ୟାସ ଅବସରରେ ଜନସଭାକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଆହୁରି ଅଭିଯୋଗ କରିଥିଲେ, କଂଗ୍ରେସ ଭାରତବିରୋଧୀ କାର୍ଯ୍ୟସୂଚୀର ପ୍ରସାର କରିବା ସହ ଅସମୀୟା ଲୋକମାନଙ୍କ ପରିଚୟ ଏବଂ ଆଶା ଆକାଂକ୍ଷା ପ୍ରତି ଉଦାସୀନ ରହିଆସିଛି। ଆସାମ ଓ ଏହାର ଲୋକମାନଙ୍କ ପରିଚୟ ପାଇଁ ଉକ୍ତ ଦଳର କୌଣସି ଚିନ୍ତା ନାହିଁ। ସେମାନେ କେବଳ ସ୍ୱାର୍ଥ ପାଇଁ ଆଗ୍ରହୀ ଏବଂ ପୂର୍ବରୁ ଏଥିପାଇଁ କାର୍ଯ୍ୟ କରୁଥିଲେ। ସେଥିପାଇଁ ସେମାନେ ବେଆଇନ ବାଂଲାଦେଶୀ ଆପ୍ରବାସୀମାନଙ୍କୁ ଅଧିକ ଭଲ ପାଉଥିଲେ ଏବଂ ସେମାନଙ୍କୁ ଥଇଥାନ କରିବା ସହ ସୁରକ୍ଷା ଦେଉଥିଲେ। ଏହି କାରଣରୁ ସମ୍ପ୍ରତି ଚାଲିଥିବା ଭୋଟର ତାଲିକା ସଂଶୋଧନକୁ କଂଗ୍ରେସ ବିରୋଧ କରୁଥିବା ମୋଦି କହିଛନ୍ତି।

ଏବେ ମଧ୍ୟ କଂଗ୍ରେସ ଆସାମ ଭୂମି ଓ ଜଙ୍ଗଲ ଅଞ୍ଚଳରେ ବାଂଲାଦେଶୀଙ୍କୁ ଥଇଥାନ କରି ଏହାର ଭୋଟବ୍ୟାଙ୍କ ବଢ଼ାଇବାକୁ ଚାହେଁ। ଏହି ତୁଷ୍ଟୀକରଣ ଏବଂ ଭୋଟବ୍ୟାଙ୍କ ରାଜନୀତିର ବିଷରୁ ଆସାମ ସୁରକ୍ଷିତ ହେବାର ଥିଲା। ଭାଜପା ଆସାମ ଜନସାଧାରଣଙ୍କ ସହ ଦୃଢ଼ ଭାବେ ଛିଡ଼ାହୋଇ ରାଜ୍ୟର ପରିଚୟ ଓ ସମ୍ମାନକୁ ସୁରକ୍ଷିତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଆସାମର ମର୍ଯ୍ୟାଦା ବୃଦ୍ଧି କରୁଥିବା ପ୍ରତ୍ୟେକ କାର୍ଯ୍ୟ ଉପରେ ଭାଜପା ପ୍ରାଥମିକତା ଦେଉଥିବାରୁ କଂଗ୍ରେସକୁ ଅସୁବିଧା ହେଉଛି। ଭାଜପା ସରକାର ଭୁପେନ ହାଜାରିକାଙ୍କୁ ଭାରତରତ୍ନ ପ୍ରଦାନ କଲାବେଳେ କଂଗ୍ରେସ ଏହାକୁ ଖୋଲାବିରୋଧ କରିଥିଲା ବୋଲି ମୋଦି କହିଛନ୍ତି। ଆସାମ ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ କ୍ରୁଜ୍ ଜାହାଜରେ ବ୍ରହ୍ମପୁତ୍ର ନଦୀରେ ଭ୍ରମଣ କରିବା ଅବସରରେ କେତେଜଣ ଛାତ୍ରୀଛାତ୍ରଙ୍କ ସହ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଉପରେ କଥା ହୋଇଥିଲେ। ଏଥିରେ ଆସାମର ବିଭିନ୍ନ ସ୍କୁଲ୍‌ରୁ ମୋଟ ୨୫ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ଡିବ୍ରୁଗଡ଼ରେ ଆମୋନିଆ-ୟୁରିଆ ପ୍ଲାଣ୍ଟ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ




ଡିବ୍ରୁଗଡ଼ରେ ପ୍ରଧାନମନ୍ତ୍ରୀ ବ୍ରାଉନଫିଲ୍ଡ ଆମୋନିଆ-ୟୁରିଆ ପ୍ଲାଣ୍ଟର ଶିଳାନ୍ୟାସ କରୁଛନ୍ତି। ପାଖରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଉପସ୍ଥିତ ଅଛନ୍ତି।

# ସିଏସ୍‌ଆର୍‌ରେ ପରିବେଶକୁ ଅଣଦେଖା କରିପାରିବେନି କମ୍ପାନୀ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୧।୧୨**

କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କଦାପି କର୍ପୋରେଟ୍ ପରିବେଶ ଦାୟିତ୍ୱବୋଧଠାରୁ ଅଲଗା ହୋଇପାରିବ ନାହିଁ। ପରିବେଶକୁ ଅଣଦେଖା କରି କମ୍ପାନୀଗୁଡ଼ିକ ସାମାଜିକ ଦାୟିତ୍ୱବୋଧ ପାଇଁ ଦାବି କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ରାଜସ୍ଥାନ ଓ ଗୁଜରାଟରେ ଅଣନବୀକରଣଯୋଗ୍ୟ ବିଦ୍ୟୁତ୍ ଜେନେରେଟର ଚାଲିବା ଯୋଗୁ ବିପଦର ସମ୍ମୁଖୀନ ହେବା ସହ ବିଲୁପ୍ତ ହେବାକୁ ବସିଥିବା ଗ୍ରେଟ୍ ଇଣ୍ଡିଆନ୍ ବୁଷ୍ଟାର୍ଡ ନାମକ ପକ୍ଷୀର ସୁରକ୍ଷା ପାଇଁ ଜଷ୍ଟିସ୍ ପି.ଏସ୍. ନରସିଂହା ଏବଂ ଏ.ଏସ୍. ଚନ୍ଦୁରକରଙ୍କ ଖଣ୍ଡପୀଠ କେତେଗୁଡ଼ିଏ ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ଘନ କୁହୁଡ଼ି ଯୋଗୁ ୧୨୯ ବିମାନ ଉଡ଼ାଣ ବାତିଲ

### ଶୀତ ଲହରରେ ଥରୁଛି ଦିଲ୍ଲୀ

**ନୂଆଦିଲ୍ଲୀ,୨୧।୧୨**

ଦିଲ୍ଲୀରେ ଶନିବାର ଋତୁର ପ୍ରଥମ ଶୀତ ଲହର ଅନୁଭୂତ ହୋଇଛି। ଚଳିତବର୍ଷ ଡିସେମ୍ବରର ଏହା ସବୁଠୁ ଥଣ୍ଡା ଦିନ ଥିଲା। ଦିନର ସର୍ବାଧିକ ତାପମାତ୍ରା ୧୬.୯ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି, ଯାହାକି ସ୍ୱାଭାବିକ ତାପମାତ୍ରାଠାରୁ ୫.୩ ଡିଗ୍ରୀ କମ୍। ସେହିପରି ସର୍ବନିମ୍ନ ତାପମାତ୍ରା ୬.୧ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ଘନ କୁହୁଡ଼ି ଏବଂ ଧୂଆଁଧୂଳିର ବହଳ ଆସ୍ତରଣ ଦିନ ସାରା ସୂର୍ଯ୍ୟଙ୍କୁ ପ୍ରାୟତଃ ଲୁଚାଇ ରଖିଥିବାରୁ ଦିଲ୍ଲୀ ବିମାନବନ୍ଦରରେ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟୁନ ୧୨୯ଟି ବିମାନ ଉଡ଼ାଣ ବାତିଲ କରାଯାଇଥିବା ଜଣେ ଅଧିକାରୀ କହିଛନ୍ତି। ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ୪.୫ରୁ ୬.୪ କମିଲେ ପାଣିପାଗ ବିଭାଗ ଏହାକୁ ଶୀତ ଲହର ବିବେଚନା କରିଥାଏ।

# ୧୧ ବିମାନବନ୍ଦର ପରିଚାଳନା କରିବ ଆଦାନୀ

**ନୂଆଦିଲ୍ଲୀ,୨୧।୧୨**

କେନ୍ଦ୍ର ସରକାର ଦେଶର କେତେକ ସରକାରୀ ବିମାନବନ୍ଦରକୁ ଘରୋଇ କମ୍ପାନୀକୁ ଲିଜ୍ ଦେବା ପାଇଁ ଯୋଜନା କରୁଥିବାବେଳେ ଆଦାନୀ ଏଣ୍ଟରପ୍ରାଇଜେସ୍ ୧୧ଟି ଏୟାରପୋର୍ଟ ପାଇଁ ବିଡ୍ ଦାଖଲ କରିବାକୁ ଯାଉଛି। ସେହି ଏୟାରପୋର୍ଟ ମଧ୍ୟରେ ଅମୃତସର ଏବଂ ବାରାଣସୀ ରହିଛି। ସମ୍ପ୍ରତି ଆଦାନୀ ଏଣ୍ଟରପ୍ରାଇଜେସ୍ ୭ଟି ବିମାନବନ୍ଦର ପରିଚାଳନା କରୁଥିବାବେଳେ ମୁମ୍ବାଇ ନିକଟରେ ଅନ୍ୟ ଏକ ଏୟାରପୋର୍ଟ ନିର୍ମାଣ କରୁଛି। ଆଗାମୀ ୫ ବର୍ଷରେ ଆଦାନୀ ଏଣ୍ଟରପ୍ରାଇଜେସ୍ ୧୧ ବିଲିୟନ ଡଲାର ବିନିଯୋଗରେ ଏୟାରପୋର୍ଟ ଭିତ୍ତିଭୂମିଗୁଡ଼ିକର ସମ୍ପ୍ରସାରଣ କରିବ। ସର୍ବାଧିକ ବିମାନବନ୍ଦର ସହ ଗୌତମ ଆଦାନୀଙ୍କ କମ୍ପାନୀ ଭାରତର ସବୁଠୁ ବଡ଼ ଅପରେଟର ହେବାକୁ ଯାଉଛି। ତେବେ କମ୍ପାନୀ ଏୟାରଲାଇନ୍ସ କରିବା ଯୋଜନାରେ ନାହିଁ। ଆମେ ସମସ୍ତ ୧୧ ଏୟାରପୋର୍ଟ ପାଇଁ ବିଡ୍ ଦାଖଲ କରିବୁ ବୋଲି ଆଦାନୀ ଏୟାରପୋର୍ଟ ହୋଲ୍ଡିଂସ୍ ଲିଃର ନିର୍ଦ୍ଦେଶକ ଜିତ୍ ଆଦାନୀ କହିଛନ୍ତି। ବର୍ତ୍ତମାନ ଦେଶରେ ୧୬୩ଟି ବିମାନବନ୍ଦର ଥିବାବେଳେ ୨୦୪୭ ସୁଦ୍ଧା ଏହାକୁ ୪୦୦ରେ ପହଞ୍ଚାଇବା ଯୋଜନା ରହିଛି।

# ମହାରାଷ୍ଟ୍ର ପୌର ନିର୍ବାଚନରେ ମହାୟୁତି ବିଜୟୀ

**ମୁମ୍ବାଇ,୨୧।୧୨**

ମହାରାଷ୍ଟ୍ରରେ ଅନୁଷ୍ଠିତ ନଗର ପରିଷଦ ଓ ପଞ୍ଚାୟତ ନିର୍ବାଚନରେ ଶାସକ ମହାୟୁତି ବିପୁଳ ବିଜୟ ଲାଭ କରିଥିବାବେଳେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଛି। ୨୮୮ଟି ମହାରାଷ୍ଟ୍ର ନଗର ପରିଷଦ ଏବଂ ପଞ୍ଚାୟତ ନିର୍ବାଚନ ଫଳାଫଳ ଘୋଷିତ ହୋଇଥିବାବେଳେ ଭାଜପା ୧୨୯ଟିକୁ ଦଖଲ କରିଛି। ବିରୋଧୀ କଂଗ୍ରେସ ଏବଂ ଶିବସେନା(ୟୁବିଟି) ପରାଜିତ ହୋଇଥିବାବେଳେ ଏଥିପାଇଁ ନିର୍ବାଚନ କମିଶନଙ୍କୁ ଦୋଷ ଦେଇଛନ୍ତି। ନିର୍ବାଚନ ଫଳାଫଳ ପାଇଁ ଭାଜପାର ମୁଖ୍ୟ ରଣନୀତିକାର ଅମିତ୍ ଶାହା ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ବିଜୟ କେନ୍ଦ୍ର ଓ ରାଜ୍ୟର ଏନ୍‌ଡିଏ ସରକାରଙ୍କ ଦୂରଦୃଷ୍ଟିକୁ ଜନସାଧାରଣଙ୍କ ଆଶୀର୍ବାଦ ବୋଲି ସେ କହିଛନ୍ତି।

# ଜି ରାମ ଜି ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ

**ନୂଆଦିଲ୍ଲୀ,୨୧।୧୨**

ପାର୍ଲାମେଣ୍ଟରେ ଗୃହୀତ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିଶନ (ଗ୍ରାମୀଣ) (ଭିବି-ଜି ରାମ ଜି) ବିଲ୍‌କୁ ରବିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବିପକ୍ଷ ଦଳଗୁଡ଼ିକର ତୀବ୍ର ବିରୋଧ ମଧ୍ୟରେ ଗତ ୧୮ ତାରିଖରେ ଏହି ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଥିଲା।

ଏହି ଆଇନ ଗ୍ରାମୀଣ ପରିବାର ପାଇଁ ପ୍ରତି ଆର୍ଥିକ ବର୍ଷରେ ସାମ୍ବିଧାନିକ ମଜୁରିଭିତ୍ତିକ ନିଯୁକ୍ତି ଗ୍ୟାରେଣ୍ଟିକୁ ୧୨୫ ଦିନକୁ ବୃଦ୍ଧି କରିଛି। ଏହା ସଶକ୍ତୀକରଣ ଓ ସମାବେଶୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ସହ ଏକ ସମୃଦ୍ଧ, ସ୍ଥିର ଏବଂ ଆତ୍ମନିର୍ଭରଶୀଳ ଗ୍ରାମୀଣ ଭାରତ ପାଇଁ ମୂଳଦୁଆକୁ ମଜଭୁତ କରିବ ଏବଂ ଭାରତର ଗ୍ରାମୀଣ ନିଯୁକ୍ତି ଏବଂ ବିକାଶ ଢାଞ୍ଚାରେ ଏକ ନିର୍ଣ୍ଣାୟକ ସଂସ୍କାର ଆଣିବ। ଏହି ଆଇନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ (ଏମ୍‌ଜିଏନ୍‌ଆରଇଜିଏ) ୨୦୦୫କୁ ଏକ ଆଧୁନିକ ସାମ୍ବିଧାନିକ ଢାଞ୍ଚା ସହିତ ପରିବର୍ତ୍ତିତ କରେ। ଏହା ଜୀବିକା ସୁରକ୍ଷାକୁ ବୃଦ୍ଧି କରିବ। ବିକଶିତ ଭାରତ ୨୦୪୭ର ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱିତ। ଏହା ଗ୍ରାମୀଣ ପରିବାର ପାଇଁ ଆୟ ସୁରକ୍ଷାକୁ ସୁଦୃଢ଼ କରିବା ସହିତ ଶାସନ ଓ ଉତ୍ତରଦାୟିତ୍ୱକୁ ଆଧୁନିକ କରି ମଜୁରିଭିତ୍ତିକ ନିଯୁକ୍ତିକୁ ସ୍ଥାୟୀ ଏବଂ ଗ୍ରାମୀଣ ଭିତ୍ତିଭୂମି ସୃଷ୍ଟି ସହିତ ସଂଯୋଗ କରିବ।

ଏହି ଆଇନ ପ୍ରତି ଆର୍ଥିକ ବର୍ଷରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଅତି କମ୍‌ରେ ୧୨୫ ଦିନର ମଜୁରି ନିଯୁକ୍ତିର ଏକ ବୈଧାନିକ ଗ୍ୟାରେଣ୍ଟି ପ୍ରଦାନ କରେ, ଯଦି ପରିବାରର ବୟସ୍କ ସଦସ୍ୟମାନେ ଅଣକୁଶଳୀ ହସ୍ତକୃତ କାମ କରିବାକୁ ଇଚ୍ଛୁକ ହୁଅନ୍ତି। ପୂର୍ବ ୧୦୦-ଦିନର ଅଧିକାର ଉପରେ ଏହି ବୃଦ୍ଧି ଗ୍ରାମୀଣ ପରିବାର ପାଇଁ ଜୀବିକା ସୁରକ୍ଷା, କାର୍ଯ୍ୟର ପୂର୍ବାନୁମାନ ଏବଂ ଆୟ ସ୍ଥିରତାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ସୁଦୃଢ଼ କରେ, ଏବଂ ଜାତୀୟ ବିକାଶରେ ସେମାନଙ୍କୁ ଅଧିକ ପ୍ରଭାବଶାଳୀ ଏବଂ ଅର୍ଥପୂର୍ଣ୍ଣ ଭାବରେ ଯୋଗଦାନ ଦେବାକୁ ସକ୍ଷମ କରେ। ସର୍ବାଧିକ ବୁଣା ଏବଂ ଅମଳ ଋତୁରେ କୃଷି ଶ୍ରମିକଙ୍କ ପର୍ଯ୍ୟାପ୍ତ ଉପଲବ୍ଧତାକୁ ସୁଗମ କରିବା ପାଇଁ ଏହି ଆଇନ ରାଜ୍ୟଗୁଡ଼ିକୁ ଏକ ଆର୍ଥିକ ବର୍ଷରେ ଷାଠିଏ ଦିନ ପର୍ଯ୍ୟନ୍ତ ଏକ ସାମଗ୍ରିକ ବିରତି ଅବଧି ସୂଚିତ କରିବାକୁ କ୍ଷମତା ପ୍ରଦାନ କରେ। ସମ୍ପୂର୍ଣ୍ଣ ୧୨୫-ଦିନର ନିଯୁକ୍ତି ଗ୍ୟାରେଣ୍ଟି ଅକ୍ଷୁଣ୍ଣ ରହିଥାଏ। ଏହି ଆଇନ ସାପ୍ତାହିକ ଭାବରେ କିମ୍ବା ଯେକୌଣସି କ୍ଷେତ୍ରରେ କାମ ସମାପ୍ତ ହେବାର ପନ୍ଦର ଦିନ ମଧ୍ୟରେ ମଜୁରି ପ୍ରଦାନ କରିବାକୁ ବାଧ୍ୟ କରେ। ନିର୍ଦ୍ଧାରିତ ସମୟଠାରୁ ଅଧିକ ବିଳମ୍ବ ହେଲେ ବିଳମ୍ବ କ୍ଷତିପୂରଣ ବ୍ୟବସ୍ଥା ଅନୁଯାୟୀ ପ୍ରଦାନ କରାଯିବ, ଯାହା ମଜୁରି ସୁରକ୍ଷାକୁ ସୁଦୃଢ଼ କରିବ ଏବଂ ଶ୍ରମିକମାନଙ୍କୁ ବିଳମ୍ବରୁ ରକ୍ଷା କରିବ। ମୁଖ୍ୟତଃ ଜଳ ସୁରକ୍ଷା ଏବଂ ଜଳ-ସମ୍ବନ୍ଧୀୟ କାର୍ଯ୍ୟ, ମୂଳ ଗ୍ରାମୀଣ ଭିତ୍ତିଭୂମି, ଜୀବିକା-ସମ୍ବନ୍ଧୀୟ ଭିତ୍ତିଭୂମି ଏବଂ ଅତି ତୀବ୍ର ପାଣିପାଗ ଘଟଣାଗୁଡ଼ିକୁ ହ୍ରାସ କରିବା ପାଇଁ କାର୍ଯ୍ୟ ଏହି ଯୋଜନାରେ କରାଯିବ। ସମସ୍ତ କାର୍ଯ୍ୟ ବଟମ୍-ଅପ୍ ପ୍ରକ୍ରିୟା ମାଧ୍ୟମରେ ଯୋଜନା କରାଯାଇଛି ଏବଂ ସୃଷ୍ଟି ହୋଇଥିବା ସମସ୍ତ ସମ୍ପତ୍ତିକୁ ବିକଶିତ ଭାରତ ଜାତୀୟ ଗ୍ରାମୀଣ ଭିତ୍ତିଭୂମି ଷ୍ଟାକରେ ସଂଗୃହୀତ କରାଯାଇଛି।

ଏହି ଆଇନକୁ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବରେ କାର୍ଯ୍ୟକାରୀ କରାଯାଇଛି, ଯାହାକୁ ଆଇନର ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରମାନେ ଅଧିସୂଚିତ ଏବଂ କାର୍ଯ୍ୟକାରୀ କରିବେ। ଖର୍ଚ୍ଚ-ବଣ୍ଟନ ଢାଞ୍ଚା କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦:୪୦, ଉତ୍ତର-ପୂର୍ବ ଏବଂ ହିମାଳୟ ରାଜ୍ୟ ପାଇଁ ୯୦:୧୦ ଏବଂ ବିଧାନସଭା ବିନା କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୧୦୦ ପ୍ରତିଶତ କେନ୍ଦ୍ରୀୟ ପାଣ୍ଠି ସୁବିଧା ରହିବ। ନିଯୁକ୍ତି ତଥା ବେକାରି ଭତ୍ତା ପାଇଁ ବୈଧାନିକ ଅଧିକାରକୁ ଏହି ଆଇନ ସମ୍ପୂର୍ଣ୍ଣ ସଂରକ୍ଷଣ କରେ। ପ୍ରଶାସନିକ ଖର୍ଚ୍ଚ ସୀମାକୁ ୬ ପ୍ରତିଶତରୁ ୯ ପ୍ରତିଶତକୁ ବୃଦ୍ଧି କରାଯାଇଛି, ଯଦ୍ୱାରା ଉନ୍ନତ କର୍ମଚାରୀ ନିଯୁକ୍ତି, ତାଲିମ, ବୈଷୟିକ କ୍ଷମତା ଓ କ୍ଷେତ୍ରସ୍ତରୀୟ ସହାୟତା ସମ୍ଭବ ହୋଇଛି ଏବଂ ଫଳପ୍ରଦ ଭାବରେ ଫଳାଫଳ ପ୍ରଦାନ କରିବା ପାଇଁ ଅନୁଷ୍ଠାନଗୁଡ଼ିକର କ୍ଷମତାକୁ ସୁଦୃଢ଼ କରାଯାଇଛି। ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ପାଇଁ ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ) ଆଇନ, ୨୦୨୫, ବିକଶିତ ଭାରତ @ ୨୦୪୭ର ଦୃଷ୍ଟିକୋଣ ସହିତ ଭାରତର ଗ୍ରାମୀଣ ନିଯୁକ୍ତି ଢାଞ୍ଚାକୁ ନବୀକରଣ ଏବଂ ସୁଦୃଢ଼ କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ପ୍ରତିନିଧିତ୍ୱ କରେ। ପ୍ରତି ଆର୍ଥିକ ବର୍ଷରେ ସାମ୍ବିଧାନିକ ମଜୁରୀ ନିଯୁକ୍ତି ଗ୍ୟାରେଣ୍ଟିକୁ ୧୨୫ ଦିନକୁ ବୃଦ୍ଧି କରି, ଏହି ଆଇନ ବିକେନ୍ଦ୍ରୀକରଣ, ଅଂଶଗ୍ରହଣକାରୀ ଶାସନକୁ ଗଭୀର କରିବା ସହିତ ନିଯୁକ୍ତି ଦାବି କରିବାର ଅଧିକାରକୁ ସୁଦୃଢ଼ କରେ। ଏହା ସ୍ୱଚ୍ଛ, ନିୟମ-ଆଧାରିତ ପାଣ୍ଠି, ଉତ୍ତରଦାୟିତ୍ୱ ବ୍ୟବସ୍ଥା, ପ୍ରଯୁକ୍ତିବିଦ୍ୟା-ସକ୍ଷମ ଅନ୍ତର୍ଭୁକ୍ତୀକରଣ ଏବଂ ସମନ୍ୱୟ-ଚାଳିତ ବିକାଶକୁ ଏକୀକୃତ କରେ ଯାହା ଦ୍ୱାରା ଗ୍ରାମୀଣ ନିଯୁକ୍ତି କେବଳ ଆୟ ସୁରକ୍ଷା ପ୍ରଦାନ କରେ ନାହିଁ ବରଂ ସ୍ଥାୟୀ ଜୀବିକା, ସ୍ଥିର ସମ୍ପତ୍ତି ଏବଂ ଦୀର୍ଘକାଳୀନ ଗ୍ରାମୀଣ ସମୃଦ୍ଧିରେ ମଧ୍ୟ ଯୋଗଦାନ କରେ।

**ଫୁର୍‌ସତ୍**

# ଗ୍ରୀନ୍‌ଲାଣ୍ଡରେ ପିମ୍ପୁଡ଼ି ଦେଖିବାକୁ ମିଳନ୍ତିନାହିଁ

**ନୂଆଦିଲ୍ଲୀ**

ପିମ୍ପୁଡ଼ି ପ୍ରାୟତଃ ସବୁଠି ଦେଖାଯା'ନ୍ତି। ମାତ୍ର ବିଶ୍ୱରେ ଏପରି ଏକ ସ୍ଥାନ ଅଛି, ଯେଉଁଠି ଗୋଟିଏ ବି ପିମ୍ପୁଡ଼ି ନାହାନ୍ତି। ତାହା ହେଉଛି ଗ୍ରୀନ୍‌ଲାଣ୍ଡ। ଏହା ବିଶ୍ୱର ସବୁଠାରୁ ବଡ଼ଦ୍ୱୀପ। ଏଠାକୁ ବୁଲିବାକୁ ଗଲେ ଗୋଟିଏ ବି ପିମ୍ପୁଡ଼ି ଦେଖିବାକୁ ପାଇବେ ନାହିଁ। ପିମ୍ପୁଡ଼ିଙ୍କ ପ୍ରଜନନ ପାଇଁ ଏଠାକାର ଜଳବାୟୁ ସମ୍ପୂର୍ଣ୍ଣ ଅନୁପଯୁକ୍ତ। ଗ୍ରୀନ୍‌ଲାଣ୍ଡର ଜଳବାୟୁ ଅତ୍ୟନ୍ତ ଥଣ୍ଡା,



ଯାହା ପିମ୍ପୁଡ଼ିଙ୍କ ରହିବା ପାଇଁ ଇକୋସିଷ୍ଟମ୍‌କୁ ଅନୁପଯୁକ୍ତ କରିଥାଏ। ଥଣ୍ଡା ଜଳବାୟୁ ପିମ୍ପୁଡ଼ି ଉପରେ ନକାରାତ୍ମକ ପ୍ରଭାବ ପକାଏ। ଏହି କାରଣରୁ ଏଠାରେ ଗୋଟିଏ ବି ପିମ୍ପୁଡ଼ି ନାହାନ୍ତି। ଉତ୍ତର ମେରୁରେ ଅବସ୍ଥିତି ଯୋଗୁ ଗ୍ରୀନ୍‌ଲାଣ୍ଡର ତାପମାତ୍ରା ସର୍ବଦା ଥଣ୍ଡା ରହିଥାଏ। ପୃଥିବୀର ଦକ୍ଷିଣ ମେରୁ ଆଣ୍ଟାର୍କଟିକାରେ ସମାନ ପରିସ୍ଥିତି ରହିଛି। ଏହି କାରଣରୁ ଆଣ୍ଟାର୍କଟିକାରେ ମଧ୍ୟ ପିମ୍ପୁଡ଼ି ଦେଖାଯାଆନ୍ତି ନାହିଁ। ଏଠାରେ ପିମ୍ପୁଡ଼ିଙ୍କ ଲାଗି କୌଣସି ଖାଦ୍ୟଶୃଙ୍ଖଳା ନାହିଁ। ଖାଦ୍ୟଶୃଙ୍ଖଳାର ଅଭାବ ଯୋଗୁ ସେମାନେ ଏଠାରେ ବଞ୍ଚିପାରନ୍ତି ନାହିଁ। ଗ୍ରୀନ୍‌ଲାଣ୍ଡ ବିଶ୍ୱର ସର୍ବବୃହତ୍ ଦ୍ୱୀପ। ଏହି ସ୍ଥାନଟି ଅତ୍ୟନ୍ତ ସୁନ୍ଦର, ଯାହାର ଏକ ବଡ଼ ଅଂଶ ବରଫରେ ଆଚ୍ଛାଦିତ। ଅନେକ ଲୋକ ପ୍ରାୟତଃ ଗ୍ରୀନ୍‌ଲାଣ୍ଡ ପରିଦର୍ଶନରେ ଆସିଥା'ନ୍ତି।

# ଦୁର୍ଘଟଣାରେ ନୋରା ଫତେହି ଆହତ

**ନୂଆଦିଲ୍ଲୀ,୨୧।୧୨**

କାର୍ ଦୁର୍ଘଟଣାରେ ଅଭିନେତ୍ରୀ ନୋରା ଫତେହି ଆହତ ହୋଇଛନ୍ତି। ଦୁର୍ଘଟଣାରେ ସାମାନ୍ୟ ଆଘାତ ପାଇଥିଲେ ମଧ୍ୟ ଏବେ ସେ ସମ୍ପୂର୍ଣ୍ଣ ଠିକ୍ ଥିବା ସୋସିଆଲ ମିଡିଆରେ ଏକାଧିକ ଭିଡିଓ ଶେୟାର କରି ତାଙ୍କ ଫଲୋର୍ସମାନଙ୍କୁ ସୁନିଶ୍ଚିତ କରାଇଛନ୍ତି। ୩୩ ବର୍ଷୀୟା ଅଭିନେତ୍ରୀ ଶନିବାର ମୁମ୍ବାଇର ସନ୍‌ବର୍ନ ମ୍ୟୁଜିକ୍ ଫେଷ୍ଟିଭାଲକୁ ଯାଉଥିବାବେଳେ ବାଟରେ ଏକ କାର୍ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଉକ୍ତ କାର୍‌ର ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ଡ୍ରାଇଭର ମଦ ନିଶାରେ ଥିଲେ ବୋଲି କୁହାଯାଉଛି। ଇନ୍‌ଷ୍ଟାଗ୍ରାମରେ ଭିଡିଓ ଶେୟାର କରି ନୋରା କହିଛନ୍ତି, ବାସ୍ତବରେ ଏହା ଗୁରୁତର ଦୁର୍ଘଟଣା ଥିଲା। ମଦ ନିଶାରେ ଥିବା ବ୍ୟକ୍ତିଜଣକ ମୋ କାର୍‌କୁ ଧକ୍କା ଦେଇଥିଲେ। ଫଳରେ କାର୍ କ୍ଷତିଗ୍ରସ୍ତ ହେବା ସହ ତାଙ୍କ ମୁଣ୍ଡ କାର୍ ୱିଣ୍ଡୋରେ ପିଟିହୋଇ ଯାଇଥିଲା। ତେବେ ସେ ବଞ୍ଚିଯାଇଛନ୍ତି ଓ ସୁସ୍ଥ ଅଛନ୍ତି। ମୁଣ୍ଡ ଫୁଲିଯିବା ସହ ସାମାନ୍ୟ ମସ୍ତିଷ୍କାଘାତ ଲାଗିଥିବା ନୋରା କହିଛନ୍ତି।



# ଓଡ଼ିଶାର ୫ ଜଳପଥ ବିକାଶ ଆଶା ଉଜ୍ଜୀବିତ

- ମହାନଦୀ, ବ୍ରାହ୍ମଣୀ-ଖରସ୍ରୋତା, ବୈତରଣୀ, ବିରୂପା, ବଡ଼ଗେଙ୍ଗୁଟି ନଦୀ ସାମିଲ
- କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ଜଳପଥ ଭାବେ ଘୋଷଣା
- ଆଇଡବ୍ଲ୍ୟୁଏଆଇ ଦ୍ୱାରା ବିକାଶ କାର୍ଯ୍ୟ ହେବ

ଯାଜପୁର,୨୧।୧୨
(ହର୍ଷବର୍ଦ୍ଧନ ବେହେରା)

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ପ୍ରାଧିକରଣ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଜଳପଥ ଆଇନ-୨୦୧୬ ଅନୁଯାୟୀ ଦେଶର ୧୧୧ଟି ଜଳପଥକୁ ଜାତୀୟ ଜଳପଥ ଭାବେ ଘୋଷଣା କରାଯାଇଛି। ଏହି ତାଲିକାରେ ଓଡ଼ିଶାର ୫ଟି ଜଳପଥକୁ ସ୍ଥାନ ମିଳିଛି। ଏହି ଆଇନ ଅନୁସାରେ ପ୍ରସ୍ତାବିତ ଜଳପଥଗୁଡ଼ିକର ବିକାଶ ପାଇଁ ସବିଶେଷ ରିପୋର୍ଟ ଦାଖଲ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ସଚିବ ବିଜୟ କୁମାର ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଛନ୍ତି। ଉକ୍ତ ପତ୍ର ଆଧାରରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ଶନିବାର ଜାତୀୟ ଜଳପଥର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଏବଂ କଟକ ଡ୍ରେନେଜ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଅଧୀନରେ ଇନ୍‌ଲାଣ୍ଡ୍ ୱାଟରୱେ ଅଥରିଟି ଅଫ୍ ଇଣ୍ଡିଆ (ଆଇଡବ୍ଲ୍ୟୁଏଆଇ) ବା ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ ଏକ ସ୍ୱାୟତ୍ତ ସଂସ୍ଥା। ଏହି ସଂସ୍ଥା ଦେଶର ଜଳପଥଗୁଡ଼ିକର ବିକାଶ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ କରୁଛି। ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଜଳପଥ ମାଧ୍ୟମରେ ପରିବହନ ୨୦୧୩-୧୪ରେ ୧୮ ମିଲିୟନ ମେଟ୍ରିକ ଟନ (ଏମ୍‌ଏମ୍‌ଟି)ରୁ ୨୦୨୪-୨୫ରେ ୧୪୬ ଏମ୍‌ଏମ୍‌ଟିକୁ ବୃଦ୍ଧି ପାଇଛି। ମାଲ ପରିବହନ, ଯାତ୍ରୀ ଏବଂ କ୍ରୁଜ ପରିବହନ ପାଇଁ ଉତ୍ତର-ପଶ୍ଚିମ ଦିଗରେ ୫୧୫୫ କିଲୋମିଟର ଲମ୍ବ ସହିତ ୩୨ଟି ଜାତୀୟ ଜଳପଥ କାର୍ଯ୍ୟକ୍ଷମ କରାଯାଇଛି। ୨୦୨୪-୨୫ ମଧ୍ୟରେ ଯାତ୍ରୀ ପରିବହନ ବୃଦ୍ଧି ୭.୭୬ କୋଟିକୁ ବୃଦ୍ଧି ପାଇଛି। ୯ଟି ରାଜ୍ୟର ୧୩ଟି ଜାତୀୟ ଜଳ ପଥରେ ୧୫ଟି ରିଭର କ୍ରୁଜ ସର୍କିଟ ବା ନଦୀ ପର୍ଯ୍ୟଟନକ୍ଷେତ୍ର କାର୍ଯ୍ୟକ୍ଷମ ହୋଇଛି। ଆଇଡବ୍ଲ୍ୟୁଏଆଇ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକରେ ମଲ୍ଟି ମୋଡାଲ ବା ଇଣ୍ଟର୍ ମୋଡାଲ ଟର୍ମିନାଲ, କମ୍ୟୁନିଟି ଜେଟି, ନେଭିଗେଶନାଲ ଲକ୍, ଜାହାଜ ମରାମତି ସୁବିଧା, ଫେୟାରୱେ ରକ୍ଷଣାବେକ୍ଷଣ ଇତ୍ୟାଦି ଅନ୍ତର୍ଭୁକ୍ତ। ଥରେ କୌଣସି ଜଳପଥକୁ ଜାତୀୟ ଜଳପଥ ଭାବରେ ଘୋଷଣା କରାଯିବା ପରେ ଏହାର ବିକାଶ ଆଇଡବ୍ଲ୍ୟୁଏଆଇ ଦ୍ୱାରା କରାଯାଇଥାଏ। ଯେଉଁଥିରେ ଅନ୍ତର୍ଦେଶୀୟ ଜଳ ଟର୍ମିନାଲ ସମ୍ବନ୍ଧିତ ଭିତ୍ତିଭୂମି, ନଦୀ ତାଲିମ କାର୍ଯ୍ୟ ଏବଂ ଡ୍ରେଜିଂ ଦ୍ୱାରା ନେଭିଗେଶନାଲ ଫେୟାରୱେ ଅନ୍ତର୍ଭୁକ୍ତ। ପଣ୍ୟଦ୍ରବ୍ୟ, କ୍ରୁଜ ଏବଂ ଯାତ୍ରୀବାହୀ ଜାହାଜର ସୁଗମ ଗତିବିଧି ସୁନିଶ୍ଚିତ କରିବା ପାଇଁ ନେଭିଗେଶନର ସହାୟତା ନିଆଯାଏ। ଏହିକ୍ରମରେ ପୂର୍ବ ପ୍ରସ୍ତାବିତ ଓଡ଼ିଶାର ବ୍ରାହ୍ମଣୀ-ଖରସ୍ରୋତା-ଧାମରା ପର୍ଯ୍ୟନ୍ତ ୨୬୫ କି.ମି., ବୈତରଣୀ ନଦୀର ୪୮ କି.ମି., ବିରୂପା-ବଡ଼ଗେଙ୍ଗୁଟି-ବ୍ରାହ୍ମଣୀ ରିଭର ସିଷ୍ଟମ୍‌ର ୧୫୬ କି.ମି. ସମେତ ମହାନଦୀର ୪୨୬ କି.ମି., ବୁଢାବଳଙ୍ଗ ନଦୀର ୫୬ କି.ମି. ଜଳପଥର ବିକାଶ ପ୍ରସ୍ତାବ ଦିଆଯାଇଛି। ଏହାବାଦ୍ ଦେଶରେ ଆଭ୍ୟନ୍ତରୀଣ ଜଳପଥର ବିକାଶ ପାଇଁ ପୂର୍ବରୁ ଘୋଷିତ ଜଳପଥ ବ୍ୟତୀତ ଆହୁରି ସମ୍ଭାବ୍ୟ ଜଳପଥଗୁଡ଼ିକୁ ଜାତୀୟ ଜଳପଥ ଭାବରେ ଘୋଷଣା କରିବା ପାଇଁ ତାଲିକା ଦେବାକୁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହାପରେ ଆଇଡବ୍ଲ୍ୟୁଏଆଇ ପକ୍ଷରୁ ନୂତନ ପ୍ରସ୍ତାବିତ ଜଳପଥଗୁଡ଼ିକର ଆବଶ୍ୟକ ତଦନ୍ତ କରାଯାଇ ଜାତୀୟ ଜଳପଥ ଭାବରେ ଘୋଷଣା ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ହୋଇଛି।

ସୂଚନାଥାଉ କି ୧୯୫୬ରୁ ବ୍ରାହ୍ମଣୀ ଓ ଖରସ୍ରୋତାକୁ ଚିରସ୍ରୋତାରେ ପରିଣତ କରିବା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଜେନାପୁରଠାରୁ ବ୍ରାହ୍ମଣୀ ନଦୀରୁ ବାହାରିଥିବା ଖରସ୍ରୋତା ନଦୀଟି ଏବେ ମୁହାଣ ଓ ଟିକରପଡ଼ାଠାରେ ପୋତି ହେବା ଫଳରେ ନଦୀ ଜଳ ତଳ ମୁଣ୍ଡକୁ ଯାଇପାରୁ ନାହିଁ। ଦିନଥିଲା ଏହି ନଦୀର ପାଣି ଉପରେ ୧୮୦ ଖଣ୍ଡ ଗାଁର ଲୋକଙ୍କ ଜୀବନ ଓ ଜୀବିକା ନିର୍ଭରଶୀଳ ଥିଲା। ୮୦ ଭାଗ ଜମି ଏହି ନଦୀ ଜଳରୁ ଜଳସେଚିତ ହେବା ସହିତ ମଧୁର ମାଛ ଉତ୍ପାଦିତ ହୋଇ ଯାଜପୁର ଜିଲା ସମେତ ବାହାରକୁ ରପ୍ତାନି ହୋଇ ପାରୁଥିଲା। ବ୍ରିଟିଶ ସମୟରେ ଜଳପଥରେ ପଣ୍ୟଦ୍ରବ୍ୟ ପରିବହନ ହେଉଥିଲା। କିନ୍ତୁ ଏବେ ପାଣି ଅଭାବରୁ ଯାଜପୁର ଜିଲା ମରୁଡିଗ୍ରସ୍ତ ହୋଇ ପଡୁଛି। ଶୀତ ଦିନିଆ, ଖରାଦିନିଆ ଫସଲ ଓ ପନିପରିବା ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ତେଣୁ ଜାତୀୟ ଜଳପଥ ଯୋଜନାରେ ଏହି ନଦୀଗୁଡ଼ିକର ବିକାଶ ହେଲେ ଅଞ୍ଚଳବାସୀ ଅନେକ ସୁବିଧା ପୁଣି ପାଇପାରିବେ ବୋଲି ଆଶା କରାଯାଇଛି।

# ଚିଲିକା ମୁହାଣରେ ବୁଡ଼ି ପର୍ଯ୍ୟଟକ ମୃତ

## ପର୍ଯ୍ୟଟକଙ୍କ ପାଇଁ ନାହିଁ ମୌଳିକ ସୁରକ୍ଷା

ବ୍ରହ୍ମଗିରି,୨୧।୧୨
(ସ୍ୱାଧୀନ ଚମ୍ପତିରାୟ)

ଚିଲିକାରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଭୁବନେଶ୍ୱରର ଏକ ଘରୋଇ କମ୍ପାନୀର କର୍ମଚାରୀ ଚିଲିକା ବୁଲିବାକୁ ଆସିଥିଲେ। ମୁହାଣରେ ଗାଧୋଇବା ବେଳେ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡର କୁଶଗ୍ର ଦିବ୍ୟ।

ସୂଚନାଯୋଗ୍ୟ, ରବିବାର ଏକ ଘରୋଇ କମ୍ପାନୀର କର୍ମଚାରୀ ବସ୍‌ରେ ଆସି ଡଙ୍ଗାରେ ଚିଲିକା ବୁଲିବାକୁ ଯାଇଥିଲେ। ଡଙ୍ଗା ଚିଲିକାର ନୂଆମୁହାଣ ଠାରେ ଲାଗିବାରେ ୪/୫ ଜଣ ସେଠାରେ ଗାଧୋଇଥିଲେ। ହଠାତ୍ ସେମାନଙ୍କ ମଧ୍ୟରୁ ଝାଡ଼ଖଣ୍ଡର କୁଶଗ୍ର ଦିବ୍ୟ ମୁହାଣ ମଧ୍ୟରେ ଭାସି ଯାଇଥିଲେ। ଖବରପାଇ ବ୍ରହ୍ମଗିରି ଅଗ୍ନିସେବା ବିଭାଗ ଓ ସ୍ଥାନୀୟ ଲୋକେ ଖୋଜାଖୋଜି କରି ଅପରାହ୍ନରେ ତାଙ୍କ ମୃତଦେହ ପାଇଥିଲେ।

ଚିଲିକା ହେଉଛି ନୌବିହାରର କେନ୍ଦ୍ରବିନ୍ଦୁ। ଚିଲିକାର ଅଗାଧ ଜଳରାଶିରେ ଡଙ୍ଗାରେ ବସି ପ୍ରାକୃତିକ ଶୋଭା ଉପଭୋଗ କରିବାକୁ ଦେଶବିଦେଶରୁ ପର୍ଯ୍ୟଟକ ଆସିଥାନ୍ତି। ପର୍ଯ୍ୟଟକଙ୍କୁ ଚିଲିକା ବୁଲାଇ ନେବା ପାଇଁ ଚିଲିକା କୂଳରେ ଖୋଲିଛି ଅନେକ ବୋଟିଂ ପଏଣ୍ଟ। ସେଠାରୁ ପର୍ଯ୍ୟଟକମାନେ ଡଙ୍ଗାରେ ଚିଲିକା ବୁଲିବାକୁ ଯାଇଥାନ୍ତି। ଏହାସହ କିଛି ଘରୋଇ ଡଙ୍ଗା ଚାଳକ ଏହି କାମରେ ନିୟୋଜିତ ହୋଇଛନ୍ତି। କିନ୍ତୁ ପ୍ରଶାସନିକ କଟକଣା ଅଭାବରୁ ପର୍ଯଟକଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ବିନା ଲାଇଫ୍ ଜ୍ୟାକେଟ୍ ଓ ଲାଇଫ୍ ଗାର୍ଡଙ୍କ ସହାୟତାରେ ଡଙ୍ଗା ଚାଳକମାନେ ପର୍ଯ୍ୟଟକଙ୍କୁ ଚିଲିକା ମଧ୍ୟକୁ ନେଉଛନ୍ତି। ଫଳରେ ଚିଲିକାରେ ଏଭଳି ଦୁର୍ଘଟଣା ଘଟୁଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ୨ରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ସମ୍ମିଳନୀ

ଭୁବନେଶ୍ୱର,୨୧।୧୨
(ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଏବଂ ଉତ୍ତରଦାୟାଦ ସମ୍ମିଳନୀ ଜାନୁଆରୀ ୨ରେ ଅନୁଷ୍ଠିତ ହେବ। ଦେଶର ବିଭିନ୍ନ ରାଜ୍ୟରୁ ସ୍ୱାଧୀନତା ସଂଗ୍ରାମୀ ଓ ସେମାନଙ୍କ ଦାୟାଦମାନେ ଏହି ମହୋତ୍ସବରେ ଯୋଗଦେବେ। ଏନେଇ ରବିବାର ସ୍ତମ୍ଭକାର ପ୍ରହ୍ଲାଦ ସିଂଙ୍କ ସଭାପତିତ୍ୱରେ ସଂଗ୍ରାମୀ ସଦନଠାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟର ସର୍ବଭାରତୀୟ ସଭାପତି ତଥା ଏମ୍‌ପି ଡ. ଭର୍ତ୍ତୃହରି ମହତାବ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ୨ଟି ଅଧିବେଶନରେ ମହୋତ୍ସବ ହେବା ସହ ପ୍ରାଦେଶିକ ସମ୍ମିଳନୀ ପାଇଁ ଏକ ସ୍ୱତନ୍ତ୍ର ବୈଠକ କରାଯିବ। ସମବାୟ, ହସ୍ତଶିଳ୍ପ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ମହୋତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସେହିପରି ମହୋତ୍ସବ ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିମନ୍ତ୍ରଣ କରାଯାଇଥିବାବେଳେ ରାଜ୍ୟ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଜାତୀୟସ୍ତରରୁ ବର୍ଷୀୟାନ ନେତା ଓ ସ୍ୱାଧୀନତା ସଂଗ୍ରାମୀ ଅତିଥି ଭାବରେ ଯୋଗଦେବେ।

# ମର୍କତନଗର ଥାନାରେ ଏତଲା ଦେଲେ ହ୍ୟୁମାନଙ୍କ ମା'

## ହ୍ୟୁମାନଙ୍କ ମୃତ୍ୟୁର ତଦନ୍ତ ସହ ଦୋଷୀଙ୍କୁ ଦଣ୍ଡ ଦିଆଯାଉ



ଶେଫାଳି ସୁନା ମର୍କତନଗର ଥାନାରେ ଏତଲା ଦେଉଛନ୍ତି।

କଟକ,୨୧।୧୨(କାର୍ତ୍ତିକ ସାହୁ)


ଓଡ଼ିଆ ସଙ୍ଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ମୃତ୍ୟୁ ଘଟଣାକୁ ନେଇ ମାଆ ଶେଫାଳି ସୁନା ରବିବାର କଟକ ମର୍କତନଗର ଥାନାରେ ଏତଲା ଦେଇଛନ୍ତି। ତୁରନ୍ତ ମାମଲା ରୁଜୁ କରି ସମସ୍ତ ଦିଗରୁ ତଦନ୍ତ କରିବା ପାଇଁ ସେ ଏତଲାରେ ଦର୍ଶାଇଛନ୍ତି। ଏଥିସହ ଏତଲାର ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ପ୍ରେରଣ କରିଛନ୍ତି। ହ୍ୟୁମାନଙ୍କ ମୃତ୍ୟୁ ପାଇଁ ପ୍ରଶାନ୍ତ ବେହେରା, ଲୁଲୁ ମହାନ୍ତି, ଜଗଦୀଶ ମହାନ୍ତିଙ୍କ ଭୂମିକା ସବୁଠାରୁ ସନ୍ଦେହଜନକ ଜଣାପଡୁଥିବା ସେ ଅଭିଯୋଗ କରିଛନ୍ତି। ଏଥିସହ ହ୍ୟୁମାନଙ୍କ ସ୍ତ୍ରୀ ଶ୍ରେୟା ମିଶ୍ର ଓ ତାଙ୍କ ପରିବାର, ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ଉଭୟଙ୍କ ବନ୍ଧୁ ଓ ନିକଟତମ ସହଯୋଗୀ, ସୋମେଶ ଶତପଥୀ, ଦୀନେଶ ବେହେରା, ମହମ୍ମଦ ଆବିଦ (ବବଲୁ)ଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଏତଲାରେ ଉଲ୍ଲେଖ କରିଛନ୍ତି।

ପ୍ରକାଶ ଯେ, ହ୍ୟୁମାନଙ୍କ ମୃତ୍ୟୁର କିଛିଦିନ ପରେ ତାଙ୍କ ମାଆ ଶେଫାଳି ପୁଅ ମୃତ୍ୟୁ ଘଟଣାର ଗଭୀର, ନିରପେକ୍ଷ, ସମୟୋଚିତ ତଥା ସ୍ୱଚ୍ଛ ତଦନ୍ତ ଦାବି କରି ଏତଲା ଦେଇଛନ୍ତି। ଏହି ଘଟଣାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ତଥ୍ୟ, ପ୍ରମାଣ ସହ ଆଇନ ଅନୁଯାୟୀ ତଦନ୍ତ ପରିସରଭୁକ୍ତ କରିବା, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଦନ୍ତ ସାରିବା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା ପାଇଁ ହ୍ୟୁମାନଙ୍କ କୋଟି କୋଟି ପ୍ରଶଂସକ ଚାହିଁ ରହିଥିବାରୁ ସତ୍ୟ ଓ ନ୍ୟାୟର ଉନ୍ମୋଚନ କରିବା ନିମନ୍ତେ ମା' ଶେଫାଳି ଏତଲାରେ ଦର୍ଶାଇଛନ୍ତି। ଅଭିଯୁକ୍ତମାନଙ୍କ ଆର୍ଥିକ କାରବାର ଓ ମୋବାଇଲ ତଥ୍ୟ, ଇମେଲ୍, ହ୍ୱାଟ୍ସଆପ୍ ଆଦି ତଥ୍ୟ, କଟକ ବାସଭବନର ସିସିଟିଭି ଫୁଟେଜକୁ ତଦନ୍ତ ପରିସରଭୁକ୍ତ କରାଇବାକୁ ସେ ଏତଲାରେ ଉଲ୍ଲେଖ କରିଛନ୍ତି।

# ଆହୁଜା ନା ନୂଆ

ଭୁବନେଶ୍ୱର,୨୧।୧୨(ସୁନିତ୍ ମିଶ୍ର)

ରାଜ୍ୟର ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ କିଏ ହେବେ ତାକୁ ନେଇ କିଛିଦିନ ହେଲା ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଓଡ଼ିଶା ମୁଖ୍ୟ ଶାସନ ସଚିବ ଭାବେ ବର୍ତ୍ତମାନ ଦାୟିତ୍ୱ ତୁଲାଉଥିବା ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଡିସେମ୍ବର ୩୧ରେ ସରୁଛି। ସେଥିଲାଗି ନୂଆ ମୁଖ୍ୟ ଶାସନ ସଚିବ ରାଜ୍ୟରେ କିଏ ହେବେ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। କେତେକ ମହଲରେ ଆଲୋଚନା ହେଉଛି ଆହୁଜାଙ୍କ କାର୍ଯ୍ୟକାଳ ୨ୟ ଥର ଲାଗି ଅଧିକ ବର୍ଷେ ପାଇଁ ବୃଦ୍ଧି କରାଯିବ। ଆହୁଜାଙ୍କ କାର୍ଯ୍ୟକାଳ ଡିସେମ୍ବର ୨୦୨୪ରେ ଶେଷ ହୋଇଥିଲା। ରାଜ୍ୟ ସରକାର ତାଙ୍କ କାର୍ଯ୍ୟକାଳ ଜାନୁଆରୀ ୨୦୨୫ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବର୍ଷେ ପାଇଁ ବୃଦ୍ଧି କରିଥିଲେ, ଯାହା ଏବେ ସରିବାକୁ ଯାଉଛି। ରାଜ୍ୟରେ ଭାଜପା ସରକାର ଆସିବାର ମାସକ ପରେ କେନ୍ଦ୍ରୀୟ ଡେପୁଟେଶନରେ ଥିବା ଆହୁଜାଙ୍କୁ ରାଜ୍ୟକୁ ଫେରାଇ ମୁଖ୍ୟ ଶାସନ ସଚିବ ପଦରେ ବସାଗଲା। ଆହୁଜାଙ୍କଠାରୁ ସେତେବେଳେ ଓଡ଼ିଶା କ୍ୟାଡରର ଆହୁରି ବରିଷ୍ଠ ଆଇଏଏସ୍ ଅଫିସର ଥିବା ସତ୍ତ୍ୱେ ଅନ୍ୟ କାହାକୁ ଏହି ପଦରେ ସରକାର ଅବସ୍ଥାପିତ କରି ନ ଥିଲେ। ତେଣୁ କେନ୍ଦ୍ରରେ ଆହୁଜାଙ୍କୁ ନେଇ ଶୁଭଦୃଷ୍ଟି ଥିବା ଏକ ପ୍ରକାର ସ୍ପଷ୍ଟ ହୋଇଥିଲା। ସେହି ସମୟରେ ଓଡ଼ିଶା କ୍ୟାଡରର କେନ୍ଦ୍ରୀୟ ଡେପୁଟେଶନରେ ୧୯୮୭ ବ୍ୟାଚ୍‌ର ଆଇଏଏସ୍ ଅଫିସର ତୁହିନକାନ୍ତ ପାଣ୍ଡେ, ୧୯୮୭ ବ୍ୟାଚ୍ ଆଇଏଏସ୍ ରାଜେଶ ବର୍ମା, ୧୯୯୦ ବ୍ୟାଚ୍ ଆଇଏଏସ୍ ନୀତେନ ଚନ୍ଦ୍ରା ରହିଥିଲେ। ନୀତେନ ଚନ୍ଦ୍ରା ୧୯୯୦ ବ୍ୟାଚ୍ ଆଇଏଏସ୍ ହେଲେ ମଧ୍ୟ ଆହୁଜାଙ୍କଠାରୁ ବରିଷ୍ଠ(ସିନିୟର) ଥିଲେ। ଏବେ ଏହି ୩ ଅଫିସର ଅବସର ନେଇସାରିଛନ୍ତି। ହେଲେ ଆହୁଜାଙ୍କ ବ୍ୟାଚ୍(୧୯୯୦)ର ଅଫିସର ସଞ୍ଜୀବ ଚୋପ୍ରା ଏବଂ ଗୁଞ୍ଜି ଶ୍ରୀନିବାସ ଏବେ ମଧ୍ୟ କେନ୍ଦ୍ରୀୟ ଡେପୁଟେଶନରେ ରହିଛନ୍ତି। ହେଲେ ଓଡ଼ିଶାରେ ଯେତେଜଣ ଆଇଏଏସ୍ ଅଫିସର ଥିଲେ ମୁଖ୍ୟ ଶାସନ ସଚିବ ହେଲା ବେଳେ ଆହୁଜା ହିଁ ସବୁଠାରୁ ସିନିୟର ଥିଲେ। ଏହି ୨ ଆଇଏଏସ୍ ଅଫିସର ଓଡ଼ିଶା ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ସଚିବ ଦାୟିତ୍ୱ ପୂର୍ବରୁ ତୁଲାଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କୁ କେନ୍ଦ୍ର ସହଯୋଗରେ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ଭାବେ ଆଣିପାରନ୍ତି। ହେଲେ ପୂର୍ବରୁ ଏମାନଙ୍କ ମଧ୍ୟରେ ସମସ୍ତଙ୍କଠାରୁ ସିନିୟର ଆଇଏଏସ୍ ଅଫିସର କେନ୍ଦ୍ରରେ ଥିବାବେଳେ ଆହୁଜାଙ୍କୁ ଅଣାଯିବା କଥାକୁ ଦେଖିଲେ ଆହୁଜାଙ୍କ କାର୍ଯ୍ୟକାଳକୁ ଯେ ବଢ଼ା ନ ଯିବ ସେକଥାକୁ ଏଡ଼ାଇଦିଆଯାଇପାରେ। ଯଦି ଏପରି ହୁଏ ସଞ୍ଜୀବ ଚୋପ୍ରା ଏବଂ ଗୁଞ୍ଜି ଶ୍ରୀନିବାସଙ୍କୁ ମୁଖ୍ୟ ଶାସନ ସଚିବ ହେବାରେ ବିଳମ୍ବ ହୋଇପାରେ କିମ୍ବା ସେମାନେ ସମ୍ପୂର୍ଣ୍ଣ ଭାବେ ବାଦ୍ ପଡ଼ିଯାଇପାରନ୍ତି। ଅନ୍ୟପଟେ ଆହୁଜାଙ୍କ ଅବସର ଚର୍ଚ୍ଚା ସହ ନୂଆ ମୁଖ୍ୟ ଶାସନ ସଚିବ ଭାବେ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ବର୍ତ୍ତମାନ ରାଜ୍ୟର ଉନ୍ନୟନ କମିଶନର ଥିବା ଅନୁ ଗର୍ଗଙ୍କ ନାଁକୁ ନେଇ ଚର୍ଚ୍ଚା ଚାଲିଛି। ବିଗତ ଦିନରୁ ଗୋଟିଏ କଥା ସବୁବେଳେ ଲକ୍ଷ୍ୟ କରାଯାଇଛି, ଯେଉଁମାନେ ରାଜ୍ୟର ଉନ୍ନୟନ କମିଶନର ହୋଇଛନ୍ତି ସେମାନଙ୍କୁ ପରବର୍ତ୍ତୀ ସମୟରେ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ମିଳିଛି। ସୂଚନା ମୁତାବକ, ସଞ୍ଜୀବ ଚୋପ୍ରା ଓଡ଼ିଶାର ଗୃହ ବିଭାଗ ସଚିବ ଥିବାବେଳେ ତାଙ୍କଠାରୁ ଜୁନିୟର ହୋଇ ସୁଦ୍ଧା ଅନୁ ଗର୍ଗଙ୍କୁ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ମିଳିଥିଲା। ଏହାପରେ ହିଁ ସଞ୍ଜୀବ ଚୋପ୍ରା କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିଲେ। ଅନ୍ୟପଟେ ଏବେ ରାଜ୍ୟରେ ଅନ୍ୟମାନଙ୍କ ମଧ୍ୟରେ ୧୯୯୧ ବ୍ୟାଚ୍‌ର ଆଇଏଏସ୍ ଅଫିସର ଭାବେ ସତ୍ୟବ୍ରତ ସାହୁ ରହିଛନ୍ତି। ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ସଞ୍ଜୟ ରସ୍ତୋଗୀ ବର୍ତ୍ତମାନ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ଆହୁଜାଙ୍କ କାର୍ଯ୍ୟକାଳ ବୃଦ୍ଧି ହେଲେ ଏମାନଙ୍କୁ ମଧ୍ୟ ମୁଖ୍ୟ ଶାସନ ସଚିବ ପଦରେ ବସିବାକୁ ଆହୁରି ବିଳମ୍ବ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓୟୁଏଟି ଛାତ୍ରୀଛାତ୍ରଙ୍କ ପକ୍ଷରୁ ଧାରଣା, ସ୍ଥାନ: ଓୟୁଏଟି ମେନ୍ ବିଲ୍ଡିଂ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ବିଧାୟକ ବିଜୟ କୁମାର ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ବୁଦ୍ଧମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ପ୍ରାକ୍ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଧାରଣା ପ୍ରଦର୍ଶନ, ସ୍ଥାନ: ଲୋୟର ପିଏମ୍‌ଜି ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା 'ସମର୍ପଣ' କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ପ୍ରାଣଯୋଗ ପ୍ରତିଷ୍ଠାନ ତରଫରୁ ଜାତୀୟ ଗଣିତ ଦିବସ ପାଳନ, ସ୍ଥାନ: କର ବିଜ୍ଞାନ ଓ ବୈଷୟିକ ଏକାଡେମୀ, ବଡ଼ମ୍ବା, ସମୟ : ପୂର୍ବାହ୍ନ ୧୦ଟା।
- ବଡ଼ମ୍ବା ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ବିଦ୍ୟୁତ କାର୍ଯ୍ୟାଳୟ ଘେରାଓ, ସ୍ଥାନ: ବିଦ୍ୟୁତ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ଜଟଣୀ ପ୍ରଗତି ପରିଷଦ ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ୍(ସ୍ରଷ୍ଟା) ସମ୍ମୁଖ, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।
- ଶରଧାପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଖୋର୍ଦ୍ଧା ମହୋତ୍ସବ, ସ୍ଥାନ: ବିଡିଏ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ:ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ,ସ୍ଥାନ:ବ୍ଲକ୍ ପରିସର, ସିମୁଳିଆ, ସମୟ:ପୂର୍ବାହ୍ନ ୧୦ଟା।
- 'ଶବ୍ଦ କୁଞ୍ଜ' ପରିବାରର ବାର୍ଷିକ ଉତ୍ସବ,ସ୍ଥାନ:ଚଉମୁଖ ବେଳାଭୂମି ଗ୍ରାମ୍ୟ ଉଦ୍ୟାନ, ବାଲିଆପାଳ.ସମୟ:ପୂର୍ବାହ୍ନ ୧୦ଟା।
- ନୋସି ଏକ୍ସପୋ ମେଳାର ଉଦ୍‌ଯାପନୀ ଦିବସ,ସ୍ଥାନ:ନୋସି ବିଜିନେସ ପାର୍କ ପରିସର, ବାମପଦା, ବାଲେଶ୍ୱର,ସମୟ:ଅପରାହ୍ନ ୩ଟା।
- ଅଷ୍ଟାଦଶ ବାର୍ଷିକ ଉତ୍ସବ,ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ହଳଦୀପଦା, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ମେଗା କୁଇଜ୍ ପ୍ରତିଯୋଗିତା,ସ୍ଥାନ:ମଡର୍ଣ୍ଣ ପବ୍ଲିକ ସ୍କୁଲ, ମେଘଡମ୍ବରୁ କ୍ୟାମ୍ପସ, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।

## ଭଦ୍ରକ

- ନାୟକାଣୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବୋଡ଼କ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବେଲଗଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ, ସ୍ଥାନ: ବେଲଗଡିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବ୍ରିଗେଡ୍ ସ୍କୁଲ ରଜତ ଜୟନ୍ତୀ ଉଦ୍‌ଯାପନୀ ସମାରୋହ, ସ୍ଥାନ: ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଧାମନଗର, ସମୟ: ଅପରାହ୍ନ ୩ଟା ୩୦।
- ଜଗବନ୍ଧୁ ବରାଳଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ମୁଢ଼ାପଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ବାରିପଦା ଷ୍ଟାଡିୟମ ଓ ଷ୍ଟେଶନ ବଜାର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ରକ୍ତଦାନ ଶିବିର, ସ୍ଥାନ: ଡିଏଭି ପବ୍ଲିକ ସ୍କୁଲ, ଗୋଷାଣୀନୂଆଗାଁ, ସମୟ: ସକାଳ ୯ଟା।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଇନ ସୁରକ୍ଷା ଦାବିରେ ବାମପନ୍ଥୀ ଦଳର ପ୍ରତିବାଦ, ସ୍ଥାନ: କମାପଲି ଛକ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ଗଞ୍ଜାମ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣି, ସ୍ଥାନ: ଦିଗପହଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କୃଷକ ସଭା, ସିପିଆଇଏମ ଓ କ୍ଷେତ ମଜଦୁର ସଂଘ ପକ୍ଷରୁ ଶୋଭାଯାତ୍ରା: ସ୍ଥାନ: ଗଞ୍ଜାମ ଜୟଶ୍ରୀ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି, ସ୍ଥାନ: ବୁଗୁଡ଼ା ବ୍ଲକ ବି କରଡାବାଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ବିଜ୍ଞାନ ଦିବସ ପାଳନ, ସ୍ଥାନ: ବୁଗୁଡ଼ା ସରସ୍ୱତୀ ଶିଶୁମନ୍ଦିର,ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କାଳକଣ୍ଠପୁର ଗ୍ରାମପଞ୍ଚାୟତ,ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା, ସ୍ଥାନ: ପାତ୍ରପୁର,ସମୟ: ପୂର୍ବାହ୍ନ ୧୧ଟା।
- ରଜତ ଜୟନ୍ତୀ ସମାରୋହ ଉଦଘାଟନୀ, ସ୍ଥାନ: ଦିଗପହଣ୍ଡି ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୩ଟା ୪୫।

## ଗଜପତି

- ଏକ ବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ମୋହନା, ସରସ୍ୱତୀ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗଁଦିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ଦ୍ଦାର ପଟେଲ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ ଉଦ୍‌ଯାପନ, ସ୍ଥାନ: ସ୍କୁଲ ପରିସର, ସଦାଶିବପୁର, ଓଡ଼ାପଡ଼ା ବ୍ଲକ, ସମୟ: ଅପରାହ୍ନ ସାଢେ ୩ଟା।
- ଜିଲା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ଜାତୀୟ ଗଣିତ ଦିବସ ପାଳନ, ସ୍ଥାନ : ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଅଷ୍ଟକିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଆଠମଲ୍ଲିକ ପତାକା ଖେଳପଡ଼ିଆ, ସମୟ : ଅପରାହ୍ନ ୨ଟା ୩୦।
- ଆଠମଲ୍ଲିକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ କଲେଜ ଖେଳପଡ଼ିଆ, ସମୟ : ସକାଳ ୮ଟା।

## ଜଗତ୍‌ସିଂହପୁର

- କୁଜଙ୍ଗ କ୍ରୀଡ଼ା ମହୋତ୍ସବ-୨୦୨୫ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବିବି ହାଇସ୍କୁଲ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦଘାଟନ,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀମହାପୁରୁଷ ମଧୁସୂଦନ ଦାସ ପୀଠ, କଣ୍ଟିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଉଷାରାଣୀ ଗୀତିନାଟ୍ୟ ପରିଷଦର ମହିଷାସୁର ବଦ୍ଧ ପରିବେଷଣ, ସ୍ଥାନ: କଣ୍ଟିଆ ମଠ, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୯ଟା।

## ଯାଜପୁର

- ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ୧୦ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ୍ କାଳୀ ମେଲଣ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ପ୍ରଶାସନିକ ପଡ଼ିଆ, ସମୟ : ଅପରାହ୍ନ ୩ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୨୬ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ୨୬ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।
- ଘୋଡଲାଗି ପର୍ବର ୨୬ତମ ଦିବସ, ସ୍ଥାନ: ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ରଣପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ବ୍ରଜେନ୍ଦ୍ର ହାଇସ୍କୁଲ ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା।
- ଶୁଭମ ମେମୋରିଆଲ ଭଲି ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସରେ ଫାଇନାଲ ମ୍ୟାଚ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଦକ୍ଷୀଣକାଳୀ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଉପ ଜିଲାପାଳଙ୍କ ସଦ୍‌ଭାବନା ଗୃହ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ (ଏମ୍‌ଏଲ୍) ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ପିଷ୍ପପାଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ ଟା।
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟିକିରି, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡା, ସ୍ଥାନ: ଅପରାହ୍ନ ୫ଟା।
- ଚଇତି ଇଡିତାଲର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ଗୁଣପୁର, ସମୟ: ଅପରାହ୍ନ ୫ଟା ୩୦ ।
- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ସାଂସଦ ସ୍ତରୀୟ ଖେଳ ମହୋତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ଇନ୍ଦ୍ରାବତୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତେନ୍ତୁଲିଖୁଣ୍ଟି, ସମୟ: ସକାଳ ୯ଟା।
- ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ଧାନ ମଣ୍ଡି ତୁରନ୍ତ ଖୋଲାଯିବା ନେଇ ଏବଂ ମକା ଦର ବୃଦ୍ଧିକୁ ନେଇ ଚାଷୀ ଆନ୍ଦୋଳନ ଓ ଚକ ଅଖ ବନ୍ଦ, ସ୍ଥାନ: ଉମରକୋଟ,ଝରିଗାଁ ଓ ରାଇଘର, ସମୟ: ପୂର୍ବାହ୍ନ ୧୧ଟା।
- ଗାଁରେ ପ୍ରଶାସନ, ସୁଶାସନ ସପ୍ତାହ ଅବସରରେ କର୍ମଶାଳା, ସ୍ଥାନ: ତେନ୍ତୁଲିଖୁଣ୍ଟି, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପିତାଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିପିଏର୍‌ସି ନୂତନ ଗୃହ ଉଦ୍‌ଘାଟନ, ସ୍ଥାନ: କୋଟପାଡ଼ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ଈଶ୍ୱର ତଳିଆଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: କେନ୍ଦୁଗୁଡ଼ା ପଞ୍ଚାୟତ ବଡ଼ାଗୁଡ଼ା ଗ୍ରାମ, ବୈପାରୀଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ଶ୍ରୀଅରବିନ୍ଦ ଶିକ୍ଷା ନିକେତନ ଖେଳ ପଡ଼ିଆ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀଅରବିନ୍ଦ ଯୋଗାଳୟ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କୋଟପାଡ଼, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- ମାଲ୍ୟବନ୍ତ ମହୋତ୍ସବର ପୁନଃ ତାରିଖ ଧାର୍ଯ୍ୟ ସମ୍ବନ୍ଧୀୟ ବୈଠକ, ସ୍ଥାନ: ଡିଆର୍‌ଡିଏ ବୈଠକ ଗୃହ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : କୁଚିଣ୍ଡା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ଜାତୀୟ ସମ୍ବଲପୁରୀ ସମ୍ମିଳନୀରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା।
- ମାରୱାଡ ମହୋତ୍ସବ-୨୦୨୫ର ଉଦ୍‌ଯାପନୀ ଉତ୍ସବ ଏବଂ ଚଳଚ୍ଚିତ୍ର ଗାୟିକା ରୁପାଲି ଜଗାଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ରେମେଡ ନିକଟସ୍ଥ ଉତ୍ସବସ୍ଥଳୀ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର

- ରାଜ୍ୟସ୍ତରୀୟ ଫେନ୍‌ସିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ବଲାଙ୍ଗୀରସ୍ଥିତ ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୭ଟା।
- ୫୪ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଶ୍ରମିକଙ୍କ ଧାରଣା ଓ ଶୋଭାଯାତ୍ରା। ସ୍ଥାନ: ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥଳ, ଗାନ୍ଧୀନଗର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ଖାଦ୍ୟମେଳା, ସ୍ଥାନ: ଲୋଇସିଂହା ବ୍ଲକ୍ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ଓଡ଼ିଶା ରସାୟନ ସୋସାଇଟିର ବାର୍ଷିକୋତ୍ସବ, ସ୍ଥାନ: ଏନ୍‌ଆଇଟି ରସାୟନ ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।
- ମନଟୋଲା ବସ୍ତିବାସିନ୍ଦାଙ୍କ ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜଗଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜଭବନ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୨ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି, ସ୍ଥାନ: ଲହୁଣୀପଡା ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ,ସମୟ: ପୂର୍ବାହ୍ନ ୧୦ ଟା।

## ବରଗଡ଼

- ଧନୁଯାତ୍ରା ଅବସରରେ ରଙ୍ଗୋଲି, ସ୍ଥାନ: ଭିଏସ୍‌ଏସ୍ ନଗର ଛକ, ବରଗଡ଼, ସମୟ: ସକାଳ ୯ଟା।
- ମ୍ୟୁନିସିପାଲ କଲେଜରେ ଅଧ୍ୟାପନା ବିକାଶର ଚତୁର୍ଥ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ୩୯ତମ ବାର୍ଷିକୋତ୍ସବ, ସ୍ଥାନ: ଗର୍ଜନ, ସମୟ: ପୂର୍ବାହ୍ନ ୧୦ଟା।
- ଉଦିତ ନଗର ସରକାରୀ ହାଇସ୍କୁଲରେ ସଂକଳ୍ପ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ମହୋତ୍ସବ, ସ୍ଥାନ: ସରକାରୀ ଆଇଟିଆଇ କଲେଜ, ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମାରକୀ ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।
- ଏନ୍‌ଏସି ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୬ ପାଳନ ପାଇଁ ଆଲୋଚନା, ସ୍ଥାନ: ଏନ୍‌ଏସି ଅଫିସ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ପଞ୍ଚାୟତସ୍ତରୀୟ ପ୍ରଥମ ଲୋକକଳା ମହୋତ୍ସବ, ସ୍ଥାନ: ବାରିଙ୍ଗ ଖେଳ ପଡିଆ, ହରଭଙ୍ଗା ବ୍ଲକ ବୌଦ୍ଧ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପଦ୍ମନପୁର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ୍ କାଦପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ, ସ୍ଥାନ: ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ବୀରମହାରାଜପୁର ଗଣପତି ଆଦର୍ଶ ଶିକ୍ଷାନୁଷ୍ଠାନର ୧୮ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ପ୍ରଥମ ଜୋନସ୍ତରୀୟ ୟୁନିଟ କପ କ୍ରିକେଟ ଅଷ୍ଟମ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ପବ୍ଲିକ ସ୍କୁଲର ୩୪ତମ ବାର୍ଷିକ ଉତ୍ସବ, ସ୍ଥାନ: ଖରିଆର ପବ୍ଲିକ ସ୍କୁଲ ଖରିଆର, ସମୟ: ଅପରାହ୍ନ ୨ଟା।
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଷଷ୍ଠ ରଜନୀରେ କାଳିଆ ନାଗ ଆବାହନ ଓ ପ୍ରେରଣ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ସହ ମଙ୍ଗଳଙ୍କ ମିଳନ ପାରିବାରିକ ଜୀବନକୁ ସରସ,ସୁନ୍ଦର କରିବ। ତଥାପି ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ଟଣାଓଟରା ଭିତରେ ପାଇବେ। ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। କର୍ମକ୍ଷେତ୍ରରେ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**ବୃଷ** ସ୍ୱାସ୍ଥ୍ୟ ପୂର୍ବଭଳି ରହିଲେ ମଧ୍ୟ ଦୁର୍ବଳତା କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିପାରେ। ଆପଣଙ୍କ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରି ପଦସ୍ଥବ୍ୟକ୍ତି ଗୁରୁଦାୟିତ୍ୱ ବହନ କରିବାକୁ ଅନୁରୋଧ କରିପାରନ୍ତି। ଦୂରଯାତ୍ରା, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସୁଫଳ ପାଇବେ। ଚତୁର୍ଥାଧିପ ସ୍ୱଗୃହରୁ ଅଷ୍ଟମସ୍ଥ ଯୋଗୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି।

**ମିଥୁନ** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବାଜନିତ ଆଜି ଘରକଥା ବୁଝିବା ପାଇଁ ମଧ ସମୟ ପାଇବେ ନାହିଁ। ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ ହେଲେ ମଧ୍ୟ ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ** ଆଜି ଶୁକ୍ରଙ୍କ ରାଶ୍ୟାବଲୋକନରୁ ସକାଳୁ ଅଫିସ୍‌ରୁ କୌଣସି ଖବର ପାଇ ଖୁସି ହେବେ। ପ୍ରତିଶ୍ରୁତି ଦେଇ ମଧ୍ୟ ଶେଷ ସମୟରେ ପାରିବାରିକ ବନ୍ଧୁଟି ଅବିଶ୍ୱାସ କାମ କରିପାରନ୍ତି। ଶିଳ୍ପ, ବାଣିଜ୍ୟରେ ଲକ୍ଷ୍ୟ ହାସଲ କରିବେ କିନ୍ତୁ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡିବ। ଅନିୟମିତ ଭୋଜନ କାରଣରୁ ପେଟ ଗୋଳମାଳ ଦେଖାଦେଇ ପାରେ।

**ସିଂହ** କୋଣଭାବସ୍ଥ ଗ୍ରହମାନଙ୍କ ସୁପ୍ରଭାବରୁ ଆଜି ନିକଟସ୍ଥ ବନ୍ଧୁମାନଙ୍କ ସହଯୋଗରୁ ଅଭିଳଷିତ ଫଳ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ ଓ ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ ହୋଇଯିବ। ପରକଥାରେ ଭୁଲ୍ ମାର୍ଗ ଅନୁସରଣ କରି ଅନୁତାପ କରିବେ। ସ୍ୱାସ୍ଥ୍ୟରେ ସମାନ୍ୟ ବ୍ୟତିକ୍ରମ ଦେଖାଦେବାର ସୂଚନ ରହିଛି।

**କନ୍ୟା** କେନ୍ଦ୍ର ଓ କୋଣସ୍ଥ ଗ୍ରହଜନିତ ନିଜର ଚତୁଃପାର୍ଶ୍ୱରେ ଘଟିଯାଉଥିବା ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ପରିବାରର ବରାଦ ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିବେ। ଗୁରୁଜନଙ୍କଠାରୁ ପରାମର୍ଶ ପାଇ ଖୁସି ହେବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ତୁଳା** ଦ୍ୱାଦଶସ୍ଥ ମଙ୍ଗଳ ହେତୁ ପରିସ୍ଥିତି ପ୍ରତି ଲକ୍ଷ୍ୟ କରି ନୀରବ ରହିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଆବଶ୍ୟକତା ଉପଲବ୍ଧି କରି ଏକାଧିକ କାମ ହାତକୁ ନେଇ ବ୍ୟଥିତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** କାମ ହାସଲ କରିବା ସକାଶେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବା ସକାଶେ ଚେଷ୍ଟା କରିପାରନ୍ତି। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ କିନ୍ତୁ ସହଯୋଗ ପାଇବେନାହିଁ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ଥ ହୋଇପଡ଼ିବେ। ଶାସ୍ତ୍ରାଧ୍ୟୟନ, ସାହିତ୍ୟ ଚର୍ଚ୍ଚା ଓ ସତ୍‌ସଙ୍ଗ, ସଭାସମିତି, ବିତର୍କରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ। ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମକର** ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନ ପାରେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ ଏବଂ କାମ ହାସଲ କରିବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ସମସ୍ୟା ସମାଧାନ ହୋଇଯିବ। କଳା,ସାହିତ୍ୟ ଓ ଚଳଚ୍ଚିତ୍ର ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ହେବ।

**କୁମ୍ଭ** ବନ୍ଧୁଙ୍କ ସହ ପୂର୍ବାଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ। ତଥାପି କୌଣସି ସମସ୍ୟାର ଆଶଙ୍କା କରି ଅସୁବିଧା ନ ଥିଲେ ମଧ୍ୟ ମନ ଅସ୍ଥିର ରହିପାରେ। ସନ୍ଧ୍ୟା ସମୟରେ ଫେରିବା ବାଟରେ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବିଚଳିତବୋଧ କରିପାରନ୍ତି। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ମୀନ** ଯେ କୌଣସି କାମରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ବହୁତ ଭଲ ହେବ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ତଥାପି ଅର୍ଥ ଲାଭ, ସାହିତ୍ୟ, ଆଲୋଚନା କ୍ଷେତ୍ରରେ ବେଶ୍ ଆଦୃତ ହେବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଡିସେମ୍ବର ୨୨ ତାରିଖ, ବିଶ୍ୱଗଣିତ ଦିବସ, ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ, ଶାରଦା ଦେବୀଙ୍କ ଜନ୍ମଦିବସ, ପୌଷ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦିବା ଘ. ୧୦.୦୬ ଗତେ ମକରଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୧ ଗତେ ଘ.୦୭.୪୨ ମଧ୍ୟେ, ଘ.୦୯.୧୩ ଗତେ ଘ.୧୧.୨୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୪୨ ଗତେ ଘ.୦୯.୦୩ ମଧ୍ୟେ ରାହୁକାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଜି ଗାଁରେ କୁଜି,**
**ଯେଉଁ ଗାଁରେ ଦେବତା ନାହାନ୍ତି**
**ଶିଳ ଶିଳପୁଆ ପୂଜି ।**

ସାଧାରଣତଃ ଯୋଗ୍ୟ ବ୍ୟକ୍ତିଙ୍କୁ ଯଥୋଚିତ ସମ୍ମାନ ମିଳୁଥିବାବେଳେ ସେମାନେ ସମସ୍ତଙ୍କର ପ୍ରଶଂସାର ପାତ୍ର ପାଲଟିଥାନ୍ତି। ତେବେ ଯୋଗ୍ୟ ବ୍ୟକ୍ତି ନ ଥିବା ବେଳେ ଅଯୋଗ୍ୟ ବ୍ୟକ୍ତି ଆଦର ଲଭେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଉଲାରିଲା ଘର,**
**ମଙ୍ଗୁଳିଲା ବର,**
**ଯାଙ୍କୁ ନ ରଖିବ ବହୁତ କାଳ ।**

ଛାଉଣି ପାଇଁ ଉଲୁରା ଯାଇଥିବା ଘରକୁ ବେଶି ଦିନ ଖୋଲା ପକାଇ ରଖିବା ଅଶୁଭ ଲକ୍ଷଣ ହୋଇଥାଏ। ସେହିପରି ମଙ୍ଗୁଳା ବରକୁ ଅଧିକ ସମୟ ନ ରଖି ଯଥାଶୀଘ୍ର ତା'ର ବିବାହ କରାଇଦେବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବଢ଼ିଲା ରେଳ ...

ସମସ୍ୟା ଲାଗି ରହିଥିବାବେଳେ ମୌଳିକ ସୁବିଧା ମିଳୁନାହିଁ ଏବଂ ବାରମ୍ବାର ଟ୍ରେନ୍ ବିଳମ୍ବିତ ହେଉଛି। ଯାତ୍ରା ଅଭିଜ୍ଞତାରେ ଉନ୍ନତି ହେଉ ନ ଥିବାବେଳେ ଭଡ଼ା କ'ଣ ପାଇଁ ବୃଦ୍ଧି କରାଯାଉଛି ବୋଲି କେତେଜଣ ପ୍ରଶ୍ନ କରିଛନ୍ତି। ସେହିପରି ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଟ୍ରେନ୍ ଚାଲିଲେ ଯାତ୍ରୀମାନଙ୍କୁ ରେଲୱେ ପକ୍ଷରୁ ପେନାଲ୍‌ଟି ଦେବା ଉଚିତ୍ ବୋଲି ଜଣେ ସୋସିଆଲ୍ ମିଡିଆ ୟୁଜର ମତ ରଖିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘବର୍ଷ ପରେ ରେଳ ମନ୍ତ୍ରଣାଳୟ ଗତ ଜୁଲାଇ ୧ରେ ଟ୍ରେନ୍ ଯାତ୍ରୀ ଭଡ଼ା ବୃଦ୍ଧି କରିଥିଲା। ସେତେବେଳେ ଦ୍ୱିତୀୟ ଶ୍ରେଣୀ ଟ୍ରେନ୍ ଯାତ୍ରା ପାଇଁ ଭଡ଼ା କିଲୋମିଟର ପ୍ରତି ଅଧ ପଇସା ବଢ଼ିଥିଲା। ତେବେ ୫୦୦ କିଲୋମିଟର ପର୍ଯ୍ୟନ୍ତ ଭଡ଼ା ଆଦୌ ବୃଦ୍ଧି ହୋଇ ନ ଥିଲା। ୫୦୧ରୁ ୧୫୦୦ କି.ମି. ପର୍ଯ୍ୟନ୍ତ ଭଡ଼ା ୫ଟଙ୍କା ବଢ଼ିଥିବାବେଳେ ୧୫୦୧ରୁ ୨୫୦୦ କି.ମି. ପର୍ଯ୍ୟନ୍ତ ୧୦ଟଙ୍କା ଏବଂ ୨୫୦୧ରୁ ୩୦୦୦ କି.ମି. ପର୍ଯ୍ୟନ୍ତ ୧୫ ଟଙ୍କା ବୃଦ୍ଧି କରାଯାଇଥିଲା। ସ୍ଲିପର ଶ୍ରେଣୀ ଏବଂ ପ୍ରଥମ ଶ୍ରେଣୀ ପାଇଁ ଭଡ଼ା କି.ମି. ପ୍ରତି ୦.୫ ପଇସା ବୃଦ୍ଧି ହୋଇଥିଲା। ମେଲ୍/ଏକ୍ସପ୍ରେସ୍ (ନନ୍-ଏସି) ଦ୍ୱିତୀୟ ଶ୍ରେଣୀ, ସ୍ଲିପର କ୍ଲାସ୍ ଏବଂ ପ୍ରଥମ ଶ୍ରେଣୀ ପାଇଁ ଭଡ଼ା କି.ମି. ପ୍ରତି ୧ ପଇସା ବଢ଼ିଥିଲା। ସେହିପରି ଏସି ଚେୟାର କାର୍, ଏସି୩-ଟାୟାର/୩-ଇକୋନୋମି, ଏସି-୨-ଟାୟାର ଏବଂ ଏସି ଫାଷ୍ଟ/ଏକ୍‌ଜିକ୍ୟୁଟିଭ୍ କ୍ଲାସ୍/ଏକ୍‌ଜିକ୍ୟୁଟିଭ୍ ଅନୁଭୂତି ପାଇଁ ଭଡ଼ା କି.ମି. ପିଛା ୨ ପଇସା ବୃଦ୍ଧି କରାଯାଇଥିଲା। ଏହି ଭଡ଼ା ବୃଦ୍ଧି ଯୋଗୁ ରେଲୱେ ବର୍ତ୍ତମାନ ସୁଦ୍ଧା ୭୦୦ କୋଟି ଟଙ୍କା ଆୟ କରିପାରିଛି।

## କୋରାପୁଟ ଜିଲାର ...

ବିକାଶ ପାଇଁ ପ୍ରାୟ ୫୪୬ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଥିଲେ। ୨୩.୯୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୬ଟି ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ୫୨୧ କୋଟି ୨୭ ଲକ୍ଷ ଟଙ୍କା ବ୍ୟୟରେ ୭୦ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ପରବ ଦ୍ୱାରା ଜିଲାର ଆଦିବାସୀ ସଂସ୍କୃତି ଉଜ୍ଜୀବିତ ହେଉଛି ବୋଲି କହିଥିଲେ। ସେହିପରି ରାଜ୍ୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ଜିଲାର ସଂସ୍କୃତି ଓ ପରମ୍ପରା ନିଆରା। ପରବ ଦ୍ୱାରା ଜିଲାର ଆଦିବାସୀ ପରମ୍ପରା ଓ ସଂସ୍କୃତି ଅକ୍ଷୁଣ୍ଣ ରହୁଛି। କାର୍ଯ୍ୟକ୍ରମରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଅଧ୍ୟକ୍ଷତା କରିଥିବାବେଳେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା,ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ପ୍ରମୁଖ ଯୋଗଦେଇଥିଲେ। ପଲ୍ଲିଶ୍ରୀ ମେଳାରେ ମାଣ୍ଡିଆ ପ୍ରଦର୍ଶନୀ ଷ୍ଟଲ ଓ କୋରାପୁଟ କଫି ଷ୍ଟଲ ବୁଲି ଦେଖିଥିଲେ। ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ।

## ୭ ଦିନ ଜାରି ରହିବ ଶୀତ ଲହରି

ଭୁବନେଶ୍ୱର, ୨୧।୧୨ (ବନ୍ଦନା ସେଠୀ)

ରାଜ୍ୟରେ ଶୀତ ଲହରି ଜାରି ରହିବ। ଆସନ୍ତା ୭ଦିନ ପର୍ଯ୍ୟନ୍ତ ପାଣିପାଗର କୌଣସି ବିଶେଷ ପରିବର୍ତ୍ତନ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨ଡିଗ୍ରୀ ହ୍ରାସ ପାଇଛି। ସେହିପରି ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୩ରୁ ୪ ଡିଗ୍ରୀ କମ୍, ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରାୟ ୨ଡିଗ୍ରୀ କମ୍, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୨ଡିଗ୍ରୀ ଅଧିକ ଏବଂ ଓଡ଼ିଶାର ଅନ୍ୟ ଜିଲାରେ ତାପମାତ୍ରା ସ୍ୱାଭାବିକ ଥିଲା। ଅନ୍ୟପକ୍ଷରେ ରାଉରକେଲାରେ ଘନ କୁହୁଡି ପାଇଁ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଫୁଲବାଣୀ, ଭବାନୀପାଟଣା, କୋରାପୁଟରେ କୁହୁଡି ଦେଖାଦେଇଥିଲା।

# ଭିତ୍ତିଭୂମି ଅଛି, ଚାଷୀଙ୍କ ଆଗ୍ରହ ନାହିଁ

- ଆଳୁ ମିଶନର ସଫଳତା ନେଇ ପ୍ରଶ୍ନବାଚୀ
- ଆବଶ୍ୟକ ୩,୪୫୫ ମେଟ୍ରିକ ଟନ୍, ଉତ୍ପାଦିତ ହେଉଛି ୧୪୫ କୁଇଣ୍ଟାଲ

ଭଣ୍ଡାରିପୋଖରୀ,୨୧।୧୨ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଆଳୁଚାଷ ପାଇଁ ଉପଯୋଗୀ ୮ଶହ ହେକ୍ଟର ଉର୍ବର ପଟୁ ମାଟି ମିଶା ଦୋରସା ଚାଷଜମି ରହିଛି। ବ୍ଲକରେ ୧୦ ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ରାଜ୍ୟର ସର୍ବବୃହତ୍ 'ଚକାଡୋଲା' ଶୀତଳଭଣ୍ଡାର ମଧ୍ୟ ରହିଛି। ହେଲେ ଭିତ୍ତିଭୂମି ଥାଇ ବି ଚାଷୀମାନେ ଆଳୁଚାଷକୁ ଆଦରୁନାହାନ୍ତି। ଅର୍ଥକରୀ ଆଳୁଚାଷ ଯେଉଁ ପରିମାଣରେ ହେବା କଥା, ତାହା ହୋଇପାରୁ ନାହିଁ। ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ ପାଇଁ ସରକାରଙ୍କ ଲକ୍ଷ୍ୟ ପୂରଣ ହେବାରେ ଅନ୍ତରାୟ ସୃଷ୍ଟି ହୋଇଛି।

ଏହି ବ୍ଲକ ଅଞ୍ଚଳରେ ବାର୍ଷିକ ୩,୪୫୫ ମେଟ୍ରିକ ଟନ୍ ଆଳୁ ଆବଶ୍ୟକ। ହେଲେ ୨୦୨୪-୨୫ ବର୍ଷରେ ମାତ୍ର ୧୨.୨୯ ହେକ୍ଟର ଜମିରେ ଆଳୁଚାଷ ହୋଇଥିବା ବେଳେ ମାତ୍ର ୧୪.୫ ଟନ୍ ଉତ୍ପାଦିତ ହୋଇଥିଲା। ଚଳିତ ବର୍ଷ ୪୦ ହେକ୍ଟର ଜମିରେ ଆଳୁଚାଷ ଲକ୍ଷ୍ୟ ରଖାଯାଇଛି। ନଭେମ୍ବର ୧୫ରୁ ଡିସେମ୍ବର୧୫ ମଧ୍ୟରେ ଆଳୁ ବିହନ ରୋପଣ ହେବା କଥା। ସେଥିପାଇଁ ପ୍ରଥମ ଦଫାରେ ପଞ୍ଜାବରୁ 'କୁଫ୍ରିଜ୍ୟୋତି' କିସମ ବିହନ ସରକାରଙ୍କ ପକ୍ଷରୁ ସ୍ଥାନୀୟ କୃଷି ଉଦ୍ୟାନ ବିଭାଗକୁ ଯୋଗାଇ ଦିଆଯାଇଛି। ବିଭାଗ ପକ୍ଷରୁ ଚାଷୀମାନଙ୍କୁ କ୍ରମାଗତ ପ୍ରରୋଚିତ କରାଯିବା ପରେ ଏଯାବତ୍ ୨୪ ହେକ୍ଟର ଜମିରେ ଆଳୁ ବିହନ



ଚତୁର୍ଭୁଜପୁର ଗ୍ରାମରେ ଏକ ଚାଷଜମିରେ ହୋଇଥିବା ଆଳୁ ଚାଷ।


ଲଗାଯାଇଥିବା ସହକାରୀ କୃଷି ଉଦ୍ୟାନ ଅଧିକାରିଣୀ ଶୁଭଦର୍ଶିନୀ ରଥ ସୂଚନା ଦେଇଛନ୍ତି। ଡିସେମ୍ବର ୨ ସୁଦ୍ଧା ବନ୍ଧାଳୋ, ମଢ଼ିଆଳି, ବାବଲପୁର, ଝୁଟୁଣା, ବାଲିପୋଖରୀ, କୋରକୋରା, ନିର୍ଗୁଣ୍ଡି, ଦକ୍ଷିଣବାଡ଼, କୋରିଗାଁ, ଷୋଳମପୁର ଆଦି ପଞ୍ଚାୟତର ଚାଷୀମାନଙ୍କୁ କିଲୋ ପିଛା ୨୦ ଟଙ୍କା ଦରରେ ବିହନ ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ ୧୦ଟଙ୍କା ଡିବିଟି ଯୋଗେ ବିହନ ଉପଯୋଗ କରିଥିବା ଚାଷୀମାନଙ୍କୁ ସବ୍‌ସିଡ୍ ମିଳିପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଆଗାମୀ ୨ ସପ୍ତାହ ମଧ୍ୟରେ ଚାଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ବିଭାଗ ଆଶାବାଦୀ ଅଛି। ଏହାଦ୍ୱାରା ଆଳୁ ଉତ୍ପାଦନ ୩ ହଜାର କୁଇଣ୍ଟାଲକୁ ବୃଦ୍ଧି ପାଇବ। ମାତ୍ର ଏହି ପରିମାଣ ଆବଶ୍ୟକତାଠାରୁ ଯଥେଷ୍ଟ କମ୍। ବ୍ଲକ ଅଞ୍ଚଳରେ ବୈତରଣୀ ନଦୀ ଉପକୂଳବର୍ତ୍ତୀ ୮ ପଞ୍ଚାୟତର ଶତାଧିକ ହେକ୍ଟର ଚାଷଜମି ଆଳୁଚାଷ ପାଇଁ ବେଶ୍ ଉପଯୋଗୀ। ସ୍ଥାନୀୟ ମୃତ୍ତିକାର ଉର୍ବରତା ଓ ପାଣିପାଗ ଦୃଷ୍ଟିରୁ ଏଠାରେ ମଧ୍ୟମ ପରିମାଣରେ ଆଳୁ ଉତ୍ପାଦନ ହୋଇପାରିବ। ଉତ୍ପାଦିତ ଆଳୁକୁ ମହଜୁଦ କରି ରଖିବା ପାଇଁ ୨୦୧୬ରେ କୃଷି ଉଦ୍ୟାନ ବିଭାଗ ସହାୟତାରେ 'ଆଳୁ ମିଶନ' ଲକ୍ଷ୍ୟ ପୂରଣ ନିମନ୍ତେ ୧୦ ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ହୋଇଥିଲା। ଉଦ୍ୟୋଗପତି ଉଦୟ ନାରାୟଣ ନନ୍ଦ ସ୍ଥାନୀୟ ଚାଷୀଙ୍କୁ ଆଳୁଚାଷ ପାଇଁ ପ୍ରରୋଚିତ କରି ବିଫଳ ହୋଇଥିଲେ। ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ କରି ଗଚ୍ଛିତ ରଖିବା ସହ ବିକ୍ରୟ କରି ଶୀତଳଭଣ୍ଡାର ଚଳାଇଥିଲେ। ହେଲେ ତାହା ଲାଭଜନକ ହୋଇ ନ ଥିଲା। ୪ ବର୍ଷ ପରେ ଶୀତଳଭଣ୍ଡାର ବନ୍ଦ ହୋଇଯାଇଥିଲା। ବନ୍ଦ ହେବାର ୪ ବର୍ଷ ପରେ ଶୀତଳଭଣ୍ଡାରର ଅର୍ଦ୍ଧେକ ସ୍ଥାନରେ ଛତୁଚାଷ ଆରମ୍ଭ କରି ନନ୍ଦ ଶୀତଳଭଣ୍ଡାରକୁ କାର୍ଯ୍ୟକ୍ଷମ କରିଥିଲେ। ଏବେ ଛତୁଚାଷରେ ସଫଳ ହୋଇଥିବା ନନ୍ଦ ବାକି ଅର୍ଦ୍ଧେକ ସ୍ଥାନରେ ୫ ହଜାର ମେଟ୍ରିକ ଟନ୍ ଆଳୁ ଗଚ୍ଛିତ କରିବା ପାଇଁ ଆଗ୍ରହୀ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏପରିକି ଆଗ୍ରହୀ ଆଳୁଚାଷୀଙ୍କୁ ସବୁମନ୍ତେ ସହାୟତା କରିବାକୁ ପ୍ରସ୍ତୁତ ଥିବା ସେ କହିଛନ୍ତି। ମାତ୍ର ଚାଷୀମାନେ ଆଳୁଚାଷ ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ଚିନ୍ତାର କାରଣ ହୋଇଛି। ନଦୀ ଉପକୂଳ ଅଞ୍ଚଳର ଚାଷୀମାନେ ଜମିରେ ପନିପରିବା ଚାଷ, ବାଦାମ ଚାଷ କରିବାକୁ ଇଚ୍ଛା କରୁଥିବା ଦେଖିବାକୁ ମିଳିଛି। ଏପରିକି ସହଜରେ ଉପଲବ୍ଧ ବାଲି, ମାଟି ଓ ଶ୍ରମର ଉପଯୋଗ କରି ଦୋରସା ଜମିରେ ଇଟା ଗଢ଼ିବାକୁ ବେଶ୍ ପସନ୍ଦ କରୁଥିବା ଜଣାପଡ଼ିଛି। ସ୍ୱଳ୍ପ ଖର୍ଚ୍ଚରେ ଭଲ ଲାଭ ମିଳୁଥିବାରୁ ଇଟା ଗଢ଼ା ପ୍ରତି ଆଗ୍ରହ ପ୍ରକାଶ ପାଉଛି। ଫଳରେ 'ଆଳୁ ମିଶନ' ଲକ୍ଷ୍ୟସ୍ଥଳରେ ପହଞ୍ଚିପାରୁ ନାହିଁ। ଚାଷୀମାନଙ୍କୁ ଆଳୁଚାଷ ପ୍ରତି ପ୍ରରୋଚିତ କରିବାକୁ ବିଭାଗ ପକ୍ଷରୁ ସବୁପ୍ରକାର ଉଦ୍ୟମ କରାଯାଉଛି ବୋଲି ବିଭାଗୀୟ ଅଧିକାରିଣୀ ରଥ କହିଛନ୍ତି।

> ସ୍ଥାନୀୟ ଅଞ୍ଚଳରେ ଆଳୁଚାଷ ପାଇଁ ଆବଶ୍ୟକ ଅନୁସାରେ ଜଳ ଯୋଗାଇ ହେଉନାହିଁ। ଜଳ ଅଭାବରୁ ଲଗାଯାଇଥିବା ବିହନରେ ପୋକ ଲାଗିଯାଇ ନଷ୍ଟ ହେଉଛି। କ୍ଷତି ସହିବାକୁ ପଡୁଥିବାରୁ ଏହି ଚାଷ ପ୍ରତି ଆଗ୍ରହ ରହୁନାହିଁ।
>
> **- ପ୍ରଭାତ ସାମଲ, ଚାଷୀ, ମାଳଦା**

> ଚାଷ ପରେ ଆଳୁ ଉଚିତ ମୂଲ୍ୟରେ ବିକ୍ରି କରିହେଉ ନାହିଁ। ଏହାବ୍ୟତୀତ ସ୍ଥାନୀୟ ଅଞ୍ଚଳରେ ଶୀତଳଭଣ୍ଡାର ବ୍ୟବସ୍ଥା ନ ଥିବାବେଳେ ପ୍ରାୟ ୭କି.ମି. ଦୂରରେ ଥିବାରୁ ଆଳୁ ମହଜୁଦ କରି ରଖିହେଉ ନ ଥିବା ଯୋଗୁ ଚାଷ ପ୍ରତି ଆଗ୍ରହ କମୁଛି।
>
> **- ଋଷିକେଶ ପରିଡ଼ା, ଚାଷୀ, ଚତୁର୍ଭୁଜପୁର**

# ଗଣିତରେ ଅଧିକ ଗବେଷଣା ପ୍ରତି ଆଗ୍ରହ ଆବଶ୍ୟକ

## ଆଜି ଜାତୀୟ ଗଣିତ ଦିବସ



ଗଣିତର ବିକାଶ ବିନା କୌଣସି ସଭ୍ୟତାର ବିକାଶ ସମ୍ଭବ ନୁହେଁ। ଆଜକୁ ୪୦୦୦ ବର୍ଷ ପୂର୍ବେ ଭାରତର ଉତ୍ତର-ପଶ୍ଚିମାଞ୍ଚଳରେ ଗଢ଼ିଉଠିଥିବା ସିନ୍ଧୁ ସଭ୍ୟତାର ଭଗ୍ନାବଶେଷରୁ ସେମାନଙ୍କର ଗଣିତ ଜ୍ଞାନର ପରିଚୟ ମିଳେ। ସେମାନେ ବ୍ୟବହାର କରୁଥିବା ଇଟାର ମାପ, ବିଭିନ୍ନ ସ୍କେଲ୍ ଓ ବଟକରାରୁ ସ୍ପଷ୍ଟ ଜଣାପଡ଼େ ଯେ ସେମାନେ ଗଣିତ ବ୍ୟବହାର କରୁଥିଲେ। ଅନ୍ୟପକ୍ଷରେ ବୈଦିକ ଯୁଗରେ ଯଜ୍ଞବେଦି ନିର୍ମାଣ କରିବା ଲାଗି ଜ୍ୟାମିତିର ବିକାଶ ହୋଇଥିଲା। ଭାରତରେ ପିଥାଗୋରାସ୍ ଉପପାଦ୍ୟ ବ୍ୟବହାର ହେବାର ୩୦୦ ବର୍ଷ ପରେ ଗ୍ରୀକ୍ ଗଣିତଜ୍ଞ ପିଥାଗୋରାସ୍ ଏହାକୁ ଗ୍ରୀସ୍‌ରେ ଆବିଷ୍କାର କରି ଏହାର ଗୌରବ ନେଇଛନ୍ତି।

ପଞ୍ଚମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ହେଉଛି ଭାରତୀୟ ଗଣିତର ସୁବର୍ଣ୍ଣ ଯୁଗ। ଏହି ସମୟରେ ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ, ମହାବୀର ଓ ଭାସ୍କରାଚାର୍ଯ୍ୟ ଆଦି ଗଣିତର ଅନେକ ସୂତ୍ର ଓ ଉପପାଦ୍ୟ ଆବିଷ୍କାର କରିଥିଲେ। ଭାରତରେ ଆବିଷ୍କୃତ ସ୍ଥାନାଙ୍କ, ଦଶମିକ ସଂଖ୍ୟା ପଦ୍ଧତି ଓ ଶୂନ ସଂଖ୍ୟା ଜଗତକୁ ସରଳ କରିପାରିଛି। ତା' ସହ ଏଗୁଡ଼ିକ ଆଜି ମଧ୍ୟ ପୃଥିବୀରେ ବ୍ୟବହୃତ ହେଉଛି। ଏହା ଭାରତରୁ ଆରବକୁ ଏବଂ ସେଠାରୁ ୟୁରୋପକୁ ପ୍ରସାରଲାଭ କରିଥିଲା। ୟୁରୋପୀୟମାନେ ଏହାର ସୃଷ୍ଟିର ପ୍ରକୃତ ଉତ୍ସ ଜାଣି ନ ପାରି ଏହାର ନାମ 'ଆରବୀୟ ସଂଖ୍ୟା ପଦ୍ଧତି' ରଖିଥିଲେ। ମାତ୍ର ପରେ ଏହାର ପ୍ରକୃତ ଆବିଷ୍କାରକ ଦେଶର ନାମ ଜଣାପଡିବା ପରେ ଏହା ବର୍ତ୍ତମାନ 'ହିନ୍ଦୁ-ଆରବୀୟ ସଂଖ୍ୟା ପଦ୍ଧତି' ଭାବେ ଜଣାଯାଇଛି। ବିଶିଷ୍ଟ ଗଣିତଜ୍ଞ ଲାପ୍ଲାସ ଓ ଆଇନଷ୍ଟାଇନ୍ କହିଛନ୍ତି ଯେ, ସଂଖ୍ୟା ପଦ୍ଧତିର ବିକାଶ ପାଇଁ ଗଣିତ ଭାରତ ପାଖରେ ଚିର ଋଣୀ। ତାମିଲନାଡୁର କୁମ୍ଭକୋଣମ୍‌ଠାରେ ୧୮୮୭ ମସିହାରେ ଜନ୍ମଗ୍ରହଣ କରିଥିବା ଶ୍ରୀନିବାସ ରାମାନୁଜନ ହେଉଛନ୍ତି ଆଧୁନିକ ଯୁଗର ଜଣେ ଶ୍ରେଷ୍ଠ ଗଣିତଜ୍ଞ। ସେ ମାତ୍ର ୩୩ ବର୍ଷର ସ୍ୱଳ୍ପ ଜୀବନ କାଳରେ ପ୍ରମାଣ ବିନା ଯେତିକି ଗଣିତ ସୂତ୍ର ପ୍ରକାଶ କରିଥିଲେ ସେଗୁଡ଼ିକୁ ପ୍ରମାଣ କରିବା ପାଇଁ ଗଣିତଜ୍ଞମାନଙ୍କୁ ପ୍ରାୟ ଶହେ ବର୍ଷ ଲାଗିଗଲା। ଭାରତ ସରକାର ରାମାନୁଜନଙ୍କ ସମ୍ମାନାର୍ଥେ ତାଙ୍କର ଜନ୍ମ ଦିବସ (ଡିସେମ୍ବର ୨୨)କୁ 'ଜାତୀୟ ଗଣିତ ଦିବସ' ଭାବରେ ଘୋଷଣା କରିଥିଲେ, ଯାହା ଏ ପର୍ଯ୍ୟନ୍ତ ପାଳିତ ହୋଇଆସୁଅଛି। ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରି ମଧ୍ୟ ରାମାନୁଜନ ନିଜେ ପଢ଼ି ଉଚ୍ଚତର ଗଣିତକୁ ଆୟତ୍ତ କରିପାରିଥିଲେ। ଗଣିତ କ୍ଷେତ୍ରରେ ଅଧିକ ଜ୍ଞାନ ଅର୍ଜନ କରିବା ଲାଗି ସେ ଇଂଲଣ୍ଡର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଗଣିତ ପ୍ରଫେସର ଜି.ଏଚ୍. ହାର୍ଡିଙ୍କ ସହାୟତାରେ ୧୯୧୪ ମସିହାରେ ଇଂଲଣ୍ଡ ଯାଇଥିଲେ। ସେ କେମ୍ବ୍ରିଜଠାରେ ହାର୍ଡିଙ୍କ ସହ ମିଶି ଗଣିତ ଉପରେ ଅନେକ ଗବେଷଣା କରିଥିଲେ। କିନ୍ତୁ ଏହି ସମୟରେ ସେ ହଠାତ୍ ଯକ୍ଷ୍ମା ରୋଗରେ ପୀଡ଼ିତ ହୋଇ ୧୯୧୯ରେ ଭାରତ ଫେରି ଆସିଲେ। ଠିକ୍ ତା' ପରବର୍ଷ ଏପ୍ରିଲ ୨୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା।

ଆମ ଦେଶରେ ଗଣିତରେ ଗବେଷଣା ପ୍ରତି ଛାତ୍ରୀଛାତ୍ରମାନଙ୍କ ମନରେ ଅଧିକରୁ ଅଧିକ ଆଗ୍ରହ ସୃଷ୍ଟି କରିବା ହେଉଛି ଜାତୀୟ ଗଣିତ ଦିବସ ପାଳନର ଲକ୍ଷ୍ୟ। ବାସ୍ତବରେ ନବୋଭାବନ, ପ୍ରଯୁକ୍ତିବିଦ୍ୟା ଓ ସମସ୍ୟା ସମାଧାନରେ ଗଣିତର ଭୂମିକା ଅନସ୍ୱୀକାର୍ଯ୍ୟ।

**-ଇଂ. ମାୟାଧର ସ୍ୱାଇଁ,**
ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

# ପିକ୍‌ନିକ୍ ବସ୍ ଓଲଟି ଜଣେ ମୃତ, ୨୦ ଆହତ

## ବାରହା ପଥରରେ ପିକ୍‌ନିକ୍ କରି ଫେରୁଥିଲେ

ପାତ୍ରପୁର, ୨୧।୧୨ (ଉମା ଚରଣ ନେପାକ)



ଓଲଟି ପଡ଼ିଥିବା ବସ୍।

ପିକ୍‌ନିକ୍ କରିବାକୁ ଯାଇ ଗଞ୍ଜାମ ଜିଲା ଜରଡା ଥାନା ଅନ୍ତର୍ଗତ ବୁରାତାଲ ପଞ୍ଚାୟତ ସାପୁଆଖତଠାରେ ରବିବାର ସନ୍ଧ୍ୟାରେ ବ୍ରହ୍ମପୁରସ୍ଥିତ ତକ୍ଷଶିଳା ଘରୋଇ ସ୍କୁଲର ବସ୍ ଓଲଟି ପଡିଛି। ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ରତ୍ନା ବିଶୋୟୀ (୪୫)। ଏଥିରେ ୨୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ଖବରରୁ ଜଣାପଡିଛି, ରୟାଲ ଏନ୍‌ଫିଲ୍ଡର ୫୫ ଜଣ କର୍ମଚାରୀ ପିକ୍‌ପିକ୍ କରିବାକୁ ତକ୍ଷଶିଳା ଘରୋଇ ସ୍କୁଲ ବସ୍ (ନଂ. ଓଆର୍ ୦୨ ଏଏସ୍-୦୫୪୪)କୁ ଭଡାରେ ନେଇ ବାରହା ପଥର ପିକ୍‌ନିକ୍ କରିବାକୁ ଆସିଥିଲେ। ବୁଲାବୁଲି ସହ ଭୋଜିସାରି ସେମାନେ ଫେରୁଥିବା ବେଳେ ବସ୍‌ଟି ଭାରସାମ୍ୟ ହରାଇ ସାପୁଆଖତଠାରେ ଓଲଟି ପଡିଥିଲା। ଖବର ପାଇ ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ରତ୍ନାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଜରଡା ଥାନାରେ ନଂ. ୪୨୨/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ସୀତାକୁଣ୍ଡରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ: ବେଲୁନ ବିକାଳି ଗୁରୁତର

ବାରିପଦା,୨୧।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତ ପର୍ଯ୍ୟଟନସ୍ଥଳୀରେ ରବିବାର ଏକ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟି ଜଣେ ବେଲୁନ ବିକାଳି ଗୁରୁତର ହୋଇଛନ୍ତି। ସେ ହେଲେ ବାରିପଦା ସହର ଶୂନଗଡ଼ିଆର ସେରୁ ସିଂ(୨୪)। ତାଙ୍କୁ ପ୍ରଥମେ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ଡିସେମ୍ବର ତୃତୀୟ ରବିବାର ଯୋଗୁ ଏଠାରେ ବହୁସଂଖ୍ୟକ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ବେଲୁନ ବିକାଳି ଜଣକ ଧୂମ୍ରପାନ କରି ସିଲିଣ୍ଡରକୁ ଅନ୍ୟତ୍ର ନେଇ ଯାଉଥିଲେ। ପୂର୍ବରୁ ଲିକ୍ ଥିବା ସିଲିଣ୍ଡରରେ ଅଠା ଦେଇ ସେ ଅସ୍ଥାୟୀ ସିଲ୍ କରିଥିବା ବେଳେ ସେଠାରୁ ଗ୍ୟାସ୍ ଲିକ୍ ହେବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ସିଲିଣ୍ଡରଟି ପାର୍କିଂରେ ଛିଡ଼ା ହୋଇଥିବା ବସ୍ ଉପରେ ପଡ଼ିଥିଲା। ପାଖରେ କେହି ଗ୍ରାହକ ନ ଥିବାରୁ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ପର୍ଯ୍ୟଟନସ୍ଥଳୀ ଉନ୍ନୟନ କମିଟି ପ୍ରବେଶ ଶୁଳ୍କ ଆଦାୟ କରୁଥିଲେ ହେଁ ସୁରକ୍ଷା ପ୍ରତି ଦୃଷ୍ଟି ଦେଉ ନ ଥିବା ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି।

# ଦୁର୍ଘଟଣାରେ ସ୍କୁଲ ଅଧ୍ୟକ୍ଷଙ୍କ ମୃତ୍ୟୁ

ବଇଣ୍ଡା, ୨୧।୧୨ (ପରିକ୍ଷିତ ସାହୁ)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା ହଣ୍ଡପା ଥାନା କମରେଇ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ପିକ୍‌ଅପ୍ ଭ୍ୟାନ୍ ପଛରେ ବାଇକ୍ ପିଟି ହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଇଣ୍ଡା ଧରଣୀଧର ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୌରଭ କୁମାର ମହାନ୍ତି (୪୨)। ସୂଚନା ଅନୁଯାୟୀ, ସୌରଭଙ୍କ ଘର ଜାମସେଦପୁର ହୋଇଥିବାବେଳେ ସେ ରେଢ଼ାଖୋଲରେ ଭଡ଼ା ଘରେ ରହୁଥିଲେ। ଶନିବାର ରାତିରେ ସେ ବାଇକ୍ (ନଂ. ଓଆର ୦୨ବିଜେଡ୍ ୩୫୧୮) ଯୋଗେ ବଇଣ୍ଡାରୁ ରେଢ଼ାଖୋଲ ଯାଉଥିବାବେଳେ କମରେଇ ନିକଟରେ ଅନୁଗୋଳରୁ ସମ୍ବଲପୁର ଯାଉଥିବା ଏକ ପିକଅପ୍ ଭ୍ୟାନ୍ (ନଂ. ଏମ୍‌ପି ୦୯ ଡି ଡବ୍ଲ୍ୟୁ ୭୩୮୧) ପଛରେ ପିଟି ହୋଇଯାଇଥିଲେ। ହଣ୍ଡପା ପୋଲିସ ତାଙ୍କୁ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ୧୩ କ୍ୟାଡର ମାଓବାଦୀଙ୍କୁ ଧରିବାକୁ ପ୍ରୟାସ ଜୋରଦାର

## ଗଣେଶଙ୍କ ମୁଣ୍ଡ ଉପରେ ୧.୨୦ କୋଟି

ଫୁଲବାଣୀ,୨୧।୧୨ (ରାକେଶ କୁମାର ରାଉତ)

କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀ ମୂଳୋତ୍ପାଟନ ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ସମୟ ପାଖେଇ ଆସୁଥିବାରୁ ପୋଲିସ ମାଓବାଦୀଙ୍କୁ ସଫା କରିବାକୁ ଜୋରଦାର ଉଦ୍ୟମ କରୁଛି। କନ୍ଧମାଳ ଜିଲାରେ ୧୩ କ୍ୟାଡର ମାଓବାଦୀଙ୍କ ତାଲିକା ପୋଲିସ ଜାରି କରିଛି। ଏମାନଙ୍କୁ ଧରାଇ ଦେଲେ ପୁରସ୍କାର ରାଶି ଯୋଗାଇ ଦିଆଯିବ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ପୋଷ୍ଟରଗୁଡକ ଫିରିଙ୍ଗିଆ ବ୍ଲକର ଗୋଚ୍ଛାପଡା ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଦେଖିବାକୁ ମିଳିଛି।



ପୋଲିସ ଜାରି କରିଥିବା ପୋଷ୍ଟର।

ମାଓବାଦୀ ସଙ୍ଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ମୁଣ୍ଡ ଉପରେ ସର୍ବାଧିକ ୧କୋଟି ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ ସୁଦର୍ଶନ, ନିଖିଲ, ଅଙ୍କିତା, ଶୁକ୍ରୁ, ନୀତାଙ୍କୁ ଧରାଇଲେ ୬୫ ଲକ୍ଷ ଲେଖାଏ ପୁରସ୍କାର ଥିବା ବେଳେ ପ୍ଲାଟୁନ କମାଣ୍ଡର ଶୀଲା ଏବଂ ରେଣୁଙ୍କ ମୁଣ୍ଡ ଉପରେ ୩୨ ଲକ୍ଷ ୫୦ ହଜାର ଟଙ୍କା ପୁରସ୍କାର ଅର୍ଥ ରାଶି ରଖାଯାଇଛି। ସେହିପରି ଡିଭିଜନାଲ ମେମ୍ବରଙ୍କୁ ଧରାଇଦେଲେ ୩୨ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ଯେ କୌଣସି ବ୍ୟକ୍ତି ଏମାନଙ୍କ ସମ୍ପର୍କରେ ସୂଚନା ଦେଲେ ସେମାନଙ୍କୁ ଏହି ପୁରସ୍କାର ଅର୍ଥ ରାଶି ଯୋଗାଇ ଦିଆଯିବ ବୋଲି କନ୍ଧମାଳ ଏସ୍‌ପି ହରିଷ ବିଶି କହିଛନ୍ତି। ସେହିପରି ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଫଟୋ ସହିତ ସରକାରଙ୍କ ପକ୍ଷରୁ ରହିଥିବା ଥଇଥାନ ପ୍ୟାକେଜ ଉପରେ ମଧ୍ୟ ସୂଚନା ଦିଆଯାଇଛି। ଏ ଦିଗରେ ପୋଲିସ ବ୍ୟାପକ ସଚେତନତା ସୃଷ୍ଟି କରୁଛି। ଲୋକେ ନିର୍ଭୟରେ ପୋଲିସକୁ ସହଯୋଗ କରିବା ପାଇଁ ଏସ୍‌ପି କହିଛନ୍ତି।

# ଗାଡ଼ି ଧକ୍କାରେ ୨ ମୃତ, ରାସ୍ତାରୋକୋ

ସୋନପୁର,୨୧।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ଥାନା ଅଧୀନ ୫୭ ନମ୍ବର ଜାତୀୟ ରାଜପଥର ହରଡ଼ଖୋଲ ନିକଟରେ ରବିବାର ସନ୍ଧ୍ୟା ୬ ଟାରେ ଏକ ସଡ଼କ ଦୁର୍ଘଟଣାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ସୋନପୁର ଥାନା ଗତରକେଲା ଗାଁର ଗଙ୍ଗାଧର ବେହେରା(୩୦) ଓ ଜୟ ବେହେରା(୩୬)। କୌଣସି କାମରେ ବଲାଙ୍ଗୀର ଯାଇଥିବା ଗଙ୍ଗାଧର ଓ ଜୟ ବାଇକ (ନଂ. ଓଡି ୩୧ - ଏଚ ୮୩୫୦)ରେ ଘରକୁ ଫେରୁଥିବା ବେଳେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟେ ରାସ୍ତାପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଜୟଙ୍କ ମୃତ୍ୟୁ ଘଟିଥିଲା। ଗଙ୍ଗାଧରଙ୍କୁ ଗୁରୁତର ଅବସ୍ଥାରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହରଡ଼ଖୋଲ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। ତେବେ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ହରଡଖୋଲଠାରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ପ୍ରଶାସନ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ଜାରି ରଖିଛି।

# ଅରାଜକତା ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛନ୍ତି ମିଲର୍ସ: ପୁରୋହିତ

## 'ବିଜେଡି ଯାହା କରୁଥିଲା ଏବେ ଭାଜପା ତାହା କରୁଛି'

ଝାରସୁଗୁଡ଼ା, ୨୧।୧୨ (ଆଶିଷ ରଞ୍ଜନ ଦାଶ)




ବ୍ୟାନରରେ ଫଟୋ ନ ଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି ଏମ୍‌ପି।

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ମୁଖ୍ୟାଳୟରେ ରବିବାର ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗଦେଇ ବ୍ୟାନରରେ ନିଜ ଫଟୋ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ମିଲର୍ସମାନେ ରାଜ୍ୟରେ ଅରାଜକତା ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛନ୍ତି ବୋଲି କହିଛନ୍ତି।

ଝାରସୁଗୁଡା ଜିଲା ପ୍ରଶାସନ ତରଫରୁ ଆୟୋଜିତ କୃଷକ ସମାବେଶରେ ଯୋଗଦେବା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଏମ୍‌ପି ପ୍ରଦୀପ ପୁରୋହିତ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଞ୍ଚରେ ପହଞ୍ଚିଥିଲେ। ବିଧାୟକ ତ୍ରିପାଠୀଙ୍କ ବକ୍ତବ୍ୟ ପରେ ଏମ୍‌ପି ପୁରୋହିତ ନିଜ ବକ୍ତବ୍ୟ ରଖିବା ବେଳେ ସମାବେଶ ପାଇଁ ହୋଇଥିବା ବ୍ୟାନରରେ ନିଜ ଫଟୋ ନ ଥିବା ନେଇ ଜିଲାପାଳଙ୍କୁ ତାଗିଦ କରିଥିଲେ। ସେ କହିଥିଲେ ଯେ, ମୋତେ କ'ଣ ଅସମ୍ମାନ କରିବା ପାଇଁ ଏଠାକୁ ଡକାଯାଇଛି। ପ୍ରୋଟୋକଲ ହିସାବରେ ବ୍ୟାନରରେ କ'ଣ ଏମ୍‌ପିଙ୍କ ଫଟୋ ଦେବାର ନିୟମ ନାହିଁ, ଯଦି ତୁମର ଏମିତି କରିବାର ଥିଲା ତେବେ ମୋତେ କାର୍ଯ୍ୟକ୍ରମକୁ କାହିଁକି ଡାକିଛ ବୋଲି ଜିଲାପାଳଙ୍କୁ ତାଗିଦ କରିଥିଲେ। ବିଜେଡି ସରକାର ଥିବାବେଳେ ଭାଜପା ବିଧାୟକ, ଏମ୍‌ପିମାନଙ୍କୁ ଏପରି ବ୍ୟବହାର କରାଯାଉଥିଲା। ଏବେ ଆମ ସରକାରରେ ଆମପ୍ରତି ଏପରି ଅସମ୍ମାନକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏଥିପ୍ରତି ସତର୍କ ରହିବାକୁ ଜିଲାପାଳଙ୍କୁ କହିଥିଲେ। ଚାଷୀଙ୍କ ସମସ୍ୟା ନେଇ ସେ କହିଥିଲେ, ମିଲର୍ସମାନେ ଜାଣିଶୁଣି ଚାଷୀଙ୍କ ଧାନ ଉଠାଉ ନାହାନ୍ତି। ସେମାନେ ଚାହୁଁଛନ୍ତି ଚାଷୀମାନେ ରାଜରାସ୍ତାକୁ ଆସନ୍ତୁ ଏବଂ ରାଜ୍ୟରେ ଥିବା ଭାଜପା ସରକାର ବଦନାମ ହୁଅନ୍ତୁ। ମିଲର୍ସମାନେ ବିଜେଡି ଦ୍ୱାରା ପରିଚାଳିତ ହେଉଛନ୍ତି। ତେଣୁ ସେମାନେ ଚାଷୀ ଓ ସରକାରଙ୍କୁ ହଇରାଣ କରୁଛନ୍ତି। ମିଲର୍ସଙ୍କ ଏପରି କାର୍ଯ୍ୟକଳାପ ଅକ୍ଷମଣୀୟ ବୋଲି ସେ କହିଥିଲେ। ଏହାପରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ତାଙ୍କ ଅଭିଭାଷଣ ରଖିବା ସମୟରେ ଏମ୍‌ପି ପୁରୋହିତଙ୍କ ଅସନ୍ତୋଷ ଘଟଣା ନେଇ କହିଥିଲେ, ଜିଲା ପ୍ରଶାସନ ଆଗକୁ ଏପରି କରିବ ନାହିଁ। ଏହା ଅଜାଣତରେ ହୋଇଯାଇଛି, ଏମ୍‌ପି ଏହି ଘଟଣାରେ ମନଦୁଃଖ କରନ୍ତୁ ନାହିଁ ବୋଲି କହିଥିଲେ।



> ମଧ୍ୟଯୁଗରେ ସନ୍ନ୍ୟାସୀମାନେ ନାରୀକୁ ଘୃଣାର ପାତ୍ରୀ ବୋଲି ଭାବୁ ଥିଲେ। ସେମାନେ ଭାବୁଥିଲେ- ଭଗବାନ ସନ୍ନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନଙ୍କ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ ଟିକିଏ ଉଚ୍ଚ ଧରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ। -ଶ୍ରୀଅରବିନ୍ଦ



# ବାଂଲାଦେଶ ପରେ ବର୍ମା

ପ୍ରାୟ ଦେଢ଼ ବର୍ଷ ପରେ ପୁଣି ବାଂଲାଦେଶ ଅଶାନ୍ତ ହୋଇପଡ଼ିଛି। ଏବର ଅସ୍ୱାଭାବିକ ସ୍ଥିତି ସେଠାକାର ଉଗ୍ର ଯୁବ ନେତା ଶରିଫ୍ ଓସ୍‌ମାନ ହାଦିଙ୍କୁ ଅଚିହ୍ନା ମୁଖାପିନ୍ଧା ବ୍ୟକ୍ତି ଗୁଳି କରି ହତ୍ୟା କରିବାରୁ ଉତ୍ପନ୍ନ ହୋଇଛି। ଆସନ୍ତା ବର୍ଷ ଫେବୃଆରୀ ୧୨ରେ ବାଂଲାଦେଶରେ ନିର୍ବାଚନ ହେବାକୁ ଅଛି। ଏହା ପୂର୍ବରୁ ଇନ୍‌କିଲାବ ମଞ୍ଚ ନେତା ହାଦି ଗାଦିଚ୍ୟୁତ ନେତ୍ରୀ ତଥା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ବିରୋଧରେ ଗତ ୧୨ ତାରିଖରେ ଆୟୋଜିତ ଏକ ସଭାରେ ଯୋଗଦେଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରିଥିଲେ। ଢାକାରେ ଅତ୍ୟାଧୁନିକ ଚିକିତ୍ସାର ଅଭାବ ଯୋଗୁ ହାଦିଙ୍କୁ ସିଙ୍ଗାପୁର ନିଆଯାଇଥିଲା, ଯେଉଁଠାରେ ୬ ଦିନ ପରେ ତାଙ୍କର ମୃତ୍ୟୁ ଘଟିଲା। ସୂଚନା ଦିଆଯାଇପାରେ ଯେ, ୨୦୨୪ ଅଗଷ୍ଟରେ ତତ୍‌କାଳୀନ ହାସିନା ସରକାରଙ୍କ ବିରୋଧରେ ହୋଇଥିବା ବିଦ୍ରୋହରେ ହାଦି ନେତୃତ୍ୱ ନେବାରେ ଆଗରେ ଥିଲେ। ହାଦିଙ୍କ ମୃତ୍ୟୁ ବିଷୟ ପ୍ରଘଟ ହେବା ପରେ ବାଂଲାଦେଶବ୍ୟାପୀ ଅଶାନ୍ତି ସୃଷ୍ଟି ହୋଇଛି। ଏପରିକି ଉତ୍ତ୍ୟକ୍ତ ଲୋକମାନେ 'ପ୍ରୋଥୋମ ଆଲୋ' ଓ 'ଡେଲି ଷ୍ଟାର' ଖବରକାଗଜ କାର୍ଯ୍ୟାଳୟରେ ନିଆଁ ଲଗାଇବା ସହ ଅନେକ ସ୍ଥାନରେ ଭଙ୍ଗାରୁଜା କରିଥିବା ବେଳେ ପ୍ରବଳ ଭାରତ ବିରୋଧୀ ମନୋଭାବ ପ୍ରଦର୍ଶିତ ହୋଇଛି। ଏହି ଦୁଇ ଖବରକାଗଜ ଭାରତ ସପକ୍ଷବାଦୀ ଭାବେ ବାଂଲାଦେଶରେ ପରିଚିତ। ଏଭଳି ସ୍ଥଳେ ଯେଉଁ ଦ୍ୱିତୀୟ ଘଟଣା ସ୍ଥିତିକୁ ସଙ୍ଗିନ କରିଦେଇଛି ତାହା ହେଲା ମୟମନ୍ ସିଂ ଜିଲାରେ ହିନ୍ଦୁ ଯୁବକ ଦୀପୁଚନ୍ଦ୍ର ଦାସଙ୍କୁ କିଛି ଲୋକ ପିଟି ମାରିଦେବା ପରେ ଗଛରେ ଟାଙ୍ଗି ନିଆଁ ଲଗାଇ ଦେଇଛନ୍ତି। ଦୀପୁଚନ୍ଦ୍ର ଇସ୍‌ଲାମ ବିରୋଧୀ ମତ ଦେଇଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି। ଦୀପୁଙ୍କ ହତ୍ୟା ଭାରତରେ ମଧ୍ୟ ପ୍ରଭାବ ପକାଇପାରେ। ହିନ୍ଦୁ ଧ୍ୱନି ଦେଉଥିବା ରାଜନୈତିକ ଗୋଷ୍ଠୀ ଏହି ଘଟଣାର ଲାଭ ଉଠାଇବା ପାଇଁ ଚେଷ୍ଟା କରିବା ସ୍ୱାଭାବିକ। କିନ୍ତୁ ଏହିଭଳି କ୍ଷୁଦ୍ର ରାଜନୈତିକ ମନୋଭାବ ପ୍ରଦର୍ଶନ ଭାରତର ଦୀର୍ଘମିଆଦୀ ବହିର୍ବ୍ୟାପାର ନୀତିକୁ କ୍ଷତି ପହଞ୍ଚାଇବ।

ଗତବର୍ଷ ବାଂଲାଦେଶ ଜଳୁଥିବା ବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ହାସିନା ଭାରତ ଆସି ଏଠାରେ ଆଶ୍ରୟ ନେଇଛନ୍ତି। ଗତ ୧୭ ନଭେମ୍ବରରେ ତାଙ୍କୁ ମାନବତା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ କରି ବାଂଲାଦେଶରେ ଆଭ୍ୟନ୍ତରୀଣ ଯୁଦ୍ଧଜନିତ ଅପରାଧକୁ ତଦନ୍ତ କରିବା ଲାଗି ଗଠିତ ଇଣ୍ଟରନ୍ୟାଶନାଲ କ୍ରାଇମ୍ସ ଟ୍ରିବ୍ୟୁନାଲ (ଆଇସିଟି) ମୃତ୍ୟୁ ଦଣ୍ଡାଦେଶ ଦେଇଥିଲା। ଏହି ରାୟର ମାସକ ମଧ୍ୟରେ ହାଦିଙ୍କୁ ହତ୍ୟା କରାଯିବା ସେଠାକାର ଅନ୍ତରୀଣ ସରକାର ଭାରତକୁ ସନ୍ଦେହାତ୍ମକ ଦୃଷ୍ଟିରେ ଦେଖିଛି। ହତ୍ୟା ପଛରେ ଭାରତର ହାତ ରହିଥିବା ବିଷୟ ମଧ୍ୟ ଆଲୋଚନା ହେଲାଣି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପଡ଼ୋଶୀ ଦେଶରେ ସୃଷ୍ଟ ଆଭ୍ୟନ୍ତରୀଣ ସଙ୍କଟ ଭିତରକୁ ଭାରତ ଯେଉଁଭଳି ପ୍ରବେଶ କରୁଥିବା ଧାରଣା ସୃଷ୍ଟି ହେଉଛି ତାହା ଦ୍ୱାରା ଭାରତର ଭବିଷ୍ୟତରେ ପଡ଼ୋଶୀ ଦେଶଗୁଡ଼ିକ ସହ ଅଧିକ ସମସ୍ୟା ବୃଦ୍ଧି ପାଇପାରେ। ବାଂଲାଦେଶ ଘଟଣାରୁ ସ୍ପଷ୍ଟ ବୁଝାପଡୁଛି ଯେ ଭାରତର ଗୋଇନ୍ଦା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିଫଳ ହେବାରେ ଲାଗିଛି। ଭାରତ ପ୍ରତି ଆଭିମୁଖ୍ୟ ଅନ୍ୟ ଦେଶର ଜନସାଧାରଣଙ୍କର ସକାରାତ୍ମକ ହେବା ପରିବର୍ତ୍ତେ ନକାରାତ୍ମକ ହେଉଛି। କେବଳ ବ୍ୟବସାୟିକ ସ୍ୱାର୍ଥକୁ ଦେଖି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହିତ ଯେଉଁଭଳି ସମ୍ବନ୍ଧ ସୃଷ୍ଟି କରାଯାଉଛି, ସେଥିରେ ସେହି ଦେଶର ଶାସକ ଗୋଷ୍ଠୀଙ୍କୁ ଭାରତ ସାଙ୍ଗରେ ନେଇପାରୁଛି। ଯେତେବେଳେ ସେହି ଶାସକଙ୍କ ପତନ ଘଟୁଛି, ସେତେବେଳେ ଭାରତଠାରୁ ସେଠାକାର ଜନସାଧାରଣ ଦୂରେଇ ଯାଉଛନ୍ତି ଏବଂ ଶତ୍ରୁତା ସୃଷ୍ଟି ହେଉଛି। ବାଂଲାଦେଶର ଘଟଣା ଏହିଭଳି ଦୁର୍ବଳ ସରକାରୀ ନୀତି ପରିଚାଳନାର ଏକ ଦୃଷ୍ଟାନ୍ତ। ବାଂଲାଦେଶ ମୁକ୍ତି ସଂଗ୍ରାମରେ ଭାରତର ଭୂମିକା ବିଷୟ ସମସ୍ତେ ଜାଣନ୍ତି। ତାହା ଏକ ରାଷ୍ଟ୍ର ମାନ୍ୟତା ପାଇବା ପରେ ଭାରତ କେବଳ ତା'ର ବହିର୍ବ୍ୟାପାର ନୀତି ଅନୁଯାୟୀ ସମ୍ପର୍କ ସ୍ଥାପନ କରିବା କଥା। କିନ୍ତୁ ହାସିନାଙ୍କୁ ପୂର୍ବରୁ ସମର୍ଥନ ଓ ଏବେ ଆଶ୍ରୟ ଦେବାରୁ ତାହା ବାଂଲାଦେଶର ଅନ୍ତରୀଣ ସରକାରକୁ କ୍ଷୁବ୍ଧ କରିବା ସ୍ୱାଭାବିକ। ବିଶ୍ୱ ରାଜନୈତିକ ଦୃଶ୍ୟପଟକୁ ଦେଖିଲେ ପାକିସ୍ତାନ ହେଉ କିମ୍ବା ଅନ୍ୟ ଆରବ ଦେଶରେ ମୁଖିଆମାନଙ୍କ ଉପରେ ଚଡ଼କ ପଡ଼ିଲେ ସେମାନେ ବ୍ରିଟେନ କିମ୍ବା ଅନ୍ୟ ଦୂର ରାଷ୍ଟ୍ରଗୁଡ଼ିକୁ ଆଶ୍ରୟ ନେବାକୁ ଚାଲି ଯାଇଥାଆନ୍ତି। ହାସିନାଙ୍କ କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକ ତାଙ୍କୁ ଆଶ୍ରୟ ଦେବାକୁ ମନା କରିଦେବାରୁ ବାଧ୍ୟ ହୋଇ ସେ ଭାରତକୁ ଆସିଥିଲେ। ବାଂଲାଦେଶର ଅତି ନିକଟ ପଡ଼ୋଶୀ ହୋଇଥିବାରୁ ସାମାନ୍ୟ ବିଭ୍ରାଟ ଘଟିଲେ ଭାରତର ଭୂମିକା ସନ୍ଦେହ ଘେରକୁ ଆସିଯାଉଛି। ଦୀପୁଚନ୍ଦ୍ରଙ୍କୁ ଯେଉଁଭଳି ବୀଭତ୍ସ ଭାବେ ହତ୍ୟା କରାଯାଇ ଗଛରେ ଟାଙ୍ଗି ଜାଳିଦିଆଗଲା ସେଥିରୁ ଭାରତୀୟ ନେତୃତ୍ୱ ବୁଝିଯିବା ଦରକାର ଯେ ହାସିନାଙ୍କୁ ଦୀର୍ଘ ଦିନ ଅଣ୍ଟାରେ ପୂରାଇ ରଖିଲେ ଦୁଇ ଦେଶର ସମ୍ପର୍କ ଆହୁରି ବିଗିଡ଼ିଯିବ। ଏହା ଜଣାଶୁଣା ଯେ ହାସିନା କ୍ଷମତାକୁ ଆସିବା ପରେ ବାଂଲାଦେଶରେ ଥିବା ହିନ୍ଦୁମାନେ କ୍ଷମତାଶାଳୀ ହେବା ସହ ଅନେକାଂଶରେ ସେମାନଙ୍କ ଦୌରାତ୍ମ୍ୟ ବଢ଼ିଯାଇଥିଲା। ତତ୍‌ସହିତ ହାସିନାଙ୍କ ସରକାର ଆଦାନୀ କମ୍ପାନୀଠାରୁ ବର୍ଦ୍ଧିତ ମୂଲ୍ୟର ବିଦ୍ୟୁତ୍‌ଶକ୍ତି କିଣିବା ଫଳରେ ସେଠାକାର ଜନସାଧାରଣ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ।

ଗତବର୍ଷ ବାଂଲାଦେଶରେ ଅପ୍ରୀତିକର ସ୍ଥିତି ଉପୁଜିବା ପରେ ସେଠାକାର ଅନ୍ତରୀଣ ସରକାର ଭାରତଠାରୁ ସମ୍ପର୍କ ହ୍ରାସ କରି ପାକିସ୍ତାନ ଓ ଚାଇନା ସହ ସମ୍ବନ୍ଧ ଯଥେଷ୍ଟ ବଢ଼ାଇଛି। ଏଠି ମନେପଡ଼େ କିଛି ବର୍ଷ ତଳେ ମ୍ୟାନ୍‌ମାର (ବର୍ମା) ବ୍ୟାପାରରେ ଭାରତ କିଭଳି ସେହି ସମାନ ଧରଣର ଭୁଲ୍ କରିଥିଲା। ସେଠାକାର ଲୋକଙ୍କ ସ୍ୱାର୍ଥକୁ ନ ଦେଖି ସାମରିକ ସରକାର ସହ ସମ୍ବନ୍ଧ ବଢ଼ାଇଛି। ଫଳରେ ମ୍ୟାନ୍‌ମାରବାସୀ ଭାରତୀୟଙ୍କୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ଭବିଷ୍ୟତରେ ବର୍ମାର ସାମରିକ ଜୁଣ୍ଟା ସୁନିଶ୍ଚିତ କ୍ଷମତାରୁ ବିଦା ହେବେ, ଏଥିରେ କାହାରି ମନରେ ସନ୍ଦେହ ରହିବାର ପ୍ରୟୋଜନ ନାହିଁ। ସେଠାକାର ଜନସାଧାରଣ ଚିରସ୍ଥାୟୀ। ଭାରତର ବୈଦେଶିକ ନୀତିରେ ମ୍ୟାନ୍‌ମାରର ଜନସାଧାରଣଙ୍କୁ ଅଣଦେଖା କରି ଜୁଣ୍ଟାକୁ ଯେଉଁଭଳି ପ୍ରାଧାନ୍ୟ ଦିଆଯାଉଛି, ତାହାର ପରିଣାମ ସମୟ ଆସିଲେ ଭାରତକୁ ଭୋଗିବାକୁ ପଡ଼ିବ। ଅର୍ଥାତ୍ ଅଳ୍ପକିଛି ଦୂରଦୃଷ୍ଟିବିହୀନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିର୍ଦ୍ଧାରିତ ହେଉଥିବା ଭାରତୀୟ ବୈଦେଶିକ ନୀତିରେ ଆମୂଳଚୂଳ ତ୍ରୁଟି ଥିବାରୁ ଦେଶର ଭବିଷ୍ୟତ ଜଟିଳ ଆଡ଼କୁ ଠେଲି ହୋଇଯାଉଛି।

# ଗଣତନ୍ତ୍ର କାହିଁକି ଦୋଷୀ ହେବ



ଡ. ଚନ୍ଦ୍ରକଳା ନାୟକ

ଶାସନ ପଦ୍ଧତି ମଧ୍ୟରୁ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ। ଗଣତନ୍ତ୍ର ଶାସନର ଅର୍ଥ ଗଣଙ୍କର ଶାସନ, ନିଜକୁ ଶାସନ କରିବା। ହେଲେ ଏଥିରେ ଜନତାର ଶାସନ ପ୍ରତ୍ୟକ୍ଷ ନ ହୋଇ ପରୋକ୍ଷ ହୋଇଥାଏ। ସିଧାସଳଖ ଭାବରେ ଶାସନକର୍ତ୍ତା ହୁଅନ୍ତି ଜନତାର ପ୍ରତିନିଧି। ଯାହାଙ୍କୁ ଲୋକମାନେ ନିଜେ ବାଛନ୍ତି, ଯାହାଙ୍କ ହାତରେ ଶାସନ କ୍ଷମତା ଓ ଶାସନ ଭାର ଦେଇଥାନ୍ତି। ଏଥିରେ ଶାସନ ଓ ଶାସିତ ଏକ ଓ ଅଭିନ୍ନ। ସେଥିପାଇଁ ଏଥିରେ ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ କରିବା ସଙ୍ଗେ ସଙ୍ଗେ ସମଷ୍ଟିଗତ ପ୍ରଗତି ହିଁ ଶାସନର ମୂଳଲକ୍ଷ୍ୟ।

ଦୁଇଶହ ବର୍ଷ ତଳେ ହୋଇଥିବା ଫରାସୀ ବିପ୍ଳବ ଇତିହାସକୁ ଏକ ବିଶେଷ ବେଗ ଓ ଉଦ୍‌ବେଳନ ଆଣି ଦେଇଥିଲା। ଏହି ଫରାସୀ ବିପ୍ଳବ ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା। ସେଇ ବିପ୍ଳବୀମାନଙ୍କ ସ୍ଲୋଗାନ ଅନୁସାରେ, ସର୍ବପ୍ରଥମେ ହେଉଛି ସ୍ୱାଧୀନତା। ଦ୍ୱିତୀୟରେ ସମାନତା ଓ ତୃତୀୟରେ ଭ୍ରାତୃତ୍ୱ ପ୍ରତିଷ୍ଠା ପାଇଁ ସେମାନଙ୍କ ଆନ୍ଦୋଳନର ମୂଳ ଲକ୍ଷ୍ୟ ଥିଲା। ସାରା ପୃଥିବୀରେ ମଣିଷଙ୍କ ପାଇଁ ରାଜତନ୍ତ୍ର ବିରୋଧରେ ନୂଆ ପଥ ଯୋଗାଇ ଦେଇଥିଲା ଏଇ ତିନୋଟି ଶବ୍ଦ। ଫରାସୀ ବିପ୍ଳବ କାଳୀନ ଅର୍ଥ ସନ୍ଦର୍ଭରେ ଶାସନତନ୍ତ୍ରରେ ପରିବର୍ତ୍ତନ ହେଲା। ରାଜତନ୍ତ୍ର ଶାସନରୁ ମୁକ୍ତ ହୋଇ ଗଣତନ୍ତ୍ର ପ୍ରତିଷ୍ଠା ହେଲା।

ଲୋକ ପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ। ଯେଉଁ ଦେଶର ଲୋକ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ, ସେ ଦେଶଗୁଡ଼ିକରେ ଭୋଟଦାତାମାନେ ଲୋକ ପ୍ରତିନିଧି ହେବା ପାଇଁ ଉପଯୁକ୍ତ। ପ୍ରତ୍ୟେକ ବ୍ୟକ୍ତିର ଦୋଷଗୁଣ, କ୍ରିୟାକଳାପ, ଚିନ୍ତାଧାରା, ମାନସିକ ଦୃଷ୍ଟିକୋଣ, ସାଧୁତା ଓ ସଚ୍ଚୋଟପଣିଆ ତଥା ଦକ୍ଷତା ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ପ୍ରତିନିଧି ବାଛିବା ଜନସାଧାରଣଙ୍କ କର୍ତ୍ତବ୍ୟ। ଆମ ଦେଶର ଜନସାଧାରଣଙ୍କ ଅଭିଜ୍ଞତାରୁ ମନେହୁଏ, ଏହା ଆଲୋଚନା କରିବା କେବଳ ତାତ୍ତ୍ୱିକ ଓ ପୋଥିଗତ। ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ବହୁ ପଛରେ। ପୁଞ୍ଜିପତିର ବିଶାଳ ପ୍ରାସାଦ ଓ ଭିକାରିର ପତ୍ରକୁଡିଆ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନା ବିଳାସ। କୁସଂସ୍କାର ପୂର୍ଣ୍ଣ ସମାଜରେ ବ୍ୟକ୍ତିଗତ ଅଧିକାର ଆକାଶ କଇଆ ଚିଲିକା ମାଛ ପରି ସ୍ୱପ୍ନିଳ। ବେଳେବେଳେ ପ୍ରଶ୍ନ ଆସେ ଗଣତନ୍ତ୍ରକୁ ଯାହା ବୋଲି ଘୋଷଣା କରାଯାଏ, ସତରେ କ'ଣ ତାହା କି?



ଯେଉଁ ଦେଶର ନାଗରିକ ନିଜ ଅଧିକାର ତଥା କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶଗୁଡ଼ିକରେ ଗୁଣ ଅପେକ୍ଷା ପ୍ରୋପାଗଣ୍ଡା କିମ୍ବା ଅପପ୍ରଚାର ବିଶେଷ କାମ କରେ। ବହୁବିଧ ଅସମାନତା ତଥା ଉପେକ୍ଷାକୁ ସାମୂହିକ ଜୀବନ କାରବାରରେ ମୁଖ୍ୟ ମୀମାଂସକ ରୂପେ ଯୋଡି ରଖିଥିବା ସ୍ୱାର୍ଥ ପକ୍ଷଟି ସର୍ବଦା କ୍ଷମତାଗୁଡ଼ିକୁ ଦଖଲ କରି ଆପଣାର ବିଶେଷ ସ୍ୱାର୍ଥ ସାଧନରେ ବ୍ୟବହାର କରିଛନ୍ତି। ପୃଥିବୀରେ ଶାସନ ସ୍ତରୀୟ ଗଢଣଗୁଡିକ ରାଜତନ୍ତ୍ରରୁ ଏକ ଗଣତନ୍ତ୍ରୀୟ ଚେହେରାକୁ ବଦଳି ଯାଇଥିଲେ ମଧ୍ୟ ପୁରୁଣା ସ୍ୱାର୍ଥୀମାନେ ପୂର୍ବପରି ସକ୍ରିୟ ହୋଇ ରହୁଛନ୍ତି। ଦେଶର ଅଶିକ୍ଷା, ଦାରିଦ୍ର୍ୟ, ରୋଗ, ନିତିଦିନର ସ୍ୱାଭାବିକ ଶୈଳୀ ପ୍ରାୟ ହୋଇ ଅନେକ କୋଟି ମନୁଷ୍ୟଙ୍କ ଭାଗ୍ୟକୁ ଏହି ବ୍ୟବସ୍ଥା କାମୁଡ଼ି ଧରିଛି। ଭାରତୀୟ ଗଣତନ୍ତ୍ରରେ ଅନଟନ ଅବିଚ୍ଛିନ୍ନ ଜାରି ରହିଛି।

ଭାରତର ଗଣତନ୍ତ୍ରର ପ୍ରଥମ କାଳରେ ବିପ୍ଳବୀଙ୍କର ଯେଉଁ ଆଭିମୁଖ୍ୟ ଥିଲା, ପରବର୍ତ୍ତୀ ସମୟରେ ପରିବର୍ତ୍ତିତ ହୋଇଗଲା। ଭାରତୀୟ ଗଣତନ୍ତ୍ରରେ ଯେଉଁ ଜାତୀୟବାଦକୁ ଆଶ୍ରୟ କରାଗଲା, ତାହା ସମଗ୍ର ଭାରତ ଭୂଖଣ୍ଡରୁ ଶୋଷଣ ତଥା ଯାବତୀୟ ଆନୁଷଙ୍ଗିକ ଯାବତୀୟ ଅସମାନତାକୁ ଦୂର କରିବାର ନିଜର ସେଇ ପ୍ରଥମ ଲକ୍ଷ୍ୟଟି ଧୀରେ ଧୀରେ ଗୌଣ ହୋଇଗଲା। ଗଣତନ୍ତ୍ର ଶାସନର ସଫଳ ପ୍ରତିଫଳନ ମରୀଚିକା ପରି ହାତଛଡ଼ା ହେଲା।

ଆମ ଦେଶରେ କେତେ ବିରାଡି ବୈଷ୍ଣବ ଶାସନ କ୍ଷମତା ପାଇବା ଲୋଭରେ ଜନପ୍ରତିନିଧି ହେବାକୁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଦେଲେ। ବାଜା ବଜାଇ, ନାଚ ଗୀତ କରି, ସଭା ସମିତିରେ ଛାତି ପିଟି ବାହୁସ୍ଫୋଟ ମାରି, ଧୂଆଁବାଣର ମିଛ ପ୍ରତିଶ୍ରୁତି ଦେଇ, ଭଡାଟିଆ ଲୋକଙ୍କ ସାହାଯ୍ୟରେ ଭ୍ରମ ବାଢେଇ, ଧନ କାର୍ପଣ୍ୟ ଓ ସେବାର ଆଶ୍ରୟ ନେଇ ପ୍ରତିନିଧିମାନେ ମିଥ୍ୟା ପ୍ରଚାର କରଅପପ୍ରଚାର ବଳରେ କଳାକୁ ଧଳା ଓ ଧଳାକୁ କଳା କରିବାକୁ ଚେଷ୍ଟା ଜାରି ରଖିଲେ।

ସାଧାରଣ ଜନତା ଯେତେବେଳେ ଭଲ ମନ୍ଦ ଚିହ୍ନିବାର ଯୋଗ୍ୟତା ହରାଇ ବସନ୍ତି, ସେଠାରେ ପ୍ରୋପାଗଣ୍ଡାର ଜୟ ହୁଏ। ପ୍ରଶ୍ନ ଉଠେ ପ୍ରୋପାଗଣ୍ଡା କ'ଣ? ମିଥ୍ୟାକୁ ସତ୍ୟରେ ପରିଣତ କରିବା ହିଁ ପ୍ରୋପାଗଣ୍ଡା। ତିନି ତୁଣ୍ଡରେ ଛେଳି କୁକୁର ହେବା ପରି ଗଣତନ୍ତ୍ର ଶାସନରେ ଲୋକ ପ୍ରତିନିଧି ଶାସନ କ୍ଷମତା ନିଜ ହାତକୁ ଆଣୁଛନ୍ତି। କେବଳ ତିନି ତୁଣ୍ଡ ନୁହେଁ ତା ସାଙ୍ଗକୁ ପ୍ରଚାର ପତ୍ର, କାନ୍ଥବାଡ ଲେଖା, ଆଧୁନିକ ସଙ୍ଗୀତ, ସିନେମା, ରେଡିଓ, ସଭାସମିତି, ଶୋଭାଯାତ୍ରା ଓ ଡିଜିଟାଲ ମାଧ୍ୟମରେ ଅନେକ ନୂତନ ଆଧୁନିକ ଢଙ୍ଗରେ ଏହି ପ୍ରଚାର ଅସ୍ତ୍ର ସାଧାରଣ ଆଖିକୁ ଚମକାଇ ଦେଉଛି। ସେହିଭଳି ପ୍ରାର୍ଥୀଙ୍କ ପାଖରେ ଧନର ଅଭାବ ନ ଥିବାରୁ ଏଭଳି ପ୍ରୋପାଗଣ୍ଡା କରି ପାରୁଛନ୍ତି। ଯେଉଁଠାରେ ଶିକ୍ଷିତ ଭୋଟର ଉଦାସୀନ ସେହିଠାରେ ଅନେକ କ୍ଷେତ୍ରରେ କେବଳ ଅପପ୍ରଚାର ଦ୍ୱାରା ଜନପ୍ରତିନିଧିଙ୍କ ଜୟ ହୋଇଥାଏ। ଏହିପରି ଅସତ ଉପାୟରେ, ଅପପ୍ରଚାର ଶକ୍ତି ବଳରେ ଜିଣିଥିବା କେତେକ ଜନପ୍ରତିନିଧି କ୍ଷମତା ପାଇ ଗରିବ ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିବା ବେଳେ ମାଙ୍କଡ ଓ ଦୁଇ ବିରାଡିଙ୍କ ମଧ୍ୟରେ ପିଠା ବାଣ୍ଟିବା ନ୍ୟାୟରେ, ଏପଟୁ ପୁଳେ ସେପଟୁ ପୁଳେ କାଢି ଆଣି ନିଜ ପକେଟରେ ଭର୍ତ୍ତି କରି ନେଉଛନ୍ତି। ତରାଜୁର ଦୁଇପଟ ଖାଲି ହେବା ପରେ ବିଚରା ଜନତା ମିଟି ମିଟି କରି ଅନାଇ ରହିବା ସାର ହେଉଛି। ଆଜିକାଲିର ଜନପ୍ରତିନିଧି ଠିକ ବାଉଁଶ ରାଣୀର ଖେଳ ପରି ଖେଳ କରି ନିଜର ଦିଗ ପରିବର୍ତ୍ତନ କରୁଛନ୍ତି। ଥରେ ଏହି ଖେଳ ଭାଙ୍ଗିଗଲେ, ପୁଣି ନୂଆ ଅଭିନୟ ଆରମ୍ଭ ହେଉଛି, ଠିକ୍ ପୂର୍ବପରି ଢଙ୍ଗରେ। ଫରକ ଏତିକି, ସେଇ ଜନତା, ସେଇ ନେତା, ସେଇ ଖେଳ, ସେଇ ଭ୍ରଷ୍ଟାଚାର, ବ୍ୟବଧାନ କେବଳ ସମୟ।

ଯେଉଁ ଲୋକ ପ୍ରତିନିଧି କିଛି ଅର୍ଥ, କିଛି ଉପହାର, କିଛି ଭୋଜିଭାତ ଦ୍ୱାରା ଜନତାଙ୍କ ମୁଣ୍ଡ କିଣି ଥାଏ ସେହି ପ୍ରତିନିଧି ନିଜର ସଚ୍ଚୋଟ ପଣିଆକୁ କିପରି ଆପଣେଇ ପାରିବ? ଗଣତନ୍ତ୍ର ବା ଏଥିପାଇଁ ଦୋଷୀ କାହିଁକି ହେବ। ଗଧିଆ ଯଦି ମେଣ୍ଢା ପୋଷାକରେ ମେଣ୍ଢାଙ୍କ ମେଳରେ ପଶି, ଗୋଟି ଗୋଟି ମେଣ୍ଢାଙ୍କୁ ଖାଇବାକୁ ଆରମ୍ଭ କରିଦିଏ, ସେଥିପାଇଁ ଦୋଷୀ କିଏ? ଗଧିଆ ନାଁ ମେଣ୍ଢା।

ଗଣତନ୍ତ୍ର ଶ୍ରେଷ୍ଠ ଶାସନ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। କଥାରେ ଅଛି, ଯିଏ ଯେଉଁ ଶାସନ ପାଇଁ ଉପଯୁକ୍ତ, ସେ ତାହା ପାଏ। ଆଜି ପ୍ରତ୍ୟେକ ଜନସାଧାରଣ ସେମାନଙ୍କ ଅବସ୍ଥା ପାଇଁ ସେମାନେ ନିଜେ ଦାୟୀ। ଆତ୍ମ ସମୀକ୍ଷା ନ କରି ଗଣତନ୍ତ୍ରକୁ ଦୋଷ ଦେବା ଆଦୌ ଗ୍ରହଣୀୟ ନୁହେଁ। ଆଜି ସାଧାରଣ ଜନତା ନିଜେ ନିଜ ବିବେକକୁ ନେତାଙ୍କ ନିକଟରେ ବନ୍ଧା ପକାଇବା ଗଣତନ୍ତ୍ର ପାଇଁ ବଡ ସଙ୍କଟ ହୋଇଛି।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ,**
**ମୋ:୯୪୩୭୯୫୭୬୧୭**

# ମୋବାଇଲ ସ୍କ୍ରିନ୍ ଆସକ୍ତି



ସୌମ୍ୟ ରଞ୍ଜନ ଦାଶ

ସକାଳେ ନିଦରୁ ଉଠିବାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ, ଆଖି ସବୁଠାରୁ ଅଧିକ ଯେଉଁ ବସ୍ତୁଟିକୁ ଦେଖୁଛି, ତାହା ହେଉଛି ଆମ ମୋବାଇଲ୍ ସ୍କ୍ରିନ୍। ଏହି ଆସକ୍ତିର ଭୟାବହତା ଏତିକି ଯେ, ଆମେ ଶାରୀରିକ ଭାବରେ ଘରର ଚାରିକାନ୍ଥ ଭିତରେ ଥାଇ ମଧ୍ୟ ପରିବାର ସହ ସମ୍ପର୍କ କ୍ଷେତ୍ରରେ ଧୀରେ ଧୀରେ ଦୂରେଇଯାଉଛୁ। ପୂର୍ବରୁ ଘରେ ଲାଗି ରହିଥିବା ଆଲୋଚନା, ହସ ଓ ଆନନ୍ଦର ପରିବେଶ ଏବେ ନୀରବତା ଦ୍ୱାରା ଆଚ୍ଛାଦିତ। ଏହା କେବଳ ଆଧୁନିକ ଜୀବନର ଏକ ସାମାନ୍ୟ ଦୁର୍ବଳତା ନୁହେଁ, ଏହା ସମାଜରେ ବୃଦ୍ଧି ପାଉଥିବା ଏକ ଗଭୀର ମାନସିକ ତଥା ସାମାଜିକ ସମସ୍ୟା।

ସ୍କ୍ରିନ୍ ଆସକ୍ତିର ପ୍ରଥମ ଶିକାର ଆମ ଘରର ପିଲାମାନେ। କାର୍ଯ୍ୟବ୍ୟସ୍ତତା କିମ୍ବା ପିଲାଙ୍କୁ ଶାନ୍ତ ରଖିବା ନାମରେ ମୋବାଇଲ ଧରାଇଦେବା ଆଜି ସାଧାରଣ ଅଭ୍ୟାସ ହୋଇଛି। ଖାଇବା, ପଢ଼ିବା ଓ ଶୋଇବା ସବୁଠାରେ ସ୍କ୍ରିନ୍। କିନ୍ତୁ ଏହା ସ୍ନେହର ବିକଳ୍ପ ନୁହେଁ, ଏକ ଧୀର ମାନସିକ ବିଷ। ସ୍କ୍ରିନ୍ ପିଲାଙ୍କର ଧ୍ୟାନଶକ୍ତି କମାଉଛି, କ୍ରୋଧ ବଢ଼ାଉଛି, ପଢ଼ାର ଆଗ୍ରହ ହ୍ରାସ କରୁଛି ଏବଂ ସମୂହ ଖେଳାଧୂଳାକୁ ଅଲୋଡ଼ା କରୁଛି। ଘରେ ଥିଲେ ମଧ୍ୟ ପିଲାମାନେ ଆମ ସହିତ ନୁହେଁ, ସେମାନେ ସ୍କ୍ରିନ୍ ଭିତର ଭର୍ଚୁଆଲ ଜଗତରେ ବନ୍ଦୀ।

ଦ୍ୱିତୀୟ ସ୍ଥାନରେ ସବୁଠାରୁ ବେଶି ପ୍ରଭାବିତ ହେଉଛି ପତ୍ନୀ-ପତିଙ୍କ ସମ୍ପର୍କ। ପୂର୍ବରୁ ଯେଉଁ ଦମ୍ପତିମାନେ ଦିନଶେଷରେ ଏକାଠି ବସି କଥା ହେଉଥିଲେ, ଆଜି ସେମାନେ ପାଖାପାଖି ବସିଥିଲେ ମଧ୍ୟ ପ୍ରକୃତ ସାଥୀ ହେଉଛି ମୋବାଇଲ। ସ୍ୱାମୀ ନ୍ୟୁଜ୍ କିମ୍ବା କ୍ରିକେଟ୍‌ରେ ବ୍ୟସ୍ତ, ପତ୍ନୀ ସିରିଏଲ କିମ୍ବା ଭିଡିଓରେ ମଜ୍ଜିଆ'ନ୍ତି। ଫଳରେ ଦାମ୍ପତ୍ୟ ନିକଟତା ଶାରୀରିକରେ ସୀମିତ ହୋଇ ମାନସିକ ଓ ଆବେଗିକ ସମ୍ପର୍କରେ ସରୁଛି। ଆଜି ମୋବାଇଲ ପତ୍ନୀ-ପତିଙ୍କ ମଧ୍ୟରେ ଏକ ନୀରବ ଦିୱାର ଭାବେ ଠିଆ ହୋଇଛି।

ତୃତୀୟ ଏବଂ ସବୁଠାରୁ ଅବହେଳିତ ହେଉଛନ୍ତି ଆମ ଘରର ବୟସ୍କ ସଦସ୍ୟ ବୃଦ୍ଧ ମାତାପିତା। ପରିବାରରେ ସମସ୍ତେ ଥିଲେ ମଧ୍ୟ ସେମାନଙ୍କ ପାଇଁ ଦଶ ମିନିଟ୍ ସମୟ ନାହିଁ। ନିଜ ଦୁଃଖସୁଖ କିମ୍ବା ଅନୁଭୂତି କହିବାକୁ ସେମାନେ ସୁଯୋଗ ଖୋଜୁଥିବା ବେଳେ ଯୁବ ସଦସ୍ୟମାନେ ସ୍କ୍ରିନ୍‌ରେ ମଜ୍ଜି ରହୁଛନ୍ତି। ଫଳରେ ମୋବାଇଲ ଏକ ଆବେଗିକ ଦୂରତା ସୃଷ୍ଟି କରିଛି, ଯେଉଁଠି ବୃଦ୍ଧମାନେ ନିଜ ଘରେ ଥାଇ ମଧ୍ୟ ଅନ୍ୟ ଘରର ଅଲଗା ଲୋକ ଭାବେ ଅନୁଭବ କରୁଛନ୍ତି। ଏହି ଅବହେଳା ପାରିବାରିକ ଏକତାକୁ ଭାଙ୍ଗି ଦେଇ ବୃଦ୍ଧମାନଙ୍କ ମଧ୍ୟରେ ଏକାକୀପଣ ଓ ଅସୁରକ୍ଷା ଭାବନା ବଢ଼ାଇ ଦେଉଛି।

ସ୍କ୍ରିନ୍ ଆସକ୍ତି କେବଳ ପାରିବାରିକ ସମ୍ପର୍କକୁ ନୁହେଁ, ବ୍ୟକ୍ତିର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଭୟଙ୍କର ଭାବରେ ପ୍ରଭାବ ପକାଉଛି। ଦୀର୍ଘ ସମୟ ଧରି ସ୍କ୍ରିନ ଦେଖିବା ଦ୍ୱାରା ଆଖିର ଶକ୍ତି କମିଯାଉଛି, ବେକ ଓ ପିଠିରେ ଯନ୍ତ୍ରଣା ବୃଦ୍ଧି ପାଉଛି



ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ନିଦ କମିଯାଉଛି। ଏହି ଅଭ୍ୟାସ କାରଣରୁ ଯୁବପିଢ଼ି ଓ ପିଲାମାନଙ୍କ ମଧ୍ୟରେ (ଚିନ୍ତା), ' ଅବସାଦ, ମନର ବାରମ୍ବାର ପରିବର୍ତ୍ତନ ଏବଂ ବିରକ୍ତିଭାବ ଭଳି ମାନସିକ ସମସ୍ୟା ବଢ଼ିବାରେ ଲାଗିଛି। ପିଲାମାନେ ସେମାନଙ୍କ ସମସ୍ୟାକୁ ବୁଝିପାରୁନାହାନ୍ତି, ବୟସ୍କମାନେ ଏହି ଅଭ୍ୟାସକୁ ଛାଡ଼ିପାରୁନାହାନ୍ତି ଏବଂ ବୃଦ୍ଧମାନେ ଅବହେଳାର ଯନ୍ତ୍ରଣାକୁ ନୀରବରେ ସହିଯାଉଛନ୍ତି। ଏହିଭଳି ସ୍ୱାସ୍ଥ୍ୟଗତ ସମସ୍ୟା ଶେଷରେ ଏକ ଦୁର୍ବଳ ଓ ରୋଗଗ୍ରସ୍ତ ସମାଜର ମୂଳଦୁଆ ପକାଉଛି।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପରିଣାମ ହେଉଛି ଘରର ପାରମ୍ପରିକ ରୀତିନୀତି, ଆଧ୍ୟାତ୍ମିକତା, ଏକାଠି ଖାଇବାର ଆନନ୍ଦ, ସାମାଜିକ ସମାବେଶ ଆଦି ଧୀରେ ଧୀରେ ଅଲୋଡ଼ା ହେବାରେ ଲାଗିଛି। ଘରେ ଅନେକ ଲାଇଟ୍ ବା ଦୀପ ଜଳୁଛି, କିନ୍ତୁ 'ଘର'ର ପ୍ରକୃତ ଆଲୋକ ପରସ୍ପର କଥାବାର୍ତ୍ତା ସେଇଟା ଧୀରେ ଧୀରେ ନିର୍ବାପିତ ହେବାକୁ ବସିଛି। ଆମେ ଜୀବନର ଛୋଟ ଛୋଟ ମୁହୂର୍ତ୍ତଗୁଡ଼ିକୁ ମୋବାଇଲ କ୍ୟାମେରାରେ କଏଦ କରିବାରେ ବ୍ୟସ୍ତ, କିନ୍ତୁ ସେହି ମୁହୂର୍ତ୍ତଗୁଡ଼ିକୁ ପ୍ରକୃତରେ ଅନୁଭବ କରିବାକୁ ଭୁଲିଯାଉଛୁ। ମୋବାଇଲ ଆମକୁ ଅନ୍‌ଲାଇନ ରଖୁଛି, କିନ୍ତୁ 'ଇନଲାଇନ' (ସମ୍ପର୍କରେ) ରଖିପାରୁ ନାହିଁ।

ଏହି ସମସ୍ତ ବିଷୟକୁ ବିଚାରକୁ ନେଲେ, ଏଠାରେ ଏକ ମୂଳ ପ୍ରଶ୍ନ ଜନ୍ମ ନେଉଛି ଆମେ ପ୍ରକୃତରେ କାହା ପାଇଁ ଏଭଳି ବଞ୍ଚୁଛୁ? ଆମ ଘର ପାଇଁ, ନା ମୋବାଇଲ ସ୍କ୍ରିନ ପାଇଁ? ସମାଜରେ ଅନେକ ପ୍ରକାରର ଦୃଶ୍ୟମାନ ସମସ୍ୟା ରହିଛି, କିନ୍ତୁ ମୋବାଇଲ ସ୍କ୍ରିନ ଆସକ୍ତି ଏମିତି ଏକ ସମସ୍ୟା ଯାହା ନା ଦେଖାଯାଏ, ନା ଶୁଣାଯାଏ, କିନ୍ତୁ ଅତି ଚତୁରତାର ସହିତ ଏହା ଆମ ପାରିବାରିକ ସମ୍ପର୍କର ମୂଳଦୁଆକୁ ଖାଇଦେବାରେ ଲାଗିଛି। ଏହାର ଫଳାଫଳ ଭବିଷ୍ୟତରେ ଆମ ସାମାଜିକ ବ୍ୟବସ୍ଥାକୁ ବିପଦରେ ପକାଇପାରେ।

ମୁଖ୍ୟ ସମାଧାନ କ'ଣ? ଏଥିପାଇଁ କୌଣସି ବାହ୍ୟ ଅଭିନୟର ଆବଶ୍ୟକତା ନାହିଁ, ବରଂ ନିଜର ଦୈନନ୍ଦିନ ଅଭ୍ୟାସରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ପରିବାରରେ କିଛି ନିର୍ଦ୍ଦିଷ୍ଟ ପାରିବାରିକ ନୀତି ତିଆରି କରାଯିବା ଉଚିତ୍, ଖାଇବା ବେଳେ ସମସ୍ତଙ୍କର ମୋବାଇଲ ବନ୍ଦ ରଖିବା ଏବଂ ଏହି ସମୟକୁ ଆଲୋଚନା ଓ ହସଖୁସି ପାଇଁ ଉତ୍ସର୍ଗ କରିବା। ପିଲାମାନଙ୍କ ପାଇଁ ସ୍କ୍ରିନ୍ ସମୟ ସୀମିତ କରିବା ଏବଂ ସେମାନଙ୍କୁ ବାହାରର ଖେଳାଧୂଳା ଓ ପଢ଼ାପଢ଼ି ପାଇଁ ଉତ୍ସାହିତ କରିବା। ପତ୍ନୀ-ପତି ମଧ୍ୟରେ ଶୋଇବା ପୂର୍ବରୁ ଅତିକମ୍‌ରେ ୨୦ ମିନିଟ କେବଳ ପରସ୍ପର ବିଷୟରେ କଥାବାର୍ତ୍ତା ପାଇଁ ସମୟ ଦେବା। ବୃଦ୍ଧ ମାତାପିତାଙ୍କ ସହ ଦୈନିକ ଅତିକମ୍‌ରେ ୧୫ରୁ ୩୦ ମିନିଟ ସମୟ ବିତାଇବା।

ସ୍ମାର୍ଟଫୋନ୍ ଆମ ଜୀବନକୁ ସୁବିଧା ଓ ସହଜ କରିବା ପାଇଁ ଆସିଛି, ନୁହେଁ ଆମ ପରିବାର ଓ ସମ୍ପର୍କକୁ ଛିନ୍ନ କରିବା ପାଇଁ। ଆମକୁ ଏହି ଯନ୍ତ୍ରର ମାଲିକ ହେବାକୁ ପଡ଼ିବ, ଏହାର ଦାସ ନୁହେଁ। ଆଜିଠାରୁ ଗୋଟିଏ ସ୍କ୍ରିନ ଅଫ୍ କରିବା ଏବଂ ବଦଳରେ ପରିବାରରେ ଆନନ୍ଦର ଆଲୋକ ଆଣିବା।

**ଅଧ୍ୟାପକ, ବିରଜା ଆଇନ ମହାବିଦ୍ୟାଳୟ, ଯାଜପୁର**
**ମୋ: ୮୮୯୫୯୫୨୩୧୫**

## ଏଇ ଭାରତରେ

ମହାରାଷ୍ଟ୍ରର ୨୦୪ଟି ମରୁଡ଼ିପ୍ରବଣ ଗାଁରେ ଜଳ ସଙ୍କଟ ଦୂର କରିବାକୁ ପ୍ରୟାସ ଜାରି ରଖିଛନ୍ତି ପୂର୍ବତନ ଭାରତୀୟ ରାଜସ୍ୱ ଅଧିକାରୀ (ଆଇଆର୍‌ଏସ୍) ଉଜ୍ଜ୍ୱଳ କୁମାର ଚଭନ। ବିଶେଷକରି ମରାଠାୱାଡା ଓ ଖଣ୍ଡେଶ ଅଞ୍ଚଳରେ ସେ ଜଳାଶୟ ଏବଂ ଚେକ୍ ଡ୍ୟାମ୍ ନିର୍ମାଣ କରି ଜଳ ସଂରକ୍ଷଣ କରୁଛନ୍ତି। ଲୋକମାନଙ୍କ ସମ୍ମିଳିତ ପ୍ରୟାସରେ ଏହା କରାଯାଉଛି। ୨୦୧୬ରେ ଉଜ୍ଜ୍ୱଳ ତାଙ୍କ ଗାଁକୁ ଆସିଥିବା ସମୟରେ ଉତ୍କଟ ଜଳାଭାବ ସ୍ଥିତିକୁ ଲକ୍ଷ୍ୟକରି ଜଳ ସଂରକ୍ଷଣ ମାଧ୍ୟମରେ ଏହାର ସମାଧାନ କରିବାକୁ ଯୋଜନା କରିଥିଲେ। ସେ ପ୍ରଥମେ ତାଙ୍କ ଗାଁରେ ପୋଖରୀ ଖୋଳି ବର୍ଷାଜଳ ସଂରକ୍ଷଣରେ ସଫଳ ହୋଇଥିଲେ। ପରେ ଅନ୍ୟ ୬ଟି ଗାଁରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କୃଷକଙ୍କ ସହ ଯୋଗାଯୋଗ କରି ଏହି କାର୍ଯ୍ୟ ଆଗକୁ ନେବା ଲାଗି ସେ 'ପଞ୍ଚ ପାଟିଲ' ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଠନ କରିଛନ୍ତି। ଏହି ଟିମ୍ ୫ଟି ଲେଖା ଗାଁର ଦାୟିତ୍ୱ ନେଉଛନ୍ତି। ଏହାବ୍ୟତୀତ ପ୍ରବାହିତ ଜଳଧାରରେ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଗଚ୍ଛିତ ରହୁଥିବା ବର୍ଷାଜଳ ଅକ୍ଟୋବର କିମ୍ବା ନଭେମ୍ବରରେ ଶେଷ ହୋଇଯାଉଥିଲା, କିନ୍ତୁ ଏବେ ତାହା ମାର୍ଚ୍ଚ-ଏପ୍ରିଲ ଯାଏ ବ୍ୟବହାର ହେଉଛି। ୨୦୪ଟି ଗାଁରେ ୫୦୦ କୋଟି ଲିଟର ଜଳ ସଂରକ୍ଷିତ ହୋଇ ରହୁଛି। ଫଳରେ କପା, ମକା, ଯଅ ଇତ୍ୟାଦି ଉତ୍ପାଦନ ହେବା ଯୋଗୁ କୃଷକମାନେ ଲାଭ ପାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୨ ଡିସେମ୍ବର ୧୯୭୬

- ୧ କୋଟି ଟଙ୍କା ବ୍ୟୟରେ ତାଳଚେର ସାର କାରଖାନାର ଆପଦକାଳୀନ ପାୱାର ହାଉସ ଚାଲୁ କରାଯାଇଛି।
- ଦୁର୍ଗମ ଅଞ୍ଚଳରେ ଡାକ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ନିମନ୍ତେ ସୀମାନ୍ତର ଲଦାଖ ଅଞ୍ଚଳରେ ହେଲିକପ୍ଟର ଯୋଗେ ଚିଠିପତ୍ର ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 4 | | | | | |
| | | | | | | 1 | 4 | |
| 7 | | 1 | | | 9 | 5 | 8 | |
| | | 5 | 8 | | | | 7 | |
| | | | 3 | | | | | |
| 1 | 8 | | | | | 6 | | 5 |
| | | | | 3 | | 2 | | |
| 6 | | 7 | | | | | 9 | |
| | 2 | | 5 | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 3 | 9 | 4 | 5 | 6 | 7 | 2 |
| 7 | 9 | 5 | 6 | 1 | 2 | 4 | 8 | 3 |
| 2 | 4 | 6 | 3 | 8 | 7 | 1 | 9 | 5 |
| 9 | 2 | 7 | 8 | 6 | 3 | 5 | 1 | 4 |
| 4 | 6 | 8 | 7 | 5 | 1 | 3 | 2 | 9 |
| 5 | 3 | 1 | 2 | 9 | 4 | 7 | 6 | 8 |
| 6 | 7 | 2 | 4 | 3 | 8 | 9 | 5 | 1 |
| 3 | 1 | 9 | 5 | 2 | 6 | 8 | 4 | 7 |
| 8 | 5 | 4 | 1 | 7 | 9 | 2 | 3 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାଇଶି ପାହାଚରେ ଶ୍ରାଦ୍ଧ ଦିଆଯାଉ

ମହାଶୟ,

ପୁରୀ ଶ୍ରୀମନ୍ଦିର ବାଇଶି ପାହାଚରେ ପିତୃପକ୍ଷଙ୍କୁ ଶ୍ରାଦ୍ଧ ଅର୍ପଣ କରିବାର ପରମ୍ପରା କେଉଁ ଯୁଗରୁ ପ୍ରବର୍ତ୍ତନ ହୋଇଆସୁଥିଲା। ଦୂର ଦୂରାନ୍ତରରୁ ଭକ୍ତବୃନ୍ଦ ବାଇଶି ପାହାଚରେ ପିତୃପକ୍ଷଙ୍କୁ ପିଣ୍ଡଦାନ କରିଆସୁଥିଲେ। ଏହି ପରମ୍ପରା ଦ୍ୱାରା ଭକ୍ତବୃନ୍ଦ ପରମ ଆତ୍ମସନ୍ତୋଷ ଲାଭ କରୁଥିଲେ। ଏହାର ପ୍ରମୁଖ କାରଣ ହେଲା ବାଇଶି ପାହାଚରେ ଅବସ୍ଥାନ କରୁଥିବା ପ୍ରଭୁ କାଶୀବିଶ୍ୱନାଥ ଦେବଙ୍କ ମନ୍ଦିର ବିଦ୍ୟମାନ। ବର୍ତ୍ତମାନର କ୍ରମବର୍ଦ୍ଧିଷ୍ଣୁ ଭକ୍ତବୃନ୍ଦ ଶ୍ରୀମନ୍ଦିରର ଏହି ପବିତ୍ର ପରମ୍ପରାରୁ ଆତ୍ମସନ୍ତୋଷ ଲାଭ କରିପାରୁନାହାନ୍ତି। କାରଣ ବାଇଶି ପାହାଚରେ ଏହି ପୌରାଣିକ ପରମ୍ପରାକୁ ଉଲ୍ଲଂଘନ କରି ପ୍ରଶାସନ ମନମୁଖି ସ୍ଥାନାନ୍ତର କରିଛି। ଏହି ପରମ୍ପରାକୁ ସଂପୂର୍ଣ୍ଣ ବନ୍ଦ ନ କରି ପୁନଃ ପ୍ରଚଳନ କରାଯାଉ। ବାଇଶି ପାହାଚର ୨ ପାର୍ଶ୍ୱରେ ଏଥିପାଇଁ କେତେଜଣ ବ୍ରାହ୍ମଣଙ୍କୁ ଦାୟିତ୍ୱ ଦିଆଯାଉ। ଯାହାଫଳରେ ଭକ୍ତବୃନ୍ଦ ପିତୃପକ୍ଷ ଶ୍ରାଦ୍ଧ କର୍ମାଦି ପାଳନ କରିବା ସଙ୍ଗେ ସଙ୍ଗେ ବହୁ ବ୍ରାହ୍ମଣ ପରିବାର ମଧ୍ୟ ପୂର୍ବବତ୍ ଉପକୃତ ହୋଇପାରିବେ। ଭକ୍ତମାନେ ଶ୍ରୀମନ୍ଦିରକୁ ଆସି ପୂର୍ବବତ୍ ପିଣ୍ଡଦାନ କରିପାରିବେ ଏବଂ ପରମ୍ପରା ଅକ୍ଷୁଣ୍ଣ ରହିବ। ତେଣୁ ଏହି ପରମ୍ପରାର ପ୍ରଚଳନ ନିମନ୍ତେ ପୁନଃ ବିଚାରବିମର୍ଶ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ବିନମ୍ର ନିବେଦନ।

**-ସୌମ୍ୟରାଜ ପଟ୍ଟନାୟକ, ରେଡ୍‌କ୍ରସ ରୋଡ଼, ପୁରୀ**

## ଚିରନ୍ତନୀ

ଗିରିପରେ ପୁଣି ଉଠିଥିଲା ଗିରି-ଲହରୀ
ଜଟିଳ ପଥରେ ମଟର ଚାଲଇ ପହଁରି
ତଳେ କାହିଁ ଧାଏଁ କୁଟିଳ ଝରଣା
ଚାହିଁଲେ ଚକିତ ହୁଏ କଳପନା
ଛାତି ଚିରି ତହିଁ ଗୀତ ଉଠିଥିଲା ମୋହରି
ଗିରି ପରେ ଗିରି ତଥି ପରେ ଗିରି-ଲହରୀ!
**-(ଜୟପୁର ଘାଟି)**

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶରୀରର ସୁରକ୍ଷା କବଚ : ଆଣ୍ଟିଅକ୍ସିଡାଣ୍ଟ



ନିକୁଞ୍ଜ ବିହାରୀ ସାହୁ

''ଆଣ୍ଟିଅକ୍ସିଡାଣ୍ଟ ମଧ ଏକପ୍ରକାର ରାସାୟନିକ ପଦାର୍ଥ, ଯାହା ଶରୀରରେ ସ୍ୱତଃ ସୃଷ୍ଟି ହୋଇଥାଏ। କିଛି ଆଣ୍ଟିଅକ୍ସିଡାଣ୍ଟ ମଧ ବାହ୍ୟ ଉତ୍ସରୁ ଯଥା ଆମେ ଖାଉଥିବା ଖାଦ୍ୟ, ଫଳମୂଳ, ପନିପରିବା ଇତ୍ୟାଦିରେ ମହଜୁଦ ଥାଏ। ଆଣ୍ଟିଅକ୍ସିଡାଣ୍ଟର ଅଣୁ ଶରୀରରେ ସୃଷ୍ଟି ହେଉଥିବା ମୁକ୍ତ ମୂଳକର ଅଣୁସହିତ ରାସାୟନିକ ପ୍ରତିକ୍ରିୟା କରି ସେଗୁଡ଼ିକୁ ନିଜର ଇଲେକ୍ଟ୍ରନ୍ ପ୍ରଦାନ କରିବା ପୂର୍ବକ ସେଗୁଡ଼ିକର ଇଲେକ୍ଟ୍ରନ୍ ସଂଖ୍ୟାକୁ ଯୁଗ୍ମକ (Paired) ଅବସ୍ଥାକୁ ଆଣି ସେଗୁଡ଼ିକୁ ଉଦାସୀନତା (Neutralization) କରିଥାଏ। ଫଳରେ ଶରୀରରେ ମୁକ୍ତ ମୂଳକର ମାତ୍ରା ହ୍ରାସ ପାଇବା ଦ୍ୱାରା ସେଗୁଡ଼ିକ କୋଷିକାମାନଙ୍କର ବିଶେଷ କ୍ଷତି ସାଧନ କରିପାରନ୍ତି ନାହିଁ।''



**ଆ**ଜିକାଲି ସ୍ୱାସ୍ଥ୍ୟ ଓ ପୋଷଣ କ୍ଷେତ୍ରରେ ଆଣ୍ଟିଅକ୍ସିଡାଣ୍ଟ (Antioxidant) ବିଷୟରେ ବେଶ୍ ଚର୍ଚ୍ଚା ହେଉଛି। ତେବେ ପ୍ରଶ୍ନ ଉଠେ: ଆଣ୍ଟିଅକ୍ସିଡାଣ୍ଟ କ'ଣ, ଏହା ଆମ ଶରୀର ପାଇଁ କେତେ ଆବଶ୍ୟକ, ଏସବୁ ତତ୍ତ୍ୱ ଶରୀରକୁ ମିଳିବ କିପରି? ଆଣ୍ଟିଅକ୍ସିଡାଣ୍ଟ ହେଉଛି ଏକ ପ୍ରକାରର ରାସାୟନିକ ପଦାର୍ଥ, ଯାହା ଆମ ଶରୀରରେ ନିରନ୍ତର ଉତ୍ପନ୍ନ ହେଉଥିବା ମୁକ୍ତ ମୂଳକ (Free radicals) ଗୁଡ଼ିକୁ ନଷ୍ଟ କରି ଶରୀରକୁ ସୁରକ୍ଷିତ ରଖିଥାଏ। ଏହାଦ୍ୱାରା ଅକାଳ ବାର୍ଦ୍ଧକ୍ୟ, ଦୁରାରୋଗ୍ୟ ତଥା ଦୀର୍ଘସ୍ଥାୟୀ ବ୍ୟାଧି ଯଥା କର୍କଟ, ମଧୁମେହ, ହୃଦ୍‌ରୋଗ, ବୟସ ହେତୁ କେନ୍ଦ୍ରୀୟ ମୁକୁରିକାର ଅବକ୍ଷୟଜନିତ ଚକ୍ଷୁ ରୋଗ ଓ ଅଲ୍‌ଝିମରସ୍ ରୋଗରୁ ମୁକ୍ତି ମିଳେ।

**ମୁକ୍ତ ମୂଳକ କ'ଣ :** ମୁକ୍ତ ମୂଳକ ଏକ ପ୍ରକାରର ରାସାୟନିକ ପଦାର୍ଥ, ଯାହା ଶରୀରର ନିଜସ୍ୱ ଚୟାପଚୟ ପ୍ରକ୍ରିୟାରେ ନିରନ୍ତର ସୃଷ୍ଟି ହେଉଥାଏ। ଶରୀରର କିଛି ମୁକ୍ତ ମୂଳକ ମଧ ବିଭିନ୍ନ ପାରିପାର୍ଶ୍ୱିକ କାରକ ଯଥା ଧୂମପାନ, ବାୟୁ ପ୍ରଦୂଷଣ ଏବଂ ଅତିବାଇଗଣି ରଶ୍ମିର ସଂସ୍ପର୍ଶ ଫଳରେ ଜାତ ହୁଏ। ଏହା ଅଯୁଗ୍ମକ ଇଲେକ୍ଟ୍ରନ୍ ବିଶିଷ୍ଟ ଅଣୁ, ଯାହା ରାସାୟନିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ, ସକ୍ରିୟ ଏବଂ ଅସ୍ଥାୟୀ। ସେଗୁଡ଼ିକର ମାତ୍ରା ଶରୀରରେ ବୃଦ୍ଧି ପାଇଲେ ସେଗୁଡ଼ିକ ଜୀବନ୍ତ କୋଷିକାମାନଙ୍କୁ ଆକ୍ରମଣ କରି ସେଥିରେ ଥିବା ଡି.ଏନ୍.ଏ.କୁ ନଷ୍ଟ କରିଦିଅନ୍ତି। ଫଳରେ ଶରୀର ଦୁର୍ବଳ ହୋଇଯାଇ ଉପରୋକ୍ତ ବ୍ୟାଧିଗୁଡ଼ିକର ପ୍ରାଦୁର୍ଭାବ ଘଟେ। ଏଭଳି ପରିସ୍ଥିତିକୁ ଜାରକତ୍ୱ ଚାପ (Oxidative Stress) କହନ୍ତି।

**ଆଣ୍ଟିଅକ୍ସିଡାଣ୍ଟ ଶରୀରକୁ ରକ୍ଷା କରେ କିପରି:** ଆଣ୍ଟିଅକ୍ସିଡାଣ୍ଟ ମଧ ଏକପ୍ରକାର ରାସାୟନିକ ପଦାର୍ଥ, ଯାହା ଶରୀରରେ ସ୍ୱତଃ ସୃଷ୍ଟି ହୋଇଥାଏ। କିଛି ଆଣ୍ଟିଅକ୍ସିଡାଣ୍ଟ ମଧ ବାହ୍ୟ ଉତ୍ସରୁ ଯଥା ଆମେ ଖାଉଥିବା ଖାଦ୍ୟ, ଫଳମୂଳ, ପନିପରିବା ଇତ୍ୟାଦିରେ ମହଜୁଦ ଥାଏ। ଆଣ୍ଟିଅକ୍ସିଡାଣ୍ଟର ଅଣୁ ଶରୀରରେ ସୃଷ୍ଟି ହେଉଥିବା ମୁକ୍ତ ମୂଳକର ଅଣୁ ସହିତ ରାସାୟନିକ ପ୍ରତିକ୍ରିୟା କରି ସେଗୁଡ଼ିକୁ ନିଜର ଇଲେକ୍ଟ୍ରନ୍ ପ୍ରଦାନ କରିବା ପୂର୍ବକ ସେଗୁଡ଼ିକର ଇଲେକ୍ଟ୍ରନ୍ ସଂଖ୍ୟାକୁ ଯୁଗ୍ମକ ଅବସ୍ଥାକୁ ଆଣି ସେଗୁଡ଼ିକୁ ଉଦାସୀନତା (Neutralization) କରିଥାଏ, ଫଳରେ ଶରୀରରେ ମୁକ୍ତ ମୂଳକର ମାତ୍ରା ହ୍ରାସ ପାଇବା ଦ୍ୱାରା ସେଗୁଡ଼ିକ କୋଷିକାମାନଙ୍କର ବିଶେଷ କ୍ଷତି ସାଧନ କରିପାରନ୍ତି ନାହିଁ। ସେଥିପାଇଁ ଆଣ୍ଟିଅକ୍ସିଡାଣ୍ଟକୁ ମଧ 'ମୁକ୍ତ ମୂଳକ ଭକ୍ଷକ' (Free radical Scaven-gers) ବୋଲି କୁହାଯାଏ।

**ଆଣ୍ଟିଅକ୍ସିଡାଣ୍ଟର ନାମ ଓ ପ୍ରକାରଭେଦ:** କିଛି ଭିଟାମିନ୍ ଯଥା A, C, E ଜଣାଶୁଣା ଆଣ୍ଟିଅକ୍ସିଡାଣ୍ଟ ଅଟନ୍ତି। କିଛି ଉଦ୍ଭିଦଜାତ ରାସାୟନିକ ପଦାର୍ଥ ଯଥା କ୍ୟାରୋଟିନ୍‌ଏଡ୍‌ସର ବିଟା କ୍ୟାରୋଟିନ, ଲାଇକୋପିନ (ଯାହା ରଙ୍ଗ ବେରଙ୍ଗର ପନିପରିବା ଯଥା ବିଲାତି ବାଇଗଣ ଇତ୍ୟାଦିରେ ଥାଏ), ଲୁଟିନ୍, (ଯାହା କୋବି ଜାତୀୟ ଏକ ମାଉଁସିଆ ସବୁଜ ପରି କେଲରେ ଥାଏ) ଏବଂ ଫ୍ଲାଭୋନୋଏଡ୍‌ସ୍ ଯଥା ହେସ୍ପେରେଟିନ୍ (ଯାହା ଲେମ୍ବୁ ଜାତୀୟ ଖଟା ଲାଗୁଥିବା ସାଇଟ୍ରସ୍ ଫଳରେ ଥାଏ), ଆନ୍ଥୋସ୍ୟାନିନ୍ସ (ଯାହା ବ୍ଲୁ ବେରି, ଲାଲ ରଙ୍ଗର କୋବି ଓ ଅଙ୍ଗୁରରେ ଥାଏ), କ୍ୱେର୍ସେଟିନ୍ (ଯାହା ପିଆଜ, ଅଙ୍ଗୁର, କୋଳି, ଚେରି, ବ୍ରକୋଲି ଏବଂ ଖଟା ଲାଗୁଥିବା ଫଳରେ ଥାଏ) ଏବଂ କ୍ୟାଟେଚିନସ୍ (ଯାହା ସବୁଜ ଚା, କୋଳି ଏବଂ କୋକୋରେ ଥାଏ)ରେ ମଧ ପ୍ରଚୁର ଆଣ୍ଟିଅକ୍ସିଡାଣ୍ଟ ଉପଲବ୍ଧ ଥାଏ।

ଆଣ୍ଟିଅକ୍ସିଡାଣ୍ଟଗୁଡ଼ିକୁ ସମୁଦାୟ ଦୁଇ ଭାଗରେ ବିଭକ୍ତ କରାଯାଏ, ଯଥା ଜଳରେ ଦ୍ରବଣୀୟ ଓ ସ୍ନେହସାରରେ ଦ୍ରବଣୀୟ। ଜଳରେ ଦ୍ରବଣୀୟ ଆଣ୍ଟିଅକ୍ସିଡାଣ୍ଟ ସବୁର ଉଦାହରଣ ହେଲା ଭିଟାମିନ୍ C, ଫେନୋଲିକ୍ ଏସିଡ୍, କ୍ୟାଟେଚିନସ୍ ଇତ୍ୟାଦି ଏବଂ ସ୍ନେହସାରରେ ଦ୍ରବଣୀୟ ଆଣ୍ଟିଅକ୍ସିଡାଣ୍ଟଗୁଡ଼ିକ ହେଲେ ଭିଟାମିନ୍ A, E, କ୍ୟାରୋଟିନଏଡସ୍ ଇତ୍ୟାଦି।

**ଆଣ୍ଟିଅକ୍ସିଡାଣ୍ଟ ଖାଇବାର ବିଧି**

ଆମକୁ କେବଳ ଗୋଟିଏ କିମ୍ବା ଦୁଇଟି ଆଣ୍ଟିଅକ୍ସିଡାଣ୍ଟ ଖାଇଲେ ଚଳିବ ନାହିଁ, ବରଂ ବିଭିନ୍ନ ପ୍ରକାରର ଆଣ୍ଟିଅକ୍ସିଡାଣ୍ଟ ମିଶାଇ ସେବନ କରିବାକୁ ପଡ଼ିବ। ଏହାର ଏକ ଉଦାହରଣ ନିମ୍ନରେ ଦିଆଯାଇପାରେ: ଆଣ୍ଟିଅକ୍ସିଡାଣ୍ଟ ରୂପେ ଜଣାଥିବା ଭିଟାମିନ 'ସି'ର ଅଣୁ ନିଜର ଏକ ଇଲେକ୍ଟ୍ରନ ଗୋଟିଏ ମୁକ୍ତ ମୂଳକକୁ ପ୍ରଦାନ ପୂର୍ବକ ତାହାକୁ ଉଦାସୀନ କରି ନିଜେ ନିଷ୍କ୍ରିୟ ହୋଇଯାଏ। ସେତେବେଳେ ଅନ୍ୟ ଗୋଟିଏ ଆଣ୍ଟିଅକ୍ସିଡାଣ୍ଟ ହେସ୍ପେରେଟିନ୍ ଭିଟାମିନ 'ସି' ସହିତ ରାସାୟନିକ ପ୍ରତିକ୍ରିୟା କରି ତା'କୁ ପୁଣି ସକ୍ରିୟ ଅବସ୍ଥାକୁ ଆଣେ। ତେଣୁ ଉତ୍ତମ ଫଳାଫଳ ନିମନ୍ତେ ଆମକୁ ଭିଟାମିନ୍ 'ସି' ଥିବା ଖାଦ୍ୟ ସହିତ ହେସ୍ପେରେଟିନ୍ ଥିବା ଖାଦ୍ୟକୁ ମିଶାଇ ଖାଇବାକୁ ପଡ଼ିବ। କୌଣସି ଗୋଟିଏ ଖାଦ୍ୟରେ ସମସ୍ତ ଆଣ୍ଟିଅକ୍ସିଡାଣ୍ଟ ପଦାର୍ଥ ନଥାଏ। ତେଣୁ ଅଧିକାଂଶ ଆଣ୍ଟିଅକ୍ସିଡାଣ୍ଟ ପାଇବା ନିମନ୍ତେ ଆମକୁ ବହୁବିଧ ଖାଦ୍ୟ ଯଥା ଫଳମୂଳ, ପନିପରିବା, କୋଳି ଇତ୍ୟାଦି ଖାଇବାକୁ ପଡ଼ିବ। ଆହୁରି ମଧ କୃତ୍ରିମ ସଂଶ୍ଳେଷିତ ଉତ୍ସ ପରିବର୍ତ୍ତେ ପ୍ରାକୃତିକ ଉତ୍ସରୁ ଆହରିତ ଆଣ୍ଟିଅକ୍ସିଡାଣ୍ଟ ସେବନ କଲେ ଭଲ।

ଆମକୁ ନିୟମିତ କିଛି ଆଣ୍ଟିଅକ୍ସିଡାଣ୍ଟ ଖାଇବାକୁ ହୋଇଥାଏ। ଉଦାହରଣ ସ୍ୱରୂପ ଭିଟାମିନ୍ 'ସି' ଜଳରେ ଦ୍ରବଣୀୟ ହୋଇଥିବାରୁ ତାହା ସ୍ନେହସାରରେ ଦ୍ରବଣୀୟ ଅନ୍ୟ ଆଣ୍ଟିଅକ୍ସିଡାଣ୍ଟଙ୍କ ଭଳି ଶରୀରରେ ଜମା ହୋଇ ଦୀର୍ଘ କାଳ ରହେ ନାହିଁ। ତେଣୁ ଆମକୁ ନିୟମିତ ଭିଟାମିନ 'ସି'ଯୁକ୍ତ ଖାଦ୍ୟକୁ ଭୋଜନରେ ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ।

**ଆଣ୍ଟିଅକ୍ସିଡାଣ୍ଟର ଉତ୍ସ:** ଆଣ୍ଟିଅକ୍ସିଡାଣ୍ଟର ସବୁଠାରୁ ଭଲ ଉତ୍ସ ହେଉଛି ଆମେ ଖାଉଥିବା ଖାଦ୍ୟ। ଆମ ଆହାରରେ ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରକାର ପନିପରିବା, ଫଳମୂଳ, ପୂର୍ଣ୍ଣାଙ୍ଗ ଶସ୍ୟଦାନା ଯଥା ଅକାଣ୍ଡିଆ ଚାଉଳ, ଶିମ୍ବଜାତୀୟ ଖାଦ୍ୟ, ଲେମ୍ବୁଜାତୀୟ ଖଟା ଲାଗୁଥିବା ଫଳ, କୋଳି ଓ ନଟ୍‌ସ ଇତ୍ୟାଦିରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ ଥାଏ। କିଛି ଆଣ୍ଟିଅକ୍ସିଡାଣ୍ଟ ମଧ ସବୁଜ ଚା, କଫି ଏବଂ ଚକୋଲେଟ ପ୍ରସ୍ତୁତିରେ ବ୍ୟବହୃତ 'କୋକୋ' ପଦାର୍ଥରେ ଥାଏ। ଅଲଗା ଅଲଗା ରଙ୍ଗର ଫଳ ଓ ପନିପରିବା (ଯଥା ଲାଲ, କମଳା, ହଳଦୀ, ଶାଗୁଆ, ନୀଳ ଓ କଳା)ରେ ଭିନ୍ନ ଭିନ୍ନ ଆଣ୍ଟିଅକ୍ସିଡାଣ୍ଟ ଥା'ନ୍ତି। ସୁତରାଂ ଆମ ଭୋଜନରେ ଅଲଗା ଅଲଗା ରଙ୍ଗର ଫଳ ଓ ପନିପରିବା ଅନ୍ତର୍ଭୁକ୍ତ କଲେ ଆମେ ଅଧିକାଂଶ ଆଣ୍ଟିଅକ୍ସିଡାଣ୍ଟ ପ୍ରାପ୍ତ ହୋଇପାରିବା। ସେଥିପାଇଁ ଭିଟାମିନ୍‌ଯୁକ୍ତ ତଥା ବିଭିନ୍ନ ରଙ୍ଗର ତଟକା ଫଳମୂଳ ସବୁବେଳେ ଖାଆନ୍ତୁ। ଆହୁରି ମଧ ଏସବୁ ଖାଦ୍ୟରେ ଆଣ୍ଟିଅକ୍ସିଡାଣ୍ଟ ବ୍ୟତୀତ ଅନ୍ୟ ଉପାଦେୟ ପୋଷକ ଗୁଣ ଯଥା ତନ୍ତୁ ବହୁଳତା, ସ୍ୱଳ୍ପ ପରିପୃକ୍ତ ସ୍ନେହସାର, ସ୍ୱଳ୍ପ କୋଲେଷ୍ଟରାଲ ଏବଂ ପ୍ରଚୁର ଭିଟାମିନ୍ ଓ ମିନେରାଲ ଉପଲବ୍ଧ। ସୁତରାଂ ଏସବୁ ଖାଦ୍ୟ ନିୟମିତ ଆମ ଭୋଜନରେ ଖାଇଲେ ଆମେ ଶରୀରର ଆଣ୍ଟିଅକ୍ସିଡାଣ୍ଟ ଚାହିଦା ପୂରଣ କରିବା ସଙ୍ଗେ ସଙ୍ଗେ ଅନ୍ୟ ପୋଷକତତ୍ତ୍ୱର ଆବଶ୍ୟକତା ମଧ ମେଣ୍ଟାଇ ପାରବା ଏବଂ ଶରୀରକୁ ସୁସ୍ଥ ଓ ନିରାମୟ ରଖିପାରିବା।

- ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୯୧୭୬୩୭୯୭୪

## ଉନ୍ନତ ଜୀବନଶୈଳୀ ଓ ବିଚାରଧାରା

**ବ**ର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଟିକେ ଖୁସିରେ ରହିବାକୁ କିଏ ବା ନ ଚାହେଁ! ହେଲେ ସବୁବେଳେ ଏହା ସମ୍ଭବ ହୋଇ ନ ଥାଏ। ତେବେ ଯଦି ଜଣେ ବ୍ୟକ୍ତି ନିଜର ବିଚାରଧାରାକୁ ସକାରାତ୍ମକ ରଖେ, ତେବେ ସେ କେତେକାଂଶରେ ନିଜକୁ ଖୁସିର ମାହୋଲ ଭିତରେ ରଖିପାରିବ। ବିଚାରଧାରାକୁ ସକାରାତ୍ମକ ରଖିବାର କେତୋଟି ସରଳ ଉପାୟ ରହିଛି। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇଥାଉ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାରେ ପଡ଼ିବା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ତେଣୁ ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ଭଲ ଭାବରେ ବିଶ୍ଳେଷଣ କରନ୍ତୁ। ନିଜର ମନୋଭାବକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ। ସେମାନଙ୍କ ସହ ମିଠା ମିଠା କଥା ହୋଇ ନିଜର ଅନୁଭୂତିକୁ ବାଣ୍ଟନ୍ତୁ। ଏହାବ୍ୟତୀତ ମାନସିକତାକୁ ସକାରାତ୍ମକ ରଖିବାକୁ ଚାହୁଁଥିଲେ ନିଜକୁ ଯେତେସମ୍ଭବ ଖୁସିରେ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ମାନସିକତା ସକାରାତ୍ମକ ରହିବା ଯୋଗୁଁ ଠିକ୍ ନିଷ୍ପତ୍ତି ନେଇହୁଏ। ନିଜକୁ ପ୍ରଥମେ ଭଲପାଆନ୍ତୁ ଓ ନିଜେ କରୁଥିବା କାମ ଉପରେ ସବୁବେଳେ ବିଶ୍ୱାସ ରଖନ୍ତୁ। ଦେଖିବେ ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ କେତେ ସୁମଧୁର ହୋଇଉଠିବ।



## ସନ୍ତୁଳିତ ରହିବ କୋଲେଷ୍ଟରଲ

**ଆମ** ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଦରକାର। ନ ହେଲେ ଏହା ରକ୍ତ ପ୍ରବାହରେ ଅସୁବିଧା ସୃଷ୍ଟି କରିବା ସହ ବ୍ଲଡପ୍ରେସର ଏବଂ ହୃଦ୍‌ଜନିତ ସମସ୍ୟା ସୃଷ୍ଟି କରିଥାଏ। ତେବେ ଏହାର ଏକ ସରଳ ତଥା ସହଜ ଉପାୟ ହାତପାହାନ୍ତାରେ ରହିଛି। ଯଦି ଆପଣ ପ୍ରତିଦିନ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଉଛନ୍ତି, ତେବେ ଏହା କୋଲେଷ୍ଟରଲକୁ କେତେକାଂଶରେ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ। ଅନ୍ୟପକ୍ଷରେ ଏହି ଭିଟାମିନ୍ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏଥିରେ ଥିବା ସ୍ୱାସ୍ଥ୍ୟୋପକାରୀ ଗୁଣ ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ। ଏହାର ଆଉ ଏକ ଉପକାରୀ ଗୁଣ ମଧ ରହିଛି। ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଶରୀରରେ ଲାଲ୍ ରକ୍ତକୋଷିକା ଗଠନରେ ମଧ୍ୟ ସାହାଯ୍ୟ କରେ। ଆମ ଶରୀରରେ ପିଟ୍ୟୁଟାରୀ ଗ୍ରନ୍ଥି ଏବଂ ଥାଇରଏଡ୍ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ଏହା ସହାୟକ ମଧ ହୋଇଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।



## ଜାଣିରଖନ୍ତୁ



- ଆମେ ଖାଦ୍ୟ ଖାଇବା ପରେ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବା ନିହାତି ଦରକାର। ଠିକ୍ ଖାଦ୍ୟ ଖାଇବା ପରେ ପରେ ପାଣି ପିଅନ୍ତୁ ନାହିଁ। କାରଣ ଏହା ପାଚନକ୍ରିୟାକୁ ପ୍ରଭାବିତ କରିଥାଏ। ଏହା ବ୍ୟତୀତ ଥଣ୍ଡାପାନୀୟ, ଚା' ଏବଂ କଫି ପିଇବା ଆଦୌ ଠିକ୍ ନୁହେଁ।
- ଓଜନ ବୃଦ୍ଧି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। କାରଣ ଯଦି ଏହା ନିୟନ୍ତ୍ରଣରେ ନ ରହିଲା, ତେବେ ତାହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।
- ଦାନ୍ତଜନିତ ସମସ୍ୟାକୁ ଅବହେଳା କରନ୍ତୁ ନାହିଁ। ନିୟମିତ ସମୟ ଅନ୍ତରାଳରେ ଦାନ୍ତ ପରୀକ୍ଷା କରାଇ ନିଅନ୍ତୁ।
- ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଂ ଏକ୍ସରସାଇଜ୍ କରନ୍ତୁ। ଏହା ଅଣ୍ଟାଜନିତ ବ୍ୟଥାରୁ ମଧ କେତେକାଂଶରେ ଉପଶମ ଦେଇଥାଏ।
- ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖନ୍ତୁ ନାହିଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।
- ବୟସ୍କ ବ୍ୟକ୍ତିମାନେ ନିଜକୁ ଚିନ୍ତାଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ଏହାଦ୍ୱାରା ସେମାନଙ୍କର ମାନସିକତା କେତେକାଂଶରେ ସକାରାତ୍ମକ ରହିବ।

## କିପରି ସୁସ୍ଥ ରହିବ କିଡ୍‌ନୀ

**ଆମ** ଶରୀରର ଅନ୍ୟତମ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। ତେବେ କିଡ୍‌ନୀ କିପରି ସୁସ୍ଥ ରହିବ, ସେ ନେଇ ସତର୍କ ରହିବା ନିହାତି ଦରକାର। କିଡ୍‌ନୀ ସମସ୍ୟାର କେତେକ କାରଣ ରହିଛି। ଏହାର କାର୍ଯ୍ୟ ବାଧାପ୍ରାପ୍ତ ହେଲେ ଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବାଧା ଉପୁଜେ। ଫଳରେ ଶ୍ୱାସକ୍ରିୟାଜନିତ ରୋଗ ଦେଖାଦିଏ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଥମେ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। କିଡ୍‌ନୀଜନିତ ରୋଗ ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଘିଅ, କ୍ଷୀର, ମାଛ, ମାଂସ, ପନିର୍, ସୋୟାବିନ୍ ଆଦିରେ ପ୍ରୋଟିନ୍ ଅଧିକ ଥାଏ। ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରନ୍ତୁ। ଦୈନିକ ୫ ଗ୍ରାମ୍ ଲୁଣ ମଧ ଖାଆନ୍ତୁ। ଯଦି ଧୂମପାନ କରୁଛନ୍ତି, ତେବେ ଏହାକୁ ତୁରନ୍ତ ଛାଡ଼ନ୍ତୁ, କାରଣ ଏହା ସ୍ୱାସ୍ଥ୍ୟ ତଥା କିଡ୍‌ନୀ ପ୍ରତି ବେଶି କ୍ଷତିକାରକ। ଆଉ ମଧ ଆପଣଙ୍କର ଯଦି କୌଣସି କିଡ୍‌ନୀଜନିତ ଲକ୍ଷଣ ଜଣାପଡ଼େ, ତେବେ ବିଳମ୍ବ ନ କରି ଅଭିଜ୍ଞ କିଡ୍‌ନୀ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## ସ୍ୱାସ୍ଥ୍ୟ ସୂଚନା

➢ ନିଶାଦ୍ରବ୍ୟ ସେବନ ମନକୁ କ୍ଷଣିକ ଶାନ୍ତି ଦେଇଥାଏ, ହେଲେ ପରୋକ୍ଷରେ ଆମ ଶରୀରର ଅନେକ କ୍ଷତି କରିଥାଏ। ଏହାଦ୍ୱାରା ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ ରହିଛି। ଏଭଳି ଅଭ୍ୟାସ ରକ୍ତ ସଞ୍ଚାଳନକୁ ଆବଶ୍ୟକତା ଠାରୁ ଅଧିକ ବୃଦ୍ଧି କରିବା ଦ୍ୱାରା ବ୍ଲଡପ୍ରେସର ସମସ୍ୟା ଦେଖାଦେଇଥାଏ।

➢ ଯେତେ ବ୍ୟସ୍ତ ରହିଲେ ମଧ ତା'ଭିତରୁ ସମୟ ବାହାର କରି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➢ ପ୍ର ଜିମ୍ ଯିବା ପୂର୍ବରୁ ସେନେଇ ମନରେ ଯଦି କିଛି ପ୍ରଶ୍ନ ରହିଛି ତେବେ ଜିମ୍ ଏକ୍ସପର୍ଟଙ୍କ ସହ ସେ ବିଷୟରେ ଆଲୋଚନା କରି ସେଗୁଡିକର ସମାଧାନ କରନ୍ତୁ।

➢ ତଟକା ଫଳମୂଳ ଖାଇବା ସହ ସେଥିରୁ ପ୍ରସ୍ତୁତ ଜୁସ୍ ମଧ ପିଅନ୍ତୁ।

➢ କୌଣସି କାମ କରୁଥିବାବେଳେ ଯଦି ହାଲିଆ ଲାଗୁଛି, ତେବେ କିଛି ସମୟ ବିଶ୍ରାମ ନେବା ପରେ ପୁଣି ଥରେ କାମ ଆରମ୍ଭ କରନ୍ତୁ। ଏହାଦ୍ୱାରା ଆପଣଙ୍କୁ ଆରାମ ଲାଗିବ ଓ ଅଧିକ କାମ କରିବାକୁ ଇଚ୍ଛା ହେବ।

➢ ଯଦି କୌଣସି ରୋଗରେ ଆପଣ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ସହ ଏ ନେଇ ପରାମର୍ଶ କରନ୍ତୁ।



## ଉପକାରୀ ଅମୃତଭଣ୍ଡା

**ଅ**ମୃତଭଣ୍ଡାର ଅନେକ ଉପକାରୀ ଗୁଣ ରହିଛି, ଯାହା ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଓଜନ କମାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଥିରେ କ୍ୟାଲୋରି ପରିମାଣ କମ୍ ଥାଏ ଓ ଫାଇବର୍ ଅଧିକ ଥାଏ। ତେଣୁ ଏହାକୁ ଖାଇବା ଦ୍ୱାରା ଆମ ଶରୀରର ଓଜନ କମିଥାଏ। ଏଥିରେ ଜଳୀୟ ଅଂଶ ବା ପାଣି ପରିମାଣ ପ୍ରଚୁର ମାତ୍ରାରେ ରହିଛି। ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରିଥାଏ। ଅମୃତଭଣ୍ଡା ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ତା' ସହ ଏଥିରେ ଥିବା ଭିଟାମିନ୍ 'ସି' ସଂକ୍ରମଣ ଆଶଙ୍କାକୁ କେତେକାଂଶରେ କମାଇଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ମଧ ରହିଛି।



## ବିଳମ୍ବରେ ଉଠୁଥିଲେ...

**ପ୍ର**ତିଦିନ ଭୋର୍ ସମୟରେ ଉଠିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ହେଲେ ଏପରି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ରାତିରେ ଡେରିରେ ଶୋଇଥା'ନ୍ତି ଓ ସକାଳୁ ବହୁତ ବିଳମ୍ବରେ ଉଠିଥା'ନ୍ତି। ହେଲେ ଏଳଭି ଅଭ୍ୟାସ ଦ୍ୱାରା ମସ୍ତିଷ୍କର କାର୍ଯ୍ୟାଧାରା ପ୍ରଭାବିତ ହୋଇଥାଏ। ଏପରି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ସକାଳୁ ବିଳମ୍ବରେ ଉଠିବା ଯେଉଁମାନଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା ସେଭଳି କେତେକ ବ୍ୟକ୍ତିଙ୍କୁ ଏହି ସର୍ଭେ ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ବିଳମ୍ବରେ ଉଠିବା ଦ୍ୱାରା ଏହାର ପ୍ରଭାବ ସେମାନଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ବିଶେଷଜ୍ଞମାନେ ତର୍ଜମା କରିଥିଲେ। ପରିଶେଷରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ମସ୍ତିଷ୍କ କାର୍ଯ୍ୟଧାରାରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଏଭଳି ଅଭ୍ୟାସ ଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ଚିଡିଚିଡା ଗୁଣ ମଧ ବଢ଼ିଯାଇଥାଏ। ତେଣୁ ସବୁବେଳେ ଠିକ୍ ସମୟରେ ଶୁଅନ୍ତୁ ଏବଂ ସକାଳୁ ଉଠିବାକୁ ଏକ ଅଭ୍ୟାସରେ ପରିଣତ କରନ୍ତୁ।







# ଆଶେସ ବଜାୟ ରଖିଲା ଅଷ୍ଟ୍ରେଲିଆ



ଇଂଲଣ୍ଡ ବିପକ୍ଷରେ ବିଜୟ ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ଦଳର ଖେଳାଳିମାନେ।

**ଆଡିଲେଡ୍,୨୧।୧୨(ଏପି)** ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଚାଲିଥିବା ତୃତୀୟ ଆଶେସ ଟେଷ୍ଟରେ ଇଂଲଣ୍ଡକୁ ୮୨ ରନରେ ହରାଇ ଦେଇଛି ଆୟୋଜକ ଅଷ୍ଟ୍ରେଲିଆ। ଆଉ ଦୁଇଟି ମ୍ୟାଚ ଖେଳାଯିବାକୁ ବାକି ଥିବାବେଳେ ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ଆଶେସ ସିରିଜରେ ୩-୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍ଜା କରିନେଇଛି। ଏହାଛଡ଼ା ଦଳ ଆଶେସ ଟାଇଟଲ ବିଜୟ ରଖିବାରେ ସମର୍ଥ ହୋଇଛି। ଘରୋଇ ଦଳ ଇଂଲଣ୍ଡ ପାଇଁ ୪୩୫ରନର କଷ୍ଟସାଧ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ରବିବାର ଥିଲା ମ୍ୟାଚର ୫ମ ତଥା ଅନ୍ତିମ ଦିବସ। ଲକ୍ଷ୍ୟ ହାସଲ କରିପାରିଥିଲେ ଇଂଲଣ୍ଡ ଏକ ବିଶ୍ୱ ରେକର୍ଡ କରିଥାନ୍ତି। ତେବେ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୦୭/୬ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ୩୫୨ରନରେ ଅଲଆଉଟ ହୋଇଯାଇଥିଲା। ଭ୍ରମଣକାରୀ ଦଳ ମ୍ୟାଚ ଜିତିବା ପାଇଁ ଅନ୍ତିମ ଦିବସରେ ଆହୁରି ୨୨୮ରନ ଆବଶ୍ୟକ କରୁଥିଲା,ମାତ୍ର ଅଷ୍ଟ୍ରେଲୀୟ ପେସ୍ ବୋଲର ମିଚେଲ ମାର୍ଶ ସେମାନଙ୍କ ପାଇଁ ପ୍ରତିବନ୍ଧକ ସାଜିଥିଲେ। ସେ ଶେଷ ୪ ଉଇକେଟ ମଧ୍ୟରୁ ୩ଟି ଉଇକେଟ ଅକ୍ତିଆର କରି ମ୍ୟାଚକୁ ଅଷ୍ଟ୍ରେଲିଆ ସପକ୍ଷକୁ ନେଇ ଆସିଥିଲେ। ସକାଳ ସେସନରେ ସେ ପ୍ରଥମେ ଜେମି ସ୍ମିଥ୍‌ଙ୍କୁ ୬୦ରନ ସ୍କୋରରେ ଆଉଟ କରିଥିଲେ। ଉଭୟ ପର୍ଥ ଓ ବ୍ରିସ୍‌ବେନ୍‌ରେ ଅଷ୍ଟ୍ରେଲିଆର ୮ଉଇକେଟ ବିଜୟରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ମାର୍ଶ ପରେ ୱିଲ ଜ୍ୟାକ୍ସ (୪୭ରନ) ଓ ଜୋଫ୍ରା ଆର୍ଚର (୩)ଙ୍କ ଉଇକେଟ ଅକ୍ତିଆର କରିନେଇଥିଲେ। ରବିବାର ପତନ ଘଟିଥିବା ଅନ୍ୟ ଉଇକେଟର ପତନ ଘଟାଇଥିଲେ ସ୍କଟ ବୋଲାଣ୍ଡ। ପ୍ରଥମ ଇନିଂସରେ ୧୦୬ ଏବଂ ଦ୍ୱିତୀୟ ଇନିଂସରେ ୭୨ରନ କରିଥିବା ଆଲେକ୍ସ କାରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦୁଇ ଦଳ ମଧ୍ୟରେ ୪ର୍ଥ ଟେଷ୍ଟ ମ୍ୟାଚ ଡିସେମ୍ବର ୨୬ରୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୭୧
ଇଂଲଣ୍ଡ ପ୍ରଥମ ଇନିଂସ: ୨୮୬
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୩୪୯
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୫୨ (ଜ୍ୟାକ୍ କ୍ରଲି-୮୫, ଜେମି ସ୍ମିଥ୍-୬୦, ୱିଲ୍ ଜ୍ୟାକ୍ସ-୪୭, ବ୍ରାଇଡନ କାର୍ସି-୩୯*; ପ୍ୟାଟ୍ କମିନ୍ସ-୩/୪୮, ମିଚେଲ ଷ୍ଟାର୍କ-୩/୬୨, ନାଥାନ ଲିଅନ-୩/୭୭)।

# ଅଦିଶା, ଦିବ୍ୟଦୃଷ୍ଟି, ଆଦିତ୍ୟ, ପ୍ରାଂଶୁ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ରାଜ୍ୟ ଚିଲ୍‌ଡ୍ରେନ୍ସ ଓପନ ଚେସ୍

**ଭୁବନେଶ୍ୱର, ୨୧।୧୨ (ତପନ ସ୍ୱାଇଁ)** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ପ୍ରୟାସ ଚେସ୍ ଏକାଡେମୀର ମିଳିତ ଆନୁକୂଲ୍ୟରେ କଳିଙ୍ଗ ବିହାରରେ ରବିବାର ୪ର୍ଥ ଅରାତିବିଜୟ ମହାନ୍ତି ସ୍ମାରକୀ ରାଜ୍ୟ ଚିଲ୍‌ଡ୍ରେନ୍ସ ଓପନ ଚେସ୍ ୪ଟି ବର୍ଗରେ ଅନୁଷ୍ଠିତ ହୋଇଯାଇଛି। ୪ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ୮ ବର୍ଷରୁ କମ୍ ବର୍ଗରେ ଅଦିଶା କାନୁନ୍‌ଗୋ, ୧୦ ବର୍ଷରୁ କମ୍‌ରେ ଦିବ୍ୟଦୃଷ୍ଟି ଶତପଥୀ, ୧୨ ବର୍ଷରୁ କମ୍‌ରେ ଆଦିତ୍ୟ ଜେନା ଓ ୧୪ ବର୍ଷରୁ କମ୍ ବର୍ଗରେ ପ୍ରାଂଶୁ ଦାଶ ଚାମ୍ପିୟନ ହୋଇଛନ୍ତି। ଦେବାଂଶୀ ସାହୁ, ଅନିଶା ଆଚାର୍ଯ୍ୟ, ଆରିଶ ନନ୍ଦ ଗୋସ୍ୱାମୀ ଓ ସୂର୍ଯ୍ୟାଂଶ ଶେଖର ସାହୁ ଏହି ୪ ବର୍ଗରେ ରନରଅପ୍ ହୋଇଛନ୍ତି। ଏହି ସମସ୍ତ ବର୍ଗରେ ଶ୍ରେଷ୍ଠ ୫ ଜଣ ଲେଖାଏ ଖେଳାଳିଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯ ଓ ୧୧ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏକ୍ ଗ୍ରୁପ୍ ଏବଂ ୧୦ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପ୍ରୟାସ ଚେସ୍ ଏକାଡେମୀ ନିର୍ଦ୍ଦେଶକ ସୃଜନ ପ୍ରଣୟୀ ରାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆସପିରେ ଡାକ୍ତରଖାନାର ସିନିୟର ଅନ୍‌କୋଲୋଜିଷ୍ଟ ଅମିତାଭ ଜେନା, ପାଥୋଲୋଜିଷ୍ଟ ରଶ୍ମି ପଟ୍ଟନାୟକ ଏବଂ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଏଏଫ୍‌ସି ନେଶନ୍ସ ଲିଗ୍ ଖେଳାଯିବ

**କୁଆଲାଲମ୍ପୁର, ୨୧।୧୨ (ଏପି)** ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ ଏଏଫ୍‌ସି ନେଶନ୍ସ ଲିଗ୍ ଆରମ୍ଭ କରିବ ବୋଲି ରବିବାର ଘୋଷଣା କରିଛି। ଏହାଦ୍ୱାରା ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ବୃଦ୍ଧି ପାଇବ। ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ (ୟୁଫା) ପକ୍ଷରୁ ୨୦୧୮ରେ ୟୁରୋପର ଜାତୀୟ ଦଳଗୁଡ଼ିକୁ ନେଇ ନେଶନ୍ସ ଲିଗ୍ ଆରମ୍ଭ କରାଯାଇଥିଲା। ଏହିଭଳି ଏକ ଟୁର୍ନାମେଣ୍ଟ ୨୦୨୯ରୁ କରିବା ଲାଗି କନ୍‌ଫେଡେରେଶନ ଅଫ୍ ଆଫ୍ରିକାନ ଫୁଟ୍‌ବଲ ଘୋଷଣା କରିବାର ଦିନକ ପରେ ଏଏଫ୍‌ସି ତରଫରୁ ଏହି ଘୋଷଣା କରାଯାଇଛି। ଫିଫା ଅନ୍ତର୍ଜାତୀୟ ମ୍ୟାଚ ନ ଥିବାବେଳେ ଏହି ଟୁର୍ନାମେଣ୍ଟଗୁଡ଼ିକ ଆୟୋଜନ କରାଯାଇପାରିବ। ଏକ ବ୍ୟାପକ ଆଭ୍ୟନ୍ତରୀଣ ସମୀକ୍ଷା ଓ ପରାମର୍ଶ ପ୍ରକ୍ରିୟା ପରେ ମହାସଂଘ ନୀତିଗତ ଭାବେ ଏକ ଏଏଫ୍‌ସି ନେଶନ୍ସ କପ୍ ଆୟୋଜନ କରିବା ଲାଗି ନୀତିଗତ ନିଷ୍ପତ୍ତି ନେଇଛି। ୟୁଫା ନେଶନ୍ସ ଲିଗ୍‌ର ପ୍ରଚଳନ ବେଳେ ଦଳଗୁଡ଼ିକୁ ସମ ର୍‍ୟାଙ୍କିଂପ୍ରାପ୍ତ ଦଳଗୁଡ଼ିକ ସହିତ ଖେଳିବା ଲାଗି ଅନୁମତି ଦିଆଗଲା। ଏହାଦ୍ୱାରା ସେମାନଙ୍କ ବିଜୟ ଓ ଉନ୍ନତି ସମ୍ଭାବନା ଦେଖାଦେଇଥିଲା। ମ୍ୟାଚ୍‌ର ଫଳାଫଳ ଆହୁରି ମଧ୍ୟ ୟୁରୋପିଆନ ଚାମ୍ପିୟନଶିପ୍ ଓ ବିଶ୍ୱକପ୍ ପାଇଁ ପ୍ରଭାବ ପକାଇଥିଲା। ବଡ଼ ବଡ଼ ଟୁର୍ନାମେଣ୍ଟ ପାଇଁ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଦଳଗୁଡ଼ିକ ଲାଗି ସମ୍ଭାବନାରେ ଉନ୍ନତି ଦେଖିବାକୁ ମିଳିଥିଲା। ଅଂଶୀଦାରଗୁଡ଼ିକ ସହ ଆଲୋଚନା ପରେ ଟୁର୍ନାମେଣ୍ଟ କେବେ ହେବ ଏବଂ ଏହାର ଫର୍ମାଟ, ଟାଇମ୍‌ଲାଇନ ଚୂଡ଼ାନ୍ତ କରାଯିବ ବୋଲି ଏଏଫ୍‌ସି କହିଛି।






# ୱେଷ୍ଟଇଣ୍ଡିଜ ପାଇଁ ୪୬୨ ରନର ବିଜୟ ଲକ୍ଷ୍ୟ

**ମାଉଣ୍ଟ ମଙ୍ଗାନୁଇ (ନ୍ୟୁଜିଲାଣ୍ଡ) ୨୧।୧୨** ଟମ୍ ଲଥାମ ଓ ଡେଭନ କନୱେଙ୍କ ମଧ୍ୟରେ ୧୯୨ରନର ପାର୍ଟନରଶିପ୍ ଯୋଗୁ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ଏହାର ଦ୍ୱିତୀୟ ଇନିଂସ ୩୦୬/୨ରେ ଘୋଷଣା କରିଛି। ରବିବାର ଥିଲା ମ୍ୟାଚ୍‌ର ଚତୁର୍ଥ ଦିବସ । ତୃତୀୟ ସେସନ ଖେଳର ଡ୍ରିଙ୍କ୍ସ ବେଳେ ଲଥାମ ତାଙ୍କର ଘୋଷଣା କରିଥିଲେ। ପୂର୍ବରୁ ନ୍ୟୁଜିଲାଣ୍ଡ ୫୭୫/୮ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୪୨୦ରନ କରିଥିଲା। ଫଳରେ ଘରୋଇ ଦଳ ୧୫୫ ରନ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଥିଲା। ଚତୁର୍ଥ ଦିବସ ଖେଳ ଷ୍ଟମ୍ପ ଅପସାରଣ ବେଳକୁ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ୧୬ ଓଭରରେ ବିନା କୌଣସି ଉଇକେଟରେ ୪୩ ରନ କରିଛି। ସୋମବାର ଆଉ ଗୋଟିଏ ଦିନ ଖେଳ ବାକି ରହିଥିବା ବେଳେ ମ୍ୟାଚ ଜିତିବା ଲାଗି ଭ୍ରମଣକାରୀ ଦଳ ଆହୁରି ୪୧୯ରନ ଆବଶ୍ୟକ କରୁଛି।

# ବକେୟା ଦେୟକୁ ପାକିସ୍ତାନ ହକି ଖେଳାଳିଙ୍କ ଅପେକ୍ଷା

**କରାଚୀ, ୨୧।୧୨ (ପି.ଟି.)** ପାକିସ୍ତାନ ହକି ଖେଳାଳିମାନେ ଆର୍ଥିକ ସମସ୍ୟା ସହିତ ଜଡ଼ିତ ଅଛନ୍ତି। କାରଣ ସେମାନଙ୍କର ଲକ୍ଷ ଲକ୍ଷ ଟଙ୍କାର ପାଉଣା ପଡ଼ି ରହିଛି। ସେମାନେ ହକି କର୍ତ୍ତୃପକ୍ଷଙ୍କ ପଦକ୍ଷେପକୁ ଅପେକ୍ଷା କରିଛନ୍ତି। ଜଣେ ଜାତୀୟ ଖେଳାଳିଙ୍କ କହିବା ଅନୁସାରେ ବାଂଲାଦେଶ ଟୁର୍ ଓ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ପାଇଁ ତାଲିମ ଶିବିର, ବାଂଲାଦେଶ ଟୁର୍ ବ୍ୟତୀତ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଅଂଶଗ୍ରହଣ ବାବଦରେ ସେମାନଙ୍କ ଦୈନିକ ଏପର୍ଯ୍ୟନ୍ତ ପାଇ ନାହାନ୍ତି। ପ୍ରୋ-ଲିଗ୍ ଖେଳିବା ଲାଗି ଆର୍ଜେଣ୍ଟିନା ଯିବା ପୂର୍ବରୁ ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା ଯେ, ସରକାର ପାକିସ୍ତାନ ହକି ମହାସଂଘକୁ ଯଥେଷ୍ଟ ପାଣ୍ଠି ଯୋଗାଇ ଦେଇଛନ୍ତି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୨/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Monday, December 22/2025 Page 16 ₹ 7.00 | BERHAMPUR
୫୨ଶ ଭାଗ ୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 29 ମୂଲ୍ୟ ₹୭/-

# ବଢ଼ିବ ଜମି ବେଞ୍ଚମାର୍କ ମୂଲ୍ୟ

## ରାଜସ୍ୱ ବିଭାଗ ଜାରି କଲା ସଂକଳ୍ପ

ଭୁବନେଶ୍ୱର,୨୧।୧୨(ରବିନାରାୟଣ ଜେନା)

ରାଜସ୍ୱ ବିଭାଗ ପକ୍ଷରୁ ଜମି ଓ ସ୍ଥାବର ସମ୍ପତ୍ତିର ମୂଲ୍ୟ ବୃଦ୍ଧି କରାଯିବ। ଜମିର କିସମ ଏବଂ କେଉଁ ଜମି ଜାତୀୟ ରାଜପଥ କଡ଼ରେ ରହିଛି ବା ଦୂରରେ ରହିଛି ତା'ର ସ୍ଥିତାବସ୍ଥା ଦେଖି ଜମିର ନୂତନ ବେଞ୍ଚମାର୍କ ମୂଲ୍ୟାୟନ କରାଯିବ। ଏହି କାର୍ଯ୍ୟ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ରାଜସ୍ୱ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୧୯ରେ ରାଜସ୍ୱ ବିଭାଗ ପକ୍ଷରୁ ଜାରି ସଂକଳ୍ପରେ ଜମି ମୂଲ୍ୟାୟନ ବେଳେ ବିଭାଗ ପକ୍ଷରୁ ଜାରି ଷ୍ଟାଣ୍ଡାର୍ଡ ଅଫ୍ ଅପରେଟିଂ(ଏସ୍‌ଓପି)କୁ ଅନୁସରଣ କରି ଜମି ଓ ସ୍ଥାବର ସମ୍ପତ୍ତିର ଦର ମୂଲ୍ୟାୟନ କରିବାକୁ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ନିର୍ଦ୍ଦେଶ ଦେଇଛନ୍ତି।

ଦେଓରଞ୍ଜନ ଦର୍ଶାଇଛନ୍ତି, ଓଡ଼ିଶା ଷ୍ଟାମ୍ପ ରୁଲ୍ସ–୧୯୫୨ ଅନୁଯାୟୀ, ପ୍ରତି ଦୁଇବର୍ଷରେ ଥରେ ଜମି ଓ ସ୍ଥାବର ସମ୍ପତ୍ତିର ମୂଲ୍ୟାୟନ ହେବା କଥା। ଏହି କ୍ରମରେ ଜମି ଓ ସମ୍ପତ୍ତିର ଦର ନିର୍ଦ୍ଧାରଣ ବେଳେ କେତେକ ଦିଗକୁ ଗୁରୁତ୍ୱ ଦେବାକୁ ହେବ। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜମି ଓ ସ୍ଥାବର ସମ୍ପତ୍ତି ମୂଲ୍ୟାୟନରେ ଫରକ ରହିବ। ତେବେ ପ୍ରତିବର୍ଷ ଯେତିକି ପଞ୍ଜୀକରଣ ହୋଇଥିବ ତା'ର ଅଧାରୁ ଅଧିକ ଜମି ପଞ୍ଜୀକରଣରେ ଯେଉଁ ବଢ଼ା ମୂଲ୍ୟ ରହିଥିବ ତାକୁ ମୂଲ୍ୟାୟନରେ ନିଆଯିବ। ଏହାବାଦ୍ ସହରାଞ୍ଚଳରେ ପୂର୍ବ ଦୁଇବର୍ଷ ତୁଳନାରେ ଅତି କମ୍‌ରେ ୫ପ୍ରତିଶତ ମୂଲ୍ୟାୟନ ବଢ଼ିବ। ଏଥିପାଇଁ ତହସିଲଦାର ଓ ସବ୍‌ରେଜିଷ୍ଟ୍ରାରମାନେ ନିର୍ଦ୍ଦିଷ୍ଟ ଫର୍ମାଟରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠନ ହେବାକୁ ଥିବା ଜିଲାସ୍ତରୀୟ ମୂଲ୍ୟାୟନ କମିଟି ଏବଂ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଉପଜିଲାସ୍ତରୀୟ ମୂଲ୍ୟାୟନ କମିଟିରେ ଦେବାକୁ ପଡ଼ିବ। ଏହାପରେ କମିଟି ଯେଉଁ ଦର ଧାର୍ଯ୍ୟ କରିବ ତାହାକୁ ରାଜସ୍ୱ ପର୍ଷଦଙ୍କ ଅନୁମୋଦନ ଲାଗି ପଠାଯିବା ଆବଶ୍ୟକ। ଯଦି ମୂଲ୍ୟାୟନ କମିଟି କୌଣସି ଜମି କିମ୍ବା ସ୍ଥାବର ସମ୍ପତ୍ତିର ମୂଲ୍ୟାୟନ ☞ପୃଷ୍ଠା–୬

# ଘରେ ନିଆଁ ଲାଗି ବୃଦ୍ଧ ଜୀବନ୍ତ ଦଗ୍ଧ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/
ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲ),୨୧।୧୨

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ବଡ଼ଗାଁ ପଞ୍ଚାୟତ ଜୁହା ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ନିଆଁଜାଳି ଶୋଇଥିବାବେଳେ ଜଣେ ବୃଦ୍ଧ ଜୀବନ୍ତଦଗ୍ଧ ହୋଇଯାଇଛନ୍ତି। ମୃତକ ହେଲେ ଆନନ୍ଦ ସିଂ(୬୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ପରିବାର ଲୋକ ଅନ୍ୟ ଘରେ ଶୋଇଥିବା ବେଳେ ବୃଦ୍ଧ ଆନନ୍ଦ ଅଣ୍ଡା ☞ପୃଷ୍ଠା–୬



ପୋଡ଼ିଯାଇଥିବା ଘର।

ଓଡ଼ିଶା ସରକାର
ଅର୍ଥ ବିଭାଗ

**ଚିଟ୍ ଫଣ୍ଡ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ସମ୍ବନ୍ଧୀୟ ବିଶେଷ ସୂଚନା**

No. DSPL-427: ଚିଟ୍ ଫଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ କ୍ଷୁଦ୍ର ଆବେଦନକାରୀଙ୍କୁ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଟଙ୍କା ଫେରସ୍ତ କରୁଛନ୍ତି। ଏହାର ସୁଯୋଗ ନେବାକୁ ସମସ୍ତ କ୍ଷୁଦ୍ର ଆବେଦନକାରୀଙ୍କୁ ଅନୁରୋଧ କରାଯାଉଛି।

**(କ) କେଉଁମାନେ ଏହି ସୁଯୋଗର ସୁଫଳ ପାଇବେ?**

୧. ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା ଓ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା)।
୨. ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୮,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା)।

**(ଖ) ଜମାକାରୀମାନେ ସେମାନଙ୍କର ଆବେଦନ ପତ୍ରର ସ୍ଥିତି କିପରି ଜାଣି ପାରିବେ?**

ନିଜ ଜିଲ୍ଲାର ସରକାରୀ websiteରେ ଫେରସ୍ତ ପାଇ ନଥିବା ଜମାକାରୀମାନଙ୍କର ସମ୍ପୂର୍ଣ୍ଣ ତାଲିକା ଉପଲବ୍ଧ ଅଛି। ଏତଦ୍‌ବ୍ୟତୀତ, ମାନ୍ୟବର ତଦନ୍ତ କମିଶନ ରିପୋର୍ଟ ପାଇଁ ଜମାକାରୀଙ୍କ ନାମ/Affidavit ନମ୍ବର ଏବଂ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ପାଇଁ ଜମାକାରୀଙ୍କର ନାମ/Application ନମ୍ବର **www.opid.odisha.gov.in**ରେ ଦେଇ ସେମାନଙ୍କର ଆବେଦନ ପତ୍ରର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଜାଣି ପାରିବେ।

**(ଗ) ଟଙ୍କା ଫେରସ୍ତ ପାଇଁ କ୍ଷୁଦ୍ରଜମାକାରୀ କ'ଣ କରିବେ?**

ଜମାକାରୀମାନେ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସହିତ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ (R.I.)ଙ୍କ ପାଖରେ ଯୋଗାଯୋଗ କଲେ ୧୫ଦିନ ମଧ୍ୟରେ ସେମାନଙ୍କର ଜମା ଟଙ୍କା ଫେରି ପାଇବାର ପ୍ରାବଧାନ କରାଯାଇଛି।

୧. ପରିଚୟ ପତ୍ର ଯଥା ଆଧାର କାର୍ଡ଼, ଭୋଟର ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ୍ କାର୍ଡ଼ ଇତ୍ୟାଦି।
୨. ମୂଳ ଜମା ରସିଦ୍ (Original Money Receipts)।
୩. ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ଯଥା ଖାତା ନମ୍ବର, ବ୍ୟାଙ୍କ ନାମ, IFSC (ବି.ଦ୍ର.: କେବଳ ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା ଆବେଦନକାରୀଙ୍କ ପାଇଁ ଉଦ୍ଦିଷ୍ଟ)।

**ଏହି ଟଙ୍କା ଫେରସ୍ତ ପ୍ରକ୍ରିୟା ୩୧ ଜାନୁୟାରୀ ୨୦୨୬ ପର୍ଯ୍ୟ ଚାଲୁ ରହିବ। ସମସ୍ତ କ୍ଷୁଦ୍ର ଜମାକାରୀ ଏହାର ସୁଯୋଗ ନେବାକୁ ଅନୁରୋଧ।**

**କ୍ଷୁଦ୍ର ଜମାକାରୀମାନେ ଉପରୋକ୍ତ ବିଷୟରେ ଅଧିକ ଜାଣିବା ପାଇଁ ୦୬୭୪–୨୩୯୫୧୫୩ ନମ୍ବରରେ ସରକାରୀ କାର୍ଯ୍ୟ ଦିବସରେ (ପ୍ରତ୍ୟେହ ପୂର୍ବାହ୍ନ ୧୧.୦୦ ଘଟିକାରୁ ୦୧.୦୦ ଘଟିକା ଏବଂ ୦୩.୦୦ ଘଟିକାରୁ ସନ୍ଧ୍ୟା ୦୫.୦୦ ଘଟିକା) ଯୋଗାଯୋଗ କରିପାରିବେ।**

**ଅର୍ଥ ବିଭାଗ, ଓଡ଼ିଶା ସରକାର**

OIPR-05001/13/0016/2526

KIIT Nanhipari
Little Miss India 2025
Silver Jubilee Celebration
22nd -23rd Dec. 2025 | KIIT University, Bhubaneswar
Presented by
KIIT School of Mass Communication
KIIT School of Fashion Technology | KIIT School of Film and Media Sciences
Reigning Beauty Queens to Grace the Occasion



Ms. Nikita Porwal
Femina Miss India World 2024



Ms. Rekha Pandey
1st Runner-up, Femina Miss India 2024



Ms. Nandini Gupta
Femina Miss India World 2023

25 SILVER JUBILEE CELEBRATION
KIIT NANHIPARI LITTLE MISS INDIA 25th Edition
Scholarships Worth ₹56 Lakhs await the WINNERS

Scholarship for the WINNERS
01 Winner ₹28 Lakhs
Rs. 10,00,000/- Cash Prize + 100% Academic fee waiver subject to a maximum of Rs. 18 lakhs for studying in any discipline in KIIT
02 1st Runner Up ₹14 Lakhs
Rs. 5,00,000/- Cash Prize + 50% Academic fee waiver subject to maximum of Rs. 9 lakhs for studying any discipline in KIIT
03 2nd Runner Up ₹12 Lakhs
Rs. 3,00,000/- Cash Prize + 50% Academic fee waiver subject to maximum of Rs. 9 lakhs for studying any discipline in KIIT

HIGHLIGHTS 35 SEMI-FINALISTS 26 STATES 5000+ PARTICIPANTS 10+ COMPETITIONS
• It is a national competition among girls from 13 to 15 Age Group • Highest Prize Money • No Participation Fee • Free Accommodation and Travel Expenses

About KIIT Nanhipari : Celebrating 25 glorious years, KIIT NanhiPari began on a modest note in 2001 and has grown into a nationwide phenomenon, empowering young girls with confidence, talent and grace. A platform that goes far beyond beauty, it nurtures personality, intellect, poise and self-belief, helping teenage girls realise their fullest potential. Fuelled by the visionary guidance of Dr. Achyuta Samanta, NanhiPari has become India's finest grooming ground for future achievers. As it marks its Silver Jubilee, NanhiPari proudly continues its journey of inspiring and shaping the leaders of tomorrow.

TEN CATEGORIES with Prize money Rs. 20,000/- Each Category
• Miss Rapunzel – Girl with most beautiful hair
• Miss Photogenic – Girl with best pose in Photoshoot round
• Miss Selfie – Maximum likes on facebook page
• Miss Fashion – Girl with best costume in both rounds
• Miss Whizkid – Girl with highest marks in quiz round
• Miss Cinderella – A graceful walk & pose and a positive attitude
• Miss Personality – Sharp intelligence, confidence & communication skills
• Miss Monalisa – Most beautiful girl with most beautiful smile
• Miss Active – Most active girl in Sports round
• Miss Urvasi – Girl with Best Talent

Gold Sponsors: SNM S.N. Mohanty | SWASTIK ASSETS Private Limited | evos SPREADING LOVE | MGM MINERALS LTD.
Grooming by: indulge THE SALON
Event Partner | Radio Partner 90.0FM | Media Partner KALINGA | Digital Partner

KIIT, Bhubaneswar - 751024 (Odisha), India | +91 9777286878 | kiitnanhipari@gmail.com | Follow Us: /kiitnanhipari | /kiit_nanhi_pari | /kiitnanhipari | /KIIT_NanhiPari | /kiitnanhipari.in

# ସହପାଠୀଙ୍କ ମାଡ଼ରୁ ଆର୍ଯ୍ୟନ୍‌ଙ୍କ ମୃତ୍ୟୁ

**ଚାରଭଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ଛାତ୍ର ହତ୍ୟା ଘଟଣା**

**ଜଣେ ଗିରଫ, ବାଳ ସୁଧାର ଗୃହକୁ ଗଲେ ୮ ନାବାଳକ**

ସୋନପୁର,୨୧।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସହପାଠୀଙ୍କ ନିସ୍ତୁକ ମାଡ଼ ଯୋଗୁ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚାରଭଟାସ୍ଥିତ ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଆର୍ଯ୍ୟନ୍ ସୁନା(୧୭)ଙ୍କ ମୃତ୍ୟୁ ଘଟିଥିଲା। ମୋବାଇଲ ଚୋରିକୁ ନେଇ ୯ ସହପାଠୀ ମିଳିତ ହୋଇ ଆର୍ଯ୍ୟନ୍‌ଙ୍କୁ ମାଡ଼ ମାରିଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ତଦନ୍ତରୁ ଏହା ଜାଣିପାରିଛି। ଏହି ହତ୍ୟା ଘଟଣାରେ


ମୃତ ଛାତ୍ର ଆର୍ଯ୍ୟନ୍ ସୁନା।

ତରଭା ପୋଲିସ ଅଭିଯୁକ୍ତ ତଥା ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଫଜିତ୍ ହରିପାଲ(୧୯)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ତରଭା ଜେଏମ୍‌ଏଫ୍‌ସି କୋର୍ଟ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିବାରୁ ତାଙ୍କୁ ସୋନପୁର ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଫଜିତ୍‌ଙ୍କ ଘର ତରଭା ଥାନା ପାଣିମୁରା ଅଞ୍ଚଳରେ। ଏଥିରେ ସମ୍ପୃକ୍ତ ଅନ୍ୟ ୮ଜଣ ଅଭିଯୁକ୍ତ ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଓ ବାଣିଜ୍ୟ ଛାତ୍ର। ସେମାନେ ସମସ୍ତ ନାବାଳକ। ତରଭା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଘଟଣାରେ ସମ୍ପୃକ୍ତ ନାବାଳକଙ୍କୁ ରବିବାର ସୁବର୍ଣ୍ଣପୁର କିଶୋର ଆଇନ ବୋର୍ଡରେ ଉପସ୍ଥିତ କରାଯାଇଥିଲା। ବୋର୍ଡ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ବୌଦ୍ଧସ୍ଥିତ ବାଳ ସୁଧାର ଗୃହକୁ ପଠାଯାଇଛି।

ଗତ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟ ଛାତ୍ରାବାସରେ ଆର୍ଯ୍ୟନ୍‌ଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ପ୍ରଥମେ ତରଭା ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ମୃତ ଛାତ୍ରଙ୍କ ବାପା ବିଷ୍ଣୁ ସୁନାଙ୍କ ଅଭିଯୋଗକ୍ରମେ ୧୯ ତାରିଖରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଛାତ୍ର ମୃତ୍ୟୁର ନିରପେକ୍ଷ ତଦନ୍ତ ପାଇଁ ଏସ୍‌ସି ଏସ୍‌ଟି ମିଳିତ ସଙ୍ଗଠନ କର୍ମକର୍ତ୍ତା ଜିଲାପାଳ ଓ ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। ଏସ୍‌ପି ନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ତରଭା ଆଇଆଇସି ଅନିତା କିଡୋ ତଦନ୍ତ କରିଥିଲେ। ସହପାଠୀଙ୍କୁ ପଚରାଉଚରା ପରେ ଘଟଣା ଦିନ ଏକ ମୋବାଇଲ ଫୋନ ଚୋରିକୁ ନେଇ ବିଦ୍ୟାଳୟ ବାହାରେ ୯ ସହପାଠୀ ଆର୍ଯ୍ୟନ୍‌ଙ୍କୁ ମାଡ଼ ମାରିଥିବା ଜଣାପଡ଼ିଥିଲା। ଏଥିଯୋଗୁ ଆର୍ଯ୍ୟନ୍‌ଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ସୃଷ୍ଟି ହୋଇଥିଲା। ସେ ମୂର୍ଚ୍ଛା ହୋଇ ତଳେ ପଡ଼ିଯାଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା ଆର୍ଯ୍ୟନ୍‌ଙ୍କୁ ଚାରଭଟା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ବିଦ୍ୟାଳୟର ଭାରପ୍ରାପ୍ତ ଛାତ୍ରାବାସ ଅଧୀକ୍ଷକ ତଥା ଲାବରେଟୋରି ଆସିଷ୍ଟାଣ୍ଟ ଅରବିନ୍ଦ ମହାକୁରଙ୍କୁ ଜିଲାପାଳ ଡ. ନୃପରାଜ ସାହୁ ନିଲମ୍ବନ କରିବା ସହ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତାଙ୍କୁ କୈଫିୟତ ତଲବ କରିଛନ୍ତି।

# ପୂର୍ବତନ ବିଧାୟକଙ୍କ ନାଁରେ ଜମି ଜବରଦଖଲ ଅଭିଯୋଗ

ଯାଜପୁର/କାଏମା(ହର୍ଷବର୍ଦ୍ଧନ ବେହେରା/ ଶିବ ପ୍ରସାଦ ମହାନ୍ତି),୨୧।୧୨

**ଅଭିଯୋଗ ଆଣିଲେ ମଧୁପୁରଗଡ଼ ରାଣୀ**

ଯାଜପୁର ଜିଲାରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ଜଙ୍ଗଲ, ଜଳାଶୟ, ସରକାରୀ ଜମି ଜବରଦଖଲ ଅଣାୟତ୍ତ ହୋଇଛି। ଏଭଳି ଏକ ଅଭିଯୋଗ ଆସିଛି ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ(ଜିତୁ)ଙ୍କ ନାଁରେ। ଏନେଇ ରବିବାର ମଧୁପୁରଗଡ଼ ରାଣୀ ଅପର୍ଣ୍ଣା ଧୀର ସିଂ ମଧ୍ୟ ଅଭିଯୋଗ କରିଛନ୍ତି। ଫଳରେ ଧର୍ମଶାଳା ତହସିଲ ପକ୍ଷରୁ ପୂର୍ବତନ ବିଧାୟକ ଜିତୁଙ୍କୁ ଏକ ନୋଟିସ ପ୍ରଦାନ କରାଯାଇଛି। ସେ ତହସିଲରେ ହାଜର ହୋଇ କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ସେଥିନେଇ ନିଜ ପକ୍ଷ ରଖିବାକୁ ତହସିଲଦାର ସମୀର ରଞ୍ଜନ ଦାସ ଉକ୍ତ ନୋଟିସରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ ଯେ, ଧର୍ମଶାଳା ତହସିଲ ମଧୁପୁରଗଡ଼ ପଞ୍ଚାୟତର ପନ୍ତୁରିଠାରେ ଥିବା ଫାର୍ମହାଉସ୍‌ରେ ଗତ ୧୪ ତାରିଖରେ ପୂର୍ବତନ ବିଧାୟକ ଜିତୁଙ୍କ ସମର୍ଥକମାନେ ଭୋଜି କରୁଥିବା ବେଳେ ଏକ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣା ରାଜ୍ୟ ରାଜନୀତିରେ ଆଲୋଚନାର ବିଷୟ ପାଲଟିଥିଲା। ସେ ସମୟରେ ପୂର୍ବତନ ବିଧାୟକ ଜିତୁ ଉକ୍ତ ସ୍ଥାନକୁ ନିଜ ଫାର୍ମ ହାଉସ ବୋଲି କହିଥିଲେ। ଏହି ଘଟଣା ପରଠାରୁ ବିବାଦ ବଢ଼ିବାରେ ଲାଗିଛି। ଅଭିଯୋଗ ଅନୁସାରେ ପୂର୍ବତନ ବିଧାୟକ ଜିତୁ ରାଜା ଘର ସମ୍ପତ୍ତିରୁ ୧୨ଏକର ଜମିକୁ ଚତୁରତାର ସହ ହାସଲ କରିଥିଲେ। ଏହି ସମ୍ପତ୍ତି ଉପରେ ମାମଲା ଚାଲିଥିବାରୁ ତାହାର ତଦନ୍ତର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ସେଠାରେ ପନ୍ତୁରି ପାହାଡ଼ ରହିଛି ଏବଂ ଏହା ଜଙ୍ଗଲ କିସମ ଜମି ହୋଇଥିବାବେଳେ ସେ ତାହାକୁ ଜବରଦଖଲ କରିଛନ୍ତି। ରାଜା ଘର ଏବଂ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ମଧ୍ୟ ହୋଇଥିଲା। କିନ୍ତୁ ପୂର୍ବ ସରକାରଙ୍କ ସମୟରେ ଜବରଦଖଲକାରୀ ଜଣେ ପ୍ରଭାବଶାଳୀ ନେତା ଥିବାରୁ କିଛି ସଫଳତା ମିଳି ନ ଥିଲା। କିନ୍ତୁ ବର୍ତ୍ତମାନ ଭାଜପା ସରକାରରେ ଜବରଦଖଲ ଜମିଗୁଡ଼ିକର ତଦନ୍ତ ଆରମ୍ଭ ହେଉଛି। ଯଦି ଅନାବାଦୀ ଜାଗା ଉପରେ ବୁଲଡୋଜର ଲଗାଇ ଘର ଭଙ୍ଗା ହୋଇପାରୁଛି, ତେବେ ସରକାରୀ ଜମି ଉପରୁ ଜବରଦଖଲ ଉଚ୍ଛେଦ କରାଯିବା ସହ ଠିକ୍ ମାପଚୁପ କରିବାକୁ ମଧୁପୁରଗଡ଼ ରାଣୀ ଦାବି କରିଛନ୍ତି। ସେହିପରି ମଧୁପୁରଗଡ଼ ସରପଞ୍ଚ ରବୀନ୍ଦ୍ର ସେଠୀ ମଧ୍ୟ ଏହି ଜବରଦଖଲ ଉପରେ ସରକାରୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ କହିଛନ୍ତି, ବିଜେଡିର ଦୀର୍ଘ ୨୫ ବର୍ଷ ଶାସନ ମଧ୍ୟରେ ପୂର୍ବତନ ବିଧାୟକ ଜିତୁ କେବଳ ଏହି ସ୍ଥାନରେ ଜବରଦଖଲ କରିନାହାନ୍ତି, ବରଂ ଅନ୍ୟ ମୌଜାରେ ଥିବା ଫାର୍ମହାଉସଗୁଡ଼ିକ ମଧ୍ୟ ବେଆଇନ ଭାବେ ନିର୍ମାଣ କରିଛନ୍ତି। ତେଣୁ ସେହିସବୁ ବେଆଇନ ନିର୍ମାଣଗୁଡ଼ିକର ମାପଚୁପ କରାଯିବାର ଆବଶ୍ୟକତା ରହିଛି ବୋଲି ସେଠୀ କହିଛନ୍ତି।

ଏ ସଂକ୍ରାନ୍ତରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରୀ ସ୍ତରରେ ମାପଚୁପ କରାଯାଇ ରେକର୍ଡ ଅନୁଯାୟୀ ତାଙ୍କ ଜାଗା ତାଙ୍କୁ ଦିଆଯାଉ। ଅନ୍ୟର ଯଦି କିଛି ଜବରଦଖଲ ଜମି ବାହାରେ ତାହାକୁ ସରକାର ନିଜ ଅଧୀନକୁ ନିଅନ୍ତୁ ବୋଲି ପ୍ରଣବ କହିଛନ୍ତି।

# ରେଡ୍‌ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କଲା କ୍ରାଇମବ୍ରାଞ୍ଚ

**ଶହୀଦନଗର ନାବାଳିକା ଗଣବଳାତ୍କାର ମାମଲା**

ଭୁବନେଶ୍ୱର,୨୧।୧୨(ସତ୍ୟଜିତ ରାଉତ)

ଭୁବନେଶ୍ୱର ଶହୀଦନଗର ଥାନା ଅଞ୍ଚଳରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର ଘଟଣାକୁ ନେଇ କମିଶନରେଟ୍ ପୋଲିସ ଅଧିକ ଛାନଭିନ୍ ଚଳାଇଛି। ଏହି ମାମଲାରେ ପୋଲିସ ଗିରଫ କରିଥିବା ୨ ଅଭିଯୁକ୍ତ ସାହିଲ ଖାନ୍ ଏବଂ ଅକ୍ଷୟ ରାଉତ ଏବେ ଜେଲରେ ଅଛନ୍ତି। ତେବେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ କ୍ରାଇମବ୍ରାଞ୍ଚ ଏହି ମାମଲାକୁ ରେଡ୍‌ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରିଛି। କମିଶନରେଟ୍ ପୋଲିସକୁ ତଦନ୍ତ ପ୍ରକ୍ରିୟାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ସହଯୋଗ କରାଯିବ। ଏପରିକି କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ଚିକିନିଖି ତଦନ୍ତ କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ପୀଡ଼ିତା ନାବାଳିକାଙ୍କୁ ଡାଟା ଏଣ୍ଟ୍ରି ଚାକିରି କରାଇଦେବାକୁ କହି ଅଭିଯୁକ୍ତଦ୍ୱୟ ୟୁନିଟ-୯ସ୍ଥିତ ଭଡ଼ାଘରକୁ ଡାକିଥିଲେ। ଗୁରୁବାର ସେଠାରେ ନାବାଳିକାଙ୍କୁ ତାଙ୍କ ପୁରୁଷ ବନ୍ଧୁ ଛାଡ଼ିଦେଇ ଯାଇଥିଲେ। ହେଲେ ଏହାପରେ ସେଠାରେ ଅଭିଯୁକ୍ତଦ୍ୱୟ ନାବାଳିକାଙ୍କୁ ଭୟଭୀତ କରିବା ସହ ମାଡ଼ମାରି ବଳାତ୍କାର କରିଥିଲେ। ପୀଡ଼ିତା ଜଣକ ଶହୀଦନଗର ଥାନାରେ ଶୁକ୍ରବାର ସକାଳେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଶନିବାର ଗିରଫ କରିଥିଲା।

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

# ଆଇପିଏସ୍ ଅଫିସରଙ୍କ ନାଁ କହିଲେ ଶଙ୍କର

ଭୁବନେଶ୍ୱର,୨୧।୧୨(ତ୍ରିନାଥ ମହାନ୍ତି)

- ପ୍ରମାଣ ମିଳିବା ପରେ ଆଇପିଏସ୍ ଅଫିସରଙ୍କୁ ସମନ କଲା ସିବିଆଇ
- ଜାଲିଆତିର ମଡ୍ୟୁଲ କରିଥିବା ଶିକ୍ଷକଙ୍କୁ ପଚରାଉଚରା

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ରବିବାର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ଶଙ୍କର ପୃଷ୍ଟି, ସୁରେଶ ନାୟକ ଓ ସାଗର ଗୌଡ଼ଙ୍କୁ ପୁଣି ମୁହାଁମୁହିଁ ଜେରା କରିଛି। ଜେରା ସମୟରେ ଶଙ୍କରଙ୍କ ସହ ଅନ୍ୟମାନେ ସମ୍ପୃକ୍ତ ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ନାମ ସିବିଆଇ ଆଗରେ ପ୍ରକାଶ କରିଥିବା ଜଣାପଡ଼ିଛି। ସେହି ଆଇପିଏସ୍ ଅଧିକାରୀ ହିଁ ପୂରା ଜାଲିଆତି ର୍‍ୟାକେଟର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା ସହ ଚିକିନିଖି ସବୁକିଛି ବୁଝୁଥିଲେ। ଏପରିକି ଧରାପଡ଼ିଲେ ଯେପରି କାହାର କିଛି ପ୍ରମାଣ ରହିବ ନାହିଁ, ସେନେଇ ମଧ୍ୟ ଅଫିସର ଜଣକ ବ୍ୟବସ୍ଥା କରିଥିଲେ। ଏପରିକି ଏହି ନିଯୁକ୍ତି ଜାଲିଆତି ଧରାପଡିବା ପରେ ପ୍ରମାଣ ନଷ୍ଟ ପାଇଁ ସେ କୁଆଡେ


ଶଙ୍କର ପୃଷ୍ଟି

କ୍ରାଇମବ୍ରାଞ୍ଚ ଉପରେ ଚାପ ପକାଇଥିଲେ। ଫଳରେ କ୍ରାଇମବ୍ରାଞ୍ଚ ଯେଉଁ ସ୍ଥାନରେ ଚଢ଼ାଉ କରୁଥିଲା, ତାହା ପୂର୍ବରୁ ସେ ଆଗୁଆ ସୂଚନା ପାଇ ସେଠାରୁ ସବୁ ଦସ୍ତାବିଜ ଓ ପ୍ରମାଣକୁ ନଷ୍ଟ କରିଦେଉଥିଲେ। ସିବିଆଇ ଗିରଫ କରିଥିବା ଅଭିଯୁକ୍ତ ଓ ଅନ୍ୟ କେତେଜଣ ସନ୍ଦିଗ୍ଧଙ୍କୁ ପଚରାଉଚରା କରିବା ପରେ ଏହି ଆଇପିଏସ୍ ଅଫିସରଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲା। ସିବିଆଇ ସମସ୍ତ ପ୍ରମାଣ ପାଇବା ପରେ ସମ୍ପୃକ୍ତ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ପଚରାଉଚରା କରିବା ପାଇଁ ସମନ କରିଥିବା ଜଣାପଡ଼ିଛି। ସେ ସିବିଆଇ ଅଫିସରେ ହାଜର ହେବା ପରେ ଜାଲିଆତି ର୍‍ୟାକେଟର ପୂରା ରହସ୍ୟ ଉପରୁ ପରଦା ହଟିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସିବିଆଇ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି)ର ଏସ୍‌ପିଙ୍କୁ ପଚରାଉଚରା କରିବା ପରେ ଆଉ ୩ ଅଧିକାରୀଙ୍କୁ ସମନ କରିଛି। ସେମାନେ ସୋମବାର ହାଜର ହେବେ ବୋଲି ଜଣାପଡ଼ିଛି। ସେମାନଙ୍କୁ ଏହି ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ସମ୍ପର୍କରେ ମଧ୍ୟ ପଚରାଉଚରା କରାଯିବ। କାରଣ ବେଆଇନ ଭାବେ ଓପିଆର୍‌ବି ଟେଣ୍ଡର ପ୍ରକ୍ରିୟା କରି ଆଇଟିଆଇକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେଇଥିଲା। ଆଇଟିଆଇ ସଂସ୍ଥା ସବ୍ ଟେଣ୍ଡର ଭାବେ ସିଲିକନ ଟେକ୍ ଲାବ୍‌କୁ ଦେଇଥିଲା। ତେବେ ସିଲିକନ୍ ଟେଣ୍ଡର ନେବା ପରେ ଶଙ୍କର ପୃଷ୍ଟିଙ୍କ ପଞ୍ଚସଫ୍ଟ ସଂସ୍ଥାକୁ ଦେଇଥିଲା। ଫଳରେ ଶଙ୍କର ପୃଷ୍ଟି ତାଙ୍କ ସହଯୋଗୀ ସୁରେଶ ଓ ଅନ୍ୟମାନଙ୍କ ସହ ମିଶି ଆଇପିଏସ୍ ଅଫିସର ଜଣକ ତିଆରି କରିଥିବା ନିଯୁକ୍ତି ଜାଲିଆତି ବ୍ଲୁ ପ୍ରିଣ୍ଟକୁ କାର୍ଯ୍ୟକାରୀ କରି ପ୍ରାୟ ୫ଶହ କୋଟିର ଡିଲ୍ ଯୋଜନାକୁ ସଫଳ କରିବାକୁ ଲାଗିପଡିଥିଲେ। ବଡ଼ କଥା ହେଲା ଶଙ୍କରଙ୍କୁ ଜାଲିଆତି ମଡ୍ୟୁଲ ବତାଇଥିବା ଜଣେ ଶିକ୍ଷକ ରବିବାର ସିବିଆଇ ଅଫିସରେ ହାଜର ହେବା ପରେ ତାଙ୍କୁ ଏ ସମ୍ପର୍କରେ ପଚରାଉଚରା କରାଯାଇଛି। ହେଲେ ସେ ଶଙ୍କର ପୃଷ୍ଟିଙ୍କୁ ଚିହ୍ନି ନ ଥିବା କହିଛନ୍ତି। ତେଣୁ ଶିକ୍ଷକଙ୍କ ସମ୍ପୃକ୍ତି ଓ ଆର୍ଥିକ କାରବାରର ପ୍ରମାଣ ପାଇଁ ସିବିଆଇ ଅଧିକାରୀମାନେ ଉଦ୍ୟମ ଚଳାଇଛନ୍ତି।

ଏଥିସହ ସିବିଆଇର ପ୍ରଶ୍ନବାଣରେ ଘାଇଲା ହୋଇଛନ୍ତି ଶଙ୍କର ଓ ସୁରେଶ। ତୃତୀୟ ଦିନ ଜେରାରୁ ସିବିଆଇକୁ ର୍‍ୟାକେଟ ସମ୍ପର୍କରେ ଅନେକ ତଥ୍ୟ ମିଳିଥିବା ଜଣାପଡିଛି। ଶଙ୍କର ଓ ସୁରେଶ କେଉଁମାନଙ୍କ ନାମ ସିବିଆଇ ଆଗରେ ଓକାଳିଛନ୍ତି, ତାକୁ ନେଇ ଏବେ ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଛି। ସେମାନଙ୍କ ରିମାଣ୍ଡ ଅବଧି ଆଉରି ଗୋଟିଏ ଦିନ ଥିବାରୁ ସିବିଆଇ ସବୁ ଅଡୁଆ ସୂତାକୁ ଯୋଡ଼ିବାକୁ ଉଦ୍ୟମ କରିଛି।

## Business

# ଭାଷା, ଶାସନ, ସ୍ୱାସ୍ଥ୍ୟସେବାରେ କାର୍ଯ୍ୟ କରିବ ଏଆଇ

ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)

- ଆଞ୍ଚଳିକ ଏଆଇ ଇମ୍ପାକ୍ଟ ସମ୍ମିଳନୀ ଉଦ୍‌ଯାପିତ
- ଓଡ଼ିଆ ଭାଷା, ସଂସ୍କୃତିର ସଂରକ୍ଷଣରେ ହେବ ସହାୟକ

ଇଣ୍ଡିଆ ଏଆଇ ମିଶନ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ଏମ୍‌ଇଆଇଟିୱାଇ) ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ଆଞ୍ଚଳିକ ଏଆଇ ଇମ୍ପାକ୍ଟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି । ସମ୍ମିଳନୀର ଶେଷ ଦିନରେ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬'କୁ ପରିଭାଷିତ କରୁଥିବା 'ପିପୁଲ, ପ୍ଲାନେଟ, ପ୍ରୋଗ୍ରେସ'ର ସୂତ୍ର ଦ୍ୱାରା ପରିଚାଳିତ ହୋଇ ଭାଷା ଏଆଇ., ସୁଶାସନ ଏଆଇ. ଏବଂ ସ୍ୱାସ୍ଥ୍ୟ ଏଆଇ. ପରି କ୍ଷେତ୍ର-କେନ୍ଦ୍ରିତ ଟ୍ରାକ ମାଧ୍ୟମରେ ଭାରତ କିପରି ଏହି ଲକ୍ଷ୍ୟକୁ କାର୍ଯ୍ୟକାରୀ କରୁଛି ତାହା ପ୍ରଦର୍ଶିତ କରିଥିଲା। ଏଆଇ ପ୍ରତ୍ୟେକ ନାଗରିକଙ୍କ ପାଇଁ ଭାରତୀୟ ଭାଷା, ଶାସନ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟସେବାରେ କାର୍ଯ୍ୟ କରିବ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ ବାଟୋଇ ସିଷ୍ଟମ୍‌ସର ସିଇଓ ଅଶ୍ୱିନୀ କୁମାର ରଥଙ୍କ ଦ୍ୱାରା ପରିଚାଳିତ 'ଭାଷା. ଏ. ଆଇ.-ଓଡ଼ିଆ ପାଇଁ ଏଆଇ ନିର୍ମାଣ' ଶୀର୍ଷକ ଅଧିବେଶନରେ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଓଡ଼ିଆ ସଂସ୍କୃତିର ସଂରକ୍ଷଣ ଏବଂ ସଶକ୍ତୀକରଣ ପାଇଁ ସ୍ଥାନୀୟ ଭାଷା ମଡେଲର ଅନୁସନ୍ଧାନ କରାଯାଇଥିଲା। ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଓଡ଼ିଆ ଭାଷାର ବିଶାଳ ଅନୁରୂପ ଐତିହ୍ୟ, ତାଳପତ୍ର ପାଣ୍ଡୁଲିପିଠାରୁ ଆରମ୍ଭ କରି ଆଦିବାସୀ ମୌଖିକ ପରମ୍ପରା ପର୍ଯ୍ୟନ୍ତ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ତାଲିମ ତଥ୍ୟରେ ଡିଜିଟାଇଜେସନ କରିବାର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସନ୍ନି-ବଫେଲୋର ପ୍ରଫେସର ନଳିନୀ ରଥ, ଓଡ଼ିଆ ଭର୍ଚୁଆଲ ଏକାଡେମୀର ମୁଖ୍ୟ ପ୍ରଦୀପ ରାଉତ ଓ ଏ.ଏଚ.ଆର୍.ସି.ର ଶକ୍ତି ରଥ ପ୍ରମୁଖ ଆଲୋଚନା କରିଥିଲେ। ଏଆଇ ପାୱାର୍ଡ ଓଡ଼ିଶାର ପ୍ରୋଗ୍ରାମ ଲିଡ ବିଜେଥ ଶ୍ରୀନିବାସଙ୍କ ଦ୍ୱାରା ପରିଚାଳିତ 'ସୁଶାସନ. ଏଆଇ-ଏଆଇ ଫର ଗଭର୍ନାନ୍ସ' ଅଧିବେଶନରେ ସେଣ୍ଟର ଫର ମର୍ଡର୍ନାଇଜିଂ ଗଭର୍ନମେଣ୍ଟ ଇନିସିଏଟିଭ ବିନୀତ ଭରଦ୍ୱାଜ ଗ୍ରାମୀଣ ପାନୀୟ ଜଳ ଯୋଗାଣକୁ ଉଦାହରଣ ଭାବେ ବ୍ୟବହାର କରି ପ୍ରଶାସନକୁ ପ୍ରତିକ୍ରିୟାଶୀଳ ପ୍ରକ୍ରିୟାରୁ ପୂର୍ବାନୁମାନମୂଳକ କାର୍ଯ୍ୟ ଆଡକୁ ସ୍ଥାନାନ୍ତର କରିବାର ଏଆଇର ସମ୍ଭାବନା ଉପରେ ଆଲୋକପାତ କରିଥିଲେ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବିଶେଷଜ୍ଞ ମାୟା ଶେର୍ମାନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ ଇନୋଭେଶନ ସେଲ, ଏନ.ଆଇ.ସି. ଓଡ଼ିଶାର ମୁଖ୍ୟ ନୀଳାଦ୍ରି ବିହାରୀ ମହାନ୍ତି , ୱାଧୱାନୀ ଫାଉଣ୍ଡେଶନର ଫାକଲ୍ଟି ଅଫ ଇମର୍ଜିଂ ଟେକ୍ନୋଲୋଜି ଅଭୟ ଅଗ୍ରୱାଲ ଆଲୋଚନାରେ ସାମିଲ ହୋଇଥିଲେ। 'ସ୍ମାର୍ଟଗ୍ରୀଡରେ ଏଆଇ' ଉପରେ ଏକ ଉପସ୍ଥାପନାରେ, ପ୍ରଫେସର ଶୁଭ୍ରାଂଶୁ ଆର୍ ସାମନ୍ତରାୟ, ଆସୋସିଏଟ ସେଣ୍ଟର-ନିର୍ଦ୍ଦେଶକ, ଏଆଇ ଆଣ୍ଡ ଏଚପିସି ରିସର୍ଚ୍ଚ ସେଣ୍ଟର, ଆଇଆଇଟି ଭୁବନେଶ୍ୱର ୨୩୦ ଗିଗାୱାଟ ନବୀକରଣଯୋଗ୍ୟ ସହିତ କେନ୍ଦ୍ରୀକୃତ ଗ୍ରୀଡରୁ ବିକେନ୍ଦ୍ରୀକୃତ ସ୍ମାର୍ଟ ଗ୍ରୀଡକୁ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ଭର୍ଚୁଆଲରେ ଓପନଏଆଇର ଶିକ୍ଷା ମୁଖ୍ୟ ରାଘବ ଗୁପ୍ତା ଶିକ୍ଷାକୁ ବ୍ୟକ୍ତିଗତ କରିବା, ଶିକ୍ଷାଦାନକୁ ଗଣତାନ୍ତ୍ରିକ କରିବା ଏବଂ ଅତ୍ୟାବଶ୍ୟକ ଏଆଇ ସାକ୍ଷରତା ନିର୍ମାଣ କରିବା ପାଇଁ ଏଆଇର କ୍ଷମତା ଉପରେ ଗୁରୁତ୍ୱାରୋପ କରିଥିଲେ। 'ସ୍ୱାସ୍ଥ୍ୟ ଏଆଇ.-ସ୍ୱାସ୍ଥ୍ୟସେବା ପାଇଁ ଏଆଇ' ଅଧିବେଶନରେ ଆଇଆଇଟି ଦିଲ୍ଲୀର ପ୍ରଫେସର ଡକ୍ଟର ତପନ ଗାନ୍ଧୀ ଡିଜିଟାଲ ସ୍ୱାସ୍ଥ୍ୟ ପାଇଁ ଆଡପ୍ଟିଭ ଇଣ୍ଟେଲିଜେନ୍ସ ଉପରେ ତାଙ୍କର କାର୍ଯ୍ୟ ପ୍ରଦର୍ଶନ କରିଥିଲେ । ସମଗ୍ର ଗଭର୍ନାନ୍ସର ପ୍ରତ୍ୟୁଷା ମୁଖୋପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଗଠିତ ଏହି ପ୍ୟାନେଲରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଶନର ତଥା ସଚିବ ଅଶ୍ୱତୀ ଏସ୍, ଇନ୍‌ଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସେସ ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ, ନୂରା ହେଲଥ ଇଞ୍ଜିନିୟରିଂ ମୁଖ୍ୟ ପୂର୍ବା ମାଳବ୍ୟ, କିଓର ବେ 'ର ସହ-ପ୍ରତିଷ୍ଠାତା ତଥା ସିଟିଓ ସଞ୍ଜୟ ସ୍ୱାଇଁ ଏବଂ ଗେଟସ ଫାଉଣ୍ଡେଶନର ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଶ୍ୟାମଶ୍ରୀ ଦାସ ମଧ୍ୟ ଉପସ୍ଥିତ ଥିଲେ। ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ଇ ଆଣ୍ଡ ଆଇ. ଟି. ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ ମଧ୍ୟ ଯୋଗଦେଇଥିଲେ।

# ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଆଇଡିଇ ବୁଟ୍ କ୍ୟାମ୍ପ



ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠସ୍ଥ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟରେ ପିଏମଶ୍ରୀ ସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପାଇଁ ୩ ଦିନିଆ ଇନୋଭେଶନ, ଡିଜାଇନ୍ ଆଣ୍ଡ୍ ଏଣ୍ଟରପ୍ରେନ୍ୟୁରଶିପ୍ (ଆଇଡିଇ) ବୁଟ୍ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି ବୁଟକ୍ୟାମ୍ପ ସ୍କୁଲ ଏଜୁକେଶନ ଓ ଲିଟେରାସି ବିଭାଗ ଦ୍ୱାରା ସର୍ବଭାରତୀୟ ପ୍ରଯୁକ୍ତିକ ଶିକ୍ଷା ପରିଷଦ (ଏଆଇସିଟିଇ) ଓ ଏଜୁକେଶନ ଇନୋଭେଶନ ସେଲ ମନ୍ତ୍ରଣାଳୟ ସହଯୋଗରେ ହୋଇଥିଲା। ୱାଧୱାନୀ ଫାଉଣ୍ଡେଶନ ଏହାର ଶିକ୍ଷାତ୍ମକ ସହଭାଗୀ ଭାବେ ଯୋଗ ଦେଇଥିଲା। ଜାତୀୟ ସ୍ତରରେ ଏଆଇସିଟିଇ ଅଧ୍ୟକ୍ଷ ପ୍ରଫେସର ଟି.ଜି. ସିଥାରାମ, ସ୍କୁଲ ଏଜୁକେଶନ ବିଭାଗର ଅତିରିକ୍ତ ସଚିବ ଧୀରଜ ସାହୁ ଓ ଏଆଇସିଟିଇ ଉପାଧ୍ୟକ୍ଷ ଡା. ଅଭୟ ଜେରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମଗ୍ର ଦେଶର ୨୫ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବୁଟକ୍ୟାମ୍ପ ଆରମ୍ଭ ହୋଇଥିଲା। ରାଜ୍ୟ ସ୍ତରରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଉଦଘାଟନୀ ସଭାରେ ୧୯୦ରୁ ଅଧିକ ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରୋ-ଭାଇସ ଚାନ୍ସେଲର ପ୍ରୋଫେସର ବିଶ୍ୱଜିତ ମିଶ୍ର ଓ ପ୍ରଫେସର ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତୃତୀୟ ଦିନ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମୁକ୍ତି କାନ୍ତ ମିଶ୍ର ଶିକ୍ଷକମାନଙ୍କୁ ସମ୍ବୋଧନ କରି ଭବିଷ୍ୟତମୁଖୀ ଶିକ୍ଷା ଗଠନରେ ଇନୋଭେଶନ ଓ ଉଦ୍ୟମଶୀଳତାର ଭୂମିକା ଉପରେ ଆଲୋକପାତ କରିଥିଲେ।

# ଟାଟା ପାୱାର କ୍ଲାଇମେଟ କ୍ରୁ ଆର୍ଥ ରନ୍




ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)

ଟାଟା ପାୱାର ପକ୍ଷରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ 'ଟାଟା ପାୱାର କ୍ଲାଇମେଟ କ୍ରୁ ଆର୍ଥ ରନ୍' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଜଳବାୟୁ ଦାୟିତ୍ୱବୋଧ ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪,୦୦୦ରୁ ଅଧିକ ପ୍ରତିଯୋଗୀ ୫ କିଲୋମିଟର, ୧୦ କିଲୋମିଟର ଏବଂ ୨୧ କିଲୋମିଟର ବିଭାଗରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ ସ୍ୱାଇଁ, କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ଡ. ଶରଣଜିତ୍ ସିଂ, ପାରାଲିମ୍ପିକ୍ସ ବିଜୟିନୀ ଲୋମା ସ୍ୱାଇଁ, ଅଲିମ୍ପିଆନ, କମନୱେଲ୍‌ଥ ପଦକ ବିଜେତା ରବି କୁମାର, ଅଲିମ୍ପିଆନ ଅରୁନ୍ଧତୀ ବିଶ୍ୱାଳ ଏବଂ ଏଣ୍ଟରଟେନମେଣ୍ଟ ନେଟୱର୍କ ଇଣ୍ଡିଆ ଲିମିଟେଡର ସିଓଓ ପ୍ରୀତି ନିହଲାନି ପ୍ରମୁଖ ଉପସ୍ଥିତ ଥିଲେ। ଟାଟା ପାୱାରର ସିଏଚଆରଓ ତଥା ଚିଫ ସଷ୍ଟେନେବିଲିଟି ଓ ସିଏସ୍‌ଆର୍ ହିମାଲ ତିୱାରୀ କହିଛନ୍ତି, ଓଡ଼ିଶା ହେଉଛି ଐତିହ୍ୟ, ପ୍ରଗତି ଏବଂ ସ୍ଥାନୀୟ ଭାବନାର ଏକ ଶକ୍ତିଶାଳୀ ମିଶ୍ରଣ। ଏହି ମୂଲ୍ୟବୋଧଗୁଡ଼ିକ ଟାଟା ପାୱାରର ଦୀର୍ଘସ୍ଥାୟିତ୍ୱ ଯାତ୍ରା ସହିତ ଗଭୀର ଭାବରେ ଜଡ଼ିତ। ଟିପିଏନଓଡିଏଲର ସିଇଓ ଗଜାନନ କାଲେ, ଟିପିସିଓଡିଏଲ ସିଇଓ ଅରବିନ୍ଦ ସିଂ ଏବଂ ଟିପିଏସଓଡିଏଲର ସିଇଓ ଅମିତ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱସ୍ତରରେ ୮୦% ମଖାନା ଉତ୍ପାଦନ କରୁଛି ଭାରତ

**ମଖାନାର ବିକାଶ ୪୭୬.୦୩ କୋଟି ବ୍ୟୟବରାଦ**

ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)

ଭାରତୀୟ ମଖାନା ଆଉ କେବଳ ପୂଜାପାଠ କିମ୍ବା ଉପବାସ ପର୍ଯ୍ୟନ୍ତ ସୀମିତ ନୁହେଁ। ଏହି ସୁପରଫୁଡ ଏବେ ବିଶ୍ୱ ସ୍ୱାସ୍ଥ୍ୟ ବଜାରରେ ନିଜର ଅନନ୍ୟ ପରିଚୟ ସୃଷ୍ଟି କରିଛି। ବିଶ୍ୱସ୍ତରରେ ଭାରତ ପ୍ରାୟ ୮୦% ମଖାନା ଉତ୍ପାଦନ କରୁଥିବା କେନ୍ଦ୍ର ପକ୍ଷରୁ ସୂଚନା ରହିଛି। ଦେଶର ମୋଟ ମଖାନା ଉତ୍ପାଦନର ପ୍ରାୟ ୮୫% ବିହାରରେ ଉତ୍ପାଦନ ହୋଇଥାଏ। ରାଜ୍ୟର ହ୍ରଦ, ପୋଖରୀ ଏବଂ ପାରମ୍ପରିକ କୃଷି ପଦ୍ଧତି ମଖାନା ଉତ୍ପାଦନ ପାଇଁ ସବୁଠାରୁ ସହାୟକ ବୋଲି ବିବେଚନା କରାଯାଏ। ଏହି କାରଣରୁ ବିହାର ଦେଶର ମଖାନା କେନ୍ଦ୍ର ଭାବରେ ଉଭାହୋଇଛି ଏବଂ ଏଠାକାର ଚାଷୀମାନେ ଏହାର ଚାଷରୁ ଜୀବିକା ଅର୍ଜନ କରନ୍ତି। ଦରଭଙ୍ଗାରେ ପୂର୍ବରୁ ମଖାନା ଉପରେ ଆଇସିଏଆର ଜାତୀୟ ଗବେଷଣା କେନ୍ଦ୍ର ରହିଛି। ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ



ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ପାଇଁ ମଖାନା କ୍ଷେତ୍ରର ବଡ଼ ସମ୍ଭାବନା ରହିଥିବା ସରକାରୀ ଆଶା ପ୍ରକାଶ ପାଉଛି। ସରକାର ମଖାନାର ବିକାଶ ପାଇଁ ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନାକୁ ମଧ୍ୟ ଅନୁମୋଦନ କରିଛନ୍ତି। ଏହି ଯୋଜନାରେ ମୋଟ ୪୭୬.୦୩ କୋଟି ବ୍ୟୟବରାଦ ହୋଇଛି ଏବଂ ଏହା ୨୦୨୫-୨୬ ରୁ ୨୦୩୦-୩୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏହି ଯୋଜନା ଅଧୀନରେ ଗବେଷଣା, ଗୁଣାତ୍ମକ ବିହନ, କୃଷକଙ୍କ ଦକ୍ଷତା ବିକାଶ, ଅମଳ ପରବର୍ତ୍ତୀ ପରିଚାଳନା, ମୂଲ୍ୟ ବୃଦ୍ଧି, ବ୍ରାଣ୍ଡିଂ ଏବଂ ରପ୍ତାନି ପ୍ରୋତ୍ସାହନ ଉପରେ ବିଶେଷ ଧ୍ୟାନ ଦିଆଯିବ। ମଖାନା ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ୨୦୨୫ ସେପ୍ଟେମ୍ବର ୧୪ରେ ଜାତୀୟ ମଖାନା ବୋର୍ଡ ପ୍ରତିଷ୍ଠା କରିଥିଲେ। ଏହି ବୋର୍ଡ ମଖାନା ଉତ୍ପାଦନ ବୃଦ୍ଧି, ପ୍ରକ୍ରିୟାକରଣରେ ଉନ୍ନତି, ମୂଲ୍ୟ ବୃଦ୍ଧି, ବିପଣନ ଏବଂ ରପ୍ତାନିକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରିବ। ଏହା ଚାଷୀଙ୍କଠାରୁ ରପ୍ତାନିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସିଧାସଳଖ ଲାଭ ଦେବ। ସେହିପରି ଜାତୀୟ ମଖାନା ବୋର୍ଡର ବୈଜ୍ଞାନିକ ଗବେଷଣା, ଉନ୍ନତ କୃଷି ପଦ୍ଧତି, ଆଧୁନିକ ଅମଳ ଏବଂ ପ୍ରକ୍ରିୟାକରଣ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବ। ଏହା ମଖାନାର ଗୁଣବତ୍ତା ଉନ୍ନତ କରିବ ଏବଂ ଅନ୍ତର୍ଜାତୀୟ ବଜାରରେ ଏହାର ଚାହିଦାକୁ ମଜଭୁତ କରିବ। ସରକାର ସମଗ୍ର ମଖାନା ମୂଲ୍ୟ ଶୃଙ୍ଖଳକୁ ମଜଭୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାର ଅର୍ଥ ହେଉଛି ଚାଷୀଙ୍କଠାରୁ ପ୍ରକ୍ରିୟାକରଣ ୟୁନିଟ, ବ୍ରାଣ୍ଡିଂ, ବିପଣନ ଏବଂ ରପ୍ତାନି ପର୍ଯ୍ୟନ୍ତ ପ୍ରତ୍ୟେକ ଲିଙ୍କ୍‌କୁ ସମର୍ଥନ କରିବା। ଏହା ଚାଷୀଙ୍କ ପାଇଁ ଉତ୍ତମ ମୂଲ୍ୟ ସୁନିଶ୍ଚିତ କରିବ ଏବଂ ମଧ୍ୟସ୍ଥଙ୍କ ଉପରେ ନିର୍ଭରଶୀଳତା ହ୍ରାସ କରିବ।

# ଏସ୍‌ବିଆଇର ପ୍ରପର୍ଟି ଏକ୍ସପୋ-୨୦୨୫






ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)

ଷ୍ଟେଟ୍ ବ୍ୟାଙ୍କ ଇଣ୍ଡିଆ(ଏସ୍‌ବିଆଇ)ର ଭୁବନେଶ୍ୱର ୟୁନିଟ୍-୧ ସ୍ଥିତ ମୁଖ୍ୟ ଶାଖାରେ ଏକ ଏସ୍‌ବିଆଇ ପ୍ରପର୍ଟି ଏକ୍ସପୋ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ୨ ଦିନିଆ କାର୍ଯ୍ୟକ୍ରମରେ ୩୦ ଜଣ ବିଲ୍ଡର ନିଜର ହାଉସିଂ ପ୍ରୋଜେକ୍ଟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏସବିଆଇ ଆଞ୍ଚଳିକ ମୁଖ୍ୟ କାର୍ଯ୍ୟାଳୟର ସିଜିଏମ୍ ଏ ଡି . ରତ୍ନ ଏବଂ ଏନଡବ୍ଲ୍ୟୁ-୧ର ଜିଏମ୍ ଡ.ବନ୍ଦନା ଅଗ୍ରୱାଲ, ଡିଜିଏମ୍ (ବି ଆଣ୍ଡ୍ ଓ) ପ୍ରଶାନ୍ତ କୁମାର ଏହି ଏକ୍ସପୋକୁ ଉଦ୍‌ଘାଟନ କରିଥିଲେ। ଏସ୍‌ବିଆଇ ସ୍ୱୀକୃତିପ୍ରାପ୍ତ ୧୮୦ରୁ ଅଧିକ ହାଉସିଂ ପ୍ରୋଜେକ୍ଟ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଥିଲା।

# ଅଭୁଲା ୨୦୨୫





ଧର୍ମେନ୍ଦ୍ର
୨୪ ନଭେମ୍ବର


ପୋପ୍ ଫ୍ରାନ୍ସିସ୍
୨୧ ଏପ୍ରିଲ୍

ବିଦାୟୀ ବର୍ଷ ୨୦୨୫ରେ ସଂସାରରୁ ବିଦାୟ ନେଇଛନ୍ତି ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱ। ନିଜସ୍ୱ କୃତ୍ୟ, ପ୍ରତିଭା ଓ ମାନବତା ସେମାନଙ୍କୁ ଚିରକାଳ ସ୍ମରଣୀୟ କରି ରଖିବ। କଳା, ସଂସ୍କୃତି, ରାଜନୀତି, ଶିକ୍ଷା, ସାହିତ୍ୟ, ବିଜ୍ଞାନ, ମନୋରଞ୍ଜନ, କ୍ରୀଡ଼ା, ଶିଳ୍ପ ଓ ସମାଜସେବା ଭଳି ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଆଗାମୀ ପିଢ଼ି ପାଇଁ ଅମୂଲ୍ୟ ସମ୍ପଦ ହୋଇରହିବ। ସେମାନଙ୍କ ଅବଦାନ ଓ ସ୍ମୃତି ବିଭିନ୍ନ ବର୍ଗର ଲୋକଙ୍କୁ ସଦା ପ୍ରେରଣା ଯୋଗାଇବ।


ମନୋଜ କୁମାର
୪ ଏପ୍ରିଲ୍


ଉତ୍ତମ ମହାନ୍ତି
୨୭ ଫେବୃଆରୀ


ଶିବୁ ସୋରେନ
୪ ଅଗଷ୍ଟ

ସତ୍ୟପାଲ୍ ମଲ୍ଲିକ
୫ ଅଗଷ୍ଟ

ଗୋବର୍ଦ୍ଧନ ଅସ୍ରାନି
୨୦ ଅକ୍ଟୋବର

ହ୍ୟୁମାନ୍ ସାଗର
୧୭ ନଭେମ୍ବର

ଜୁବୀନ୍ ଗର୍ଗ
୧୯ ସେପ୍ଟେମ୍ବର

ରମାକାନ୍ତ ରଥ
୧୬ ମାର୍ଚ୍ଚ


ଶେଫାଳୀ ଜରିୱାଲା
୨୭ ଜୁନ୍


ସୁଲକ୍ଷଣା ପଣ୍ଡିତ୍
୬ ନଭେମ୍ବର

ବାଲ୍ମୀକ୍ ଥାପର
୩୧ ମେ

ବିଜୟ ରୂପାନୀ
୧୨ ଜୁନ୍

ଶିବରାଜ ପାଟିଲ
୧୨ ଡିସେମ୍ବର

ଶରତ କୁମାର ସାହୁ
୨ ନଭେମ୍ବର


ଦେବେନ୍ଦ୍ର ପ୍ରଧାନ
୧୭ ମାର୍ଚ୍ଚ


ରାଜେନ୍ଦ୍ର ଢୋଲକିଆ
୮ ସେପ୍ଟେମ୍ବର

ଅନନ୍ତ ଦାସ
୯ ମାର୍ଚ୍ଚ

ନିରଞ୍ଜନ ରଥ
୧୯ ଜୁନ୍

ବିଜୟ କୁମାର ମାଲହୋତ୍ରା
୩୦ ସେପ୍ଟେମ୍ବର

ସତୀଶ ଶାହ
୨୫ ଅକ୍ଟୋବର


ପଙ୍କଜ ଧୀର
୧୫ ଅକ୍ଟୋବର


ହଲ୍କ ହୋଗାନ
୨୪ ଜୁଲାଇ

କେ. କସ୍ତୁରୀରଙ୍ଗନ୍
୨୫ ଏପ୍ରିଲ୍

ନବୀନ ଚାୱଲା
୧ ଫେବୃଆରୀ

ମେଘନାଦ ଦେଶାଇ
୨୯ ଜୁଲାଇ

ଭି.ଏସ୍. ଅଚ୍ୟୁତାନନ୍ଦନ
୨୧ ଜୁଲାଇ


ଗିରିଜା ବ୍ୟାସ
୧ ମେ

ଅଚ୍ୟୁତ ପୋଦ୍ଦାର
୧୮ ଅଗଷ୍ଟ

ପ୍ରୀତୀଶ ନନ୍ଦୀ
୮ ଜାନୁଆରୀ

ଶ୍ରୀପ୍ରକାଶ ଜୟସ୍ୱାଲ
୨୮ ନଭେମ୍ବର

ରବର୍ଟ ରେଡ୍‌ଫୋର୍ଡ
୧୬ ସେପ୍ଟେମ୍ବର

ଜେମ୍ସ ଡି. ୱାଟସନ୍
୬ ନଭେମ୍ବର


ଧୀରଜ କୁମାର
୧୫ ଜୁଲାଇ

ଡି.ଡି. ଲପଙ୍ଗ
୧୨ ସେପ୍ଟେମ୍ବର

କୋଟା ଶ୍ରୀନିବାସ ରାଓ
୧୩ ଜୁଲାଇ

ରବି ନାୟକ
୧୪ ଅକ୍ଟୋବର

ରବୀନ୍ଦ୍ର ସାହୁ
୧୭ ଡିସେମ୍ବର

ପ୍ରିୟା ମରାଠେ
୩୧ ଅଗଷ୍ଟ


ଜର୍ଜ ତିର୍କୀ
୨୦ ସେପ୍ଟେମ୍ବର

ଦିବାକର ନାୟକ
୨୦ ଏପ୍ରିଲ୍

ବିଭୂତି ସିଂ ମର୍ଦ୍ଦରାଜ
୬ ଅଗଷ୍ଟ

ଦେବେନ୍ଦ୍ର ଶର୍ମା
୨୧ ମାର୍ଚ୍ଚ

ସଦନ ନାୟକ
୮ ଜାନୁଆରୀ

ଜରିନ୍ ଖାନ୍
୭ ନଭେମ୍ବର

## ସଂକ୍ଷେପରେ

### ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଜୁରୀପଡା,୨୧।୧୨(ବିଦୁର ବେହେରା)

ଖଜୁରୀପଡା ଗୋଷ୍ଠୀ ଶିକ୍ଷା ଅଧୀନ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ରବିବାର ଖଜୁରୀପଡାର ଏକ କଲ୍ୟାଣ ମଣ୍ଡପରେ ଚଳିତବର୍ଷ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସଂଘ ପକ୍ଷରୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଚଳିତ ବର୍ଷ ୧୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅବସର ନେଇଥିବା ବେଳେ ତ୍ରିନାଥ ରାଉତ, ପୁଷ୍ପିତା ରାଉତ, କୈଳାସ ଚନ୍ଦ୍ର ସାହୁ, ବିଶ୍ୱନାଥ ନାୟକ, ସଂଯୁକ୍ତା ଦାସ ଏବଂ ପ୍ରଫୁଲ୍ଲ ସାହୁଙ୍କୁ ଉପସ୍ଥିତ ରହି ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସଭାପତି ଗୋପୀନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନିମା କହଁର, ମୁଖ୍ୟବକ୍ତା ଭାବେ ବିଇଓ ବିନୋଦ ବିହାରୀ ଦିଗାଲ, ସାମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଉର୍ବଶୀ ଦିଗାଲ, ମମତା ମଲିକ, ଖଜୁରୀପଡା ବ୍ଲକ ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ରାଇ କିଶ୍ୱର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଉଦୟନାଥ ପଣ୍ଡା, କୋଷାଧ୍ୟକ୍ଷ ବଂଶୀଧର ପଣ୍ଡା, ସମ୍ପାଦକ ଘନଶ୍ୟାମ ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଅବସରରେ ଇତି ମଧ୍ୟରେ ପରଲୋକ ଘଟିଥିବା ଦିବଙ୍ଗତ ଶିକ୍ଷକମାନଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଧାନଶିକ୍ଷକ ତଥା ସଂଘ ଉପ ସଭାପତି ସୁର ପ୍ରସାଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅସହାୟ ଭଉଣୀଭାଇଙ୍କୁ ବିଧାୟକଙ୍କ ସହାୟତା

ଗଞ୍ଜାମ,୨୧।୧୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ରାମଗଡ଼ ପଞ୍ଚାୟତ ଗଜପତି ନଗର ୩ନଂ. ସାହିର ଅସହାୟ ୨ ଭଉଣୀଭାଇଙ୍କୁ ଶନିବାର ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗଜପତି ନଗର ୩ନଂ. ସାହିର ଦିନେଶ୍ୱର ବେହେରାଙ୍କ ନଳବଣ ଅଞ୍ଚଳ ଚିଲିକାରେ ମାଛ ମାରୁଥିବା ବେଳେ ହଠାତ ହୃଦଘାତରେ ମୃତ୍ୟୁ ଘଟିଥିଲା। ଏହାର ୬ ବର୍ଷ ପରେ ସ୍ତ୍ରୀ ତ୍ରିବେଣୀ ବେହେରାଙ୍କ ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଥିଲା। ଦିନେଶ୍ୱରଙ୍କ ମା' ରାଧା ବେହେରା, ଭଉଣୀ ଝୁନୁ ବେହେରାଙ୍କପ ପାଖରେ ପୁଅ ଦେବାଶିଷ ଓ ଝିଅ ସୋନାଲି ରହୁଥିଲେ। ଗତ ସପ୍ତାହରେ ଜେଜେ ମା' ରାଧାଙ୍କ ମୃତ୍ୟୁ ପରେ ଭଉଣୀଭାଇ ସୋନାଲି ଓ ଦେବାଶିଷ ବେସାହାରା ହୋଇପଡିଥିଲେ। ସୋନାଲି ଯୁକ୍ତ ୩ରେ ପଢୁଥିବା ବେଳେ ଦେବାଶିଷ ଦଶମ ଶ୍ରେଣୀରେ ପଢୁଛନ୍ତି ଦେବାଶିଷ। ଭଉଣୀ ଭାଇ ବଞ୍ଚିବାକୁ ରାହା ଖୋଜୁଥିବା 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଶନିବାର ଛତ୍ରପୁର ବିଧାୟକ ନାୟକ ଉକ୍ତ ଗ୍ରାମରେ ପହଞ୍ଚି ବେସାହାରା ଭାଇ ଭଉଣୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମାଝୀ, ଶିକ୍ଷୟିତ୍ରୀ ରୀନା ବେହେରା ଏବଂ ସରକାରୀ କର୍ମଚାରୀ ସେବା ସଂଘ ପକ୍ଷରୁ ମଧ୍ୟ ଆର୍ଥିକ ସହାୟତା କରାଯାଇଥିବା ବେଳେ ଅନେକ ସଂଗଠନ ସହଯୋଗର ହାତ ବଢ଼େଇଥିବା ଜଣାପଡିଛି। ବର୍ତ୍ତମାନ ଭଉଣୀଭାଇଙ୍କର ସାହାରା କହିଲେ କେବଳ ଅବିବାହିତ ପିଉସୀ ଝୁନୁ। ତାଙ୍କ ଅଣ୍ଟାରେ ଆଘାତ ଯୋଗୁଁ ସେ ମଧ୍ୟ ମୂଲ ଲାଗି ପାରୁ ନାହାନ୍ତି।

# ଜରି ନା ଝୋଟ ଅଖା ସ୍ପଷ୍ଟ କରୁନି ପ୍ରଶାସନ

## ଅଖାକୁ ନେଇ ଦ୍ୱନ୍ଦ୍ୱରେ ଚାଷୀ

ପାତ୍ରପୁର,୨୧।୧୨
(ଉମା ଚରଣ ନେପାକ)

ଚାଷୀ ଅମଳ ଧାନକୁ ବିକ୍ରି କରିବା ପାଇଁ ଗତ ୨୦୨୪/୨୫ ଆର୍ଥିକ ବର୍ଷରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ୫/୧୦ କେଜି ଧାନ କଟନି ଛଟନିରେ ମିଲ ମାନଙ୍କରେ ବିକ୍ରି କରିଥିଲେ। ପରିବହନ ଓ ଅଖା ବାବଦରେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଅର୍ଥରୁ ଟଙ୍କାଟିଏ ମଧ୍ୟ ପାଇ ନ ଥିଲେ। ଚଳିତ ବର୍ଷ ଅମଳ ଧାନକୁ ସରକାରୀ ମଣ୍ଡିରେ ବିକ୍ରି କରି ଦି ପଇସା ପାଇବା ଆଶା ରଖିଥିବା ଚାଷୀ ଝୋଟ ଅଖାକୁ ନେଇ ଚିନ୍ତାରେ ପଡିଛି। ପ୍ରଶାସନ ଓ ମିଲ ମାଲିକଙ୍କ ସଲାସୂତରା ଯୋଗୁ ଚାଷୀ ଏଥିପାଇଁ ହଇରାଣ ହେଉଛି। ଚଳିତ ୨୦୨୫/୨୬ ଆର୍ଥିକ ବର୍ଷ ଖରିଫ ଧାନ ସଂଗ୍ରହ କରିବାକୁ ସରକାର ଡ଼ିସେମ୍ବର ୨୩ରେ ମଣ୍ଡି ଖୋଲିବାକୁ ସ୍ଥିର କରିଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ତେବେ ଚଳିତବର୍ଷ ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଚାଷୀ ଜରି ଅଖା ବଦଳରେ ଝୋଟ ଅଖାରେ ମଣ୍ଡିକୁ ଧାନ ଆଣିବାକୁ ପଡ଼ିବ। ନ ହେଲେ ମଣ୍ଡିରେ ଧାନ ରଖାଯିବ ନାହିଁ ବୋଲି କିଛି ମିଲର ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ତଥ୍ୟ ମିଳିନାହିଁ। ପ୍ରଶାସନ ଅଖାକୁ ନେଇ କିଛି ସ୍ପଷ୍ଟ କରି ନ ଥିବା ବେଳେ ମିଲରଙ୍କୁ ଲାଭ ହେଲା ଭଳି ନିୟମ କରି ଚାଷୀଙ୍କୁ ହଇରାଣ କରୁଛନ୍ତି। କେଉଁ ଅଖାରେ ଧାନ ନେବେ ସେମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି। ଚିକିଟି ଓ ପାତ୍ରପୁର ବଜାରରେ ୪୦ କେଜି ଝୋଟ ଅଖାର ମୂଲ୍ୟ ୨୫ ଟଙ୍କାରୁ ଆରମ୍ଭ କରି ୩୫ ଟଙ୍କା ଓ ୯୦ କେଜି ଝୋଟ ଅଖାର ମୂଲ୍ୟ ୪୫ ଟଙ୍କାରୁ ୫୫ ଟଙ୍କାରେ ବିକ୍ରି ହେଉଛି। ପୂର୍ବରୁ ୧୦ରୁ ୧୫ ଟଙ୍କାରେ ଜରି ଅଖା କିଣି ଚାଷୀ ଧାନ ଦେଉଥିଲେ। ସରକାର ପକ୍ଷରୁ ଅଖା ବାବଦକୁ ଆସୁଥିବା ଟଙ୍କା ଚାଷୀଙ୍କୁ ମିଳିବା କଥା, ମାତ୍ର ଏହା ସେମାନଙ୍କୁ ନ ମିଳି ଏହି ଟଙ୍କା ମିଲର ପାଖକୁ ଯାଉଥିଲା ବୋଲି ଚାଷୀ ଅଭିଯୋଗ କରିଛନ୍ତି। ତେବେ ଚଳିତ ବର୍ଷ ୩୦ ରୁ ୪୦ ଟଙ୍କା ଦେଇ ଝୋଟ ଅଖା କିଣି ଧାନକୁ ମଣ୍ଡିରେ ପୈଠ କଲେ ସରକାର ଅଖା ବାବଦରେ କେତେ ଟଙ୍କା ଦେବେ ଏବଂ ସେ ଟଙ୍କା ମିଲରମାନେ ଚାଷୀଙ୍କ ସଞ୍ଚୟ ଖାତାରେ ପୈଠ କରିବେ କି ନାହିଁ ସେନେଇ ସନ୍ଦେହ ପ୍ରକାଶ ପାଇଛି। ଏପରି ସ୍ଥିତିରେ ଚାଷୀ ଉପାୟ ନ ପାଇ ବଜାରରୁ ଝୋଟ ଅଖା କିଣି ଆଣୁଥିବା ଦେଖିବାକୁ ମିଳୁଛି। ଅନ୍ୟ ପକ୍ଷରେ ସରକାରଙ୍କ ନୀତି ଓ ମଣ୍ଡି ଅବ୍ୟବସ୍ଥାକୁ ଦେଖି ଚାଷୀ ଅମଳ ଧାନକୁ ବିଲ ମାଳରେ ଅଧା ଦରକୁ ଆନ୍ଧ୍ର ବ୍ୟବସାୟୀଙ୍କୁ ବିକ୍ରି କରି ଦେଉଛନ୍ତି। ଚାଷୀ କେଉଁ ଅଖାରେ ଧାନ ନେବେ ପ୍ରଶାସନ ଯଥାଶୀଘ୍ର ସ୍ପଷ୍ଟ କରୁ ବୋଲି ଚାଷୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ପାତ୍ରପୁର ବ୍ଲକରେ କିଛି ମିଲ ମାଲିକ ଜରି ଅଖାରେ ଧାନ ରଖୁଥିବା ବେଳେ ଆଉ କେତେ ଜଣ ମିଲ ମାଲିକ ଝୋଟ ଅଖାରେ ଧାନ ଆଣିବା ପାଇଁ ଚାଷୀଙ୍କୁ ବାଧ୍ୟ କରୁଛନ୍ତି।

## ୮ ବର୍ଷ ପରେ କେନ୍ଦ୍ରୀୟ ବିଦ୍ୟାଳୟ ପାଳିଲା ବାର୍ଷିକ ଉତ୍ସବ

ଭଞ୍ଜନଗର,୨୧।୧୨(ବାବୁଲା ପ୍ରଧାନ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଗଞ୍ଜାମ ଜିଲା ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ ଦୀର୍ଘ ୮ ବର୍ଷ ପରେ ଶନିବାର ତାର ବାର୍ଷିକ ଉତ୍ସବ ପାଳନ କରିଛି। ୨୦୧୭ ପରଠାରୁ ବାର୍ଷିକ ଉତ୍ସବ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ କେବଳ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ହେଉଥିଲା। ସ୍ଥାନୀୟ ଏକ ରିସର୍ଟରେ ହୋଇଥିବା ଉତ୍ସବରେ ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଛାତ୍ରୀଛାତ୍ରମାନେ ସର୍ବଦା ଧୈର୍ଯ୍ୟ ରଖନ୍ତୁ, ଚେଷ୍ଟା ଜାରି ରଖିଲେ ସଫଳତା ନିଶ୍ଚିତ ପାଇବେ। କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କୋଠା କାମ ତୁରନ୍ତ ଆରମ୍ଭ ହେବ। ଯୁକ୍ତ ୨ ଚଳିତ ବର୍ଷ ଖୋଲିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଉପ ଜିଲାପାଳ ଏହି ଅବସରରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦିଲ୍ଲୀପ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ଭାରତୀୟ ଜ୍ଞାନ ପରମ୍ପରାଭିତ୍ତିକ ହେବା ଆବଶ୍ୟକ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଂସ୍କାର ଲୋଡା ବୋଲି କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କମାନୁ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କ୍ରୀଡ଼ା ଏବଂ ଶିକ୍ଷା କ୍ଷେତ୍ରରେ ବହୁ ଆଗକୁ ବଢିଛନ୍ତି। ଯାହା ଆମ ପାଇଁ ଗର୍ବର ବିଷୟ ବୋଲି ଅଧ୍ୟକ୍ଷ କହିଥିଲେ। ଛାତ୍ରୀ ସମ୍ୟଶ୍ରୀ ଚଇନି, ବୈଶାଳୀ ପ୍ରିୟଦର୍ଶିନୀ ଦାସ, ସାଇ ଜଗତ୍ ଜନନୀ ପାଳ, ସୁପ୍ରିୟା ମଲ୍ଲିକ ସଂଯୋଜନା କରିଥିଲେ। ଶିକ୍ଷକ ଜ୍ୟୋତି ପ୍ରକାଶ ସାହୁ ଧନ୍ୟବାଦ ଦେଇଥିଲେ।

## ପିଏମଶ୍ରୀ ଏସ୍‌ଏସ୍‌ଡି ବିଦ୍ୟାଳୟର ବାର୍ଷିକ ଉତ୍ସବ

ମୋହନା,୨୧।୧୨(ମନ୍ମଥ ମିଶ୍ର)

ମୋହନାସ୍ଥିତ ପିଏମଶ୍ରୀ ସରକାରୀ (ଏସଏସଡ଼ି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ହୋଇଥିବା ବେଳେ ଶନିବାର ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ମିତ୍ର ପ୍ରସାଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ପ୍ରଥମ ଦିବସର ଉତ୍ସବରେ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ କରଙ୍କ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ସୋଲମନ ରାଇକା, ମୁଖ୍ୟବକ୍ତା ଚାନ୍ଦିପୁଟ ଇନ୍ଦିରା ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. ପ୍ରଦୀପ୍ତ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଜିଲା ଶିକ୍ଷା ନିରୀକ୍ଷକ ରମେଶ ଚନ୍ଦ୍ର ଦାଶ, ବରିଷ୍ଠ ଶିକ୍ଷାବିତ ମଧୁସୂଦନ ପାଢ଼ୀ, ହିଲଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଭଗବାନ ବିଷୋୟୀ, ଗୋଷ୍ଠୀ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶୁଭଦର୍ଶିନୀ ବେହୁରା, ଖଣି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ ପ୍ରଧାନ, ଖବରଦାତା ପଞ୍ଚାନନ ଦାଶ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ରୂପଶ୍ରୀ ବେହେରା ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ପ୍ରମୋଦ ସ୍ୱାଇଁ ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ୨୪ ଜଣ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅପରାହ୍ନରେ ଶିକ୍ଷାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।
ଦ୍ୱିତୀୟ ଦିବସ ପିଏମଶ୍ରୀ ଉତ୍ସବରେ ପ୍ରଧାନ ଶିକ୍ଷକ କର ସଭାପତିତ୍ୱ କରିଥିଲେ। ବିଡିଓ ରାଜୀବ ଦାସ ମୁଖ୍ୟ ଅତିଥି, ଏମ୍‌ପି ପ୍ରତିନିଧି ଜିତେନ୍ଦ୍ର ବେହେରା ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ସୁନିତା ମଲିକ, ସମିତିସଭ୍ୟ ବାଳକୃଷ୍ଣ ମଲିକ, ଶିକ୍ଷାବିତ ମଧୁସୂଦନ ପାଢ଼ୀ, ଅଧ୍ୟାପକ ଡ, ପ୍ରଦୀପ୍ତ ଷଡ଼ଙ୍ଗୀ, ଡ଼ବ୍ଲୁଇଓ ଶୁଭଦର୍ଶିନୀ ବେହୁରା, ଶିକ୍ଷା ପରିଚାଳନା କମିଟି ସଭାପତି ଇଶା ମାଝୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଅତିଥିମାନେ ବିଦ୍ୟାର୍ଥୀମାନଙ୍କୁ ଭଲ ପାଠ ପଢ଼ି ବିଦ୍ୟାଳୟ, ଜିଲା, ରାଜ୍ୟ ଓ ଦେଶରେ ନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଉତ୍ସବକୁ ବରିଷ୍ଠ ଶିକ୍ଷକ ସୁବାଷ ଚନ୍ଦ୍ର ପନ୍ନାଡ଼, ରମେଶ ଚନ୍ଦ୍ର ମିଶ୍ର, ଯୋଗେନ୍ଦ୍ର ନାୟକ, ମାନସ ମଲ୍ଲିକ, ରଶ୍ମିତା ବେହେରା,ଭାସ୍କର ତ୍ରିପାଠୀ, ଅଙ୍କିତା ମଲ୍ଲିକ, ପରିଚାଳନା କରିଥିଲେ।

## ଅଧିକ ଶିକ୍ଷାନୁଷ୍ଠାନ ଲାଗି ଦାବିକଲେ ଆସିକା ଏମ୍‌ପି

ଆସିକା,୨୧।୧୨(ସୁରେନ୍ଦ୍ର ନାଥ ସାହୁ): ଆସିକା ସାଂସଦୀୟ କ୍ଷେତ୍ରରେ ଗରିବ ଓ ମେଧାବୀ ଛାତ୍ରୀଛାତ୍ରଙ୍କ ଲାଗି ଅଧିକ ଉଚ୍ଚ ଶିକ୍ଷା ଓ ଅତ୍ୟାଧୁନିକ ବୈଷୟିକ ଜ୍ଞାନ ସମ୍ପନ୍ନ ବିଦ୍ୟାଳୟ ଖୋଲିବା ଲାଗି ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ପଟ୍ଟନାୟକ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ପ୍ରଧାନଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଏକ ସୌଜନ୍ୟ ମୂଳକ ସାକ୍ଷାତ ଅବସରରେ ଏମପି ପଟ୍ଟନାୟକ ଆସିକା ସାଂସଦିୟ କ୍ଷେତ୍ରର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନ୍ତତଃ ପକ୍ଷେ ଗୋଟିଏ ଲେଖାଏ କେନ୍ଦ୍ରୀୟ ବିଦ୍ୟାଳୟ ଓ ଆସିକା ଠାରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନ ଅଧ୍ୟୟନ ନିମନ୍ତେ ଏକ ଇଞ୍ଜିନିୟରିଂ କଲେଜ ଖୋଲିବା ଲାଗି ଦାବି ଜଣାଇଛନ୍ତି।

## ସାଗରବନ୍ଧ କାର୍ଯ୍ୟ ତଦାରଖ କଲେ ଆଇଆର୍‌ଏମ୍‌ଏ ଟିମ୍

ସୋରଡା,୨୧।୧୨(ରଜନୀ ମହାପାତ୍ର)

ସୋରଡା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ପକ୍ଷରୁ ସୋରଡା ସାଗର ବନ୍ଧ ପୁନଃଉଦ୍ଧାର ପ୍ରକଳ୍ପ ତରାନ୍ୱିତ କରାଯାଉଥିବା ବେଳେ ନିର୍ମାଣ ହେଉଥିବା କାର୍ଯ୍ୟ ତଦାରଖ ପାଇଁ ଆନନ୍ଦ ଗ୍ରାମୀଣ ପରିଚାଳନା ପ୍ରତିଷ୍ଠାନ (ଆଇଆର୍‌ଏମ୍‌ଏ)ରୁ ଏକ ଟିମ୍ ପହଞ୍ଚି ଏହାର କାର୍ଯ୍ୟ ତଦାରଖ କରିଛନ୍ତି। ଏନଏସି ତରଫରୁ ସହରାଞ୍ଚଳ ପୋଖରୀ ପୁନରୁଦ୍ଧାର ପ୍ରକଳ୍ପ ଯୋଜନାରେ ୪୩ ଲକ୍ଷ ଟଙ୍କା ବିନିମୟରେ ସାଗର ବନ୍ଧ ପୁନଃଉଦ୍ଧାର ପ୍ରକଳ୍ପ କରାଯାଉଛି। ଏହି ପ୍ରକଳ୍ପ ମାଧ୍ୟମରେ ସାଗରବନ୍ଧର ପଙ୍କ ଉଦ୍ଧାର ଏବଂ ହୁଡାର ନବୀକରଣ, ପୋଖରୀ ପାର୍ଶ୍ୱରେ ବନୀକରଣ, ପୋଖରୀ ପାଚେରି ନିର୍ମାଣ, ପୋଖରୀ ଜଳର ବିଶୁଦ୍ଧିକରଣ ସହ ସୌନ୍ଦର୍ଯ୍ୟକରଣ ଓ ପାଣି ଝରଣା ଇତ୍ୟାଦି ବ୍ୟବସ୍ଥା କରାଯିବା ବ୍ୟବସ୍ଥା ହୋଇଛି। ଦୀର୍ଘ ବର୍ଷ ଧରି ଏହି କାର୍ଯ୍ୟ ବନ୍ଦ ହୋଇ ରହିଥିବା ବେଳେ ବର୍ତ୍ତମାନ ଏହାକୁ ତରାନ୍ୱିତ କରାଯାଉଛି। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ ଓ ଏନଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା କହିଛନ୍ତି।

## କେ.ଏମ. ଭାଲିଆସାହି ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ଆର.ଉଦୟଗିରି,୨୧।୧୨(ମନୋଜ କୁମାର ପାଢ଼ୀ): ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ କେ.ଏମ. ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଶିଆଳ ଓ ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ତତ୍ତ୍ୱାଧାନରେ ଉକ୍ତ ଉତ୍ସବ ସଫଳତାର ସହିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଛେଲିଗଡ ପୋଲିସ ଅଧିକାରୀ ପ୍ରବୀର କୁମାର ଜଗତସିଂ ଏବଂ ଦାଶରଥି ଶବର, ୱାର୍ଡ ମେମ୍ବର ଭୁବନାନନ୍ଦ ନାୟକ, ଗ୍ରାମ ମୁଖିଆ ଘନଶ୍ୟାମ ବେହେରଦଳାଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ବିଷୟକୁ ନେଇ ପିଲାମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ପ୍ରକଳ୍ପ ଏବଂ ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କର ପ୍ରତିଭାକୁ ବିକାଶ କରିବା ପାଇଁ ବିଭିନ୍ନ ପ୍ରକାର ସୃଜନାତ୍ମକ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମୀଣ ହାଟ ବଜାର ଅନୁଷ୍ଠିତ ହୋଇ ପିଲାମାନେ ବିକା କିଣାର ନୀତି ନିୟମ ଏବଂ ଲାଭ କ୍ଷତି ବିଷୟରେ ଅବଗତ ହୋଇଥିଲେ। ଯୁଧିଷ୍ଠିର ପାଇକ ମଞ୍ଚ ପରିଚାଳନା କରିଥିଲା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପୂର୍ଣ୍ଣ ସହଯୋଗରେ ଉତ୍ସବଟି ସଫଳ ହୋଇପାରିଥିଲା।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡା

କବିସୂର୍ଯ୍ୟନଗର,୨୧।୧୨(କୃପାସିନ୍ଧୁ ସ୍ୱାଇଁ)

ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ତିନିଦିନିଆ ବାର୍ଷିକ କ୍ରୀଡା ସମାରୋହ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ସମାଜିକ କର୍ମୀ ଇ. ମାହେଶ୍ୱରୀ ଦୋରା, ମୁଖ୍ୟବକ୍ତା ଭାବେ କେବିଭିଏମର ପ୍ରାକ୍ତନ କ୍ରୀଡା ଅଧ୍ୟାପକ ପୀତବାସ ବିଶ୍ୱାଳ, ସମ୍ମାନିତ ଅତିଥି ରୂପେ ସରଜୁ କୁମାରୀ ମାଝୀ, ସହ ସମ୍ପାଦକ ଇ. ପ୍ରମୋଦ ଅଚାରୀ ଓ ପ୍ରତିଷ୍ଠାତା, ସମ୍ପାଦକ ନିଖିଳ ସାହୁ ଉପସ୍ଥିତ ଥିଲେ। କୁନିକୁନି ଶିଶୁମାନେ ଆକର୍ଷଣୀୟ କ୍ରୀଡା କୌଶଳ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ହେଣା ବଳିୟାରସିଂ ଧନ୍ୟବାଦ ଦେଇଥିଲେ। ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

## ଛାତ୍ରୀଛାତ୍ର ଟିଭି, ମୋବାଇଲ ଫୋନ୍‌ଠାରୁ ଦୂରେଇ ରୁହନ୍ତୁ

### ଜିଲାସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ବିଧାୟକ ଜଣଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭଞ୍ଜନଗର,୨୧।୧୨(ବାବୁଲା ପ୍ରଧାନ): ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ୨ ଦିନ ଧରି ଚାଲିଥିବା ଗଞ୍ଜାମ ଜିଲାସ୍ତରୀୟ ଶିଶୁ ଉତ୍ସବ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଏଥିରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ବିକାଶ ଏବଂ ଶିକ୍ଷକ ମାନଙ୍କର ଉନ୍ନତୀ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶିକ୍ଷକ ମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ଅନୁରୋଧ କରିଛି। ଆଗାମୀ ଦିନରେ ଶିକ୍ଷକ ମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ବିଧାୟକ ନାୟକ କହିଥିଲେ। ଓଷ୍ଟା ଜିଲା ସଭାପତି ସନ୍ତୋଷ ଜେନା ସଭାରେ ଅଧ୍ୟକ୍ଷତା କରିଥିଲେ। ଭଞ୍ଜନଗର ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ଶିକ୍ଷକ ନେତା ଜଗବନ୍ଧୁ ଜେନା, ଏମପି ପ୍ରତିନିଧି ସନ୍ତୋଷ ତିଆରିଙ୍କ ସମେତ ଅନେକ ଶିକ୍ଷକ ନେତା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କେତେଜଣ ବକ୍ତା ଛାତ୍ରୀଛାତ୍ରମାନଙ୍କୁ ଟିଭି ମୋବାଇଲ ଫୋନ୍ ଠାରୁ ଦୂରେଇ ରହିବା ପାଇଁ କହିଥିଲେ। ଓଷ୍ଟା ୪୨ ବର୍ଷ ଧରି ଏହି ଉତ୍ସବ ପାଳନ କରି ଆସୁଛି। ଛାତ୍ରୀ ଛାତ୍ର ମାନଙ୍କ ଦକ୍ଷତା ବୃଦ୍ଧି କରିବା ଓ ଲୁକ୍କାୟିତ ପ୍ରତିଭାମାନଙ୍କୁ ଖୋଜି ବାହାର କରିବା ଏହାର ଲକ୍ଷ୍ୟ। ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଧାର୍ଯ୍ୟ ସମୟରେ ବିଦ୍ୟୁତ୍ ନ ଆସିବାରୁ ପର୍ଯ୍ୟଟକ ହଇରାଣ




ବିଦ୍ୟୁତ୍ ନ ଆସିବାରୁ ପର୍ଯ୍ୟଟକମାନେ ହିଲଭିୟୁ ପାର୍କରୁ ଫେରି ଯାଉଛନ୍ତି।

ଦାରିଙ୍ଗବାଡି, ୨୧।୧୨ (ଅରୁଣ ସାହୁ)

ଓଡିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିରେ ରବିବାର ଛୁଟିରେ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ଭୋର ସମୟରୁ ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ଏଠାକୁ ଆସିଥିଲେ। ଡୁଲୁରୀ ପାଇନ ବଣ ସମେତ ଲଭର୍ସ ପଏଣ୍ଟ, ମିଡିୟୁବା ଜଳପ୍ରପାତ, କିସୁବାଡ଼ି ଜଳପ୍ରପାତରେ କେତେକ ପର୍ଯ୍ୟଟକ ବଣଭୋଜି କରି ମଜା ନେଇଥିବା ବେଳେ ଆଉ କେତେକ ପର୍ଯ୍ୟଟକ କଫି ବଗିଚା, ହିଲଭିୟୁ ପାର୍କରେ ବୁଲି ଶୀତର ମଜା ନେଇଥିଲେ। ତେବେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସକାଳ ୮ ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ରକ୍ଷଣାବେକ୍ଷଣ ପାଇଁ ପୂର୍ବ ସୂଚନା ମୁତାବକ ବିଦ୍ୟୁତ୍ କାଟ୍ କରିଥିଲା। ମାତ୍ର ସନ୍ଧ୍ୟା ୫ଟାପରେ ମଧ୍ୟ ବିଦ୍ୟୁତ୍ ଆସି ନ ଥିଲା। ଫଳରେ ହିଲଭିୟୁ ପାର୍କରେ ଶତାଧିକ ପର୍ଯ୍ୟଟକ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରି ନିରାଶ ହୋଇ ଫେରିଥିଲେ। ସେମାନଙ୍କ ଛୋଟ ଛୁଆଙ୍କୁ ଟୟ ଟ୍ରେନରେ ବୁଲାଇବା ଏବଂ ନୂତନ ଭାବେ ସ୍ଥାପନ ହୋଇଥିବା ମ୍ୟୁଜିକାଲ ଫାଉଣ୍ଟେନ ରଙ୍ଗବେରଙ୍ଗ ଆଲୁଅରେ ଦେଖିବା ଇଚ୍ଛା ସେମାନଙ୍କର ପୂରଣ ହୋଇ ନ ଥିଲା। କଟାଯାଇଥିବା ବିଦ୍ୟୁତ୍ ଆସିବାରେ ବିଳମ୍ବ ହେବାରୁ ପର୍ଯ୍ୟଟକମାନେ ୨ଟି ବ୍ୟବସ୍ଥାରୁ ବଞ୍ଚିତ ହେଲେ ବୋଲି ବିଡ଼ିଓ ପ୍ରୀତିରଞ୍ଜନ ରଥ କହିଛନ୍ତି। ସେ ଏନେଇ ବିଦ୍ୟୁତ୍ ବିଭାଗକୁ ଶୀଘ୍ର ବିଦ୍ୟୁତ୍ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ଶିବ ପ୍ରସାଦ ନାୟକଙ୍କୁ ପଚାରିବାରୁ ଆଉ ଅଳ୍ପ ସମୟ ମଧ୍ୟରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଯିବ ବୋଲି କହିଥିଲେ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ରାମଗିରି,୨୧।୧୨(ବୃନ୍ଦାବନ ଗୌଡ଼): ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତ ଖ୍ରୀଷ୍ଟିଆନ ସାହିର ଶଶୀକଳା ମାଝୀ (୫୫)। ସେ ଅବିବାହିତ ଥିଲେ। ଆଗକୁ ଖ୍ରୀଷ୍ଟ ଧର୍ମର ବଡ଼ଦିନ ପାଳିବା ପାଇଁ ଶଶୀକଳା ଘରଦ୍ୱାର ପରିଷ୍କାର କରି ଲୁଗାପଟା ସଫା କରିବା ପାଇଁ ନିକଟସ୍ଥ ନାଳକୁ ଯାଇଥିଲେ। ଏହି ସମୟରେ କୌଣସି ଏକ ସାପ ତାଙ୍କ ଗୋଡ଼ ଆଙ୍ଗୁଠିକୁ କାମୁଡ଼ି ଦେବାରୁ ସେ ଅଚେତ ହୋଇ ପଡିରହିଥିଲେ। ବହୁ ସମୟ ପରେ କେତେଜଣ ଲୋକ ତାଙ୍କୁ ଦେଖି ତୁରନ୍ତ ରାମଗିରି ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସରେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶଶୀକଳାଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ହେବ। ଏ ନେଇ ନଂ.୧୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ରାମଗିରି ଥାନାଧିକାରୀ ଡି. ଗଜପତି ଦୋରା କହିଛନ୍ତି।

## କ୍ରାନ୍ତି ଯୁବ ଛାତ୍ର ସଙ୍ଗଠନର ପ୍ରତିଷ୍ଠା ଦିବସ ପାଳିତ



ସଙ୍ଗଠନର କର୍ମକର୍ତ୍ତାମାନେ।

ଛତ୍ରପୁର,୨୧।୧୨(ଦିଲୀପ ସାମଲ): କ୍ରାନ୍ତି ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ୧୪ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଛତ୍ରପୁର ସହରରେ ଏହି ସଙ୍ଗଠନ ବିଭିନ୍ନ ସାମାଜିକ କାମ ସହ ଜଡିତ ରହି ଆସିଛି। ଶନିବାର ଛତ୍ରପୁର ଷ୍ଟେଶନରୋଡ ନିକଟସ୍ଥ କାର୍ଯ୍ୟାଳୟରେ ସଂଘ ସଦସ୍ୟମାନେ ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି। ସଂଘ ସଭାପତି ଇଜୁ ଅମିନ ଖାନ କ୍ରାନ୍ତି ପତାକା ଉତ୍ତୋଳନ କରିବା ସହ ଆଗାମୀ ଦିନରେ ସଙ୍ଗଠନର ଛାତ୍ର ଓ ଯୁବକମାନେ ଚାଷୀ ଓ ଶ୍ରମିକମାନଙ୍କ ନେତୃତ୍ୱ ନେବା ସହ ସେମାନଙ୍କ ପାଇଁ କିଭଳି ଲଢ଼ିବେ ସେ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ରୂପେ ଚାଷୀନେତା ସିମାଞ୍ଚଳ ନାହାକ ଯୋଗଦେଇ ଯୁବକ ଛାତ୍ର ମାନେ ଚାଷୀ ଓ ନିଷ୍ପେସିତମାନଙ୍କ ପାଇଁ କିଭଳି ସ୍ୱର ଉତ୍ତୋଳନ କରିବେ ତାହା ଆଲୋଚନା କରିଥିଲେ। ସଂଗଠନର ସମସ୍ତ ସଦସ୍ୟ ଉଦବୋଧନ ଦେବା ସହ ଶହୀଦ-ଏ-ଆଜମ ଭଗତ ସିଂ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହା ପରେ ପ୍ରତି ବର୍ଷଭଳି ସ୍ଥାନୀୟ ସରକାରୀ ଚିକିତ୍ସାଳୟରେ ସମସ୍ତ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଲାଲ ଖାନ, ନିଶାନ୍ତ ନାହାକ, ସୁବୋଧ ସୁମନ ସ୍ୱାଇଁ, କୃଷ୍ଣ ନାହାକ, ରଶ୍ମିରଞ୍ଜନ ମହାପାତ୍ର, ଟି ସୁନିଲ କୁମାର ରାଓ, ଆଶିଷ ଦାସ, ରାହୁଲ ପାତ୍ର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରନେତା ସୋମନାଥ ବେହେରା, ସନ୍ତୋଷ କୁମାର ବେହେରା ଏବଂ ବିକ୍ରମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ନଞ୍ଜାଙ୍କ ପ୍ରତି ପ୍ରଶାସନର ଅବହେଳା ଅଭିଯୋଗ

ଦାରିଙ୍ଗବାଡି, ୨୧।୧୨ (ଅରୁଣ ସାହୁ)



କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକରେ ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିଙ୍କ ପ୍ରତି ପ୍ରଶସନ ଅବହେଳା କରୁଥିବା ଅଭିଯୋଗ ହେଉଛି। ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଶତ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବା ବେଳେ ତାଙ୍କୁ ପ୍ରଶାସନ କମ ପ୍ରତିଶତ ଦିବ୍ୟାଙ୍ଗ ଦର୍ଶାଇଛି। ଫଳରେ ସେ ପାଇବାକୁ ଥିବା ସରକାରୀ ସୁବିଧା ସୁଯୋଗ ପାଇପାରୁନାହାନ୍ତି। ସେହିପରି ଜଣେ ମହିଳାଙ୍କ ୬୦ବର୍ଷ ବୟସ ହୋଇ ଯାଇଥିଲେ ସୁଦ୍ଧା ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଏଯାଏ ମିଳିନି। ଏପରି ଦେଖିବାକୁ ମିଳିଛି ବ୍ଲକର ବାଡାବାଙ୍ଗା ପଞ୍ଚାୟତ କଲୋନୀ ସାହିରେ। ଏହି ସାହିରେ ନଞ୍ଜା ଦିଗାଲ ଏବଂ ତାଙ୍କ ସ୍ତ୍ରୀ ନମନ୍ତୀ ଦିଗାଲ ବସବାସ କରନ୍ତି। ନଞ୍ଜା ଜଣେ ଦିବ୍ୟାଙ୍ଗ। ସେ ତାଙ୍କର କହିବା ଶକ୍ତି ହରାଇ ବସିଥିବା ସହ କାନକୁ ମଧ୍ୟ ଭଲ ଶୁଭୁନାହିଁ। ସେ ଚାଲିପାରୁନାହାନ୍ତି, ସମ୍ପୂର୍ଣ୍ଣ ଦିବ୍ୟାଙ୍ଗ ବୋଲି ତାଙ୍କ ପୁଅ ବୁଲୁ କହିଛନ୍ତି। ମାତ୍ର ନଞ୍ଜାଙ୍କୁ ଦିବ୍ୟାଙ୍ଗ ପାଇଁ କମ ପ୍ରତିଶତ ଦର୍ଶାଇ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ସେ ଶତ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ସରକାରଙ୍କ ଯୋଜନାରୁ ସମ୍ପୂର୍ଣ୍ଣ ସୀୟତା ପାଉ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେ ପାଇଥିବା ପ୍ରମାଣପତ୍ର ଅନୁସାରେ ନଞ୍ଜାଙ୍କୁ ମାସକୁ ମାତ୍ର ୧ ହଜାର ଟଙ୍କା ସହାୟତା ମିଳୁଛି। ତାହା ତାଙ୍କ ଚିକିତ୍ସା ଖର୍ଚ୍ଚକୁ ମଧ୍ୟ ନିଅଣ୍ଟ ପଡୁଥିବା ପୁଅ ବୁଲୁ କହିଛନ୍ତି। ଏହାର ତଦନ୍ତ କରି ପୁନଃ ତାଙ୍କୁ ଶତ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେବାକୁ ସେ ଦାବି କରିଛନ୍ତି। ସେହିପରି ନଞ୍ଜାଙ୍କ ସ୍ତ୍ରୀ ନମନ୍ତୀଙ୍କୁ ୬୦ବର୍ଷ ଅତିକ୍ରମ କରିଥିବା ବେଳେ ତାଙ୍କୁ ଏଯାଏ ବାର୍ଦ୍ଧକ୍ୟ ଭତ୍ତା ମିଳିନି। ଏଥି ପ୍ରତି ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ଶତ ପ୍ରତିଶତ ଦିବ୍ୟାଙ୍ଗ ନଞ୍ଜା ଭତ୍ତା ୩୫ଶହ ଟଙ୍କା ପାଇବା କଥା। ମାତ୍ର ଏବେ ସେ ସର୍ବନିମ୍ନ ୧ହଜାର ଟଙ୍କା ପାଉଛନ୍ତି।

# ସାଇବର ଠକେଇ ଘଟଣାର ପର୍ଦ୍ଦାଫାଶ, ୪ ଗିରଫ

ଛତ୍ରପୁର,୨୧।୧୨(ଦିଲୀପ ସାମଲ):
ଗଞ୍ଜାମ ଜିଲା ଛତ୍ରପୁର ପୋଲିସ ରବିବାର ଦୁଇ ବର୍ଷ ହେଲା ଚାଲିଥିବା ଏକ ଅନ୍‌ଲାଇନ୍ ସାଇବର ଠକେଇର ପର୍ଦ୍ଦାଫାଶ କରିଛି। ଏହି ମାମଲାରେ ପୋଲିସ ପକ୍ଷରୁ ନଂ. ୭୮୦/୨୫ରେ ଏକ ମାମଲା ରୁଜୁ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଛତ୍ରପୁର ଗଣେଶ ନଗର ପ୍ରଥମ ଲାଇନ୍‌ର କେ. ଅନିଲ ପାତ୍ର, ନୀଳକଣ୍ଠ ସାହିର ଗଗନ ଦଳାଇ, ହୁମ୍ମାର ଶଙ୍କର୍ଷଣ ସାହୁ ଏବଂ ରମ୍ଭା ଥାନା କୁଜିଡ଼େପ ଗ୍ରାମର ପବିତ୍ର ପ୍ରଧାନ । ଅଭିଯୁକ୍ତମାନଙ୍କଠାରୁ ୨ଟି ବ୍ୟାଙ୍କ ଜମାଖାତା, ୫ଟି ମୋବାଇଲ ଫୋନ୍, ଗୋଟିଏ ଏଟିଏମ କାର୍ଡ ଓ ଗୋଟିଏ ଆଧାର କାର୍ଡ ଜବତ କରାଯାଇଛି । ଜବତ ୨ ବ୍ୟାଙ୍କ ଜମାଖାତାରେ ୮ ଲକ୍ଷ ଟଙ୍କା ଅନଲାଇନରେ ଦେଣନେଣ ହୋଇଛି । ଘଟଣାର ମାଷ୍ଟର ମାଇଣ୍ଡ ହେଉଛନ୍ତି ପବିତ୍ର ପ୍ରଧାନ । ସେ ଗତ ୨ ବର୍ଷ ହେଲା ଫେସ୍‌ବୁକ ସାଙ୍ଗ ଦିଲ୍ଲୀ ଅଞ୍ଚଳର ମୁଖ୍ୟ ମାଷ୍ଟର ମାଇଣ୍ଡ ରଜତ ଶର୍ମା ନାମକ ଜଣେ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରି ଅନଲାଇନ ମାଧ୍ୟମରେ ସାଇବର ଠକେଇ ଚଳାଇଥିଲେ। ପବିତ୍ର ଛତ୍ରପୁର ଓ ଗଞ୍ଜାମ ଅଞ୍ଚଳର ମଧ୍ୟସ୍ତିଙ୍କ ମାଧ୍ୟମରେ ପ୍ରାୟ ୭୦ରୁ ୮୦ ଜଣଙ୍କ ବ୍ୟାଙ୍କ ଜମାଖାତା ଖୋଲିଛନ୍ତି। ହିତାଧିକାରୀଙ୍କ ଆଧାରକାର୍ଡ ମାଧ୍ୟମରେ ସେ ସିମ କରି ବିଭିନ୍ନ ବ୍ୟାଙ୍କରେ ଜମାଖାତା ଖୋଲିଛନ୍ତି। ଉକ୍ତ ଜମାଖାତା ଗୁଡିକ କୋରିୟରରେ ଦିଲ୍ଲୀର ରଜତଙ୍କ ନିକଟକୁ ପବିତ୍ର ପଠାଉଥିଲେ । ରଜତ ଗୋଟିଏ ଜମାଖାତା ପିଛା ପବିତ୍ରଙ୍କୁ ୧୮ ହଜାର ଟଙ୍କା ଦେଉଥିଲେ। ସେଥିରୁ ପବିତ୍ର ୭ ହଜାର ଟଙ୍କା ରଖି ବାକି ୧୧ ହଜାର ଟଙ୍କା ମଧ୍ୟସ୍ତିମାନଙ୍କୁ ଦେଉଥିଲେ। ସେପଟେ ରଜତ ଜମାଖାତାଗୁଡ଼ିକୁ ଅନ୍‌ଲାଇନରେ ବିଭିନ୍ନ ପ୍ରକାର ଖେଳ ତଥା ଠକେଇରେ ବ୍ୟବହାର କରି ଲକ୍ଷାଧିକ ଟଙ୍କା ଲୁଟି ନେଉଥିଲେ । ଛତ୍ରପୁର ଅଞ୍ଚଳର ଦିଲିପ କୁମାର ଭୋଲାଟି ଓ କେ.ମଣିକାନ୍ତ ରାଓଙ୍କ ଦୁଇଟି ଜମାଖାତା ଗତ ୨୬ ଓ ୨୭ ତାରିଖରେ ଛତ୍ରପୁରସ୍ଥିତ ବ୍ୟାଙ୍କ ଅଫ ମହାରାଷ୍ଟ୍ରରେ ଖୋଲାଯାଇଥିଲା। ଉଭୟେ ଜମାଖାତା ଖୋଲିଲା ବେଳେ ନିଜ ନିଜର ଇମେଲ ଠିକଣା ଦେଇଥିଲେ । ଏହାଦ୍ୱାରା ସେମାନେ ସେମାନଙ୍କ ଖାତାରେ ଲକ୍ଷାଧିକ ଟଙ୍କାର ଦେଣନେଣ ହେଉଥିବା ଇମେଲ ମାଧ୍ୟମରେ ଜାଣିପାରିଥିଲେ। ପରେ ଉଭୟେ ବ୍ୟାଙ୍କ ଯାଇ ସେମାନଙ୍କ ଡୁପ୍ଲିକେଟ ଜମାଖାତା ବାହାର କରିବା ପରେ ସେମାନଙ୍କ ଜମାଖାତା ପରେ ଠକେଇ ହେଉଥିବା ନେଇ ଛତ୍ରପୁର ଥାନା ପୋଲିସରେ ଅଭିଯୋଗ କରିଥିଲେ । ଛତ୍ରପୁର ଥାନା ଅଧିକାରୀଙ୍କ ତଦନ୍ତ ପରେ ଏହି ସାଇବର ଠକେଇରେ ମୁଖ୍ୟ ଏଜେଣ୍ଟ କୁଜିଡ଼େପ ଗ୍ରାମର ପବିତ୍ର, ଛତ୍ରପୁରର କେ.ଅନୀଲ, ଗଗନ ଓ ହୁମ୍ମାର ଶଙ୍କରର୍ଷଣଙ୍କ ମାଧ୍ୟମରେ ଛତ୍ରପୁର ଓ ଗଞ୍ଜାମ ବ୍ଲକ ଅଞ୍ଚଳର ପ୍ରାୟ ୭୦ରୁ୮୦ ଜଣଙ୍କ ନାମରେ ବିଭିନ୍ନ ବ୍ୟାଙ୍କ ଗୁଡିକରେ ଜମାଖାତା ଖୋଲାଯାଇଥିବା ଜଣାପଡିଥିଲା। ଏହି ବାବଦରେ ମୁଖ୍ୟ ଏଜେଣ୍ଟ ପବିତ୍ର ପ୍ରାୟ ୧୫/୨୦ ଲକ୍ଷ ଟଙ୍କା ରୋଜଗାର କରିଥିବା ବେଳେ ମଧ୍ୟସ୍ତିମାନେ ମଧ ଲକ୍ଷାଧିକ ଟଙ୍କା ରୋଜଗାର କରିଛନ୍ତି । ସେମାନଙ୍କ ନିକଟରେ ଯେଉଁମାନେ ଜମାଖାତା ଖୋଲିଥିଲେ ସେମାନଙ୍କୁ ୩ରୁ ୫ ହଜାର ଟଙ୍କା ଦେଇ ଅଭିଯୁକ୍ତମାନେ ଖସି ଯାଉଥିଲେ। ଆଗକୁ ମଧ ଏହି ଘଟଣାର ତଦନ୍ତ ଜାରି ରହିବ । ସମସ୍ତ ଆକାଉଣ୍ଟ ହିତାଧିକାରୀଙ୍କ ତାଲିକା ସଂଗ୍ରହ କରାଯିବ ବୋଲି ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି ।



# କଳିଙ୍ଗା ଘାଟିରେ ଡମ୍ଫର-କାର ମୁହାଁମୁହିଁ ଧକ୍କା

ଜି.ଉଦୟଗିରି,୨୧।୧୨(ଚିନ୍ମୟ କୁମାର ସେଠୀ)–କନ୍ଧମାଳ- ଗଞ୍ଜାମ ଜିଲା ସୀମାରେ ଥିବା କଳିଙ୍ଗା ଘାଟିରେ ରବିବାର ସକାଳେ ପୁଣି ଏକ ଦୁର୍ଘଟଣା ହୋଇଛି। ଅନ୍ଧାରକୋଟି ନିକଟରେ ଏକ ଡମ୍ଫର ସହ କାର ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ କାର୍‌ର ସମ୍ମୁଖ ଭାଗ ନଷ୍ଟ ହୋଇଯାଇଛି। ସୌଭାଗ୍ୟବଶତଃ କାରରେ ଥିବା ମହିଳାଙ୍କ ସହ ବର୍ଷକର ପିଲା ଓ ଅନ୍ୟମାନେ ସୁରକ୍ଷିତ ରହିଛନ୍ତି।

କାର (ନଂ. ଓଡି ୦୨ ବିକେ ୫୪୫୪)ଟି କେତେଜଣଙ୍କୁ ନେଇ ବ୍ରହ୍ମପୁର ଠାରୁ ସମ୍ବଲପୁର ଅଭିମୁଖେ ଯାଉଥିଲା। ସକାଳେ କଳିଙ୍ଗା ଘାଟି ଅନ୍ଧାରକୋଟି ନିକଟରେ ବିପରୀତ ଦିଗରୁ ଆସୁଥିବା ଡମ୍ଫର (ନଂ. ଓଡି ୩୨ ୮୧୬୨) ଭଞ୍ଜନଗର ଅଭିମୁଖେ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଉକ୍ତ ସ୍ଥାନଟି ବହୁ ଚଉଡ଼ା ହୋଇଥିଲେ ମଧ ଦୁର୍ଘଟଣା ଘଟିଛି। ଜି.ଉଦୟଗିରି ଥାନା ଏସଆଇ ରୂପକ ଦଳେଇ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଦୁର୍ଘଟଣାର କାରଣ ନେଇ ତଦନ୍ତ କରିଛନ୍ତି।



ଦୁର୍ଘଟଣାଗ୍ରସ୍ତ କାର

## ଲଜ୍‌ରେ ବ୍ୟବସାୟୀଙ୍କ ମୃତ୍ୟୁ

ବାଲିଗୁଡା,୨୧।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)
କନ୍ଧମାଳ ଜିଲା ବାଲିଗୁଡା ଟାଉନରେ ଜଣେ ବୁଲା ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ରାତି ଭୋଜନ ସାରି ଲଜ୍‌ରେ ଶୋଇଥିବା ବେଳେ ସେ ଭୋର୍ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ସହ ଥିବା ସହକର୍ମୀ ଓ ଲଜ୍ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ଡ଼ାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବସାୟୀ ଜଣକ ହେଲେ ଶେଖ୍ ଜାଭିୟର। ଖବରରୁ ଜଣାପଡିଛି,ଶେଖ୍ ଜାଭିୟର ଓ ମହମ୍ମଦ ହକିମ୍ ବୌଦ୍ଧ, ଫୁଲବାଣୀ ଅଞ୍ଚଳରେ ବ୍ୟବସାୟ କରିବା ପରେ ଗତ ସୋମବାର ବାଲିଗୁଡ଼ା ଆସି ସନ୍ତୋଷ ଲଜ୍‌ରେ ରହିଥିଲେ। ଉକ୍ତ ଅଞ୍ଚଳର ବିଭିନ୍ନ ଗାଁ ବୁଲି ଉଭୟେ ବିଭିନ୍ନ ଚକଲେଟ୍ ଓ ବିସ୍କୁଟ୍ ହୋଲ୍ ସେଲ୍ ଦରରେ ବିକ୍ରି କରୁଥିଲେ। ଶନିବାର ଉଭୟେ ନିଜନିଜ ବ୍ୟବସାୟ ସାରି ଲଜ୍‌କୁ ଫେରି ରାତିରେ ଖାଇସାରି ଶୋଇଥିଲେ। ଭୋର୍ ସମୟରେ ଜାଭିୟର ଅସୁସ୍ଥ ହୋଇପଡିଥିଲେ। ହକିମ ଲଜ୍ କର୍ମଚାରୀଙ୍କ ସହାୟତାରେ ଜାଭିୟରଙ୍କୁ ବାଲିଗୁଡ଼ା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜାଭିୟରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଲିଗୁଡ଼ା ପୋଲିସ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଶୀତ ମହୋତ୍ସବ ପାଇଁ ପ୍ରସ୍ତୁତି ଜୋରଦାର

## ମହୋତ୍ସବକୁ ଲୋକାଭିମୁଖୀ କରିବାକୁ ଅଣ୍ଟା ଭିଡ଼ିଲେ ବିଡିଓ



ମହୋତ୍ସବ ପଡିଆରେ ବିଡିଓ ତାଙ୍କ ଟିମ୍।

ଦାରିଙ୍ଗବାଡି,୨୧।୧୨(ଅରୁଣ ସାହୁ):
କନ୍ଧମାଳ ଜିଲା ଦାରିଙ୍ଗବାଡି ଶୀତ ମହୋତ୍ସବକୁ ନେଇ ସ୍ଥାନୀୟ ଅଞ୍ଚଳ, ଜିଲା ତଥା ଜିଲା ବାହାରେ ଉତ୍କଣ୍ଠା ବଢୁଛି। ୨୦୧୫ରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଶୀତ ମହୋତ୍ସବ ଆଜି ଲୋକଙ୍କ ହୃଦୟରେ ସ୍ଥାନ ପାଇଛି। ସେବେଠାରୁ ଏ ପର୍ଯ୍ୟନ୍ତ ଯେତେ ବି ଶୀତ ମହୋତ୍ସବ ହୋଇଛି ତାହା ଲୋକଙ୍କ ମନକୁ ଛୁଇଁଛି। ଚଳିତବର୍ଷ ଏହାକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ଶୀତ ମହୋତ୍ସବ କମିଟିର ସମ୍ପାଦକ ତଥା ବିଡିଓ ପ୍ରୀତିରଞ୍ଜନ ରଥ ଅଣ୍ଟା ଭିଡ଼ିଛନ୍ତି। ଗତ ମହୋତ୍ସବ ସମୟରେ ସେ ଦାରିଙ୍ଗବାଡିରେ ନିଯୁକ୍ତି ପାଇଥିଲେ ଓ ସଫଳତାର ସହ ମହୋତ୍ସବ ଆୟୋଜନ କରିଥିଲେ। ଚଳିତବର୍ଷ ଦ୍ୱିତୀୟ ଥର ପାଇଁ ଏହାକୁ ସଫଳ କରିବା ଅନ୍ୟ ବର୍ଷ ଅପେକ୍ଷା ଚଳିତବର୍ଷ ମହୋତ୍ସବକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ବିଡିଓ ଓ ତାଙ୍କ ଟିମ୍ ଅଣ୍ଟା ଭିଡ଼ିଛନ୍ତି। ପ୍ରତିଦିନ ଉପକମିଟିଗୁଡିକୁ ନେଇ ସନ୍ଧ୍ୟାରେ ସମୀକ୍ଷା କରିବା ସହ ମହୋତ୍ସବ ପଡିଆକୁ ଉନ୍ନତି କରିବାକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ ଏବଂ କନିଷ୍ଠ ଯନ୍ତ୍ରୀ ଧିରେନ ସେଠିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହୋତ୍ସବରେ ମୀନା ବଜାର, ଫୁଡ କୋର୍ଟ ଓ ଅନ୍ୟ ବିଭିନ୍ନ ଷ୍ଟଲ ଖୋଲାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ କଳାକାରମାନଙ୍କୁ ମଧ ଯୋଗାଯୋଗ କରୁଛନ୍ତି। ମଞ୍ଚ ସାଜସଜା ଜାନୁୟାରୀ ପହିଲାରୁ ଆରମ୍ଭ ହେବ ବୋଲି ବିଡିଓ ରଥ କହିଛନ୍ତି। ଆସନ୍ତା ଜାନୁଆରୀ ୮ରୁ ୧୧ ପର୍ଯ୍ୟନ୍ତ ୪ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଓ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ମହୋତ୍ସବରେ ଯୋଗଦେବେ ବୋଲି ବିଡିଓ ସୂଚନା ଦେଇଛନ୍ତି।

## ମହେନ୍ଦ୍ରଗିରିରେ ଓଲଟିଲା ୨ ପର୍ଯ୍ୟଟକ ବସ୍





ପାରଳାଖେମୁଣ୍ଡି,୨୧।୧୨(ଗିରିଧାରୀ ପରିଚ୍ଛା)
ଗଜପତି ଜିଲା ଗାରାବନ୍ଧ ଥାନା ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ପର୍ଯ୍ୟଟକଙ୍କୁ ଧରି ଆସିଥିବା ଦୁଇଟି ବସ୍ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ସକାଳୁ ଢେଙ୍କାନାଳ ଓ କଟକ ଅଞ୍ଚଳରୁ ଦୁଇଟି ଗାଡ଼ିରେ ପର୍ଯ୍ୟଟକମାନେ ଆସି ମହେନ୍ଦ୍ରଗିରି ବୁଲିଥିଲେ। ଫେରିବା ବେଳେ ଘାଟିରେ ଓହ୍ଲାଉଥିବା ସମୟରେ କୌଣସି କାରଣରୁ ପ୍ରଥମ ବସ୍‌ଟି ଘାଟି ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଏହା ପଛରେ ଥିବା ଅନ୍ୟ ଏକ ପର୍ଯ୍ୟଟକ ବସ୍‌ଟି ମଧ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଖବର ପାଇ ଗାରାବନ୍ଧ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ପର୍ଯ୍ୟଟକମାନଙ୍କୁ ଗାଡ଼ି ଭିତରୁ ଉଦ୍ଧାର କରିଥିଲା। ତେବେ କାହାରି ବିଶେଷ କିଛି କ୍ଷତି ହୋଇ ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ ।

# ଦଣ୍ଡାସି କୁଳ ସମାଜର ବନ୍ଧୁମିଳନ

ଶେରଗଡ଼ ୨୧।୧୨(ସୂର୍ଯ୍ୟ ନାରାୟଣ ଦାଶ)
ଶେରଗଡ଼ ବ୍ଲକର ଦକ୍ଷିଣକାଳୀ ମନ୍ଦିର ପ୍ରାଙ୍ଗଣରେ ଦଣ୍ଡାସି କୁଳ ସମାଜର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି। ଏହି ସମାଜରେ ବସବାସ କରୁଥିବା ଦଣ୍ଡାସି କୁଳର ପରିବାର ସଦସ୍ୟମାନେ କୁଳର ନୀତି ନିୟମକୁ ମାନି ଚଳିବେ ଓ ସମାଜ ସହିତ ଯେପରି ଯୋଡ଼ି ହୋଇ ରହିବେ ଏକରି କାର୍ଯ୍ୟକ୍ରମର ଲକ୍ଷ୍ୟ। ଦଣ୍ଡାସି ସମାଜର ନିହାତି ଗରିବ ପରିବାର ଯେପରି ଥଇଥାନ ହୋଇ ପାରିବେ, ସରକାର କରିଥିବା ବିଭିନ୍ନ ଯୋଜନାରୁ କୁଳର ସମସ୍ତ ପରିବାର ଯେପରି ସୁବିଧା ପାଇପାରିବେ ସେ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଏହି ଅବସରରେ ଆଲୋଚନା କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ରୂପେ ଜିଲା ସଭାପତି ତାରିଣୀ ଚରଣ ନାଇକ, ଜିଲା ଉପସଭାପତି ରଙ୍କନିଧି ନାଇକ, ଜିଲା ଚେୟାରମ୍ୟାନ ଶୁକଦେବ ନାଇକ, ଜିଲା ସମ୍ପାଦକ ଅଭିରାମ ନାଇକ, ଶେରଗଡ଼ ତାଲୁକା ସଭାପତି ଭୀମ ନାଇକ, ସଙ୍ଗଠନ ସମ୍ପାଦକ ବିନୋଦ ନାଇକ, ଯୁବ ନେତା କୈଳାସ ଚନ୍ଦ୍ର ନାଇକ ଉପସ୍ଥିତ ଥିଲେ। ଡଖେମଣ୍ଡି, ଶାସନ ଖେମଣ୍ଡି ତାଲୁକା,ଖାଲସା ତାଲୁକା, ଘୁମୁସର ତାଲୁକା, ଧରାକୋଟ ତାଲୁକା, ସୋରଡ଼ା ବାଲୁକା, ପୂର୍ବଖଣ୍ଡ ତାଲୁକା, ଜିଏନଟି କଲୋନୀ ତାଲୁକା ସଭାପତିମାନେ ବନ୍ଧୁମିଳନରେ ଯୋଗ ଦେଇଥିଲେ।

# ବିଜୟ ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ରାଇକିଆ,୨୧।୧୨
(ପ୍ରଦୀପ ବେହେରା):
କନ୍ଧମାଳ ଜିଲା ରାଇକିଆ ବିଜୟ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ପ୍ରଧାନ ଓ ସମ୍ମାନୀତ ଅତିଥି ଭାବେ ରାଇକିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ନାୟକ ଓ ପୁରାତନ ଛାତ୍ର ସଂଘ ସଭାପତି ପ୍ରଦୀପ ପ୍ରଧାନ, ମୁଖ୍ୟବକ୍ତା ଭାବେ ଯାଜକ ପ୍ରଦୋଷ ଚନ୍ଦ୍ର ନାୟକ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ସମ୍ବୋଧିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ନାୟକ, ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ମଣ୍ଡଳ ଓ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

## କରଚୁଲି ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକୋତ୍ସବ

ବୁଗୁଡା,୨୧।୧୨(କାଳିଚରଣ ଦାଶ)
ବୁଗୁଡା ବ୍ଲକ କରଚୁଲି ସରସ୍ୱତୀ ଶିଶୁ ମନ୍ଦିରର ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ଜି.ବଦ୍ରିନାଥ ପାତ୍ର ଅଧ୍ୟକ୍ଷତା କରିଥିଲେ। ପରିଚାଳନା ସମିତି ସମ୍ପାଦକ ରାଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆସିକା ଚିନିକଳ ନିର୍ଦ୍ଦେଶକ ବସନ୍ତ ଦଳେଇ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବତନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଅତିଥି ପରିଚୟ ଓ ପ୍ରଧାନାଚାର୍ଯ୍ୟ ସୁଶାନ୍ତ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ହିମାଂଶୁ ଶେଖର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ସାଂସଦ କ୍ରୀଡା ମହୋତ୍ସବ ଉଦ୍‌ଘାଟିତ




ମଞ୍ଚାସୀନ ଅତିଥି।

ହିଞ୍ଜିଳିକାଟୁ, ୨୧।୧୨(ଦ୍ୱିତୀକୃଷ୍ଣ ପଣ୍ଡା):
ହିଞ୍ଜିଳିକାଟୁ ବୃନ୍ଦାବନ ମିନି ଷ୍ଟାଡିୟମ ପରିସରରେ ଜିଲାସ୍ତରୀୟ ସାଂସଦ କ୍ରୀଡା ମହୋତ୍ସବ ରବିବାର ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆସିକା ଏମ୍‌ପି ଅନିତା ଶୁଭଦର୍ଶନୀ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଏଡିଏମ ଦେବବ୍ରତ ପଣ୍ଡା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁନିଲ କେରକେଟା, ଜିଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ, ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀ, ଭାଜପା ଜିଲା ସଭାପତି ବିଜୟ ସ୍ୱାଇଁ, ଏମ୍‌ପି ପ୍ରତିନିଧି ଯଜ୍ଞ ନାରାୟଣ ଦାଶ, ନେତା ଶିଶିର ମିଶ୍ର, ବିଧାୟକ ପ୍ରତିନିଧି ଏ. ସୁଦର୍ଶନ ପ୍ରମୁଖ ମଞ୍ଚାସିନ ଥିଲେ। ଶ୍ୟାମଳାଇ ମନ୍ଦିରରୁ ମଶାଲ ଅଣାଯାଇ କ୍ରୀଡା ଉତ୍ସବ ଉଦଘାଟନ ହୋଇଥିଲା। ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୩୯ ତମ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ହିଞ୍ଜିଳିକାଟୁ ଅଞ୍ଚଳର ସୋନାଲି ତ୍ରିପାଠୀଙ୍କୁ ଏହି ଅବସରରେ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଆସିକା ସାଂସଦୀୟ କ୍ଷେତ୍ର ଅଧୀନ ୭ଟି ବିଧାନସଭା କ୍ଷେତ୍ରରୁ ବହୁ କ୍ରୀଡ଼ାବିତ୍ ଆସି ୧୫ଟି ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରିବେ। କ୍ରୀଡା ସମାରୋହ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମକୁ ବିଡ଼ିଓ ସାଗରିକା ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ତହସିଲଦାର ତପନ କୁମାର ମହାପାତ୍ର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ବିଇଓ ଚାନ୍ଦିନୀ ପଣ୍ଡା, ଏବିଇଓ ବାଳକୃଷ୍ଣ ପାତ୍ର, ସୁଶିଲ କୁମାର ପାତ୍ର, ଭି. ସୂର୍ଯ୍ୟକାନ୍ତି ପାତ୍ର, ବହୁ କ୍ରୀଡା ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ହିଞ୍ଜିଳିକାଟୁ ବିକାଶ ମଞ୍ଚ ସଭାପତି ପ୍ରମୋଦ କୁମାର ପଣ୍ଡା ମିନି ଷ୍ଟାଡିୟମର ଉନ୍ନତିକରଣ ଓ ପୁନରୁଦ୍ଧାର ସକାଶେ ଆସିକା ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଡିଜିଟାଲ ଡକ୍ୟୁମେଣ୍ଟେଶନ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଫେରିଲେ ସରପଞ୍ଚ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଫେରିଥିବା ସରପଞ୍ଚ ।

ଜି.ଉଦୟଗିରି,୨୧।୧୨
(ଚିନ୍ମୟ କୁମାର ସେଠୀ)
କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ଗ୍ରେସିଙ୍ଗିଆ ପଞ୍ଚାୟତର ସରପଞ୍ଚ ତ୍ରିଶିଳା ପ୍ରଧାନ ହାଇଦ୍ରାବାଦଠାରେ ଏନ୍‌ଆଇଆର୍‌ଡି ପକ୍ଷରୁ ହେଉଥିବା ପଞ୍ଚାୟତ ପରିଚାଳନା ପାଇଁ ଡିଜିଟାଲ ଡକ୍ୟୁମେଣ୍ଟେଶନ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ଫେରିଛନ୍ତି। ଏହି ଶିବିର ଗତ ୧୮ ଓ ୧୯ ତାରିଖ ଦୁଇଦିନ ହୋଇଥିଲା। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ତରଫରୁ କନ୍ଧମାଳ ଜିଲାରୁ ସେ ଏକମାତ୍ର ମହିଳା ସରପଞ୍ଚ ଥିଲେ। ତେବେ ଓଡ଼ିଶାରୁ ମୋଟ ୪ ଜଣ ସରପଞ୍ଚ ଉକ୍ତ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ପଞ୍ଚାୟତ ଅଞ୍ଚଳରେ ହେଉଥିବା ବିକାଶମୂଳକ କାର୍ଯ୍ୟଗୁଡ଼ିକର ଡିଜିଟାଲ ଡକ୍ୟୁମେଣ୍ଟେଶନ କିପରି ଭାବେ ପ୍ରସ୍ତୁତ କରାଯିବ ଯାହା ଭବିଷ୍ୟତରେ କାର୍ଯ୍ୟରେ ଆସିବା ସହ ନିଜ ଅଞ୍ଚଳରେ ହେଉଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା ଓ ଅଗ୍ରଗତିର କାମରେ ଲାଗିପାରିବ। ପରବର୍ତ୍ତୀ ସମୟରେ ପଞ୍ଚାୟତ ଅନ୍ତଃ ଜିଲା କିମ୍ବା ରାଜ୍ୟ ସ୍ତରରେ ହେଉଥିବା ଉତ୍ତମ ପଞ୍ଚାୟତ ଗଠନ ପ୍ରତିଯୋଗିତାରେ ପୁରସ୍କୃତ ହୋଇପାରିବ। ହାଇଦ୍ରାବାଦରେ ହୋଇଥିବା ଦୁଇ ଦିନିଆ ଶିବିରରେ ପ୍ରଶିକ୍ଷଣ ନେଇ ବହୁତ କିଛି ଶିଖିପାରିଛି। ତାହା ମୋ ପଞ୍ଚାୟତରେ କାର୍ଯ୍ୟରେ ପ୍ରୟୋଗ କରିବି ବୋଲି ସରପଞ୍ଚ ତ୍ରିଶୀଳା କହିଛନ୍ତି।

## ୧୯୮୧ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ଆସିକା,୨୧।୧୨(ସୁରେନ୍ଦ୍ର ନାଥ ସାହୁ)
ଆସିକା ହରିହର ହାଇସ୍କୁଲ ୧୯୮୧ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ଏକ ବନ୍ଧୁମିଳନ ରବିବାର ସ୍ଥାନୀୟ ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ପୁରାତନ ଛାତ୍ର ଯୋଗଦେଇ ମା'ଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ପୁରାତନ ବିଦ୍ୟାଳୟ ହରିହର ହାଇସ୍କୁଲ ପରିଦର୍ଶନ କରି ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ଅବସରରେ ପୁରାତନ ଛାତ୍ରମାନେ ପୁରୁଣା ସ୍ମୃତିକୁ ସାଉଁଟିବା ସହ ଭାବପୂର୍ଣ୍ଣ ଆଲୋଚନା ହୋଇଥିଲା । ସତ୍ୟନାରାୟଣ ରଥ, ଗଜେନ୍ଦ୍ର ପାତ୍ର, ସିମାଞ୍ଚଳ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଡ. ତାରିଣୀ ଚରଣ ତ୍ରିପାଠୀ, ତାରାଚାନ୍ଦ ମିଶ୍ର, କିଶୋର ଚନ୍ଦ୍ର ପାଣିଗ୍ରାହୀ, ପି. ରବିନ୍ଦ୍ର ପାତ୍ର, ହିମାଂଶୁ ପାଢୀ, ତ୍ରିପତି ବାଲାଜୀ ପାତ୍ର, ପ୍ରଭାକର ପାତ୍ରଙ୍କ ସମେତ ୭୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ପର୍ଯ୍ୟଟନ ସ୍ଥଳୀ ସଫେଇ କଲେ ଅଧିକାରୀ, ସାମାଜିକ କର୍ମୀ




ପାରଳାଖେମୁଣ୍ଡି/ମୋହନା,୨୧।୧୨(ଗିରିଧାରୀ ପରିଚ୍ଛା/ମନ୍ମଥ ମିଶ୍ର):
ନୂଆବର୍ଷ ପାଖେଇ ଆସୁଥିବା ବେଳେ ଦିନକୁ ଦିନ ବଣଭୋଜି ପାଇଁ ବିଭିନ୍ନ ଦର୍ଶନୀୟ ସ୍ଥାନରେ ଜନ ସମାଗମ ବଢୁଛି। ସବୁ ସ୍ଥାନରେ ଭୋଜିଭାତ ଯୋଗୁ ଦର୍ଶନୀୟ ସ୍ଥାନ ସବୁ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଯାଉଛି। ଏହାକୁ ଦୃଷ୍ଟିରେ ରଖି ରବିବାର ଜିଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲା ଖଣି ଅଧିକାରୀ ଦିପେନ ପରିଡ଼ା, କନିଷ୍ଠ ଖଣି ଅଧିକାରୀ ବିଶ୍ୱଜିତ ମହନ୍ତ ଓ ମୋହନା ଥାନାଧିକାରୀ ବସନ୍ତ ସେଠୀ ଓ ଚନ୍ଦ୍ରଗିରି ଫାଣ୍ଡି ଏସ୍‌ଆଇ ସୁନୀଲ ସେଠୀ ବିଭିନ୍ନ ବିଭାଗର କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନର ସମାଜିକକର୍ମୀ ଜିଲାର ମୋହନା ବ୍ଲକସ୍ଥିତ ଖସଡ଼ା ଜଳପ୍ରପାତ ପରିସରରୁ ଅଳିଆ ଆବର୍ଜନା ସବୁ ସଫା କରି ପର୍ଯ୍ୟଟନ ସ୍ଥଳର ପରିବେଶ ସ୍ୱଚ୍ଛ ରଖିବାକୁ ବାର୍ତ୍ତା ଦେଇଥିଲେ। ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର, ଗୋପାଳପୁର ଆଇଆରଇରେ କାର୍ଯ୍ୟରତ ମନୋରଞ୍ଜନ ବେହେରା ଓ ସମାଜିକ କର୍ମୀ ମନୋଜ ମିଶ୍ର ଏହାର ନେତୃତ୍ୱ ନେଇଥିଲେ। ପାରଳାଖେମୁଣ୍ଡିସ୍ଥିତ ଅଖିଳ ଭାରତୀୟ ଯୁବାଜନ ସେବା ସମିତିର ମୁଖ୍ୟ କୁମାର ରେଙ୍ଗୀ, ଗାୟତ୍ରୀ ପରିବାରର ସନ୍ତୋଷ ଗନ୍ତାୟତ ଓ ଅନ୍ୟମାନେ ଏହି ମହତ କାର୍ଯ୍ୟରେ ସାମିଲ ହୋଇଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ଖଜୁରୀପଡା, ୨୧।୧୨(ବିଦୁର ବେହେରା)–
ଖଜୁରୀପଡ଼ା ଥାନା ଅନ୍ତର୍ଗତ ଦୂତିପଡା ନିକଟସ୍ଥ ଜାମଝୋରି ପୋଲଠାରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ବାଇକ୍ ଜାଳକ ଗୁରୁତର ହୋଇଛନ୍ତି। ସେ ହେଲେ ସୀମାଞ୍ଚଳ ପ୍ରଧାନ। ସୀମାଞ୍ଚଳ ତାଙ୍କ ବାଇକ୍(ଓଆର୍ ୨୫ ଡି–୦୫୧୫) ଯୋଗେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଖବର ପାଇ ଘଟଣା ସ୍ଥଳରେ ଦମକଳବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଫୁଲବାଣୀ ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡିଛି।

GOVERNMENT OF ODISHA, "e" PROCUREMENT NOTICE
OFFICE OF THE SUPERINTENDING ENGINEER
NAYAGARH (R&B) DIVISION, NAYAGARH
WORKS DEPARTMENT
TENDER CALL NOTICE
E-mail: pwdoffngd34@gmail.com
Bid Identification No. S.E. Nayagarh (R&B) Division - Online 10/2025-26
No. B-838: The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE from eligible contractors for construction of building work as detailed in the table below:

| | | |
|---|---|---|
| 1. | Nature of Work | : Building Works |
| 2. | No. of Work | : 4 Nos. |
| 3. | Tender Cost & EMD | : To be remitted online through a process as mentioned in DTCN |
| 4. | Class of Contractor | : As mentioned in DTCN |
| 5. | Available of Bid document in the Website | : From Dt.26.12.2025 11.00 A.M. to Dt.06.01.2026 Upto 5.00 P.M. |
| 6. | Date of Opening of Bid | : Dt.07.01.2026 at 11.00 A.M. |
| 7. | The have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website. | |

Sd./- Superintending Engineer
Nayagarh (R&B) Division, Nayagarh
OIPR-34138/11/0028/2526

## ବଢ଼ିବ ଜମି...

ପ୍ରଥମ ପୃଷ୍ଠାରୁ...

କରିବାରେ ଅସମର୍ଥ ହୁଅନ୍ତି ତେବେ ସେ କ୍ଷେତ୍ରରେ ଜିଲାପାଳ ସେଥିରେ ହସ୍ତକ୍ଷେପ କରି ଦର ଧାର୍ଯ୍ୟ କରିପାରିବେ। ସଂକଳ୍ପ ଅନୁଯାୟୀ, ଯଦି ଚାଷଜମି ଗ୍ରାମାଞ୍ଚଳରେ ହୋଇଥିବ ମାତ୍ର ଜାତୀୟ ରାଜପଥର ୫୦ ମିଟର କିମ୍ବା ୨୦୦ ମିଟର ଭିତରେ ରହିଥିବ ତେବେ ସେ କ୍ଷେତ୍ରରେ ନୂତନ ମୂଲ୍ୟାୟନ ନିର୍ଦ୍ଧାରଣ ହେବ। ସେହିପରି ଜାତୀୟ ରାଜପଥର ୫୦ ମିଟର ଏବଂ ୨୦୦ ମିଟର ଏବଂ ଗ୍ରାମ୍ୟ ରାସ୍ତାର ୫୦ ମିଟର ଏବଂ ୨୦୦ ମିଟର ଭିତରେ ଚାଷ ଜମି ରହିଥିଲେ ତା'ର ନୂତନ ମୂଲ୍ୟାୟନ ହେବ। ଏହାସହିତ ଜଳସେଚିତ ଚାଷଜମି କିମ୍ବା ଅଣଜଳସେଚିତ ଚାଷ ଜମି, ଏକ ଫସଲି କିମ୍ବା ଦୋଫସଲି ଜମି ସେସବୁକୁ ମଧ୍ୟ ମୂଲ୍ୟାୟନ ପରିସରଭୁକ୍ତ କରାଯିବ। ସେହିପରି ଯଦି ଚାଷଜମିର କିସମ ପରିବର୍ତ୍ତନ ହୋଇ ନ ଥାଏ ଏବଂ ଉକ୍ତ ଜମି ଜାତୀୟ ରାଜପଥର ୫୦ ମିଟର ଦୂରରେ ଥାଏ ତେବେ ତାହାର ନୂତନ ବର୍ଦ୍ଧିତ ମୂଲ୍ୟାୟନ ଲାଗୁ ହେବ। ସେହିପରି ଜାତୀୟ ରାଜପଥଠାରୁ ୨୦୦ ମିଟର ଦୂରତା ଭିତରେ ରହିଲେ ମଧ୍ୟ ବଢ଼ା ଦର ଲାଗୁ ହେବ। ଏହାସହିତ ରାଜ୍ୟ ରାଜପଥର ୫୦ ମିଟର, ୨୦୦ ମିଟର ଏବଂ ଜାତୀୟ ପ୍ରକଳ୍ପ ନିକଟବର୍ତ୍ତୀ ଅଞ୍ଚଳରେ ଚାଷଜମି ଥିଲେ ତା'ର ମୂଲ୍ୟାୟନ ବଢ଼ିବ। ସେହିପରି ଅଣଚାଷ ଜମି କ୍ଷେତ୍ରରେ ମଧ୍ୟ ୪ପ୍ରକାର ଜମିର ମୂଲ୍ୟାୟନ କରାଯିବ। ସେଥିମଧ୍ୟରେ ଘରବାରି, ବାଣିଜ୍ୟ, ଅନୁଷ୍ଠାନ ଏବଂ ଶିଳ୍ପ କ୍ଷେତ୍ରରେ ଜମିର ମୂଲ୍ୟାୟନ ବେଳେ ଦୃଷ୍ଟିଦେବାକୁ ହେବ। ସଂକଳ୍ପରେ କୁହାଯାଇଛି, ଛାତ ଏବଂ ଆଜବେଷ୍ଟସ ଘର ମୂଲ୍ୟାୟନ ବେଳେ ନିର୍ଦ୍ଦିଷ୍ଟ ଫର୍ମ-୭ରେ ଜିଲାସ୍ତରୀୟ ଏବଂ ଉପଜିଲାସ୍ତରୀୟ କମିଟିକୁ ଦର୍ଶାଇବାକୁ ହେବ, ଯାହାଦ୍ୱାରା ସ୍ଥାବର ସମ୍ପତ୍ତିର ମୂଲ୍ୟାୟନ ଠିକ୍ ଭାବେ ହୋଇପାରିବ ବୋଲି ସଂକଳ୍ପରେ ଦର୍ଶାଯାଇଛି।

## ଘରେ ନିଆଁ ଲାଗି...

ଦାଉରୁ ରକ୍ଷା ପାଇଁ ନିଆଁଜାଳି ଗୋଟିଏ ବଖରାରେ ଶୋଇଥିଲେ। ତେବେ ଅସାବଧାନତା ଯୋଗୁ ସେ ପୋଡ଼ିଯିବା ସହ ତାଙ୍କ ଚାଳଛପର ଘରେ ମଧ୍ୟ ନିଆଁ ଲାଗିଯାଇଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ଦମକଳବାହିନୀ ପହଞ୍ଚିବା ବେଳକୁ ସବୁ ଶେଷ ହୋଇଯାଇଥିଲା। ୩ ବଖରା ଘର ସମେତ ଛେଳି, କୁକୁଡ଼ା ଓ ଆସବାବପତ୍ର ଭସ୍ମ ହୋଇଯାଇଥିଲା। ମୃତକଙ୍କ ପୁଅ ମଙ୍ଗଳ ସିଂଙ୍କ ଅଭିଯୋଗ କ୍ରମେ ବାଙ୍ଗିରିପୋଷି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଗଦା ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ସହାୟତା ଯୋଗାଇ ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ଶୁଭଙ୍କରୀ ସୁଦେଷ୍ଣା କହିଛନ୍ତି।

# ଟାଟା ପାୱାର ବିରୋଧରେ ହେବ ଜନଜାଗରଣ: ଭକ୍ତ

**ଭୁବନେଶ୍ୱର,୨୧।୧୨(ରବିନାରାୟଣ ଜେନା)**

ଟାଟା ପାୱାରର ଶୋଷଣକୁ ନେଇ ରାଜ୍ୟରେ ଜନଜାଗରଣ ସୃଷ୍ଟି କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସଭବନଠାରେ ଅନୁଷ୍ଠିତ ସମ୍ମିଳନୀରେ ଭକ୍ତ କହିଛନ୍ତି, ଟାଟା ପାୱାର ଅତିରିକ୍ତ ଜମାରାଶି ଓଡ଼ା ମିଟର ଏବଂ ବିଲରେ ଚଞ୍ଚକତା କରି ସାଧାରଣ ଜନତାଙ୍କୁ ଶୋଷଣ କରି ଚାଲିଛି। ଏହାକୁ ନେଇ ଡିସେମ୍ବର ୨୬ରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ସେହିପରି କେନ୍ଦ୍ର ସରକାର ବିକଶିତ ଭାରତ 'ଜି ରାମ ଜି' ବିଧେୟକ ଆଣି ଦଳିତ ଓ ଶ୍ରମିକ ବର୍ଗଙ୍କୁ ଶୋଷଣମୁହଁକୁ ଠେଲି ଦେଇଛନ୍ତି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବ।

ସେ କହିଛନ୍ତି, ଦଳିତ, ଆଦିବାସୀ ଓ ପଛୁଆବର୍ଗଙ୍କ ପାଇଁ ୟୁପିଏ ସରକାର 'ଏମ୍‌ଜିଏନ୍‌ଆର୍‌ଇଜିଏସ୍' ଲାଗୁ କରିଥିଲେ। ସେଥିରେ ସରକାର ଗରିବ ଲୋକଙ୍କୁ କାର୍ଯ୍ୟ ଦେବେ ନଚେତ୍ ପଇସା ଦେବେ, କିନ୍ତୁ କେନ୍ଦ୍ର ସରକାର ସେ ଆଇନକୁ ବଦଳାଇ ଯେଉଁ ନୂତନ ଆଇନ ଆଣିଛନ୍ତି ତାହା ଦ୍ୱାରା 'ଏମ୍‌ଜିଏନ୍‌ଆର୍‌ଇଜିଏସ୍'ର ମୂଳ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେଣୁ ଏହି ନୂତନ ଆଇନକୁ ପ୍ରତ୍ୟାହାର କରିବା ଆବଶ୍ୟକ ରହିଛି। ଏହାକୁ ନେଇ ପ୍ରତ୍ୟେକ ଜିଲା ମୁଖ୍ୟାଳୟରେ ୨୬ ଡିସେମ୍ବରରେ କଂଗ୍ରେସ ପକ୍ଷରୁ ରାଲି ସହ ଟାଟା କମ୍ପାନୀ ବିରୋଧରେ ସାଧାରଣ ସଭା ହେବ ଓ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯିବ। ଡିସେମ୍ବର ୩୦ ଆଗରୁ ଅତିରିକ୍ତ ଜମାରାଶିକୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ। ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ଏବଂ ଓଡ଼ିଶା ଜନତାଙ୍କ ସାଙ୍ଗେ ଠିଆ ହୁଅନ୍ତୁ। ନଚେତ ଆଇନ ଅମାନ୍ୟ ଆରମ୍ଭ ହେବ ଏବଂ ଯେତେବେଳେ ପର୍ଯ୍ୟନ୍ତ ଟାଟା କମ୍ପାନୀ ବିଦା ହୋଇନାହିଁ ସେତେବେଳେ ଯାଏ ଆନ୍ଦୋଳନ ଚାଲିବ। ଡିସେମ୍ବର ୨୯ରେ ଯେତେ ବିଦ୍ୟୁତ ବିଭାଗ ଅଛି ତାକୁ ସମ୍ପୂର୍ଣ୍ଣ ଭାବେ ରୁଦ୍ଧ କରାଯିବ। ଏ ନେଇ ଜୋରଦାର ଆନ୍ଦୋଳନ ହେବ। ଓଡ଼ିଶାରେ ଏତେ ଖଣିଜ ସମ୍ପଦ ଅଛି, ଗୋଟେ ମିନିଟ୍‌ରେ ଏହାର ସମାଧାନ ହୋଇପାରିବ। ଓଡ଼ିଶା ପାଇ ଟାଟା କମ୍ପାନୀ ବଞ୍ଚିକ ଅଛି। ଯଦି ଏ ଟାଟା କମ୍ପାନୀ ଓଡ଼ିଶାରେ ରହିବାର ଅଛି ତୁରନ୍ତ ଏହା ପ୍ରତ୍ୟାହାର କରୁ। ନଚେତ୍ କମ୍ପାନୀକୁ ତଡ଼ି ଦିଆଯିବ ବୋଲି ଭକ୍ତ କହିଛନ୍ତି।

ଏହି ଅବସରରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଲେ, ଯଦି କଞ୍ଜପସନ ଅଧିକ ହେଲା ବିଲ୍ ବଢ଼ିବ, ନଚେତ୍ କମିବ। ଗତବର୍ଷ କମିଛି ଏବଂ କମିବା ପରେ କେଉଁ ଉପଭୋକ୍ତାକୁ ଅର୍ଥ କମ୍ପାନୀ ଫେରେଇଛି କି ବୋଲି ସେ ପ୍ରଶ୍ନ କରିଥିଲେ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଲେ, ଜଣେ ଗୁଜରାଟୀ(ମହାତ୍ମା ଗାନ୍ଧୀ) ଯିଏ ଭାରତଛାଡ଼ ଆନ୍ଦୋଳନ କରି ଇଂରେଜଙ୍କୁ ଦେଶରୁ ତଡ଼ିଥିଲେ ଏବଂ ଆଉ ଦୁଇଜଣ ଗୁଜରାଟୀ(ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା) ବାହାର କମ୍ପାନୀଗୁଡ଼ିକୁ ଭାରତକୁ ଡାକି ଆଣିଲେ। ସେତେ ଯେମିତି ଗାନ୍ଧୀ ଇଂରେଜମାନଙ୍କୁ ଭାରତଛାଡ଼ ଡାକରା ଦେଇଥିଲେ ଠିକ୍ ସେମିତି ଆମର ଗୋଟିଏ ନାରା ଟାଟା କମ୍ପାନୀ ଓଡ଼ିଶା ଛାଡ଼। କୃଷକଙ୍କ ଉତ୍ପାଦିତ ଧାନକିଣାରେ ବ୍ୟାପକ ଅବହେଳା ଯୋଗୁ ଚାଷୀ ରାସ୍ତାରେ ଧାରଣାରେ ବସିଛି ଏବଂ ମିଲର ଟଙ୍କା ଗଣୁଛି। ମହାତ୍ମା ଗାନ୍ଧୀଙ୍କ ନାମ ପରିବର୍ତ୍ତନ କରିବା ଗଣତନ୍ତ୍ର ପ୍ରତି ଏକ ଆହ୍ୱାନ ବୋଲି ସେ କହିଥିଲେ।

**'ଜି ରାମ ଜି' ଆଇନ ତୁରନ୍ତ ପ୍ରତ୍ୟାହାର କର**

# ଘୁଞ୍ଚିଲା ବେଆଇନ ବିଦ୍ୟାଳୟ ମାମଲା ଶୁଣାଣି

**ଭୁବନେଶ୍ୱର,୨୧।୧୨(ରବିନାରାୟଣ ଜେନା)**

ରାଜ୍ୟରେ ଗଢ଼ି ଉଠିଥିବା ବେଆଇନ ଏବଂ ଅଣସ୍ୱୀକୃତି ବିଦ୍ୟାଳୟ ମାମଲାର ଶୁଣାଣି ନୂଆବର୍ଷକୁ ଘୁଞ୍ଚିଛି। ଆସନ୍ତା ୨୦୨୬ ଜାନୁଆରୀ ୨୦ରେ ଏହି ମାମଲା ସମ୍ପୂର୍ଣ୍ଣବେଞ୍ଚ (ଡିଭିଜନ୍-୩)ରେ ହେବ ବୋଲି ଓଡ଼ିଶା ମାନବାଧିକାର କମିଶନଙ୍କ ପକ୍ଷରୁ ସଦସ୍ୟ ଅସୀମ ଅମିତାଭ ଦାଶ ଶୁଣାଣି କରିଛନ୍ତି। ଏସଂକ୍ରାନ୍ତରେ ଆବେଦନକାରୀ ନ୍ୟାଶ୍‌ନାଲ ପ୍ୟାରେଣ୍ଟ୍ସ ଫେଡେରେଶନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ କହିଛନ୍ତି, ରାଜ୍ୟରେ ଦୀର୍ଘ ବର୍ଷ ଧରି ସରକାରଙ୍କ ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ବିଦ୍ୟାଳୟ ଗଢ଼ିଉଠିଛି। ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ୧୩୦୦ରୁ ଊର୍ଦ୍ଧ୍ୱ ବେଆଇନ ଏବଂ ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟ ଚାଲୁଛି। ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ପ୍ରଥମ ଶୁଣାଣି ସମୟରେ ପ୍ରଦାନ କରାଯାଇଥିବା ତଥ୍ୟରେ ଦର୍ଶାଯାଇଥିଲା। ଏହାର ପ୍ରତ୍ୟୁତ୍ତରରେ ଫେଡେରେଶନ୍ ତରଫରୁ ଦର୍ଶାଯାଇଥିଲା କି ୨୦୧୮ରୁ କ୍ରମାଗତ ଭାବରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ଜିଲାରେ ଚାଲୁଥିବା ବେଆଇନ ସ୍କୁଲ ସଂକ୍ରାନ୍ତୀୟ ତଥ୍ୟ ଦାଖଲ କରି ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି କରାଯାଉଛି। ଏହାସତ୍ତ୍ୱେ ଶିକ୍ଷା ଅଧିକାରୀମାନେ ଠିକଣା ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ଘଟଣାର ଗୁରୁତ୍ୱ ଏବଂ ବୃହତ୍ତର ସ୍ୱାର୍ଥକୁ ନଜରରେ ରଖି ପରବର୍ତ୍ତୀ ଶୁଣାଣି ସମ୍ପୂର୍ଣ୍ଣ ପୀଠ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

---

## ROURKELA SMART CITY LIMITED

Bid ID No. RSCL/1846 Dt. 19.12.2025

**Eol for Operation and maintenance of DAV Pond, Rourkela**

**No.C-1841** : Sealed applications are invited from the reputed firms/ agencies for "Operation and Maintenance of DAV Pond Rourkela" for (5 + 2) years.

For detail technical specifications along with terms & conditions etc. may be seen from the Website of Rourkela Municipal Corporation i.e. www.rmc.nic.in. Date of issue of tender documents from dtd 20/12/2025. The last date for receipt of sealed tender is 02.01.2026, 5:00 PM through Speed Post/ Regd. Post /Courier/or by hand in the office of CEO, Rourkela Smart City Limited, 3rd Floor, ICCC Building, Rourkela One, Panposh, Rourkela-769004.

For further information or clarification regarding this advertisement, **Mr. Sarthak Sourav Rath, Architect, Rourkela Smart City Limited** can be contacted on **Mob No- 8984353513** on all working days between 10.00 AM to 5.00 PM.

Sd./- (Dheenah Dastageer, I.A.S)
Chief Executive Officer
Rourkela Smart City Ltd.

OIPR-13080/11/0051/2526

---

## ଓଡ଼ିଶା ସରକାର
## ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

ସଂଖ୍ୟା-୧୩୯୬ ତା.୦୪.୧୨.୨୦୨୫

**No.XXVIII-15**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ରେଲିବାନୀ ଗାଁ**, ତହସିଲ-କୋଲନରା, ଥାନା-ଚାନ୍ଦିଲି, ଜିଲ୍ଲା-ରାୟଗଡ଼ାରେ ନିମ୍ନସୂଚିତ 'କ' ତଫସିଲ ଜମି ନିମନ୍ତେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଟିଟିଲାଗଡ଼-ବିଜୟନଗରର ତୃତୀୟ ରେଳଲାଇନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୮୭୫, ତା.୦୭.୦୮.୨୦୨୫ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ରେଲିବାନୀ ଗାଁ**, ତହସିଲ-କୋଲନରା, ଥାନା-ଚାନ୍ଦିଲି, ଜିଲ୍ଲା-ରାୟଗଡ଼ାରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଏବଂ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା-ରାୟଗଡ଼ା**

| କ୍ର. ନଂ. | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ରେଲିବାନୀ ଗାଁ | ଖେଦାପଡା | କୋଲନରା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୮.୨୬ ଡି. | ଏ.୦.୬୩୦ ଡି. | ଏଥିସହ ସଂଲଗ୍ନ ଅଛି |

**ପ୍ରଯୁଜ୍ୟ ନୁହେଁ**
**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ**

| କ୍ର. ନଂ. | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ପ୍ରଯୁଜ୍ୟ ନୁହେଁ | | | | | | | | | | |

ଅଧିସୂଚନା ବୈଧ ତାରିଖ ୦୪.୧୨.୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ରାୟଗଡ଼ା

**(ଭୂମି ଅଧିଗ୍ରହଣ ଅନୁସୂଚୀ)**

ପୂର୍ବତଟ ରେଳପଥ ଟିଟିଲାଗଡ଼-ବିଜୟନଗରମ୍ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁ ଥିବା ରୟତି ଜମିର ତଫସିଲ ବିବରଣୀ
ମୌଜା-ରେଲିବାନି ଗାଁ, ତହସିଲ-କୋଲନରା, ଥାନା-ଚାନ୍ଦିଲି, ଜିଲ୍ଲା-ରାୟଗଡ଼ା
ବ୍ୟକ୍ତିଗତ ଜମି-

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | କିସମ | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୨/୧ | ୩୮ | ୨.୫୭ | ୦.୩୦୦ | ଡଙ୍ଗର/୧ | ଆଖଡିୟା ନାଏକ, ପି-ରଘୁନାଥ ନାଏକ, ଜା-ପାଇକ, ବା-ଥେରୁବାଲି |
| ୨ | ୧୧ | ୩୦ | ୦.୬୮ | ୦.୦୫୦ | ଡଙ୍ଗର/୨ | ଅଟକା ସିରିପତି, ପି-ଅଟକା ନାଇକାମା, ଜା-କନ୍ଧ, ବା-ନିଜଗାଁ |
| | | ୨୮ | ୧.୨୬ | ୦.୧୦୦ | | |
| ୩ | ୧୨ | ୬ | ୦.୪୪ | ୦.୧୦୦ | ଡଙ୍ଗର/୩ | ଅଟକା ସିଲି, ପି-ଅଟକା ଲଛମନ, ଜା-କନ୍ଧ, ବା-ନିଜଗାଁ |
| ୪ | ୭ | ୩ | ୩.୩୧ | ୦.୦୮୦ | ଡଙ୍ଗର/୩ | ହିକକା ମୁଗୁରି, ହିକକା ନାରୀ, ହିକକା ଦେବୁରୁ, ହିକକା ଡାଲିଗା, ପି-ହିକକା ସାଲୁପୁ, ଜା-ପରଜା, ବା-ନିଜଗାଁ |
| | | ମୋଟ | ଏ ୮.୨୬ | ଏ ୦.୬୩୦ | | |

ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ,
ଟିଟିଲାଗଡ଼-ବିଜୟନଗରମ ୩ୟ ରେଳପଥ ପ୍ରକଳ୍ପ, ରାୟଗଡ଼ା

OIPR-24169/14/0022/2526

---

## Government of Odisha
## "e" Procurement Notice

No.C-1846

Bid Identification No. : 60/2025-26

| | | | |
|---|---|---|---|
| 1 | Name of the Work | : | 2 No. of work |
| 2 | Estimated Cost | : | 61.18 to 72.67 Lakh |
| 3 | Period of Completion | : | Two month |
| 4 | Date & time of availability of bid document in the portal | : | From 11.00 A.M. of 22.12.2025 to 5.00 P.M. of 05.01.2026 |
| 5 | Last Date/time for receipt of bids in the portal | : | 5.00 P.M. of 05.01.2026 |
| 6 | Name & Address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Sd./- Superintending Engineer,
P.H. Division, Bhubaneswar

OIPR-13205/11/0063/2526

---

## GOVERNMENT OF ODISHA
## HOUSING & URBAN DEVELOPMENT DEPARTMENT
## OFFICE OF THE NOTIFIED AREA COUNCIL, PADAMPUR

At-Padampur, Po-Rajborasambar, Dist-Bargarh, Pin-768036
Ph. No. 06683-223436, E-mail : nac.padampur@gmail.com

No.3557/NACP Dt.20.12.2025

**National Competitive Bidding through e-procurement**
**Bid Identification No. NAC-PDP-07/2025-26**

**No.C-1853** : The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

1. Nature of Work : Electrical Work
2. No. of works : 1 (One No.)
3. Estimate Cost : As per DTCN
4. Class of Contractor : LT/MV Class (Electrical Contractor)
5. Date & Time of availability of Bid Documents in the portal : **9.00 A.M. on dt.22.12.2025 up to 05.00 P.M. on dt.02.01.2026**
6. Last date & time for receipt of Bids in the portal : **02.01.2026 at 05.00 P.M.**
7. Bid opening Date : **Dt.03.01.2026 at 11.00 A.M.**

The bidders have to participate in online bidding only. Further details can be seen from the website https://www.tendersodisha.gov.in

Sd./- Executive Officer
N.A.C., Padampur

OIPR-13118/11/0058/2526

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA

No.O-1838

**"e" Procurement Notice for Roads Works**
**Identification No Online Tender / 08 / RWD, Kuchinda / 2025-26.**

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid from experienced & eligible bidders for 08 (Eight) no. of Roads works in the District of Sambalpur for the year 2025-26.

1. Name of the work : Roads Works
2. Total Number of Works : 08 Nos.
3. Estimated Cost : Aprx. Rs.5.51 - 38.88 lakhs
4. Class of Contractor : "D", "C" & "B" Class of Contractor
5. Cost of tender paper : As per Annexure-I
6. Mode of submission of tender : Tender should be submitted only Online in website www.tendersorissa.gov.in (https://tendersodisha.gov.in)
7. EMD & Mode of deposit : 1% of estimated cost of the work to be remitted online as mention in DTCN

**Summary of key dates are provided below :-**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kuchinda | Tender online - 08/RWD/KCD | 19.12.2025 at 11 A.M. | 30.12.2025 at 5.00 P.M. | 29.12.2025 at 5.00 P.M. | 31.12.2025 at 11.00 A.M. |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

Sd./- Superintending Engineer
Rural Works Division, Kuchinda

OIPR-25151/11/0045/2526

---

## GOVERNMENT OF ODISHA
## OFFICE OF THE PANCHAYAT SAMITI, AGALPUR, AT : DUDUKA, DIST. : BALANGIR

E-mail ID : ori-agalpur@nic.in

No.i-430

**"e" - Procurement Notice**
**Bid Identification No.-PS-AGLP-04 OF 2025-26**

Letter No. 3977 / Date : 17.12.2025

| | | | |
|---|---|---|---|
| 1. | The Block Development Officer, Agalpur on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of **Building and Electrical works** as detailed in DTCN. | | |
| 2. | Nature of Works | : | **Building works** |
| 3. | No. of works | : | **03 (Three) Nos** |
| 4. | Tender Paper Cost | : | **Rs. 6,000/-** |
| 5. | Class of Contractor | : | **C & D Contractor** |
| 6. | Availability of bid document in the website | : | **From 10:00 A.M. Date : 22.12.2025 to 05:00 P.M. Date : 03.01.2026** |
| 7. | Date of opening of Bid | : | **11:00 A.M. On Dt. 06.01.2026** |
| 8. | The bidders have to participate in ON-LINE bidding only. Further details can be seen from the website (**https://tendersodisha.gov.in**). Any addendum/corrigendum/cancellation of tender can also be seen in the said website only. | | |

Sd./- Block Development Officer,
Agalpur (Duduka)

OIPR-19300/11/0009/2526

---

See Career Appointment on every Wednesday & Saturday

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER JEYPORE (R&B) CIRCLE, JEYPORE

No.B-865

// No. 4988 //Dt.17.12.25 //

EOI Identification No. CCEJC (R&B)-01/2025-26

**Expression of Interest**

1. The Chief Construction Engineer, Jeypore (R&B) Circle, Jeypore (The "Authority") on behalf of the Works Department, Government of Odisha invite Expression of Interest (EOI) from Registered service providers as mentioned below.
2. Nature of Work: Non-Consultancy Service for arrangement of Venue Set-Up, logistics and other allied activities associated for State Level functions.
3. Available of Bid document in the Website: From 10:30 A.M. of 22.12.2025 to 04:00 P.M. of 19.01.2026.
4. Date of Opening of Bid: Dt: 20.01.2026 at 11:00 A.M.
   The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ Corrigendum/ Cancellation of tender can also be seen in the said website.

Sd./- Biswanath Marndi
Chief Construction Engineer,
Jaypore (R&B) Circle, Jeypore

OIPR-34108/11/0040/2526

---

## INTEGRATED TRIBAL DEVELOPMENT AGENCY, KORAPUT, DIST.: KORAPUT

No. CAD-2784 (GOVT. OF ODISHA)

**TENDER CALL NOTICE**

Bid Identification No. PA (ITDA) - KPT-06/25-26

Letter No. 4173 Dated: 19.12.2025

| Sl. No. | Particulars | Date | Time |
|---|---|---|---|
| 01 | Date of Publication | 19.12.2025 | 10.00 A.M. |
| 02 | Last date for receipt of Hard Copies to this office (through Registered Post/ Speed Post) | 03.01.2026 | 5.30 P.M. |
| 03 | Date of opening of Bid & Finalization/ Selection of Bidder | 06.01.2026 | 11.00 A.M. |

1. The Project Administrator, ITDA, Koraput on behlaf of Governor of Odisha invites percentage rate tenders under I.T.D.A., Koraput from the eligible class "B", "C" & "D" contractors and must submit experience certificate of the same failing which bid will be rejected.
2. The tender paper can be purchased online from **tendersodisha.gov.in** from I.T.D.A., Koraput.
3. The bidder or authorized representative must attend this office on 06.01.2026 as the Bid will be finalize on the same day.
4. The undersigned reserves all the right to reject/cancel any or all of the bids without assigning any reason thereof.

Sd./- Project Administrator
I.T.D.A., Koraput

OIPR-19271/11/0006/2526

---

## GOVERNMENT OF ODISHA, "e"-PROCUREMENT NOTICE
## OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
### WORKS DEPARTMENT
**Tender Call Notice**

E-mail : rbcirclekhurda@gmail.com

Bid Identification No. CCE-Khordha (R&B) Circle-09/2025-26, Memo No.-2911 Dt. 09.12.2025

**No.B-827** : The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below :

1. Nature of Work : Building Works
2. No. of Work : 13 Nos.
3. Tender Cost : Rs. 10000.00 (On-Line)
4. Class of Contractor : Special, A & B Class
5. Available of Bid document in the Website : From 10.00 A.M. of Dt. 23.12.2025 up to 05.00 P.M. of Dt. 07.01.2026 up to 5.00 P.M.
6. Date of opening of Bid : Dt. 08.01.2026 at 11.30 A.M.
7. The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website.

Sd./- Chief Construction Engineer
Khordha (R&B) Circle, Khordha

OIPR-34127/11/0050/2526

---

idco | ODISHA NEW OPPORTUNITIES

No.CAD-2768

File No.HO/Civil/T&E-E-5295/01/2025 35873 Dt.16.12.2025

## OFFICE OF THE CHIEF GENERAL MANAGER (CIVIL)-II, IDCO, IDCO TOWERS, BHUBANESWAR

Bid Identification No. Civil/EST/23/2025-26

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| | | | |
|---|---|---|---|
| 1. | **Name of the Work** | : | Construction of Swimming Pool in the district of Deogarh, Odisha |
| 2. | **Value of the work** | : | Rs.1678.62 Lakhs (Approx.) |
| 3. | **Period of completion** | : | 12 (Twelve) Calendar Months |
| 4. | **Availability of tender online for Bidding :** | | |
| | I. Start Date | : | 18:00 Hours of dt.23.12.2025 |
| | II. Prebid meeting Date | : | 11.30 Hours of dtd.29.12.2025 |
| | III. End date | : | 17:00 Hours of dt.13.01.2026 |
| | IV. Opening Date | : | 17:30 Hours of dt.13.01.2026 |

Tender details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website**.

Sd./- Chief General Manager (Civil)-II,
IDCO, Bhubaneswar

OIPR-14003/11/0272/2526

---

## ODISHA STATE CIVIL SUPPLIES CORPORATION LTD.

(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-239539, Fax No. : 0674-2395291, Website : www.oscsc.in

**Tender No. 18180/P-II/25/2025/PDS Dt.19.12.2025**

**No.CAD-2782** : Managing Director, Odisha State Civil Supplies Corporation Ltd. invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha |
| 2 | Availability of bid document in the portal | From 22.12.2025 |
| 3 | Last Date / Time for receipt of bids in the portal | Dt.31.12.2025 up to 5.00 P.M. |
| 4 | Date/Time of Opening of Technical Bid | Dt.01.01.2026 at 11.00 A.M. |
| 5 | Name and address of the Officer Inviting Tender | Managing Director, OSCSC Ltd. C/2, Nayapalli, Bhubaneswar |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments / corrigendum/cancellation/retenders etc. if any shall be published only in above websites.

By Order of Managing Director
Sd./- General Manager (Distribution)

OIPR-07002/11/0054/2526

---

## OFFICE OF THE DEAN AND PRINCIPAL SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT

At/Po/Dist.-Koraput-764020 (Odisha)
// E-mail : slnmchkoraput.od@gov.in // Website : www.slnmch.nic.in //

**Letter No. 7232/Acct./2025 Dated : 19.12.2025**

**CORRIGENDUM**

**No.E-617** : In continuation of Tender Call Notice No. **6741**, dated **25.11.2025**, it is hereby informed that the last date & time for receipt of tender, which expired on **18.12.2025 at 5.00 PM**, is **extended up to 26.12.2025 till 5.00 PM** due to receipt of only **two (02) tender documents/journals**.

The tender will be opened on **29.12.2025 at 4.00 PM**.

All other terms and conditions remain unchanged.

Sd./- Dean & Principal
SLNMCH, Koraput

OIPR-10121/11/0046/2526

---

## GOVERNMENT OF ODISHA, DEPARTMENT OF WATER RESOURCES
### Office of the Engineer-In-Chief, Water Resources, Secha Sadan, Bhubaneswar

Email Address : cemech.eicwr.od@gmail.com

No.A-1156

**e-Procurement Notice**
**Bid Identification No. - CEM/MDS-11/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDS - 11/2025-26
5. Estimated Cost : Rs. 42,14,689.00
6. Period of Completion : 02 (Two) calendar months
7. Date & time of availability of bid documents in the Portal : From dt. 24.12.2025 (10.00 A.M.) to dt. 06.01.2026 (5.30 P.M.)
8. Last date / time for receipt of bid in the portal : Dt. 06.01.2026 (up to 5.30 P.M.)
9. Date and Place of opening of Technical Bid : Dt.07.01.2026 (12.00 Noon onwards in the O/o the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer inviting bid : Chief Engineer, Mechanical, O/o the E.I.C, Water Resources, Odisha, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/O - Engineer-In-Chief, Secha Sadan,
Bhubaneswar

OIPR-32520/11/0099/2526

---

## OFFICE OF THE EXECUTIVE ENGINEER, LIFT IRRIGATION DIVISION, JAJPUR ROAD

E-mail: eeli.jajpurroad@gmail.com

**E-Procurement Notice**

**Bid Identification No. 4204/OLIC(JPR) Dt.17.12.2025**

No. CAD-2763: The Executive Engineer, Lift Irrigation Division, Jajpur Road on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Revival & restoration, Reinforcement, Drilling and Energisation of Lift Irrigation Projects on Turnkey basis from reputed Contractors/Firms with valid PWD Licence of required class for Civil works & for the Drilling works contractor required Truck mounted Mud Rotary Rig documents and also for electrical works i.e. including of erection of 11KV Line, L.T. Line & Commissioning of Electrical Substation for power supply to L.I. Projects along with installation of Pump Set, Starter and its energisation. The proof of registration from the appropriate authority of ELBO shall be enclosed along with the Bid.

| | | |
|---|---|---|
| 1. | Number of Packages | 23 |
| 2. | Estimated Cost | Rs.14.30 Lakh to Rs.30.28 Lakh |
| 3. | Cost of tender Paper | Rs.6000.00 as mentioned against each L.I. Project through online mode i.e. Paper Cost with 18% GST as mentioned under DTCN |
| 4. | Date & time of publication | Dt.29.12.25 from 11.00 A.M. |
| 5. | Date & time of closing | Dt.05.01.26 upto 5.00 P.M. |
| 6. | Date & time of opening of bid | Dt.06.01.26 at 11.00 A.M. |
| 7. | The bidders have to participate in online bidding only as per Codal Provision | |

Further details can be seen from the website **www.tendersodisha.gov.in**. Addendum/Corrigendum/Cancellation of tender if any, can be seen in the said site

**Sd./- Executive Engineer, L.I. Division, Jajpur Road**

**OIPR-32146/11/0008/2526**


**ଜନ୍ମଦିନର ଶୁଭେଚ୍ଛା**
ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................

ଆଶୁ
ପରିବାରବର୍ଗ
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏମ୍‌କେସିଜି କ୍ୟାମ୍ପସ୍ ନିର୍ମାଣ କାର୍ଯ୍ୟରେ ଦୁର୍ନୀତି

ବ୍ରହ୍ମପୁର,୨୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜ ଓ ହସ୍ପିଟାଲ କ୍ୟାମ୍ପସ୍‌ରେ ଚାଲିଥିବା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଛି। ବିନା ଟେଣ୍ଡରରେ ଠିକାଦାରଙ୍କୁ କାମ ଦେଇ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା ଟଙ୍କାକୁ ଚଳୁ କରାଯାଇଛି। ପୂର୍ତ୍ତ ବିଭାଗ ସହଯୋଗରେ କିଛି ଛାତ୍ର ନେତା ବଛା ବଛା ଠିକାଦାରଙ୍କୁ ହଷ୍ଟେଲ ମରାମତି କାମ ଏବଂ ନିର୍ମାଣ କାର୍ଯ୍ୟ ଦେଉଛନ୍ତି। କିନ୍ତୁ ନିମ୍ନମାନର କାମ ଅଭିଯୋଗ ପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଏମକେସିଜି ଡିନ ପ୍ରଫେସର ଡା. ସୁଚିତ୍ରା ଦାଶ । ଏମକେସିଜି ପିଜି ହଷ୍ଟେଲରେ ହୋଇଥିବା ୱାଟର ଫାଉଣ୍ଟେନ ନିମ୍ନମାନର ହୋଇଛି। ହଷ୍ଟେଲରେ ବିଭିନ୍ନ ମରାମତି କାର୍ଯ୍ୟର ମିଥ୍ୟା ବିଲ କରି ଟଙ୍କା ହଡ଼ପ କରାଯାଇଛି। ବର୍ଷକ ତଳେ ପିଜି ହଷ୍ଟେଲରେ ୱାଟର ଫାଉଣ୍ଟେନ କରାଯାଇଛି । ଫାଉଣ୍ଟେନ ଏବେ ଚାଲୁନାହିଁ। ୱାଟର ଫାଉଣ୍ଟେନରେ ଦିନେ ପାଣି ଟୋପାଏ ଆସିବା ପିଲା ଦେଖିନାହାନ୍ତି। ୱାଟର ଫାଉଣ୍ଟେନ ନିର୍ମାଣ ଠାରୁ ଆରମ୍ଭ କରି ପାର୍କିଂ ଏବଂ ହଷ୍ଟେଲ୍‌ର ବିଭିନ୍ନ ମରାମତି କାର୍ଯ୍ୟ ବିନା ଟେଣ୍ଡରରେ କରାଯାଇଛି । କ୍ୟାମ୍ପସ ପାଚେରି ନିର୍ମାଣ ଏବଂ ଷ୍ଟ୍ରିଟ ଲାଇଟ ଲଗାଇବାରେ ମଧ୍ୟ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ହଷ୍ଟେଲରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ନଭେମ୍ବର ୨୮ ତାରିଖରେ ଜଣେ ଛାତ୍ରନେତା ଏମକେସିଜି ଡିନ୍ ସହ ଦକ୍ଷିଣାଞ୍ଚଳ ଆରଡିସି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ କରିଥିବା ସୂଚନା ମିଳିଛି। ଡିନ୍ ପାଖରେ ଚିଠି ପହଞ୍ଚିବା ପରେ ଏହାର ତଦନ୍ତ ନିର୍ଦ୍ଦେଶ ସେ ଦେଇଛନ୍ତି। ଅଭିଯୋଗକାରୀ, ଛାତ୍ରନେତା ଏବଂ ବିଭିନ୍ନ ବିଭାଗକୁ ତଥ୍ୟ ପ୍ରଦାନ ପାଇଁ କୁହାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୨୩ ତାରିଖରେ ତଦନ୍ତ କମିଟି ଆଗରେ ଅଭିଯୋଗକାରୀଙ୍କୁ ଉପସ୍ଥିତ ହେବାକୁ କୁହାଯାଇଛି । ହଷ୍ଟେଲ ପାଇଁ କିଣାଯାଇଥିବା କିଛି ମନୋରଞ୍ଜନ ସାମଗ୍ରୀ ଏବେ ଚୋରି ହୋଇଯାଇଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି। ଯେଉଁ ସବୁ ଉନ୍ନୟନମୂଳକ କାମ କରାଯାଇଛି ତାହାର ଫଳକ ଏବଂ କେତେ ଟଙ୍କାରେ ନର୍ମାଣ ହୋଇଛି ସୂଚନାଫଳକ ଲଗାଯାଇନାହିଁ । ହଷ୍ଟେଲରେ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ପିଲାଙ୍କ ଠାରୁ ମଧ୍ୟ ଟଙ୍କା ଆଦାୟ କରାଯାଇଛି। ସରକାରୀ ମେଡିକାଲ କଲେଜର ଉନ୍ନୟନମୂଳକ କାର୍ଯ୍ୟ ସରକାର କରୁଛନ୍ତି। କିନ୍ତୁ ଉନ୍ନୟନମୂଳକ କାମ ବାହାନାରେ ପିଲାଙ୍କ ଠାରୁ ଟଙ୍କା ଆଦାୟ କରାଯାଇଥିବା ଛାତ୍ରଙ୍କ ଅଭିଯୋଗରେ ଉଲ୍ଲେଖ ରହିଛି । ସରକାରୀ ଅର୍ଥକୁ କିଛି ଛାତ୍ରନେତା ଓ ଠିକାଦାର ନିଜ ସ୍ୱାର୍ଥରେ ଖର୍ଚ୍ଚ କରିଛନ୍ତି। ସବୁ କାର୍ଯ୍ୟର ତଦନ୍ତ କରିବା ସହ ଯେଉଁମାନେ ଏଥିରେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଛାତ୍ର ଜଣକ ଚିଠିରେ ଉଲ୍ଲେଖ କରିଛନ୍ତି। ଏମକେସିଜି ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ଯଦି କୌଣସି ଦୁର୍ନୀତି ହୋଇଥିବା ତାହେଲେ ନିଶ୍ଚିତ ଭାବେ ତଦନ୍ତ କରାଯିବ।


ଆରଡିସିଙ୍କୁ ଦିଆଯାଇଥିବା ଅଭିଯୋଗ।

## ଡିନ୍‌ଙ୍କ ତଦନ୍ତ ନିର୍ଦ୍ଦେଶ

# ମହିଳାଙ୍କୁ ବଳାତ୍କାର ଘଟଣା, ଅଭିଯୁକ୍ତ ଗିରଫ

ଗୋପାଳପୁର,୨୧।୧୨ (ନବୀନ ରାଜ ଆଚାରୀ):

ଗୋପାଳପୁର ଥାନା ଅଧିନ ଏକ ଜଙ୍ଗଲରେ ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ମଣି ଦାସ(୨୭)। ଗୋପାଳପୁର ଥାନା ଅଞ୍ଚଳର ଏକ ଗ୍ରାମର ବିବାହିତା ମହିଳା ଗତ ୧୮ ତାରିଖ ସନ୍ଧ୍ୟାରେ ଟାଟା କଲୋନୀ ବସରେ ବସି ଘରକୁ ଆସୁଥିବା ବେଳେ ନିକଟସ୍ଥ ଗ୍ରାମର ମଣ ତାଙ୍କୁ ପିଛା କରି ବସରୁ ଓହ୍ଲାଇଦେଇଥିଲେ। ତାଙ୍କୁ ଏକ ସ୍କୁଟିରେ ଗୋପାଳପୁର ଥାନା ଅଞ୍ଚଳରେ ଥିବା ଜଙ୍ଗଲ ଭିତରକୁ ନେଇ ବଳାତ୍କାର କରିଥିଲେ। ପରେ ଘଟଣାକୁ ନେଇ ମହିଳା ଜଣକ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୪୩୭/୨୫ ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ପର ଠାରୁ ଅଭିଯୁକ୍ତ ମଣି ଫେରାର ଥିବା ବେଳେ ରବିବାର ପୋଲିସ ନିଜ ଗ୍ରାମରୁ କାବୁ କରିଥିଲା।

# ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ଦିଗପହଣ୍ଡି,୨୧।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ଝାଟିପିଟିଆ ଗ୍ରାମ ଦଳିତ ସାହି ନିକଟ ମୁଖ୍ୟରାସ୍ତାରେ ଘଟିଥିବା ଦୁର୍ଘଟଣାରେ ଗୁରୁତର ଆହତ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ସଦର ଥାନା ବାଇଗଣବାଡ଼ି ଗାଁ ର ଅମର ଦାସ(୨୬)। ରବିବାର ସକାଳେ ଦିଗପହଣ୍ଡି ଥାନା ମାମଲା ନଂ.୪୭୬/୨୫ ଅନୁଯାୟୀ ତଦନ୍ତକାରୀ ଅଧିକାରୀ ଏଏସଆଇ କହ୍ନେଇ ମିର୍ଦ୍ଧା ବ୍ରହ୍ମପୁର ବଡ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଶନିବାର ସନ୍ଧ୍ୟାରେ ଅମର ତାଙ୍କ ଶ୍ୱଶୁର ଘର କେ.ନୂଆଗାଁ ଥାନା ଚାନ୍ଦପୁର ଗ୍ରାମରୁ ସମ୍ପର୍କୀୟ ପ୍ରଶାନ୍ତ ଦାସ(୩୭) ଙ୍କ ସହ ବାଇକ୍ (ନଂ ଓଡି୦୭ଭି ୬୨୪୪) ଯୋଗେ ଗାଁକୁ ଫେରୁଥିବା ବେଳେ ଏକ ଗାଡ଼ି ତାଙ୍କ ବାଇକକୁ ଧକ୍କା ଦେଇ ଚମ୍ପଟ ମାରିଥିଲା। ରାସ୍ତାକଡରେ ଛିଟକି ପଡ଼ିଥିବା ଆହତ ଦ୍ୱୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅମରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରବିବାର ଅମରଙ୍କ ଭାଇ କାଳୁ ଦାସ ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

**ଜନ୍ମଦିନ ଶୁଭେଚ୍ଛା**

ସିଦ୍ଧାର୍ଥ (ଆଶୁ)
Unit- IX, Road- 3, Bhubaneswar
ଆଜି 22.12.25 ସୋମବାର ତୋର ଜନ୍ମ ଦିନରେ କାକଟପୁର ବାସିନୀ ମା' ମଙ୍ଗଳାଙ୍କ ଚରଣ ତଳେ ଆମର ଏତିକି ଗୁହାରି, ମାଆ ତୋତେ ତା'ର ପଣତକାନି ତଳେ ଘଣ୍ଟ ଘୋଡେଇ ରଖୁ, ନୀରୋଗ ରଖୁ, ବିଦ୍ୟା, ବୁଦ୍ଧି ଦେଉ, ଭଲ ମଣିଷଟିଏ କରୁ।
-:ଶୁଭେଚ୍ଛା ସହ:-
ତୋର ଅଜା (ଧଡୁ), ଆଈ (ଅର୍ଚ୍ଚନା), ମା' (ଗୀତା), ବାପା, ବାବାମାମା, ମାଉସୀ (କୁଙ୍ଗାମା'), ଗେହ୍ଲି ଦିଦି (ଗୁଡୁଲୁ), ଶ୍ୱେତା, ସାନଭଉଣୀ (ସାନୁ)
ଧ-୨୯୦୧

# ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ: ୪ ଗିରଫ, ୨ ଖଣ୍ଡା ଜବତ

ବ୍ରହ୍ମପୁର,୨୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଦର ଥାନା ରତନପୁର ହରିଜନ ସାହିର ଲକିଦାସ ନାମକ ଜଣେ ଯୁବକଙ୍କୁ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ ମାମଲାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ପିକେସିଏଚ ପୁର ଗ୍ରାମ ତଥା କାଉଖତ ଗ୍ରାମର ଆର. ଶିବରାମ ଓରଫ ଅରୁପ(୨୩), ହିଞ୍ଜିଳିକାଟୁ ପାଟନା ସାହିର ଶୁଭମ କୁମାର ଦାସ ଓରଫ ସିପୁ(୧୯), କୃପାସିନ୍ଧୁପର ଗ୍ରାମର ଭଗବାନ ଦାସ(୨୦), ଯଦୁନାଥପଲ୍ଲୀର ପପୁ ଦାସ ଓରଫ କାଳିଆ(୧୯) । ଏହି ୪ ଅଭିଯୁକ୍ତଙ୍କ ସହ ଜଣେ ୧୭ ବର୍ଷୀୟ ନାବାଳକକୁ ପୋଲିସ କାବୁ କରିଛି। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୨ ଟି ଖଣ୍ଡା ଜବତ କରିଛି। ଗତ ୧୭ ତାରିଖରେ ସଦର ଥାନା ଅନ୍ତର୍ଗତ ଯଦୁନାଥ ପଲ୍ଲୀର ଅଭିଯୁକ୍ତ ପପୁ ଦାସ ସନ୍ଧ୍ୟାରେ ନିଜ ଗାଁ ନିକଟରେ ଥିବା କେନାଲ ରୋଡକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ପପୁଙ୍କୁ ଏକୁଟିଆ ଦେଖି ୪ ଯୁବକ ସେଠାରେ ଅତର୍କିତ ଭାବେ ପହଞ୍ଚି ଅନ୍ଧାରର ସୁଯୋଗ ନେଇ ପପୁଙ୍କୁ ମାଡ ମାରିବା ସହ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ଏହାର କିଛି ସମୟ ପରେ ସେହି କେନାଲ ରୋଡ ଦେଇ ଏକ ବାଇକରେ ଅଭିଯୁକ୍ତ ଆର. ଶିବରାମ ଆସିବା ଦେଖି ପପୁ ତାଙ୍କୁ ଘଟଣା ବିଷୟରେ ଜଣାଇଥିଲେ । ଏହି ଆକ୍ରମଣ ପଛରେ ରତନପୁରର ଲିକି ଦାସ ଓ ତାଙ୍କ ଟିମ ସଂପୃକ୍ତ ଥିବା ପପୁ ସନ୍ଦେହ କରିଥିଲେ। ଏହାପରେ ଆକ୍ରମଣର ପ୍ରତିଶୋଧ ନେବାକୁ ଶିବରାମ ଓ ପପୁ ଯୋଜନା କରିଥିଲେ। ତା' ପରଦିନ ସକାଳୁ ଲକି ଦାସ କୁକୁଡାଖଣ୍ଡିର ଇନ୍ଦାରାଆବାସ ଅଞ୍ଚଳକୁ ଯାଉଥିବା ଜଣାପଡିବା ପରେ ଅଭିଯୁକ୍ତ ଶିବରାମ, ପପୁ, ସିପୁ, ଭଗବାନ, କାଳିଆ ସହ ନାବାଳକ ଜଣଙ୍କ ୨ଟି ବାଇକରେ ବସି ସେଠାରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ଲକି ଦାସଙ୍କୁ ଦେଖି କାତିରେ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଲକି ଦାସ ଗୁରୁତର ହେବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ସ୍ଥାନୀୟ ଲୋକେ ଲକି ଦାସଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଆକ୍ରମଣ ଘଟଣାକୁ ନେଇ ଲକି ଦାସଙ୍କ ମାଆ ସାବିତ୍ରୀ ଦାସ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(ନଂ.୫୪୬/୨୫) ରୁଜୁ କରି ତଦନ୍ତ କରିଥିଲା । ରବିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସଂପୃକ୍ତ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ହଜାର କରାଯାଇଛି।

# ବଟି ମାଗି ଧମକ ଅଭିଯୋଗରେ ୨ ଗିରଫ, ମାରଣାସ୍ତ୍ର ଜବତ



ଗିରଫ ୨ ଅଭିଯୁକ୍ତ


ଜବତ ମୋବାଇଲ, ଖଣ୍ଡା ଓ ପିସ୍ତଲ

ବ୍ରହ୍ମପୁର, ୨୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଜମି କିଣା ବିକା ବ୍ୟବସାୟ କରୁଥିବା ଯୁବକଙ୍କୁ ଦାଦାବଟି ମାଗିବା ସହ ଧମକ ଦେଇଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଦୁଇଜଣ ଯୁବକଙ୍କୁ ବାନ୍ଧିଛି। ଅଭିଯୁକ୍ତମାନେ ହେଲେ ଗୋଶାଣିନୁଆଗାଁ ଥାନା ଅନ୍ତର୍ଗତ କୌତିକ ନଗର ୨ୟ ଲାଇନର ମୂଳ ବାସିନ୍ଦା ତଥା ବର୍ତ୍ତମାନ ରହୁଥିବା ବଡବଜାର ରାଉତପେଟା ସାହିର ଶୁଭମ ମାଝି (୨୨) ଓ ପୁରୁଷୋତ୍ତମପୁର ଥାନା ଅଂଚଳର ଆଲୋକ ମାଲିକ (୨୬)। ଏହି ଘଟଣାର ମାଷ୍ଟରମାଇଣ୍ଡ ଶୁଭମ ବୋଲି ପୋଲିସ କହିଛି। ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ବିଜିପୁର ଅଞ୍ଚଳର ଏକ ଜିମ୍‌ରେ ଗିରଫ କରାଯାଇଥିଲା। ପୋଲିସ ଶୁଭମଙ୍କ ନିକଟରୁ ଗୋଟିଏ ପିସ୍ତଲ, ଖଣ୍ଡା ୪ ମୋବାଇଲ , ଗୋଟିଏ ମେଫେଣ୍ଟରମିନ ସଲଫେଟ (ଟର୍ମାଙ୍ଗ) ଇଞ୍ଜେକସନ ବୋତଲ, ଦୁଇଟି ଇଞ୍ଜେକ୍ସନ ସିରିଞ୍ଜ ଓ ଗୋଟିଏ ଟିଭିଏସ ସ୍କୁଟର (ନମ୍ବର ଓଡି ୦୭ ଏୱାଇ ୩୯୧୩)ଜବତ କରିଛି। ମାମଲା ନଂ. ୬୦୪/୨୫ ରେ ଉଭୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବଡବଜାର ଅଂଚଳରେ ରହୁଥିବା ରବି ସେଠୀ ଜମି ଓ ଘର କିଣାବିକା କାରବାର କରନ୍ତି। ଗତ ଦୁଇ ଓ ତିନି ତାରିଖରେ ଉପରୋକ୍ତ ଦୁଇ ଅଭିଯୁକ୍ତ ତାଙ୍କୁ ବିଭିନ୍ନ ସ୍ଥାନରେ ଅଟକାଇ ଦାଦାବଟି ଦେବାକୁ ଧମକଚମକ ଦେଉଥିଲେ। ଏପରିକି ଆମ ଅଞ୍ଚଳରେ ବ୍ୟବସାୟ କରୁଛୁ ଏଣୁ ୭୦ହଜାର ଟଙ୍କା ଦାଦାବଟି ମାଗିଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ପିସ୍ତଲ ଦେଖାଇ ଭୟଭୀତ କରିବା ସହ ସେ ଧରିଥିବା ମୋବାଇଲ ଝାମ୍ପିନେଇ ତାହା ଭାଙ୍ଗି ଦେଇଥିଲେ। ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ ବୋଲି ସେ ନିଜ ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଅଭିଯୁକ୍ତମାନଙ୍କୁ କାବୁ କରିଥିଲା ବୋଲି କହିଛି।

# ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ କ୍ଲଷ୍ଟରସ୍ତରୀୟ ବୈଠକ

ରମ୍ଭା,୨୧।୧୨(ବନବାସୀ ସେଠୀ)

ଟିକରପଡା ପ୍ରାଥମିକ ବିଦ୍ୟାଳୟରେ ଆର.ନୂଆଗାଁ କ୍ଲଷ୍ଟରସ୍ତରୀୟ ଶିକ୍ଷକମାନଙ୍କ ଏକ ବୈଠକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦୁଲଣୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। କ୍ଲଷ୍ଟର ସିଆରସିସି ରବୀନ୍ଦ୍ର ପଣ୍ଡା ବୈଠକ ପରିଚାଳନା କରିଥିଲେ। ଏଫ୍‌ଏଲ୍‌ଏମ୍ ଶ୍ରେଣୀର ଶିଶୁ ବାଟିକା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଶିକ୍ଷାଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ସୁମିତ୍ରା ବେହେରା ବହୁ ଶ୍ରେଣୀ ଶିକ୍ଷାଦାନ କ୍ରମରେ ଶିଶୁ ବାଟିକା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ମାତୃଭାଷା ଶିକ୍ଷାଦାନ କରିଥିଲେ। ପ୍ରଧାନ ଶିକ୍ଷକ ପୀତାମ୍ବର ଜେନା, ଧନୁର୍ଜୟ ବେହେରା, କୃତିବାସ ନାହାକ ଓ ଶିକ୍ଷୟିତ୍ରୀ ଅଳକା ବେହେରା, ଅଞ୍ଜନା ଦେବୀ, ପ୍ରଧାନ ଶିକ୍ଷୟିତ୍ରୀ ସବିତା ଜାନୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଶିକ୍ଷୟତ୍ରୀ ଶିକ୍ଷକ ।

# ମହାସମୁଦ୍ରକୁ ଲଂଘନ ସଦୃଶ ଭବିଷ୍ୟତ ଗଢ଼ିବା ଆବଶ୍ୟକ

ବ୍ରହ୍ମପୁର,୨୧।୧୨(ସ୍ମୃତି ରଞ୍ଜନ ମହାଲିକ)

ଗୋସାଣୀ ନୂଆ ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୩୭ତମ ବାର୍ଷିକୋତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର ଯୋଗ ଦେଇଥିଲେ। ସେ ଛାତ୍ରିଛାତ୍ରଙ୍କୁ ମହାସମୁଦ୍ରକୁ ଲଂଘନ ସଦୃଶ୍ୟ ଭବିଷ୍ୟତ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ରୂପେ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗ ଦେଇ ଶିଶୁଙ୍କୁ ବିଦ୍ୟାଳୟର ଗର୍ବ ଓ ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ କହିଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷା ବିକାଶ ସମିତି ଦକ୍ଷିଣ ପୂର୍ବ ସମ୍ଭାଗ ସଭାପତି ଡ. ତାରା ପ୍ରସାଦ ଦାଶ ଯୋଗଦେଇ ଶିଶୁଙ୍କୁ ଆଦର୍ଶ ଛାତ୍ର ହୋଇ ସମାଜରେ ଶିଶୁ ମନ୍ଦିର ସ୍ଥାନକୁ ବଜାୟ ରଖିବା ପାଇଁ କହିଥିଲେ। ଏହି ଅବସରରେ ସରକାରୀ ବୃତ୍ତି, ମେଧା ବୃତ୍ତି, ଏନଆରଟିଏସ ପରୀକ୍ଷା ଓ ୧୦ମ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସଭାପତି ପ୍ରଦୀପ କୁମାର ଦାଶ ଅଧକ୍ଷତା କରିଥିଲେ। ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲ ଯୁଗ୍ମ ସଂପାଦିକା ମନୋଜ ମଞ୍ଜରୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ।


ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**Classified Everyday**
0674-2580101, 9692975378


**REAL ESTATE**
**SALE**

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273
D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190.
ଧ-୨୮୪୦

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666.
ଧ-୨୮୪୧




Newly open health benifits, Joint pain relax good environment atmosphere 7653969971. D-2853

**LOST**

ଦଲିଲ ହଜିଯାଇଥିବା ସମ୍ବନ୍ଧେ। ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଯାଉଛି ଯେ ମୁଁ କେ. ନରିନ କୁମ୍ବଦାନ, ପୁଅ- ଲେ. କେ. କୋଦନଦାରମ କୁମ୍ବଦାନ, ବାସିନ୍ଦା- ନ୍ୟୁ କଲୋନୀ, ରାୟଗଡ଼ା, ଗତ ତା୦୯।୧୨।୨୦୨୫ରିଖରେ ନ୍ୟୁ କଲୋନୀରୁ ଲାୟନ୍ସ କ୍ଲବ୍, ରାୟଗଡ଼ାକୁ ଯିବା ସମୟରେ ମୋ ସମ୍ପତ୍ତି ସମ୍ବନ୍ଧୀୟ ମୂଳ ଦଲିଲଗୁଡ଼ିକ ସମ୍ବଳିତ ଗୋଟିଏ ଫାଇଲ ହଜିଯାଇଛି। ମୋର ପୁନଃପୁନଃ ଖୋଜାଖୋଜି ସତ୍ତ୍ୱେ ଏପର୍ଯ୍ୟନ୍ତ ଦଲିଲଗୁଡ଼ିକ ମିଳିନାହିଁ। ହରାଇଥିବା ଦଲିଲଗୁଡ଼ିକ ହେଉଛି: ୧. ମୂଳ ବିକ୍ରୟ ଦଲିଲ ସଂଖ୍ୟା ୭୭୯/୧୯୮୪, ୨. ମୂଳ ବିକ୍ରୟ ଦଲିଲ ସଂଖ୍ୟା ୬୬୮/୧୯୮୫, ୩. ମୂଳ ରେକ୍ଟିଫିକେଶନ ଦଲିଲ ସଂଖ୍ୟା୧୦/୧୯୯୧, ୪. ମୂଳ ରେକ୍ଟିଫିକେଶନ ଦଲିଲ ସଂଖ୍ୟା ୧୧/୧୯୯୧, ୫. ଖାତା ସଂଖ୍ୟା ୨/୭୨୦, ପ୍ଲଟ ସଂଖ୍ୟା ୧୪/୧/୧୦୭୪ ସମ୍ବନ୍ଧୀୟ ମୂଳ ROR ଏବଂ Sale Deed। ଉକ୍ତ ଦଲିଲଗୁଡ଼ିକ ବ୍ୟାଙ୍କ ଋଣ ପାଇବା ପାଇଁ ବ୍ୟାଙ୍କରେ ଜମା କରିବାକୁ ଥିଲା। ଏହି ସମ୍ବନ୍ଧରେ ମୁଁ ତାରିଖ ୧୦।୧୨।୨୦୨୫ରେ ଏକ ଆଫିଡାଭିଟ କରିଛି ଏବଂ FIR/GD Entry No. ୦୧୦, ତାରିଖ- ୧୭.୧୨.୨୦୨୫ରେ ରାୟଗଡା ଥାନାରେ ରେଜିଷ୍ଟ୍ରି କରାଇଛି। ଉକ୍ତ ଦଲିଲ ସମ୍ବନ୍ଧରେ କାହାର ଦାବି, ଆପତ୍ତି କିମ୍ବା ସୂଚନା ଥିଲେ, ଦୟାକରି ଏହି ପ୍ରକାଶନ ତାରିଖରୁ ୧୫ ଦିନ ମଧ୍ୟରେ ନିମ୍ନଲିଖିତଙ୍କୁ ସୂଚନା କରିବେ। ଯଦି କୌଣସି ଆପତ୍ତି ମିଳିନାହିଁ, ତେବେ ଏହାକୁ ଧାରଣା କରାଯିବ ଯେ କାହାର ଏହି ଦଲିଲଗୁଡ଼ିକ ଉପରେ କୌଣସି ଦାବି ନାହିଁ। ଯଦି ଦଲିଲଗୁଡ଼ିକ କୌଣସି ସମୟରେ ମିଳିଥାଏ, ମୁଁ ସେଗୁଡ଼ିକୁ ତତକ୍ଷଣାତ୍ ସମ୍ବନ୍ଧିତ ବ୍ୟାଙ୍କରେ ଜମା କରିବି, ଯଥାବଶ୍ୟକ। ନାମ: କେ. ନରିନ କୁମ୍ବଦାନ, ଠିକଣା: ନ୍ୟୁ କଲୋନୀ, ରାୟଗଡା, ଓଡ଼ିଶା, ଫୋନ: ୯୪୩୭୦୨୪୮୧୦. ଧ-୨୯୯୮

ମୁଁ ଶ୍ରୀ ଗୌରାଙ୍ଗ ନାୟକ, (୫୭) ବର୍ଷ, ସା/ପୋ- ନୋତର, ଥାନା- ଇଟାମାଟି, ଜିଲ୍ଲା- ନୟାଗଡ଼ ଜଣାଉଛି ମୋର ଘରବାରି ଦଲିଲ ନଂ.- ୪୯୯, ତାରିଖ ୧୪।୧୧।୧୩ ଟି ନୋତରଠାରେ ହଜିଯାଇଛି। ମୁଁ ମୋର ଦଲିଲ୍ ବାଇକ୍‌ରେ ଏକ ବ୍ୟାଗରେ ରଖି ତହସିଲ କାର୍ଯ୍ୟାଳୟକୁ ଯାଉଥିବାବେଳେ ୧୪।୧୧।୨୫ ତାରିଖରେ ହଜିଯାଇଛି। ଏ ସମ୍ପର୍କରେ ଇଟାମାଟି ଥାନାରେ ଜିଡ଼ି ନଂ.- ୦୧୧ ରେ ଏତଲା ଦେଇଛି। ଏଣୁ ନିବେଦନ କରେକି ଯଦି ଏହି ଦଲିଲ୍ କେହି ପାଇଲେ ମୋର ନିମ୍ନୋକ୍ତ ଫୋନ ନମ୍ବରରେ ଜଣାଇବାକୁ ଅନୁରୋଧ।
ଶ୍ରୀ ଗୌରାଙ୍ଗ ନାୟକ
ସା/ପୋ- ନୋତର, ନୟାଗଡ଼
ଫୋନ ନମ୍ବର- ୭୮୯୪୮୦୮୦୧୭
ଧ-୨୮୯୯

**AFFIDAVIT**

By virtue of an affidavit sworn before the Executive Magistrate, Bhadrak, I, Banalata Das, W/o.- Biswaranjan Nayak, Vill.- Nuasahi, P.O.- Suryapur, Dist.- Bhadrak changed my name from Banalata Das to Banitarani Nayak for all Purposes. D-2896

ମୁଁ ନୀରଜ କୁମାର ସିଂହ, ପିତା ଧର୍ମେନ୍ଦ୍ର ସିଂହ, ବୋରିଗୁମ୍ମା ବାସିନ୍ଦା, କୋରାପୁଟ, ଓଡ଼ିଶା-764056, ଏହା ଘୋଷଣା କରୁଛି ଯେ ମୋର ସଠିକ ଓ ପୂର୍ଣ୍ଣ ନାମ ନୀରଜ କୁମାର ସିଂହ। କିନ୍ତୁ, ମୋର ଜନ୍ମ ପ୍ରମାଣପତ୍ରରେ ମୋର ନାମ ନୀରଜ ସିଂହ ଭାବରେ ଉଲ୍ଲେଖ ହୋଇଛି। ଉଭୟ ନାମ ସମାନ ବ୍ୟକ୍ତି, ଅର୍ଥାତ୍ ମୁଁ ନିଜକୁ ଇଙ୍ଗିତ କରେ। ମୁଁ ନୋଟାରୀ ପବ୍ଲିକ ପତ୍ର ସଂଖ୍ୟା 1718, ତାରିଖ 13.09.2025 ଅନୁଯାୟୀ ଏହା ଘୋଷଣା କରୁଛି ଯେ ମୋର ସଠିକ ଓ ବୈଧ ନାମ ନୀରଜ କୁମାର ସିଂହ ଏବଂ ଆଗାମୀ ଭବିଷ୍ୟତର ସମସ୍ତ କାର୍ଯ୍ୟ ଓ ଆଇନଗତ ଉଦ୍ଦେଶ୍ୟରେ ଏହି ନାମରେ ଜଣାଯିବି। ଧ-୨୮୯୭

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**

✓ ବିର କିଶୋର ସାହୁ
ଏ/ଏଲ୍ - ୧୦୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର
ଆବିର୍ଭାବ : ୧୪.୦୪.୧୯୪୭
ତିରୋଧାନ : ୧୨.୧୨.୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ :
ବନ୍ଧୁ ଓ ପରିବାରବର୍ଗ
ଧ-୨୯୦୨

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

ସ୍ୱର୍ଗତା ଉମାମଣୀ ମିଶ୍ର
ପୁରୁଣା ଷ୍ଟେସନ ବଜାର, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୩୭
ତିରୋଧାନ: ୧୨।୦୧।୨୦୨୪
ଆଜକୁ ଆପଣ ଆମକୁ ଛାଡି ଚାଲିଯିବାର ୨ ବର୍ଷ ବିତିଲା, କିନ୍ତୁ ଏବେବି ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତି ପରିବାରର ସମସ୍ତ ସଦସ୍ୟ ହୃଦୟଙ୍ଗମ କରିପାରୁଛୁ। ଏହି ପବିତ୍ର ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୯୦୦

**୧୯ ବର୍ଷରୁ କମ୍ ଏସିଆ କପ୍**

# ପାକିସ୍ତାନ ଚାମ୍ପିୟନ

ଦୁବାଇ, ୨୧।୧୨

ପାକିସ୍ତାନ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ପାକିସ୍ତାନ ୧୯୧ ରନରେ ଭାରତକୁ ପରାସ୍ତ କରିଛି। ଫଳରେ ଫାଇନାଲ ପର୍ଯ୍ୟନ୍ତ ଅପରାଜେୟ ରହିଥିବା ଭାରତ ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି। ସମୀର ମିନହାସଙ୍କ ବିସ୍ଫୋରକ ଶତକ ସହାୟତାରେ ପାକିସ୍ତାନ ୫୦ ଓଭରରେ ୮ ଉଇକେଟ ହରାଇ ୩୪୭ ରନ କରିଥିଲା। ଆରମ୍ଭରୁ ଚାପର ବଶବର୍ତ୍ତୀ ହୋଇଥିବା ଭାରତ ୨୬.୨ ଓଭରରେ ୧୫୬ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଏକାଧିକ ରେକର୍ଡର ଅଧିକାରୀ ହୋଇଥିବା ମିନହାସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ସମୀର ମିନହାସଙ୍କ ୧୧୩ ବଲ୍‌ରୁ ୧୭୨ ରନ ସହାୟତାରେ ବଡ଼ ସ୍କୋର ଛିଡ଼ା କରିଥିଲା। ଅହମଦ ହୁସେନ ୫୬ ରନ କରିଥିଲେ। ନିଜ ଶତକୀୟ ଇନିଂସ ମଧ୍ୟରେ ମିନହାସ ୧୭ ଚୌକା ଓ ୯ ଛକା ମାରିଥିଲେ। କେବଳ ବାଉଣ୍ଡାରିରୁ ମିନହାସ ୧୨୨ ରନ ସଂଗ୍ରହ କରିଥିଲେ, ଯାହାକି ୟୁଥ୍ ଦିନିକିଆ ଅନ୍ତର୍ଜାତୀୟରେ ପାକିସ୍ତାନ ଲାଗି ଏକ ରେକର୍ଡ। ପୂର୍ବରୁ ଶାମିଲ ହୁସେନ ୯୪ ରନ ସଂଗ୍ରହ କରି ରେକର୍ଡର ଅଧିକାରୀ ଥିଲେ। ସେହିପରି ସମୀରଙ୍କ ୧୭୨ ରନ କୌଣସି ପାକିସ୍ତାନୀ ଖେଳାଳିଙ୍କ ଲାଗି ବ୍ୟକ୍ତିଗତ ସର୍ବାଧିକ ସ୍କୋର। ଶାହାଜିବ ଖାଁ ୧୫୯ ରନକରି ରେକର୍ଡର ଅଧିକାରୀ ଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଦୀପେଶ ଦେବେନ୍ଦ୍ରନ ୩ଟି, ହେନିଲ ପଟେଲ ଓ ଖିଲାନ ପଟେଲ ୨ଟି ଲେଖାଏ ଏବଂ କନିଷ୍କ ଚୌହାନ ଗୋଟିଏ ଉଇକେଟ ନେଇଥିଲେ। ବଡ଼ ସ୍କୋରର ପିଛା କରି ଭାରତ ଯଦିଓ ଓପନିଂ ଯୋଡ଼ିରେ ୧୪ ବଲ୍‌ରୁ ୩୨ ରନ ସଂଗ୍ରହ କରିଥିଲା ତେବେ ଅଧିନାୟକ ଆୟୁଷ ମାହାତ୍ରେ (୨)ଙ୍କ ଉଇକେଟ ହରାଇବା ପରେ ଆଉ ରନ୍ ଚେଜ୍ ଦୌଡ଼ରେ ରହିପାରି ନ ଥିଲା। ୧୦ ନମ୍ବର ବ୍ୟାଟର ଦୀପେଶ ଦେବେନ୍ଦ୍ରନ ସର୍ବାଧିକ ୩୬ ଓ ବୈଭବ ସୂର୍ଯ୍ୟବଂଶୀ ୨୬ ରନ କରିବାକୁ ସକ୍ଷମ ହୋଇଥିଲେ। ୬ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପାକିସ୍ତାନ ପକ୍ଷରୁ ଅଲୀ ରାଜା ୪ଟି ଏବଂ ମହମ୍ମଦ ସାୟାମ, ଅବଦୁଲ ସୁଭାନ ଓ ହୁଜାଇଫା ଏହସାନ ୨ଟି ଲେଖାଏ ଉଇକେଟ ନେଇଥିଲେ।



ଶତକ ହାସଲପରେ ଉଲ୍ଲସିତ ପାକିସ୍ତାନର ସମୀର ମିନହାସ।

**ସଂକ୍ଷିପ୍ତ ସ୍କୋର**

୧୯ ବର୍ଷରୁ କମ୍ ପାକିସ୍ତାନ ୫୦ ଓଭରରେ ୩୪୭/୮ (ସମୀର ମିନହାସ-୧୭୨, ଅହମଦ ହୁସେନ-୫୬, ଦୀପେଶ ଦେବେନ୍ଦ୍ରନ-୩/୮୩, ହେନିଲ ପଟେଲ-୨/୭୨, ଖିଲାନ ପଟେଲ-୨/୪୪, କନିଷ୍କ ଚୌହାନ-୧/୭୨)। ୧୯ ବର୍ଷରୁ କମ୍ ଭାରତ ୨୬.୨ ଓଭରରେ ୧୫୬/ଅଲ୍‌ଆଉଟ (ଦୀପେଶ ଦେବେନ୍ଦ୍ରନ- ୩୬, ବୈଭବ ସୂର୍ଯ୍ୟବଂଶୀ-୨୬, ଅଲୀ ରାଜା-୪/୪୨, ମହମ୍ମଦ ସାୟାମ-୨/୩୮, ଅବଦୁଲ ସୁଭାନ-୨/୨୯, ହୁଜାଇଫା ଏହସାନ-୨/୧୨)।

## ଅଲ୍ ଓଡିଶା ପୁରୁଷ କବାଡି ପ୍ରିମିୟର ଲିଗ ୯ରୁ

**ଭାଗ ନେବେ ୬ ଦଳ**

ଭୁବନେଶ୍ୱର, ୨୧।୧୨ (ତପନ ସ୍ୱାଇଁ)

ପଟିଆ ଗଡ଼ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଜାନୁଆରୀ ୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି ୬ଷ୍ଠ ଅଲ ଓଡିଶା ପୁରୁଷ କବାଡି ପ୍ରିମିୟର ଲିଗ। ପଟିଆ ଦୋଳ ମେଳଣ ପଡିଆରେ ୩ ଦିନ ଧରି ଚାଲିବାକୁ ଥିବା ଏହି ଲିଗରେ ୬ଟି ଦଳ ଭାଗ ନେବେ। ଦଳ ଗୁଡିକ ହେଲେ ଶ୍ରୀଦେବ ୱାରିୟର୍ସ, ଜୟ ମହାକାଳ, ମହାଦେବ ୱାରିୟର୍ସ, ପରି ରେଞ୍ଜର, ରେନବୋ ବିଷ୍ଟ ଓ ମା' ମଙ୍ଗଳା ଫାଇଟର୍ସ। ଏହି ଲିଗ୍ ପାଇଁ ରବିବାର ଖେଳାଳି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ସାମିଲ ହୋଇଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ, ଭାଜପା ଉପ ସଭାପତି ଗୋଲକ ମହାପାତ୍ର, କର୍ପୋରେଟର ଲକ୍ଷ୍ମୀ ପ୍ରିୟା ପରିଡା, ପଟିଆ ଗ୍ରାମ ମଙ୍ଗଳ ସମିତିର ସମ୍ପାଦକ ସନ୍ତୋଷ ପରିଡା, ସଭାପତି ଚିତ୍ତରଞ୍ଜନ ପାତ୍ର, ଜୟନ୍ତୀ ଜେନା, ସଞ୍ଜୟ ସେଠୀ, ବିନୟ ରାଉତ,ଅଜୟ ବେହେରା, ସୂର୍ଯ୍ୟକାନ୍ତ ମହାନ୍ତି, ସୁଭାଷ ପରିଡା ଓ ନୀଳକଣ୍ଠ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଜିଲାସ୍ତରୀୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ


କୃତୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୨୧।୧୨ (ତପନ ସ୍ୱାଇଁ)

ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ ଆନୁକୂଲ୍ୟରେ ସମେଇଗାଡ଼ିଆସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପରିସରରେ ରବିବାର ଜିଲାସ୍ତରୀୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ବୟସ ବର୍ଗରେ ୩୦ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୬ ଓ ୮ ବର୍ଷର ପିଲାମାନଙ୍କ ପାଇଁ କେବଳ ଫ୍ଲୋର ଏକ୍ସରସାଇଜ୍ ଇଭେଣ୍ଟ ଥିବାବେଳେ ୧୦ ବର୍ଷର ପିଲାମାନଙ୍କ ପାଇଁ ୨ଟି, ୧୨ ଓ ୧୪ ବର୍ଷରୁ କମ୍ ବାଳକ, ୧୩ ବର୍ଷରୁ କମ୍ ବାଳିକା ଏବଂ ଜୁନିୟର ଓ ସିନିୟର୍ ସ୍ତରରେ ଏଫ୍‌ଆଇଜି ନିୟମ ଅନୁସାରେ ପ୍ରତିଯୋଗିତା ହୋଇଥିଲା। ଉଭବ କେଜ୍ରିୱାଲ, ଜୟଶ୍ରୀ ପରମାଣିକ, ଭାସ୍କର ଭାବିକ ବେଉରା, ଦିବ୍ୟାଞ୍ଜଳି ମହନ୍ତ, ଦିବ୍ୟାଂଶ ପାଣିଗ୍ରାହୀ, ଯଶରାଜ ମହାନ୍ତି, ତନ୍ମୟ ପାଢ଼ୀ, ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ, ସରଣ୍ୟା ମିଶ୍ର, ମହମ୍ମଦ ବରକତ ଅଲୀ, ମନୀତ ମହାନ୍ତି, ବିଘ୍ନେଶା ଦାସ, ପ୍ରାଂଶୁଲ ଦାସ, କିଭା ପ୍ରିୟଦର୍ଶିନୀ, ସାଇ କୃପା ଦାଶ, ସଗୁନ ମିତେଶ ପଟେଲ, ଏସ. ଆର୍ଚି କ୍ରିଷ୍ଣା, ଶିଦୀକ୍ଷା ସାହୁ, ଦିବ୍ୟାଂଶ ସାହୁ, ଆମାଇରା ଅଗ୍ରୱାଲ, ସନ୍ନିତା ଖିଲାର, ବିଶ୍ୱଜିତ ଜେନା, ଦିବ୍ୟଜିତ ମହାରଣା, ପ୍ରିୟମ ପ୍ରଭାତୀ ଓ ଅଭିଶ୍ରୀ ଅସ୍ମିତା ପ୍ରମୁଖ ବିଭିନ୍ନ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ପୋଡିୟମ ମଣ୍ଡନ କରିଥିଲେ।

ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏଶନର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ମୁଖ୍ୟ ଅତିଥି ଏବଂ ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ସହ ସମ୍ପାଦକ ଗୁରୁ ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏକାଡେମୀର ଅଧ୍ୟକ୍ଷା ତଥା ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନର ଉପସଭାପତି ମୀରାରାଣୀ ଦାସଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ସମ୍ପାଦକ ତଥା ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନର କାର୍ଯ୍ୟକାରିଣୀ ସଦସ୍ୟ ଯଶୋବନ୍ତ ଦାସ ଓ ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥଲେ। ଏକାଡେମୀର ସମସ୍ତ ଅଭିଭାବକ ଓ କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ।

# କଳିଙ୍ଗରେ ଟାଟା ଏଚ୍‌ପିସିର ହକି ଗୋଲକିପିଂ କର୍ମଶାଳା


ଅତିଥିଙ୍କ ସହ କର୍ମଶାଳାରେ ଭାଗ ନେଇଥିବା ଖେଳାଳିମାନେ।

ଭୁବନେଶ୍ୱର, ୨୧।୧୨ (ତପନ ସ୍ୱାଇଁ)

ତୃଣମୂଳ ସ୍ତରରେ ହକିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର (ଓଏନ୍‌ଟିଏଚ୍‌ଏଚ୍‌ପିସି) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ହକି ଗୋଲକିପିଂ କର୍ମଶାଳା ରବିବାର ଶେଷ ହୋଇଛି। ୧୧ ଦିନ ବିଶିଷ୍ଟ ଏହି କର୍ମଶାଳାରେ ଆଧୁନିକ ଗୋଲକିପରଙ୍କ ପାଇଁ ଅତ୍ୟାବଶ୍ୟକୀୟ ଦକ୍ଷତା (ଗୋଲକିପିଂ କୌଶଳ, ମ୍ୟାଚ ସଚେତନତା, ରିଫ୍ଲେକ୍ସ ଟ୍ରେନିଂ, ପୋଜିଶନିଂ, ମାନସିକ ଦୃଢ଼ତାର ବିକାଶ) ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ଓଏନ୍‌ଟିଏଚ୍‌ଏଚ୍‌ପିସିର ଗୋଲକିପିଂ କୋଚ ଏମ.ଡି. ଇସମାଇଲଙ୍କ ନେତୃତ୍ୱରେ ଆୟୋଜିତ କର୍ମଶାଳାରେ କ୍ୟାଡେଟ ଅମିଶା କୁଲୁ, ମଙ୍ଗଳ ସାହୁ ଏବଂ ବିବେକ ଲାକ୍ରା ଯୁବ ଖେଳାଳିଙ୍କ ସହିତ ନିଜ ଅଭିଜ୍ଞତା ବାଣ୍ଟିଥିଲେ। କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ (ଏସଏସଆଇ)ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସାର୍ଥକ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଅଂଶଗ୍ରହଣକାରୀମାନଙ୍କୁ କ୍ରୀଡା ବିଜ୍ଞାନ, ଆଘାତ ପ୍ରତିରୋଧ ଏବଂ ଦୀର୍ଘକାଳୀନ କ୍ରୀଡାବିତ ବିକାଶର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଇଥିଲେ।

# ଫାଇନାଲରେ ୟୁନାଇଟେଡ୍ ଇଲେଭେନ୍

**ସର୍ବଭାରତୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ**

ସୋର,୨୧।୧୨ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ୍ ଅଧୀନ ମହୁମୁହାଣ ପଞ୍ଚାୟତର ବାଗୁଡ଼ିଠାରେ ଚାଲିଥିବା ୨୭ତମ ସର୍ବଭାରତୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ୟୁନିଅନ ସ୍ପୋର୍ଟିଂ କଟକକୁ ହରାଇ ୟୁନାଇଟେଡ୍ ଇଲେଭେନ୍ ଗଞ୍ଜାମ ଫାଇନାଲରେ ପ୍ରବେଶ କରିଛି। ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ୟୁନିଅନ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅତିଫ ଅସଲମ ୨୪ ବଲରୁ ୪୧ ରନ ସଂଗ୍ରହ କରିଥିବା ବେଳେ ଗଞ୍ଜାମର ବୋଲର ପ୍ରକାଶ ବାରିକ ୫.୪ ଓଭର ବୋଲିଂ କରି ୨୬ ରନ୍ ଦେଇ ୫ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଗଞ୍ଜାମ ୧୬.୩ ଓଭରରେ ୩ ଉଇକେଟ ହରାଇ ୧୪୫ ରନ କରି ବିଜୟୀ ହୋଇଥିଲା। କେ. ଈଶ୍ୱର ପ୍ରସାଦ ୫୨ ବଲ ଖେଳି ୭୮ରନ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ମ୍ୟାଚକୁ ଓସିଏ ପ୍ୟାନେଲ ଅମ୍ପାୟର ଦେବବ୍ରତ ଦାସ ଓ ଲଲାଟ କେଶରୀ ନନ୍ଦ ପରିଚାଳନା କରିଥିଲେ। ତୃତୀୟ କ୍ୱାର୍ଟର ଫାଇନାଲ ଉତ୍କଳିକା ସ୍ପୋର୍ଟିଂ ଓ ଜାଗୁଲାଇ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ।

# କିଟ୍ ମହିଳା ଭଲିବଲ ଦଳକୁ ଯୋଗ୍ୟତା

ଭୁବନେଶ୍ୱର, ୨୧।୧୨ (ବିଜୟ ରଣା)

ଜାତୀୟ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ କିଟ୍ ଏହାର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛି। ଚେନ୍ନାଇସ୍ଥିତ ଏସ୍‌ଆର୍‌ଏମ୍ ୟୁନିଭର୍ସିଟିରେ ଚାଲିଥିବା ଆନ୍ତଃ-ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ କିଟ୍ ଦଳ ଏହାର ପ୍ରଥମ ଦୁଇଟି ମ୍ୟାଚରେ ବିଜୟ ଲାଭ କରି ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ପ୍ରଥମ ମ୍ୟାଚରେ କିଟ୍ ୩-୦ରେ ମହର୍ଷି ଦୟାନନ୍ଦ ୟୁନିଭର୍ସିଟି ଏବଂ ଦ୍ୱିତୀୟ ମ୍ୟାଚରେ ଭେଲ୍ସ ୟୁନିଭର୍ସିଟିକୁ ୩-୨ରେ ହରାଇ ଦେଇଛି। ସେହିପରି କିଟ୍ ସନ୍ତରଣକାରୀମାନେ ମଧ୍ୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଜଳକ୍ରୀଡ଼ା (ପୁରୁଷ ଓ ମହିଳା)ରେ ଭଲ ପ୍ରଦର୍ଶନ କରିଛନ୍ତି। ୪ଜଣ ଖେଲୋ ଇଣ୍ଡିଆ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦିବ୍ୟାଙ୍କ ପ୍ରଧାନ ୨୦୦ମିଟର ବଟରଫ୍ଲାଏରେ ୬ଷ୍ଠ ସ୍ଥାନ ଅଧିକାର କରି ଖେଲୋଇଣ୍ଡିଆ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ନୀଳବଜ୍ର ଘୋଷ ୫୦ମିଟର ଫ୍ରିଷ୍ଟାଇଲ ବ୍ରୋଞ୍ଜ ସହ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ମିକ୍ସଡ ୪x୧୦୦ମିଟର ମିଡ୍‌ଲେ ରିଲେରେ ୪ର୍ଥ ସ୍ଥାନ ସହ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

# ମହିଳା କ୍ରିକେଟ: ଭାରତର ସହଜ ବିଜୟ

ବିଶାଖାପାଟଣା, ୨୧।୧୨

ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ଏବଂ ଜେମିମା ରୋଡ୍ରିଗୁଏଜଙ୍କ ଦ୍ରୁତ ଅର୍ଦ୍ଧଶତକବଳରେ ଭାରତୀୟ ମହିଳା କ୍ରିକେଟ ଦଳ ରବିବାର ଅନୁଷ୍ଠିତ ସିରିଜର ପ୍ରଥମ ଟି୨୦ ମ୍ୟାଚରେ ଶ୍ରୀଲଙ୍କାକୁ ୮ ଉଇକେଟରେ ପରାସ୍ତ କରିଛି। ଶ୍ରୀଲଙ୍କା ୨୦ ଓଭରରେ ୬ ଉଇକେଟ ହରାଇ ୧୨୧ ରନ କରିଥିବାବେଳେ ଭାରତ ୧୪.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରି ନେଇଥିଲା। ରୋଡ୍ରିଗୁଏଜ ୬୯ ଓ ଅଧିନାୟିକା ହରମନପ୍ରୀତ କୌର ୧୫ ରନରେ ଅପରାଜିତ ରହିଥିଲେ। ୨୫ ରନ କରିଥିବା ସ୍ମୃତି ମନ୍ଧାନା ଟି୨୦ ଅନ୍ତର୍ଜାତୀୟରେ ୪୦୦୦ ରନ ପୂରଣ କରିଥିଲେ। ଶ୍ରୀଲଙ୍କା ବୋଲରଙ୍କ ମଧ୍ୟରେ କାୱ୍ୟା କାଭିନ୍ଦି ଓ ଇନୋକା ରଣବୀରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରୋଡ୍ରିଗୁଏଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୫ ମ୍ୟାଚ ବିଶିଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ ୨୩ ତାରିଖରେ ଅନୁଷ୍ଠିତ ହେବ। ଗତ ନଭେମ୍ବରରେ ଦିନିକିଆ ବିଶ୍ୱକପ ଜିତିବାପରେ ଭାରତୀୟ ଦଳ ଏଠାରେ ପ୍ରଥମ ମ୍ୟାଚ ଖେଳିଥିଲା। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର। ଅଧିନାୟିକାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଘରୋଇ ଦଳର ବୋଲରମାନେ ଚମତ୍କାର ବୋଲିଂ କରି ଶ୍ରୀଲଙ୍କା ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ।

## ସୌରାଷ୍ଟ୍ର ବିପକ୍ଷରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୨୧।୧୨ (ତପନ ସ୍ୱାଇଁ)

ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଖେଳିବାଲାଗି ଓଡ଼ିଶା ଦଳ ରବିବାର ବେଙ୍ଗାଲୁରୁ ଯାତ୍ରା କରିଛି। ସେଠାରେ ୨୪ ତାରିଖରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ସୌରାଷ୍ଟ୍ର ବିପକ୍ଷରେ ଖେଳିବ। ଏହାପରେ ୨୬ରେ ସର୍ଭିସେସ, ୨୯ରେ ଆନ୍ଧ୍ର ପ୍ରଦେଶ, ୩୧ରେ ଦିଲ୍ଲୀ, ଜାନୁଆରୀ ୩ରେ ହରିୟାଣା, ୬ରେ ଗୁଜରାଟ ଓ ୮ରେ ରେଲୱେ ସହିତ ମୁକାବିଲା କରିବ। ଓଡ଼ିଶା ଦଳ ସହ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ସହକାରୀ କୋଚ୍ ସୌରଭ ସେହଗଲ ବେଙ୍ଗାଲୁରୁ ଯାଇଛନ୍ତି।

# ସାଇ ଇଲେଭେନ ଭୁବନେଶ୍ୱର ଚାମ୍ପିୟନ



ଚାମ୍ପିୟନ ସାଇ ଇଲେଭେନ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ସର୍ବଭାରତୀୟ ସଦାଶିବ ମେମୋରିଆଲ କ୍ରିକେଟ**

ଭାପୁର, ୨୧।୧୨( ପ୍ରଭାତ ବରାଡ)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ଼ ନାଲିସାଗର ଷ୍ଟାଡିୟମରେ ଚାଲିଥିବା ୧୬ତମ ସର୍ବଭାରତୀୟ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ସାଇ ଇଲେଭନ ଭୁବନେଶ୍ୱର ୧୧୫ ରନରେ ଟିସିସି ଭୁବନେଶ୍ୱର ଟିମ୍‌କୁ ହରାଇ ଚଳିତବର୍ଷ ଚାମ୍ପିୟନ ହୋଇଛି।

ମ୍ୟାଚରେ ସାଇ ଇଲେଭନ ଟିମ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୪ ଉଇକେଟ୍ ହରାଇ ୨୫୩ରନ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ରାଉତ ୬୦ ବଲରେ ୧୭ଟି ଚୌକା ୯ ଛକା ସହାୟତାରେ ୧୩୭ ରନ, ସୌମ୍ୟ ବିଶ୍ୱାଳ ଅପରାଜିତ ରହି ୨୯ ବଲରେ ୨ଟି ଚଉକା ଓ ୮ଟି ଛକା ସହାୟତାରେ ୭୨ ରନ କରିଥିଲେ। ଜବାବରେ ଟିସିସି ଭୁବନେଶ୍ୱର (ତମାଣ୍ଡୋ) ଟିମ୍ ବ୍ୟାଟିଂ କରି ୧୪.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୮ ରନ କରି ରନର୍ସ ହୋଇଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୧୫ ବଲରେ ୪ ଚୌକା ୪ ଛକା ସହାୟତାରେ ୪୨ ରନ କରିଥିଲେ। ଚାମ୍ପିୟନ ଦଳର ଆଦିତ୍ୟ ରାଉତ ମ୍ୟାଚରେ ଶତକ କରିବା ଓ ସିରିଜରେ ମୋଟ ୨୩୭ରନ କରି ଥିବାରୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ମ୍ୟାଚ ଅଫ୍ ଦି ସିରିଜ ବିବେଚିତ ହୋଇ ରୁପା ମୁଦ୍ରା ସହ ଟ୍ରଫି ପୁରସ୍କୃତ ହୋଇଥିଲେ। ସେହିପରି ଚାମ୍ପିୟନ ଦଳର ସୂର୍ଯ୍ୟକାନ୍ତ ପ୍ରଧାନ ଏହି ଟୁର୍ନାମେଣ୍ଟରେ ବୋଲିଂ କରି ୯ ଉଇକେଟ ନେଇ ଶ୍ରେଷ୍ଠ ବୋଲର ପୁରସ୍କାର ପାଇଥିଲେ। ଏହି ମ୍ୟାଚରେ ଖେଳ ପରିଚାଳନା ଓସିଏ ଅମ୍ପାୟାର ଦୁର୍ଗା ପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି କରିଥିଲେ। ଏଥିସହ ସ୍କୋରର ଦାୟିତ୍ୱ ପବିତ୍ର କୁମାର ସାହୁ ତୁଲାଇଥିବା ବେଳେ ସହାୟତା ବିଭୂତି ଭୂଷଣ ସାହୁ କରିଥିଲେ। ଡିଜିଟାଲ ସ୍କୋର କିରଣ ମନୋହର ମହାନ୍ତି କରିଥିଲେ। ମ୍ୟାଚ ୪ର୍ଥ ଅମ୍ପାୟର ଭାବେ ଭାବେ ସୁଧୀ ରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ଧାରା ବିବରଣୀ ପ୍ରଦାନ କରିଥିଲେ ବୁବୁ ସିହ୍ନା, ସରୋଜ କୁମାର ମହାପାତ୍ର, ଜନ୍ମେଜୟ ଦଳେଇ।

ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସନ୍ଥ ତଥା ପୀଠାଧିଶ୍ୱର ଶ୍ରୀକ୍ଷେତ୍ର ବାଲ୍ମିକୀ ଧାମ, ଉତ୍ତରପ୍ରଦେଶ ରାଜ୍ୟସଭା ସଦସ୍ୟ ଉମେଶ ନାଥ ମହାରାଜଜୀ, ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ବୋଲଗଡ଼, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ରଣପୁର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଓଡ଼ିଆ କ୍ରିକେଟ ଜଗତର ଦ୍ରୋଣାଚାର୍ଯ୍ୟ କିଶୋର ମାଣିଆ, ସାମାଜିକ କର୍ମୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଆୟୋଜକ ମୁଖ୍ୟ ବେଣୁଧର ପ୍ରଧାନଙ୍କୁ ପ୍ରଶଂସା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାଇ ଇଲେଭନ ଭୁବନେଶ୍ୱର ଟିମକୁ ଚାମ୍ପିୟନ ଟ୍ରଫି ସହ ନଗଦ ଦେଢ଼ ଲକ୍ଷ ଟଙ୍କା ଓ ଟିସିସି ଭୁବନେଶ୍ୱର ଟିମକୁ ରନର୍ସ ଟ୍ରଫି ସହିତ ଏକ ଲକ୍ଷ ଟଙ୍କା ପୁରସ୍କୃତ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଫତେଗଡ ପୋଲିସ୍ ଫୋର୍ସ ମୁତୟନ ରହିଥିଲେ।

# ଆଇଆଇସି, ଗ୍ରୀନ୍ସ ଏକାଡେମୀ ବିଜୟୀ

**ମୁକ୍ତେଶ୍ୱର କପ୍ କ୍ରିକେଟ**

ଭୁବନେଶ୍ୱର, ୨୧।୧୨ (ତପନ ସ୍ୱାଇଁ)

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ (ଆଇଆଇସି) ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ଆଇଆଇସି ୨୦ ଓଭରରେ ୯ ଉଇକେଟ ହରାଇ ୧୧୩ ରନ କରିଥିଲା। ଏସ.କେ. ରାହିଲ ଅଖତର ସର୍ବାଧିକ ୩୦ ରନ କରିଥିଲେ। ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ବୋଲରଙ୍କ ମଧ୍ୟରେ ଅଗ୍ନିମିତ୍ର ମହାନ୍ତି ୩ଟି ଉଇକେଟ ନେଇଥିଲେ। ୧୧୪ ରନ ବିଜୟ ଲକ୍ଷ୍ୟରେ ଖୋର୍ଦ୍ଧା ଦଳ ୧୯.୧ ଓଭରରେ ୯୮ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଆଇଆଇସି ପକ୍ଷରୁ ରାଜବୀର ସାମନ୍ତରାୟ ୩ଟି ଉଇକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ଲବର ପରାମର୍ଶଦାତା ପ୍ରକାଶ ଦାସ ଓ ମିହିର ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ।

ଦ୍ୱିତୀୟ ମ୍ୟାଚରେ ଗ୍ରୀନ୍ସ ଏକାଡେମୀ ୮ ଉଇକେଟରେ ବିଶ୍ୱ ଭାରତୀକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବିଶ୍ୱ ଭାରତୀ ୧୬.୩ ଓଭରରେ ୪୮ ରନକରି ସମସ୍ତ ଉଇକେଟ ହରାଇଥିଲା। ଗ୍ରୀନ୍ସ ପକ୍ଷରୁ ଓମ୍ ପ୍ରକାଶ ସାହୁ ୩ଟି ଏବଂ ଜଗନ୍ନାଥ ବେହେରା ଓ ଅନୁରାଗ ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ୪୯ ରନ ବିଜୟ ଲକ୍ଷ୍ୟକୁ ଗ୍ରୀନ୍ସ ୧୩ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ୧୮ ରନ ଦେଇ ୩ ଉଇକେଟ ନେଇଥିବା ଓମ୍ ପ୍ରକାଶଙ୍କୁ ଅତିଥି ଲକ୍ଷ୍ମୀକାନ୍ତ ପାତ୍ର ଓ ପ୍ରଶାନ୍ତ ବିଶ୍ୱାଳ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ପ୍ରଗତି-କ୍ଲବ ଦି ରେଡ୍ ଷ୍ଟାର ଏବଂ ସହିଦ ସ୍ପୋର୍ଟିଂ-ସୋଲାର କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ରାଜବୀର ସାମନ୍ତରାୟ ଏବଂ ଓମ୍ ପ୍ରକାଶ ସାହୁଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ